# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ସୋମବାର, ଏପ୍ରିଲ ୧୫/୨୦୨୪ (୧୪ ପୃଷ୍ଠା) | Bhubaneswar, Monday, April 15/2024 | Page 14 | ₹ 7.00

୫୦ଶ ଭାଗ ୧୪୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 141 | ମୂଲ୍ୟ₹୭/-




## ଫିଲ୍ ସଲ୍ଟ ପ୍ଲେୟର ଅଫ୍ ଦି ମ୍ୟାଚ

ଲକ୍ଷ୍ମୌ ସୁପର ଜାଏଣ୍ଟ ବିପକ୍ଷ ଆଇପିଏଲ୍ ମ୍ୟାଚରେ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି କୋଲକାତା ନାଇଟ ରାଇଡର୍ସ ବ୍ୟାଟର ଫିଲ୍ ସଲ୍ଟ।

୧୪

୦୪

## ପ୍ରଥମ ପ୍ରେମରେ ଧୋକା ଖାଇଥିଲେ ବିଦ୍ୟା

ଅଭିନେତ୍ରୀ ବିଦ୍ୟା ବାଲାନ ନିଜ ପ୍ରଥମ ପ୍ରେମରେ ଧୋକା ଖାଇଥିବା ଫିଲ୍ମ 'ଦୋ ଔର ଦୋ ପ୍ୟାର'ର ପ୍ରମୋଶନ ସମୟରେ କହିଛନ୍ତି।



# ଡିଭାଇଡର୍‌ରେ ପିଟିହେଲା କାର୍: ବାପ-ଝିଅଙ୍କ ମୃତ୍ୟୁ

ଭଦ୍ରକ (ସନାତନ ରାଉତ)/ ଭଣ୍ଡାରିପୋଖରୀ (ରବିନାରାୟଣ ଖିଲାର), ୧୪।୪

ଡିଭାଇଡର୍‌ରେ ପିଟିହେଲା କାର୍। ଚାଲିଗଲା ବାପ-ଝିଅଙ୍କ ଜୀବନ। ଏଥିସହ ପରିବାରର ୩ଜଣ ଗୁରୁତର ହୋଇଛନ୍ତି। ୧୬ ନଂ. ଜାତୀୟ ରାଜପଥର ଭଣ୍ଡାରିପୋଖରୀ ଥାନା ଅଧୀନ ଯଶୋଟିକିରି ନିକଟରେ ରବିବାର ମଧ୍ୟାହ୍ନରେ ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ମୃତକଦ୍ୱୟ ହେଲେ ଖଡ଼ଗପୁର ଅଞ୍ଚଳର ଶୁଭାଶିଷ ଗାଙ୍ଗୁଲି(୫୦) ଓ ତାଙ୍କ ଝିଅ ପାୟଲ ଗାଙ୍ଗୁଲି(୫)। ସୂଚନା ଅନୁଯାୟୀ, ଶୁଭାଶିଷଙ୍କ ସମେତ ପରିବାରର ୫ଜଣ ଏକ କାର୍‌ରେ ପୁରୀରୁ ଫେରୁଥିଲେ। ଯଶୋଟିକିରି ନିକଟରେ କାର୍ ଭାରସାମ୍ୟ ହରାଇ ଡିଭାଇଡର୍ ଉପରକୁ ଚଢ଼ିଯାଇଥିଲା। ଏଥିରେ ଗୁରୁତର ହୋଇଥିବା ସମସ୍ତଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ କାର୍ ଚାଳକ ଶୁଭାଶିଷ ଓ ତାଙ୍କ ଝିଅ ପାୟଲଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଶୁଭାଶିଷଙ୍କ ସ୍ତ୍ରୀ, ବାପା ଓ ମା' ଗୁରୁତର ଥିବାବେଳେ ସେମାନଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଭଣ୍ଡାରିପୋଖରୀ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିଛି।

# ମା' ଗୋଇଠା ମାଡ଼ରେ ପୁଅର ଜୀବନ ଗଲା

କାଳିମେଳା, ୧୪।୪(ଜୀବନ କୃଷ୍ଣ ଦାସ)

ମାଲକାନଗିରି ଜିଲା କାଳିମେଳା ଥାନା ଅନ୍ତର୍ଗତ ତୁମ୍ବାଗୁଡ଼ା ଗ୍ରାମରେ ଶନିବାର ରାତି ପ୍ରାୟ ୧୧ ଟାରେ ମା'ର ଗୋଇଠା ମାଡ଼ରେ ୮ ବର୍ଷ ପୁଅର ଜୀବନ ଯାଇଛି। ମୃତ ନାବାଳକ ହେଲେ ରୋହିତ ପଡିଆମୀ। କାଳିମେଳା ପୋଲିସ ମା'ଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ମା' ରାଗିଯାଇ ପୁଅକୁ ଗୋଇଠା ମାରିଥିବା ପୋଲିସ ନିକଟରେ ସ୍ୱୀକାର କରିଥିବା ପ୍ରାଥମିକ ତଦନ୍ତରୁ ଜଣା ପଡ଼ିଥିବା ଥାନା ଅଧିକାରୀ ଚନ୍ଦ୍ରକାନ୍ତ ତାଣ୍ଡି ସୂଚନା ଦେଇଛନ୍ତି। ଏ ନେଇ କାଳିମେଳା ଥାନାରେ ନଂ.୧୧୬/୨୪ ରେ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଛି। ପ୍ରକାଶ ଯେ, ରୋହିତ ଘରେ ନ ରହି ସବୁବେଳେ ବାହାରେ ବୁଲା ବୁଲି କରନ୍ତି। ଘରୁ ପଇସା ଚୋରିକରି ନେଇ ଖର୍ଚ୍ଚ କରିଦିଅନ୍ତି। ଏହି କାରଣକୁ ନେଇ ମା' ଓ ପୁଅଙ୍କ ମଧ୍ୟରେ ବିଭିନ୍ନ ସମୟରେ ଝଗଡ଼ା ହୋଇଥାଏ। ଶନିବାର ରାତିରେ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ମା' ଓାଗି ରାଗିଯାଇ ରୋହିତଙ୍କ ଛାତିକୁ ଏକ ଗୋଇଠା ମାରିବାରୁ ସେ ତଳେ ପଡ଼ିଯାଇଥିଲେ। ରାତି ହୋଇଥିବାରୁ ସେ ଶୋଇଯାଇଥିବା ଭାବି ପରିବାର ଲୋକେ ତାଙ୍କୁ ଡାକି ନ ଥିଲେ। ସକାଳେ ନ ଉଠିବାରୁ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଥିଲା। ଘଟଣା ପ୍ରଚାରିତ ହେବା ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ସାଇଣ୍ଟିଫିକ ଟିମ୍ ପହଞ୍ଚିଲା ପରେ ମୃତଦେହ ବ୍ୟବଚ୍ଛେଦ କରାଯିବା ସହ ଘଟଣାର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ କହିଛନ୍ତି।

## ଆଜିର ସମ୍ପାଦକୀୟ

**ଯୁଦ୍ଧାଭିମୁଖୀ**

## ଆଜିର ମନ୍ତବ୍ୟ

" ଭାଜପାର ନିର୍ବାଚନୀ ଇସ୍ତାହାର ଏକ ଜୁମ୍‌ଲା ପତ୍ର, ଯାହା ମିଛର ବିଶ୍ୱ ରେକର୍ଡ ଭାଙ୍ଗିଛି। ଗୈରିକ ଦଳର ଇସ୍ତାହାର ଉପରେ ଲୋକଙ୍କ ବିଶ୍ୱାସ ନାହିଁ।

**-ଅଖିଳେଶ ଯାଦବ, ସମାଜବାଦୀ ପାର୍ଟି ଅଧ୍ୟକ୍ଷ**



ଓଡ଼ିଶା ଅଗ୍ନିଶମ ଓ ଜରୁରିକାଳୀନ ସେବା ସଂସ୍ଥା ପକ୍ଷରୁ ୮୦ତମ ଅଗ୍ନିଶମ ସେବା ସପ୍ତାହ ଓ ଶହୀଦ ଦିବସ ସମାରୋହ ଅବସରରେ ରବିବାର ବରମୁଣ୍ଡାସ୍ଥିତ ଓଡ଼ିଶା ଅଗ୍ନିଶମ ଏବଂ ବିପତ୍ତି ନିସ୍ତାର ପ୍ରତିଷ୍ଠାନଠାରେ ଆୟୋଜିତ ଡେୟାର ଡେଭିଲ୍ ଶୋ'। **(ଫଟୋ-ବିକାଶ ନାୟକ)**

# ମଧ୍ୟପ୍ରାଚ୍ୟ ସ୍ଥିତି ଗମ୍ଭୀର

## ଇରାନର ୯୯% ମିଶାଇଲକୁ ଖସାଇଲା ଇସ୍ରାଏଲ

ତେଲ୍ ଆଭିଭ୍/ ତେହରାନ୍/ ୱାଶିଂଟନ୍,୧୪।୪

୨୦୨୨ ଫେବୃଆରୀ ୨୪ରୁ ରୁଷିଆ-ୟୁକ୍ରେନ୍ ଏବଂ ୨୦୨୩ ଅକ୍ଟୋବର ୭ରୁ ଇସ୍ରାଏଲ୍-ହମାସ୍ ଯୁଦ୍ଧ ଲାଗି ରହିଥିବାବେଳେ ସାରା ବିଶ୍ୱର ମୁଣ୍ଡବ୍ୟଥା ବଢ଼ାଇବା ଭଳି ଆଉ ଏକ ବଡ଼ ସଂଘର୍ଷର ସୂତ୍ରପାତ ହୋଇଛି। ଡାମସ୍କସ୍‌ରେ ଥିବା ନିଜ ଦୂତାବାସ ଉପରେ ଇସ୍ରାଏଲୀ ସେନା ପକ୍ଷରୁ କରାଯାଇଥିବା ଆକ୍ରମଣର ପ୍ରତିଶୋଧ ନେବାକୁ ଯାଇ ଇରାନ୍ ଶନିବାର ଇସ୍ରାଏଲ୍ ଉପରେ ରାତିଅଧିଆ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ମାଡ଼ କରିଛି। ତେବେ ଏଥିରୁ ୯୯% କ୍ଷେପଣାସ୍ତ୍ରକୁ ଇସ୍ରାଏଲ୍ ଖସାଇଦେଇଛି। ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଇରାନ୍ ଉପରେ ବଡ଼ ଆକ୍ରମଣର ପ୍ରସ୍ତୁତି ଚଳାଇଥିବା ସୂଚନା ଦେଇଛନ୍ତି। ଏହି ଆକ୍ରମଣ ପରେ ମଧ୍ୟପ୍ରାଚ୍ୟରେ ଗମ୍ଭୀର ସ୍ଥିତି ସୃଷ୍ଟି ହୋଇଛି। ପୂର୍ବରୁ ୨ଟି ଯୁଦ୍ଧ ଯୋଗୁ ଯୋଗାଣ ଶୃଙ୍ଖଳ ପ୍ରଭାବିତ ହୋଇଥିବାରୁ ପେଟ୍ରୋଲ, ଡିଜେଲ, ଗହମ ଓ ଅନ୍ୟ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ମୂଲ୍ୟ ବୃଦ୍ଧି ଘଟିଥିବାବେଳେ ଆଉ ଏକ ଯୁଦ୍ଧର ବାଦଲ ଘନେଇବା ପରେ ଅନ୍ତର୍ଜାତୀୟ ବଜାରରେ ଦରଦାମ୍ ଆକାଶଛୁଆଁ ହେବା ଅନୁମାନ କରାଯାଉଛି। ଏପରି ହେଲେ ପରିବହନ ଖର୍ଚ୍ଚ ବଢ଼ିବ ଏବଂ ଭାରତରେ ମଧ୍ୟ ଅନେକ ସାମଗ୍ରୀର ମୂଲ୍ୟ ବୃଦ୍ଧି ଘଟିପାରେ।

### ବଢ଼ିବ ଅତ୍ୟାବଶ୍ୟକ ସାମଗ୍ରୀ ଦରଦାମ୍



ଦକ୍ଷିଣ ଇସ୍ରାଏଲ୍‌ରେ ଶନିବାର ରାତିରେ ଇରାନ୍ ପକ୍ଷରୁ ଛଡ଼ାଯାଇଥିବା କ୍ଷେପଣାସ୍ତ୍ରକୁ ଆଇଡିଏଫ୍‌ର ଏୟାର ଡିଫେନ୍ସ ସିଷ୍ଟମ୍ ଇଣ୍ଟରସେପ୍ଟର ପ୍ରତିହତ କରିଛି।

ଇସ୍ରାଏଲ୍ ଏବଂ ଗାଜାର ସଶସ୍ତ୍ର ଶାସକ ହମାସ୍ ମଧ୍ୟରେ ଯୁଦ୍ଧ ଯୋଗୁ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଲାଗିରହିଛି। ଇହୁଦୀବହୁଳ ଇସ୍ରାଏଲକୁ ଆମେରିକା ସମେତ ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ସମର୍ଥନ କରୁଥିବାବେଳେ ପାଲେଷ୍ଟିନୀୟଙ୍କ ସୁରକ୍ଷାକୁ ନେଇ ଚିନ୍ତିତ ମୁସଲିମ୍ ରାଷ୍ଟ୍ରଗୁଡ଼ିକ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ହମାସ୍‌କୁ ସହାୟତା ଯୋଗାଇ ଆସୁଛନ୍ତି। ଏହି କାରଣରୁ ଇସ୍ରାଏଲ୍ ଅଦ୍ୟାବଧି ହମାସ୍‌କୁ ସମ୍ପୂର୍ଣ୍ଣ ରୂପେ ନିରସ୍ତ୍ର କରିପାରିନାହିଁ। ଇସ୍ରାଏଲ୍‌ର ଏହି ଆକ୍ରମଣକୁ ଇରାନ୍ ମୂଳରୁ ବିରୋଧ କରିଆସୁଥିବାବେଳେ ଏପ୍ରିଲ ୧ରେ ସିରିଆର ଡାମସ୍କସ୍ଥିତ ଇରାନୀୟ ଦୂତାବାସକୁ ଇସ୍ରାଏଲ୍ ଟାର୍ଗେଟ କରିଥିଲା। ଏହି ଏୟାର ଷ୍ଟ୍ରାଇକ୍‌ରେ ଇରାନ୍‌ର ଇସ୍‌ଲାମିକ୍ ରିଭୋଲ୍ୟୁଶନାରି ଗାର୍ଡ କର୍ (ଆଇଆର୍‌ଜିସି)ର ୫ ସଦସ୍ୟ ଓ ୨ ବରିଷ୍ଠ ଜେନେରାଲଙ୍କ ସମେତ ୧୬ ଜଣ ନିହତ ହୋଇଥିଲେ। ଏହାର ପ୍ରତିଶୋଧ ନେବା ପାଇଁ ପ୍ରତିଜ୍ଞାବଦ୍ଧ ଇରାନ୍ ଶନିବାର ୨୧ ଭାରତୀୟ ଥିବା ଇସ୍ରାଏଲ୍‌ର ଏକ କଣ୍ଟେନର ଜାହାଜକୁ କବ୍‌ଜା କରିଥିଲା। ଏହାର ୨୪ ଘଣ୍ଟା ନ ବିତୁଣୁ ଇରାନ୍ ପ୍ରାୟ ୧୮୦୦ କି.ମି. ଦୂରରେ ଅବସ୍ଥିତ ଇସ୍ରାଏଲ୍ ଉପରେ ଅଭୂତପୂର୍ବ ଏୟାର ଷ୍ଟ୍ରାଇକ୍ କରିଛି। ୩୦୦ରୁ ଊର୍ଦ୍ଧ୍ୱ କ୍ରୁଜ୍ ମିଶାଇଲ ଏବଂ ଡ୍ରୋନ୍ ଛାଡ଼ିଛି। ☞ପୃଷ୍ଠା-୪

# ୨୧ ଗ୍ରାମର ଲୋକେ ୨ ରାଜ୍ୟର ଭୋଟର

## କୋଟିଆ ସୀମାନ୍ତରେ ଭୋଟ କରାଉଛି ଆନ୍ଧ୍ର

ପଟ୍ଟାଙ୍ଗି,୧୪।୪(ଶରତ ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅଧୀନ କୋଟିଆ ପଞ୍ଚାୟତରେ ଲୋକମାନଙ୍କୁ ବିଭିନ୍ନ ସୁବିଧା ସୁଯୋଗ ଯୋଗାଇ ଆନ୍ଧ୍ର ନେଉଛି ଭୋଟ। ଫଳରେ କୋଟିଆ ଅନ୍ତର୍ଗତ ୨୧ଟି ଗ୍ରାମର ଲୋକମାନେ ଉଭୟ ଓଡ଼ିଶା ଏବଂ ଆନ୍ଧ୍ରକୁ ଭୋଟ ଦେଉଛନ୍ତି। ୨୦୨୧ରେ ଆନ୍ଧ୍ରର ପଞ୍ଚାୟତ ନିର୍ବାଚନ ସମୟରେ ଓଡ଼ିଶାର ରାଜନୈତିକ ଦଳଗୁଡ଼ିକ ଯେଭଳି ବିରୋଧ କରୁଥିଲେ, ସେହି ବିରୋଧ ଏବେ ନୀରବି ଯାଇଥିବାରୁ ଆନ୍ଧ୍ର ଏଠାରେ ନିର୍ବାଚନ କରାଇ ତା'ର ଉପସ୍ଥିତି ଦର୍ଶାଉଛି।

କୋଟିଆ ପଞ୍ଚାୟତ ଅଧୀନରେ ଥିବା ତଳ ଗଞ୍ଜେଇ ପଦର, ଫଗୁଣସିନେରୀ ଏବଂ ଫାଟୁସିନେରୀ ଆଦି ତିନୋଟି ଗ୍ରାମକୁ ପଡ଼ୋଶୀ ଆନ୍ଧ୍ର ନିଜ ପଞ୍ଚାୟତ ଭାବେ ଦର୍ଶାଇ ୨୦୨୧ ଫେବୃଆରୀ ୨ତାରିଖରେ ପଞ୍ଚାୟତ ନିର୍ବାଚନ କରିଥିଲା। ଏପରି କି ସେହି ବର୍ଷ ମାର୍ଚ୍ଚ ୮ ତାରିଖରେ ଜିଲା ପରିଷଦ ନିର୍ବାଚନ କରିଥିଲା। ସେତେବେଳେ କୋରାପୁଟ ଜିଲା ପ୍ରଶାସନଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ଏବଂ ୩ ପ୍ରମୁଖ ଦଳ କଂଗ୍ରେସ, ବିଜେଡି ଏବଂ ଭାଜପାର ନେତା ଏବଂ କର୍ମୀମାନେ ବିରୋଧ କରିଥିଲେ। ଜିଲାରୁ ଆରମ୍ଭ କରି ରାଜ୍ୟସ୍ତରରେ ଏହି ବିରୋଧ ଚହଲ ପକାଇଥିଲା। ହେଲେ କୋଟିଆର ସୀମାନ୍ତ ୨୧ଖଣ୍ଡ ଗ୍ରାମବାସୀ ଆନ୍ଧ୍ର ସପକ୍ଷରେ ନିଜର ମତଦାନ ସାବ୍ୟସ୍ତ କରିଥିଲେ। ଏବେ ସେହି ସୀମାନ୍ତ ଗ୍ରାମଗୁଡ଼ିକରେ ଆନ୍ଧ୍ର ପକ୍ଷରୁ ପୁଣି ଥରେ ଲୋକ ସଭା ଓ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ହେଲେ ଏହାକୁ ରୋକିବାକୁ କୋରାପୁଟ ଜିଲା ପ୍ରଶାସନ କିମ୍ବା ରାଜନୈତିକ ଦଳଗୁଡ଼ିକ ପକ୍ଷରୁ କୌଣସି ବିରୋଧ ଦେଖିବାକୁ ମିଳୁନାହିଁ। ଫଳରେ ୨୧ଖଣ୍ଡ ସୀମାନ୍ତ ଗ୍ରାମର ପ୍ରାୟ ୨,୫୦୦ ଭୋଟର ଉଭୟ ରାଜ୍ୟକୁ ଭୋଟ ଦେବା ପାଇଁ ପ୍ରସ୍ତୁତ ହେଉଛନ୍ତି। ସେମାନଙ୍କ ପାଖରେ ଉଭୟ ରାଜ୍ୟର ଭୋଟ ପରିଚୟ ପତ୍ର, ରାଶନ କାର୍ଡ ଏବଂ ପେନ୍‌ଶନ କାର୍ଡ ମଧ୍ୟ ରହିଛି। ଆନ୍ଧ୍ରର ଆରକୁ ଲୋକ ସଭା ସଂସଦୀୟ କ୍ଷେତ୍ର ଏବଂ ସାଲୁର ବିଧାନସଭା ନିର୍ବାଚନମଣ୍ଡଳୀରେ କୋଟିଆ ପଞ୍ଚାୟତର ୨୧ଟି ସୀମାନ୍ତ ଗ୍ରାମର ଭୋଟର ତାଲିକା ରହିଛି। ଏଠାରେ ଆସନ୍ତା ମେ ୧୩ ତାରିଖରେ ଉଭୟ ଆନ୍ଧ୍ର ଏବଂ ଓଡ଼ିଶାର ନିର୍ବାଚନ ଅନୁଷ୍ଠିତ ହେବ। ଉକ୍ତ ଗ୍ରାମବାସୀଙ୍କ କହିବା ହେଲା ପଡ଼ୋଶୀ ଆନ୍ଧ୍ର ସରକାର ସେମାନଙ୍କ ☞ପୃଷ୍ଠା-୪

# ଦ୍ୱିତୀୟ ପର୍ଯ୍ୟାୟରେ କଂଗ୍ରେସର ୭୫ ପ୍ରାର୍ଥୀ

## ଆନନ୍ଦପୁରରୁ ଜୟଦେବ, ଭଣ୍ଡାରିପୋଖରୀରୁ ଲଢ଼ିବେ ନିରଞ୍ଜନ

ଭୁବନେଶ୍ୱର, ୧୪।୪(ସୁନିତ୍ ମିଶ୍ର)

ଓଡ଼ିଶା ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସ ରବିବାର ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିଛି। ଏଥିରେ ୭୫ଟି ଆସନ ଲାଗି ଦଳର ପ୍ରାର୍ଥୀଙ୍କ ନାମ ପ୍ରକାଶ ପାଇଛି। ଏଥିମଧ୍ୟରେ ୩ଟି ଆସନରେ ପୂର୍ବରୁ ଦଳ ଯେଉଁମାନଙ୍କୁ ପ୍ରଥମ ପର୍ଯ୍ୟାୟରେ ପ୍ରାର୍ଥୀ କରିଥିଲା ସେମାନଙ୍କୁ ବଦଳାଇଛି। ସେହି ଆସନଗୁଡ଼ିକ ହେଉଛି, ସୁନ୍ଦରଗଡ଼ ଜିଲାର ତଳସରା, କନ୍ଧମାଳ ଜିଲାର ବାଲିଗୁଡ଼ା ଓ ଗଞ୍ଜାମ ଜିଲାର କବିସୂର୍ଯ୍ୟନଗର। ତଳସରା ପାଇଁ ପୂର୍ବତନ ହକି ଖେଳାଳି ପ୍ରବୋଧ ତିର୍କୀଙ୍କୁ ପ୍ରଥମ ପର୍ଯ୍ୟାୟରେ ପ୍ରାର୍ଥୀ କରାଯାଇଥିବା ବେଳେ ତାଙ୍କୁ ବଦଳାଇ ସେହି ସ୍ଥାନରେ ଦେବେନ୍ଦ୍ର ଭିତରିଆଙ୍କୁ ଦଳ ଚୟନ କରିଛି। ସେହିପରି ବାଲିଗୁଡ଼ାରେ ସୁରଦ ପ୍ରଧାନଙ୍କ ସ୍ଥାନରେ ଉପେନ୍ଦ୍ର ପ୍ରଧାନ ଏବଂ କବିସୂର୍ଯ୍ୟନଗରରେ ଚିରଞ୍ଜୀବ ବିଶୋଇଙ୍କ ସ୍ଥାନରେ ବିପିନ ବିହାରୀ ସ୍ୱାଇଁଙ୍କୁ ଦଳ ପ୍ରାର୍ଥୀ କରିଛି। ତେବେ କଂଗ୍ରେସର ଦ୍ୱିତୀୟ ପର୍ଯ୍ୟାୟରେ କେତେଜଣ ପୁରୁଖା ନେତାଙ୍କୁ ପୁଣିଥରେ ଦଳ ସୁଯୋଗ ଦେଇଛି। ସେମାନଙ୍କ ମଧ୍ୟରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ପୂର୍ବତନ ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ଭଦ୍ରକ ଜିଲାର ଭଣ୍ଡାରିପୋଖରୀ ଏବଂ କେନ୍ଦୁଝର ଜିଲା ଆନନ୍ଦପୁର ଆସନରେ ଜୟଦେବ ଜେନାଙ୍କୁ ପ୍ରାର୍ଥୀ କରାଯାଇଛି। ସେହିପରି ନିକଟରେ ବିଜେଡି ଛାଡ଼ି କଂଗ୍ରେସରେ ସାମିଲ ହୋଇଥିବା ଅସିତ ପଟ୍ଟନାୟକଙ୍କୁ ଭଦ୍ରକ ଆସନରେ ପ୍ରାର୍ଥୀ କରାଯାଇଥିବାବେଳେ କଂଗ୍ରେସ ନେତା ଦେବାଶିଷ ପଟ୍ଟନାୟକଙ୍କୁ ବାଙ୍କୀ, ସୁଦର୍ଶନ ଜେନାଙ୍କୁ ରେମୁଣା ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ପୁଅ ପୃଥ୍ୱୀବଲ୍ଲଭ ପଟ୍ଟନାୟକଙ୍କୁ ବେଗୁନିଆ ଆସନ ପାଇଁ ଚୟନ କରାଯାଇଛି। କେନ୍ଦ୍ରାପଡ଼ା ଜିଲାର ଆଳି ☞ପୃଷ୍ଠା-୪

# ସଲ୍‌ମାନଙ୍କ ଘରକୁ ଗୁଳି




ସଲ୍‌ମାନ ଖାନ୍‌ଙ୍କ ଘର ଉପରକୁ ଗୁଳି କରିବା ନେଇ ସୋସିଆଲ ମିଡିଆରେ ଦାବି କରିଥିବା ଅନ୍‌ମୋଲ ବିଷ୍ଣୋଇ।

## ଲରେନ୍ସ ବିଷ୍ଣୋଇଙ୍କ ଭାଇ ନିଜକୁ ଦାୟୀ କଲେ

ମୁମ୍ବାଇ,୧୪।୪

ବଲିଉଡ୍ ଅଭିନେତା ସଲ୍‌ମାନ ଖାନ୍‌ଙ୍କ ମୁମ୍ବାଇର ବାନ୍ଦ୍ରା ଅଞ୍ଚଳରେ ଥିବା ଗାଲାକ୍ସି ଆପାର୍ଟମେଣ୍ଟ ବାହାରେ ରବିବାର ଭୋର ସମୟରେ ଗୁଳିକାଣ୍ଡ ହୋଇଛି। ଦୁଇଜଣ ଦୁର୍ବୃତ୍ତ ବାଇକରେ ଆସି ୪ ରାଉଣ୍ଡ ଗୁଳି ଫୁଟାଇ ଫେରାର ହୋଇଯାଇଥିଲେ। ପୋଲିସ ସଲ୍‌ମାନଙ୍କ ଘର ନିକଟରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇବା ସହ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ତଲାସି ଚଳାଇଛି। ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବା ପାଇଁ ସେଠାରେ ଥିବା ସିସିଟିଭି ଫୁଟେଜ୍‌କୁ ସଂଗ୍ରହ କରାଯାଇଛି। ଘଟଣାସ୍ଥଳରେ ସ୍ଥାନୀୟ ପୋଲିସ ସମେତ ଫୋରେନ୍‌ସିକ୍ ବିଶେଷଜ୍ଞ ଏବଂ କ୍ରାଇମବ୍ରାଞ୍ଚ ଅଧିକାରୀମାନେ ପହଞ୍ଚି ତଥ୍ୟ ପ୍ରମାଣ ସଂଗ୍ରହ କରୁଛନ୍ତି। ତେବେ ଗୁଳିକାଣ୍ଡ ବେଳେ ସଲ୍‌ମାନ ଘରେ ଥିଲେ କି ନାହିଁ ଜଣାପଡ଼ି ନାହିଁ। ☞ପୃଷ୍ଠା-୪




**ସଂକ୍ଷେପରେ**

## ଇଣ୍ଡୋନେସିଆରେ ଭୂସ୍ଖଳନ: ୧୪ ମୃତ

**ଟାନା ଟୋରାଜା, ୧୪।୪**

ଇଣ୍ଡୋନେସିଆର ସୁଲାୱେସି ଦ୍ୱୀପରେ ଲଗାଣ ବର୍ଷା ଯୋଗୁ ଭୂସ୍ଖଳନ ଘଟି ୧୪ ଜଣଙ୍କ ମୃତ୍ୟୁ ହେବା ସହ ୩ ଜଣ ନିଖୋଜ ହୋଇଯାଇଛନ୍ତି। ଶନିବାର ମଧ୍ୟରାତ୍ରରେ ପାର୍ଶ୍ୱବର୍ତ୍ତୀ ପାହାଡ଼ଗୁଡ଼ିକରୁ ମାଟି ଅତଡ଼ା ଖସି ସୁଲାୱେସି ପ୍ରଦେଶ ଟାନା ଟୋରାଜା ଜିଲାର ୪ଟି ଘର ପୋତିହୋଇପଡ଼ିଥିଲା। ବହୁସଂଖ୍ୟାରେ ସୈନ୍ୟ, ପୋଲିସ ଓ ସ୍ୱେଚ୍ଛାସେବୀ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ରବିବାର ସକାଳେ ସେମାନେ ଜଣେ ୮ ବର୍ଷୀୟ ବାଳିକା ସମେତ ୨ ଜଣଙ୍କୁ ମାଟିତଳୁ ବାହାର କରିଥିଲେ। ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅପରାହ୍ନ ସୁଦ୍ଧା ୧୪ ମୃତଦେହକୁ ବାହାର କରାଯାଇଥିବାବେଳେ ଜଣେ ୩ ବର୍ଷର ବାଳିକା ସମେତ ୩ ଜଣ ଏବେ ବି ନିଖୋଜ ଥିବା ସ୍ଥାନୀୟ ପୋଲିସ କହିଛି।

## ବୋର୍‌ୱେଲ୍‌ରେ ଖସିଥିବା ୬ ବର୍ଷର ଶିଶୁ ମୃତ

**ରେୱା, ୧୪।୪**

ମଧ୍ୟପ୍ରଦେଶର ରେୱା ଜିଲାରେ ୨ ଦିନ ପୂର୍ବରୁ ଏକ ବୋର୍‌ୱେଲ୍‌ରେ ଖସିପଡ଼ିଥିବା ୬ ବର୍ଷର ଶିଶୁ ରବିବାର ପ୍ରାଣ ହରାଇଛନ୍ତି। ଉତ୍ତରପ୍ରଦେଶ ସୀମାରେ ଥିବା ମନିକା ଗ୍ରାମରେ ଶୁକ୍ରବାର ଅପରାହ୍ନରେ ଶିଶୁଟି ଖେଳୁଥିବାବେଳେ ଏକ ୭୦ ଫୁଟ୍ ଗଭୀର ବୋର୍‌ୱେଲ୍‌ରେ ଖସିପଡ଼ିଥିଲେ। ତାଙ୍କୁ ଉଦ୍ଧାର କାର୍ଯ୍ୟରେ ଏନ୍‌ଡିଆର୍‌ଏଫ୍, ଏସ୍‌ଡିଇଆର୍‌ଏଫ୍, ସ୍ଥାନୀୟ କର୍ତ୍ତୃପକ୍ଷ ନିୟୋଜିତ ଥିଲେ। ତେବେ ୨ ଦିନର ଅକ୍ଳାନ୍ତ ପରିଶ୍ରମ ସତ୍ତ୍ୱେ ସେମାନେ ଶିଶୁଟିକୁ ବଞ୍ଚାଇ ପାରି ନାହାନ୍ତି। ଶିଶୁ ପାଖକୁ ଅକ୍ସିଜେନ୍ ଛଡ଼ାଯିବା ସହ ତାଙ୍କ ପାଖରେ ପହଞ୍ଚିବା ପାଇଁ ଆଉ ଏକ ଗର୍ତ୍ତ ଖୋଳାଯାଇଥିଲା।

# ଇସ୍ରାଏଲ୍‌ର ୫ ସୁରକ୍ଷା କବଚ



ଇରାନ୍ ପକ୍ଷରୁ ଦକ୍ଷିଣ ଇସ୍ରାଏଲ୍‌ରେ ଛଡ଼ାଯାଇଥିବା ଏକ ରକେଟ୍ ବୁଷ୍ଟର୍‌ର ଅବଶେଷ। ଏହି ଅସ୍ତ୍ର ମାଡ଼ ପରେ ସମ୍ପୃକ୍ତ ଅଞ୍ଚଳର ଜଣେ ୭ ବର୍ଷୀୟା ଝିଅ ଆହତ ହୋଇଥିବା ଇସ୍ରାଏଲ୍ ପକ୍ଷରୁ କୁହାଯାଇଛି।




**ଜେରୁଜେଲମ୍, ୧୪।୪**

୬ ମାସ ଧରି ଲାଗି ରହିଥିବା ହମାସ୍ ବିରୋଧୀ ଯୁଦ୍ଧ ବେଳେ ଇସ୍ରାଏଲ୍‌ର ଏୟାର ଡିଫେନ୍ସ ସିଷ୍ଟମ୍ ରକେଟ, ଡ୍ରୋନ୍ ଓ ମିଶାଇଲ୍ ଆକ୍ରମଣକୁ ପ୍ରତିହତ କରିବା ପାଇଁ କାର୍ଯ୍ୟରତ ଥିବାବେଳେ ୩୦୦ରୁ ଊର୍ଦ୍ଧ୍ୱ ଇରାନୀୟ ଡ୍ରୋନ୍ ଓ ଦୂରଗାମୀ କ୍ଷେପଣାସ୍ତ୍ର ଏହା ଆଗରେ ସବୁଠୁ ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଇଥିଲା। ତେବେ ଆମେରିକା ଓ ବ୍ରିଟେନ୍ ସହାୟତାରେ ଇସ୍ରାଏଲ୍ ଡିଫେନ୍ସ ସିଷ୍ଟମ୍ ଏକ ବଡ଼ ଧରଣର ଜୀବନହାନି ଓ କ୍ଷୟକ୍ଷତିକୁ ଏଡ଼ାଇବାରେ ସକ୍ଷମ ଦେଇଛି। ଏଥିସହ ଇସ୍ରାଏଲ୍‌କୁ ବହୁସ୍ତରୀୟ ସୁରକ୍ଷା ପ୍ରଦାନକାରୀ ପ୍ରତିରକ୍ଷା ବ୍ୟବସ୍ଥା ପୁଣି ଥରେ ନିଜ ସାମର୍ଥ୍ୟର ପ୍ରମାଣ ଦେଇଛି।

**ଏରୋ:** ଦୂରଗାମୀ କ୍ଷେପଣାସ୍ତ୍ରକୁ ଖସାଇବାରେ ସକ୍ଷମ ଏହି ସିଷ୍ଟମ୍ ଆମେରିକା ଦ୍ୱାରା ବିକଶିତ। ଇରାନ୍ ପକ୍ଷରୁ ଶନିବାର ରାତିରେ ଛଡ଼ାଯାଇଥିବା ମିଶାଇଲଗୁଡ଼ିକୁ ଏରୋ ସିଷ୍ଟମ୍ ଅନେକ ପରିମାଣରେ ଆୟତ୍ତ କରିପାରିଥିଲା। ବାୟୁମଣ୍ଡଳ ବାହାରେ କାର୍ଯ୍ୟ କରୁଥିବା ଏରୋକୁ ଯୁଦ୍ଧ ବେଳେ ୟେମେନ୍‌ରେ ହୁଥି ବିଦ୍ରୋହୀଙ୍କ ପକ୍ଷରୁ ଲଞ୍ଚ୍ କରାଯାଇଥିବା ଦୂରଗାମୀ କ୍ଷେପଣାସ୍ତ୍ରଗୁଡ଼ିକୁ ଇଣ୍ଟରସେପ୍ଟ ପାଇଁ ନିୟୋଜିତ କରାଯାଇଥିଲା।

**ଡାଭିଡ୍ ସ୍ଲିଙ୍ଗ୍:** ଏହି କ୍ଷେପଣାସ୍ତ୍ର ନିରୋଧୀ ବ୍ୟବସ୍ଥା ମଧ୍ୟ ଆମେରିକା ଦ୍ୱାରା ବିକଶିତ। ଲେବାନନ୍‌ରେ ହେଜ୍‌ବୋଲ୍ଲା ବ୍ୟବହାର କରୁଥିବା ମଧ୍ୟମ ଧରଣର ମିଶାଇଲ୍‌ଗୁଡ଼ିକୁ ଏହା ଆୟତ୍ତ କରିବାରେ ସଫଳ ହୋଇଥିବାରୁ ଏହାକୁ ଇରାନ୍‌ର କ୍ଷେପଣାସ୍ତ୍ରଗୁଡ଼ିକୁ ଖସାଇବାରେ ନିୟୋଜିତ କରାଯାଇଥିଲା।

**ପାଟ୍ରିଅଟ୍:** ଆମେରିକାରେ ନିର୍ମିତ ଏହି ସିଷ୍ଟମ୍ ହେଉଛି ଇସ୍ରାଏଲ୍‌ର ମିଶାଇଲ୍ ଡିଫେନ୍ସ ସିଷ୍ଟମ୍‌ର ସବୁଠୁ ପୁରୁଣା ବ୍ୟବସ୍ଥା। ୧୯୯୧ରେ ପ୍ରଥମ ଉପସାଗରୀୟ ଯୁଦ୍ଧ ବେଳେ ତତ୍କାଳୀନ ଇରାକ ରାଷ୍ଟ୍ରପତି ସଦ୍ଦାମ୍ ହୁସେନ୍‌ଙ୍କ ପକ୍ଷରୁ ଛଡ଼ାଯାଇଥିବା ସ୍କଡ୍ ମିଶାଇଲ୍‌କୁ ଏହି ବ୍ୟବସ୍ଥା ଅକାମୀ କରିଦେଇଥିଲା। ପାଟ୍ରିଅଟ୍ ଏବେ ଏୟାରକ୍ରାଫ୍ଟ ଏବଂ ଡ୍ରୋନ୍ ଖସାଇବା କାର୍ଯ୍ୟରେ ନିୟୋଜିତ ରହିଛି।

**ଆଇରନ୍ ଡୋମ୍:** ଆମେରିକା ସହାୟତାରେ ଇସ୍ରାଏଲ୍ ପକ୍ଷରୁ ବିକଶିତ ଆଇରନ୍ ଡୋମ୍ ସିଷ୍ଟମ୍ ଶର୍ଟ-ରେଞ୍ଜ ରକେଟ୍‌ଗୁଡ଼ିକୁ ଖସାଇବାରେ ସକ୍ଷମ। ଗତ ଦଶନ୍ଧିରୁ ଅଦ୍ୟାବଧି ଏହି ସିଷ୍ଟମ୍ ଅନେକ ହଜାର ରକେଟ୍‌କୁ ଇଣ୍ଟରସେପ୍ଟ କରିସାରିଲାଣି। ହମାସ୍ ଓ ହେଜ୍‌ବୋଲ୍ଲା ବିରୋଧୀ ଯୁଦ୍ଧବେଳେ ମଧ୍ୟ ଏହାକୁ ନିୟୋଜିତ କରାଯାଇଛି। ଏହାର ସଫଳତା ହାର୍ ୯୦%ରୁ ଅଧିକ ବୋଲି ଇସ୍ରାଏଲ୍ ପକ୍ଷରୁ କୁହାଯାଇଛି।

**ଆଇରନ୍ ବିମ୍:** ବାହ୍ୟ ବିପଦକୁ ଏଡ଼ାଇବା ପାଇଁ ଇସ୍ରାଏଲ୍ ଲେଜର ଟେକ୍ନୋଲୋଜି ଜରିଆରେ ଏକ ନୂଆ ସିଷ୍ଟମ୍ ବିକଶିତ କରୁଛି। ବର୍ତ୍ତମାନର ଅନ୍ୟ ପ୍ରତିରକ୍ଷା ବ୍ୟବସ୍ଥାଗୁଡ଼ିକ ତୁଳନାରେ ଏହି ସିଷ୍ଟମ୍‌ର ପରିଚାଳନା ଶସ୍ତା ହୋଇଥିବାରୁ ଇସ୍ରାଏଲ ପାଇଁ ଏହା ଗେମ୍ ଚେଞ୍ଜର ହୋଇପାରେ।



ହ୍ୱାଇଟ୍ ହାଉସ୍‌ର ସିଚ୍ୟୁଏଶନ୍ ରୁମ୍‌ରେ ଶନିବାର ରାତିରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ନିଜ ଜାତୀୟ ସୁରକ୍ଷା ପରାମର୍ଶଦାତା ଟିମ୍ ସହ ଆଲୋଚନାରତ।



ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତ୍ୟାନ୍ୟାହୁ



ଇରାନ୍ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମ୍‌ନେଇ

## ଇଲେକ୍ଟୋରାଲ ବଣ୍ଡ୍ ଯୋଜନା ବୈଧତା ଉପରେ ରାୟ ୧୮ରେ

**ନୂଆଦିଲ୍ଲୀ, ୧୪।୪**

ଇଲେକ୍ଟୋରାଲ ବଣ୍ଡ୍ ଯୋଜନାର ବୈଧତାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଦାଏର ଏକାଧିକ ପିଟିଶନ୍‌ର ରାୟ ଆସନ୍ତା ୧୮ ତାରିଖରେ ପ୍ରକାଶ ପାଇବ। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ଏହି ମାମଲାର ରାୟକୁ ଗତବର୍ଷ ନଭେମ୍ବର ୨ରେ ସଂରକ୍ଷିତ ରଖିଥିଲେ। ରାଜନୈତିକ ପାଣ୍ଠିରେ ସ୍ୱଚ୍ଛତା ଆଣିବା ପାଇଁ ରାଜନୈତିକ ଦଳଗୁଡ଼ିକ ନଗଦ ଅର୍ଥର ବିକଳ୍ପ ଭାବେ ଇଲେକ୍ଟୋରାଲ ବଣ୍ଡ୍ ଯୋଗେ ଚାନ୍ଦା ଦେବା ପାଇଁ ୨୦୧୮ ଜାନୁଆରୀ ୨ରେ କେନ୍ଦ୍ର ସରକାର ବିଜ୍ଞପ୍ତି ଜାରି କରିଥିଲେ। ଯୋଜନାର ବ୍ୟବସ୍ଥା ଅନୁଯାୟୀ, ଦେଶର ଯେକୌଣସି ନାଗରିକ କିମ୍ବା ସଂସ୍ଥା ଇଲେକ୍ଟୋରାଲ ବଣ୍ଡ୍ କିଣିପାରିବେ। ବ୍ୟକ୍ତିବିଶେଷ ଏକାକୀ କିମ୍ବା ଅନ୍ୟ ସହ ମିଳିତ ଭାବେ ମଧ୍ୟ ବଣ୍ଡ୍ କିଣିବା ବ୍ୟବସ୍ଥା ରହିଛି। ଜନପ୍ରତିନିଧି ଆଇନ, ୧୯୫୧ର ଧାରା ୨୯ଏ ଅଧୀନରେ ପଞ୍ଜୀକୃତ ହୋଇଥିବା ରାଜନୈତିକ ଦଳ ଏବଂ ପୂର୍ବ ଲୋକ ସଭା କିମ୍ବା ରାଜ୍ୟ ବିଧାନସଭା ନିର୍ବାଚନରେ ୧ ପ୍ରତିଶତରୁ କମ୍ ଭୋଟ ପାଇ ନ ଥିବା ଦଳ ଇଲେକ୍ଟୋରାଲ ବଣ୍ଡ୍ ଗ୍ରହଣ କରିବାକୁ ଯୋଗ୍ୟ। ଉକ୍ତ ଦଳ ଇଲେକ୍ଟୋରାଲ ବଣ୍ଡକୁ ଅଧିକୃତ ବ୍ୟାଙ୍କ ଜରିଆରେ ଏନ୍‌କ୍ୟାସ୍ କରିପାରିବେ। ସାମ୍ବିଧାନିକ ପୀଠରେ ଜଷ୍ଟିସ୍ ସଞ୍ଜୀବ ଖାନ୍ନା, ବି.ଆର୍. ଗଭାଇ, ଜେ.ବି. ପର୍‌ଡିୱାଲା ଏବଂ ମନୋଜ ମିଶ୍ରା ରହିଛନ୍ତି। କଂଗ୍ରେସ ନେତ୍ରୀ ଜୟା ଠାକୁର, ସିପିଆଇ(ଏମ୍) ଏବଂ ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମସ (ଏଡିଆର୍) ପକ୍ଷରୁ ଇଲେକ୍ଟୋରାଲ ବଣ୍ଡ୍‌ର ବୈଧତାକୁ ଚ୍ୟାଲେଞ୍ଜ କରାଯାଇଥିଲା। ଗତବର୍ଷ ଅକ୍ଟୋବର ୩୧ରୁ ସୁପ୍ରିମକୋର୍ଟରେ ଏହାର ଶୁଣାଣି ଆରମ୍ଭ ହୋଇଥିଲା।

## ଟ୍ୟାଙ୍କବିଧ୍ୱଂସୀ ମିଶାଇଲ ସିଷ୍ଟମ୍‌ର ସଫଳ ପରୀକ୍ଷା

**ନୂଆଦିଲ୍ଲୀ, ୧୪।୪**

ଭାରତୀୟ ସେନା ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଟ୍ୟାଙ୍କବିଧ୍ୱଂସୀ ଗାଇଡେଡ୍ ମିଶାଇଲ୍ ସିଷ୍ଟମ୍‌ର ସଫଳ ପରୀକ୍ଷା କରିଛି। ପ୍ରତିରକ୍ଷା ଗବେଷଣା ଓ ବିକାଶ ପ୍ରତିଷ୍ଠାନ (ଡିଆର୍‌ଡିଓ) ଦ୍ୱାରା ଡିଜାଇନ ଓ ବିକଶିତ ହୋଇଥିବା ଏହି ୱିପନ୍ ସିଷ୍ଟମକୁ ଜଣେ ବ୍ୟକ୍ତି ବହନ କରିପାରିବେ। ଏଥିରେ ଏମ୍‌ପିଏଟିଜିଏମ୍, ଲଞ୍ଚର, ଟାର୍ଗେଟ ଆକ୍ୱିଜିଶନ ଡିଭାଇସ୍ ଏବଂ ଫାୟାର କଣ୍ଟ୍ରୋଲ ୟୁନିଟ୍ ରହିଛି। ଶନିବାର ପୋଖରାନ୍‌ର ଫିଲ୍ଡ ଫାୟାରିଂ ରେଞ୍ଜ୍‌ଠାରେ ଏହାର ସଫଳ ପରୀକ୍ଷା ପାଇଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଡିଆର୍‌ଡିଓ ଏବଂ ଭାରତୀୟ ସେନାକୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରତିରକ୍ଷା ଉତ୍ପାଦନରେ ଆତ୍ମନିର୍ଭରତା ହାସଲ କରିବା ସହ ଅତ୍ୟାଧୁନିକ ପ୍ରଯୁକ୍ତି ଆଧାରିତ ଡିଫେନ୍ସ ସିଷ୍ଟମ ବିକାଶରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସେ କହିଛନ୍ତି।

## ଆମେରିକାରେ ଗୁଳିକାଣ୍ଡ: ଜଣେ ଶିଶୁ ମୃତ, ୭ ଆହତ

**ଶିକାଗୋ, ୧୪।୪**

ଆମେରିକାର ଶିକାଗୋରେ ରବିବାର ଏକ ପାରିବାରିକ ଉତ୍ସବ ଚାଲିଥିବାବେଳେ ଭୟଙ୍କର ଗୁଳିକାଣ୍ଡ ଘଟିଛି। ଉତ୍ସବରେ ଯୋଗଦେଇଥିବା ୮ ଜଣଙ୍କୁ ଆତତାୟୀ ଗୁଳି କରିଛନ୍ତି, ଯେଉଁମାନଙ୍କ ମଧ୍ୟରେ ୫ ଜଣ ବୟସ୍କ ଓ ୩ ଜଣ ଛୋଟ ପିଲା ରହିଛନ୍ତି। ଜଣେ ୭ ବର୍ଷୀୟା ଝିଅଙ୍କ ମୁଣ୍ଡରେ ଗୁଳି ବାଜିଥିବାରୁ, ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ସେହିପରି ୭ ଜଣ ଆହତଙ୍କ ମଧ୍ୟରୁ ୨ ଜଣ ଶିଶୁ ରହିଥିବା ଶିକୋଗୋ ପୋଲିସର ଡେପୁଟି ଚିଫ୍ ଡାନ୍ ଜେରୋମ ସୂଚନା ଦେଇଛନ୍ତି। ସମସ୍ତ ଆହତଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ସେ କହିଛନ୍ତି। ତେବେ ଏହି ଗୁଳିକାଣ୍ଡ ଗ୍ୟାଙ୍ଗୱାର ସହ ଜଡ଼ିତ ରହିଥିବା ନେଇ ପୋଲିସ ସନ୍ଦେହ କରିବା ସହ ଘଟଣାର ତଦନ୍ତ ଚଳାଇଛି।

# ସରବଜିତଙ୍କ ହତ୍ୟାକାରୀଙ୍କୁ ଲାହୋରରେ ହତ୍ୟା



ଅମିର ସର୍ଫରାଜ ତାମ୍ବା



ସରବଜିତ ସିଂ

**ନୂଆଦିଲ୍ଲୀ, ୧୪।୪(ପି.ଟି.)**

ପାକିସ୍ତାନରେ ମୃତ୍ୟୁ ଦଣ୍ଡାଦେଶ ପାଇଥିବା ଭାରତୀୟ ବନ୍ଦୀ ସରବଜିତ ସିଂଙ୍କୁ ଜେଲରେ ହତ୍ୟା କରିଥିବା ଅଭିଯୁକ୍ତ ଅମିର ସର୍ଫରାଜ ତାମ୍ବାଙ୍କୁ ରବିବାର ଲାହୋରରେ କେତେଜଣ ଦୁର୍ବୃତ୍ତ ଗୁଳିକରି ହତ୍ୟା କରିଛନ୍ତି। ତାମ୍ବା ଲସ୍କର-ଇ-ତୋଇବା ଆତଙ୍କବାଦୀ ସଂଗଠନର ପ୍ରତିଷ୍ଠାତା ହାଫିଜ ସୟିଦଙ୍କ ଘନିଷ୍ଠ ସହଯୋଗୀ। ଲାହୋରର ଇସ୍‌ଲାମାପୁର ଅଞ୍ଚଳରେ ବାଇକରେ ଆସିଥିବା ଦୁର୍ବୃତ୍ତମାନେ ତାମ୍ବାଙ୍କୁ ଗୁଳି କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲ ନିଆଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

ସୂଚନାଯୋଗ୍ୟ, ସୀମାନ୍ତ ଗ୍ରାମରେ ରହୁଥିବା ସରବଜିତ ଭୁଲ୍‌ବଶତଃ ପାକିସ୍ତାନ ଚାଲିଯାଇଥିଲେ। ସେଠାରେ ତାଙ୍କୁ ଗିରଫ କରାଯାଇ ଆତଙ୍କବାଦ ଓ ଗୁପ୍ତଚର ବୃତ୍ତି ମାମଲାରେ ଦୋଷୀସାବ୍ୟସ୍ତ କରାଯିବା ସହ ମୃତ୍ୟୁ ଦଣ୍ଡାଦେଶ ଦିଆଯାଇଥିଲା। କଡ଼ା ସୁରକ୍ଷା ବ୍ୟବସ୍ଥାରେ କୋଟ ଲଖପତ୍ ଜେଲରେ ସେ ରହୁଥିବାବେଳେ ତାମ୍ବା ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। କୋମା ଅବସ୍ଥାରେ ଥିବା ୪୯ ବର୍ଷୀୟ ସରବଜିତଙ୍କର ୨୦୧୩ ମେ' ୨ ତାରିଖରେ ଲାହୋରର ଜିନ୍ନା ହସ୍ପିଟାଲରେ ମୃତ୍ୟୁ ହୋଇଥିଲା। ତେବେ ତାଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଥିବା କୁହାଯାଇଥିଲା।

## ରୁଷିଆ ଅଧିକୃତ ସହରରେ ୟୁକ୍ରେନ୍‌ର ସେଲ୍ ମାଡ଼, ୧୬ ମୃତ



**କିଭ୍, ୧୪।୪**

ରୁଷିଆ ଅଧିକୃତ ଜାପୋରିଜିଆ ଅଞ୍ଚଳର ଟୋକ୍‌ମାକ ସହରରେ ୟୁକ୍ରେନ୍ ସେଲ ମାଡ଼ କରିଛି। ଫଳରେ ୧୬ ଜଣ ସ୍ଥାନୀୟ ଅଧିବାସୀଙ୍କ ମୃତ୍ୟୁ ହୋଇଥିବାବେଳେ ୨୦ ଜଣ ଆହତ ହୋଇଥିବା ଜାପୋରିଜିଆ ଅଞ୍ଚଳରେ ଅବସ୍ଥାପିତ ବରିଷ୍ଠ ରୁଷୀୟ ଅଧିକାରୀ ୟେଭ୍‌ଗେନି ବାଲିଟସ୍କି ସୂଚନା ଦେଇଛନ୍ତି। ୨୦ ଆହତଙ୍କ ମଧ୍ୟରୁ ୧୨ ଜଣଙ୍କ ଅବସ୍ଥା ଗୁରୁତର ଥିବା ସେ କହିଛନ୍ତି। ରୁଷିଆର ଜରୁରିକାଳୀନ ସେବା ଦ୍ୱାରା ସମସ୍ତ ଆହତ ଓ ଗୁରୁତରମାନଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷରେ, ଏହି ଆକ୍ରମଣ ନେଇ ୟୁକ୍ରେନର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ସୂଚନାଯୋଗ୍ୟ, ରୁଷିଆ ସୈନ୍ୟବାହିନୀ ଆଂଶିକ ଭାବେ ଅଧିକୃତ କରିଥିବା ୟୁକ୍ରେନ୍‌ର ୪ଟି ଅଞ୍ଚଳ ମଧ୍ୟରେ ଜାପୋରିଜିଆ ଅନ୍ୟତମ।

## ଦ୍ୱିତୀୟ ବ୍ୟାଚ୍ ଭାରତୀୟ ସୈନ୍ୟ ମାଳଦ୍ୱୀପ ଛାଡ଼ିଲେ

**ମାଲେ, ୧୪।୪(ପି.ଟି.)**

ମାଳଦ୍ୱୀପ ରାଷ୍ଟ୍ରପତି ମୋହମ୍ମଦ ମୁଇଜ୍ଜୁଙ୍କ ଦାବି କ୍ରମେ ସେଠାରେ ଥିବା ଭାରତୀୟ ସୈନ୍ୟଙ୍କର ଦ୍ୱିତୀୟ ବ୍ୟାଚ୍ ରବିବାର ଉକ୍ତ ଦ୍ୱୀପଦେଶ ଛାଡ଼ିଛନ୍ତି। ମାଳଦ୍ୱୀପ ଜନସାଧାରଣଙ୍କ ସେବାରେ ନିୟୋଜନ ପାଇଁ ଭାରତ ଦେଇଥିବା ହେଲିକପ୍ଟରକୁ ଏହି ସୈନ୍ୟମାନେ ପରିଚାଳନା କରୁଥିଲେ। ମାଲେରେ ଥିବା ବିଦେଶୀ ରାଷ୍ଟ୍ରଦୂତମାନେ ତାଙ୍କ ଉପରେ କର୍ତ୍ତୃତ୍ୱ ଜାହିର କରିବେ ନାହିଁ ବୋଲି ଚାଇନା ସମକ୍ଷବାଦୀ ନେତା ମୁଇଜ୍ଜୁ ଦୋହରାଇଛନ୍ତି। ନାଗରିକମାନଙ୍କ ହାତରେ ହିଁ କ୍ଷମତା ନ୍ୟସ୍ତ ରହିବ ବୋଲି ସେ କହିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ଇବ୍ରାହିମ ମହମ୍ମଦ ସୋଲିହ ଜଣେ ବିଦେଶୀ ରାଷ୍ଟ୍ରଦୂତଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରୁଥିଲେ ବୋଲି କୌଣସି ଦେଶର ନାଁ ନ ନେଇ ମୁଇଜ୍ଜୁ ଗତ ମାସରେ କହିଥିଲେ।

## ଲିଭ୍-ଇନ୍ ପାର୍ଟନର ଓ ୩ ବର୍ଷୀୟ ପୁଅଙ୍କୁ ହତ୍ୟା କରି ଦଉଡ଼ିରେ ଝୁଲିଲେ

**ନାଗପୁର, ୧୪।୪**

ମହାରାଷ୍ଟ୍ରର ନାଗପୁର ସହରର ଏକ ହୋଟେଲରେ ଜଣେ ୩୦ ବର୍ଷୀୟ ବ୍ୟକ୍ତି ନିଜ ଲିଭ୍-ଇନ୍ ପାର୍ଟନର ଓ ୩ ବର୍ଷର ପୁଅଙ୍କୁ ହତ୍ୟା କରିବା ପରେ ଦଉଡ଼ିରେ ଝୁଲି ଆତ୍ମହତ୍ୟା କରିଛନ୍ତି। ବୃତ୍ତିରେ ଡ୍ରାଇଭର ଥିବା ସଚିନ ବିନୋଦ କୁମାର ରାଉତ(୩୦)ଙ୍କ ସହ ତାଙ୍କ ଲିଭ୍-ଇନ୍ ପାର୍ଟନର ନାଜ୍‌ନିନ (୨୯) ଓ ୩ ବର୍ଷୀୟ ପୁଅ ୟୁଗ୍‌ଙ୍କ ମୃତଦେହ ସ୍ଥାନୀୟ ଗଜାନନ କଲୋନି ସ୍ଥିତ ଏକ ହୋଟେଲରୁ ମିଳିଛି। ହୋଟେଲ ରୁମ ମଧ୍ୟରେ ସଚିନ ଦଉଡ଼ିରେ ଝୁଲୁଥିବାବେଳେ ନାଜ୍‌ନିନଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା ଓ ପାଖରେ ଏକ ରକ୍ତାକ୍ତ ହାତୁଡ଼ି ପଡ଼ିଥିବାର ପୋଲିସ ସୂଚନା ଦେଇଛି। ଗତ କିଛି ଦିନ ଧରି ସଚିନ ଓ ନାଜ୍‌ନିନଙ୍କ ମଧ୍ୟରେ ମନୋମାଳିନ୍ୟ ହେବା ସହ ଯୁକ୍ତିତର୍କ ଲାଗି ରହୁଥିବାରୁ ଉଭୟ ଅଲଗା ହେବାକୁ ସ୍ଥିର କରିଥିଲେ। ନାଗପୁର ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ହଷ୍ଟେଲରେ ଅଗ୍ନିକାଣ୍ଡ, ୮ ଛାତ୍ର ଆହତ

**କୋଟା, ୧୪।୪**

ରାଜସ୍ଥାନର କୋଟାସ୍ଥିତ କୁନ୍‌ହାରୀ ଅଞ୍ଚଳର ଏକ ବାଳକ ହଷ୍ଟେଲରେ ରବିବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ୮ ଜଣ ଛାତ୍ର ଆହତ ହୋଇଛନ୍ତି। ଟ୍ରାନ୍‌ସଫର୍ମରରେ ଶର୍ଟ ସର୍କିଟ ଘଟି ଏହି ଅଗ୍ନିକାଣ୍ଡ ଘଟିଥିବା ସ୍ଥାନୀୟ ଅଧିକାରୀ ସୂଚନା ଦେଇଛନ୍ତି। ଆହତ ୮ ଜଣ ଛାତ୍ରଙ୍କ ମଧ୍ୟରୁ ଜଣଙ୍କର ଅବସ୍ଥା ଗୁରୁତର ଥିବାବେଳେ ସମସ୍ତ ଆହତ ଛାତ୍ରଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଛି। ଅଗ୍ନିକାଣ୍ଡ ଘଟିବା ସମୟରେ ହଷ୍ଟେଲରେ ୬୦ ଜଣ ଛାତ୍ର ଉପସ୍ଥିତ ଥିଲେ। ତେବେ ସୁରକ୍ଷିତ ଥିବା ଛାତ୍ରମାନଙ୍କୁ ପୋଲିସ ନିକଟସ୍ଥ ହଷ୍ଟେଲକୁ ସ୍ଥାନାନ୍ତର କରିଛି। ହଷ୍ଟେଲ ବିଲ୍ଡିଂରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନ ଥିବାରୁ ନିଆଁ ଦ୍ରୁତ ଗତିରେ ବ୍ୟାପିବା ସହ ବ୍ୟାପକ କ୍ଷତି ଘଟାଇଥିବା ସ୍ଥାନୀୟ ଅଧିକାରୀ କହିଛନ୍ତି। ତେଣୁ ହଷ୍ଟେଲ ମାଲିକଙ୍କ ବିରୋଧରେ କୋଟା ପୋଲିସ ନିଜ ଆଡୁ ମାମଲା ରୁଜୁ କରିଛି।

# କାନାଡାରେ ଭାରତୀୟ ଛାତ୍ରଙ୍କୁ ଗୁଳିକରି ହତ୍ୟା

**ନୂଆଦିଲ୍ଲୀ, ୧୪।୪**

କାନାଡାର ସାଉଥ୍ ଭାଙ୍କୋଭରରେ ଜଣେ ୨୪ ବର୍ଷୀୟ ଭାରତୀୟ ଛାତ୍ରଙ୍କୁ ଏକ କାର୍ ଭିତରେ ଗୁଳିକରି ହତ୍ୟା କରାଯାଇଛି। ଶୁକ୍ରବାର ରାତି ୧୧ଟାରେ ଇଷ୍ଟ ୫୫ତମ ଆଭେନ୍ୟୁ ନିକଟରେ ଏହି ଗୁଳିକାଣ୍ଡ ଘଟିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି କାର୍ ଭିତରେ ଭାରତୀୟ ଛାତ୍ର ଚିରାଗ ଆଣ୍ଟିଲଙ୍କ ମୃତ୍ୟୁ ଘଟିଥିବା ଦେଖିବାକୁ ପାଇଥିଲା। ଏପର୍ଯ୍ୟନ୍ତ କାହାକୁ ଗିରଫ କରାଯାଇ ନ ଥିବାବେଳେ ତଦନ୍ତ ଜାରି ରହିଥିବା ପୋଲିସ କହିଛି। ଚିରାଗ ଆଣ୍ଟିଲଙ୍କ ପରିବାରକୁ ସହାୟତା ଯୋଗାଇଦେବା ଲାଗି ଭାରତର ଜାତୀୟ ଛାତ୍ର ସଂଘ ମୁଖ୍ୟ ବରୁଣ ଚୌଧରୀ ବହିର୍ବ୍ୟାପାର ମନ୍ତ୍ରଣାଳୟକୁ ସୋସିଆଲ ମିଡିଆ ଜରିଆରେ ଅପିଲ୍ କରିଛନ୍ତି। ଚିରାଗଙ୍କ ମୃତଦେହ ଭାରତ ଫେରାଇ ଆଣିବା ନିମନ୍ତେ ତାଙ୍କ ପରିବାର ପକ୍ଷରୁ କ୍ରାଉଡ୍ ଫଣ୍ଡିଂ ଅଭିଯାନ ଆରମ୍ଭ ହୋଇଛି। ଚିରାଗ ନିକଟରେ କାନାଡା ୱେଷ୍ଟ ୟୁନିଭର୍ସିଟିରୁ ଏମ୍‌ବିଏ ପାସ୍ କରିବା ସହ ଭାଙ୍କୋଭରରେ କାମ କରିବା ପାଇଁ ଅନୁମତି ପତ୍ର ହାସଲ କରିଥିଲେ।

# ନିର୍ବାଚନ ପାଇଁ ଘରୋଇ ବିମାନ ଚାହିଦା ୪୦% ବଢ଼ିଛି

**ନୂଆଦିଲ୍ଲୀ, ୧୪।୪(ପି.ଟି.)**



ଲୋକ ସଭା ନିର୍ବାଚନ ପାଇଁ ରାଜନେତା ଓ ରାଜନୈତିକ ଦଳଗୁଡ଼ିକର ପ୍ରତିନିଧିମାନେ ଦେଶବ୍ୟାପୀ ବିଭିନ୍ନ ସ୍ଥାନକୁ ପ୍ରଚାରରେ ଯାଉଥିବାରୁ ଘରୋଇ ବିମାନ ଓ ହେଲିକପ୍ଟର ଚାହିଦା ୪୦ ପ୍ରତିଶତ ବଢ଼ିଯାଇଛି। ଫଳରେ ଏହାର ଅପରେଟରମାନେ ୧୫ରୁ ୨୦ ପ୍ରତିଶତ ଅଧିକ ଆୟ କରିବା ନେଇ ଆଶା କରୁଛନ୍ତି। ଚାର୍ଟାର୍ଡ ସର୍ଭିସ୍‌ର ଘଣ୍ଟା ପ୍ରତି ଭଡ଼ା ବୃଦ୍ଧି ପାଇ ୪.୫ରୁ ୫.୨୫ ଲକ୍ଷ ଟଙ୍କାରେ ପହଞ୍ଚିଛି। ସେହିପରି ଦୁଇ ଇଞ୍ଜିନ ବିଶିଷ୍ଟ ହେଲିକପ୍ଟର ଭଡ଼ା ମଧ୍ୟ ୧.୫ରୁ ୧.୭ ଲକ୍ଷ ଟଙ୍କା ହୋଇଛି। ସାଧାରଣ ସମୟ ଏବଂ ପୂର୍ବ ନିର୍ବାଚନ ବର୍ଷ ତୁଳନାରେ ଚାହିଦା ବହୁତ ବଢ଼ିଥିବାରୁ ଖୁବ୍ କମ୍ ବିମାନ ଓ ହେଲିକପ୍ଟର ଉପଲବ୍ଧ ହେଉଛି। କେତେକ ଅପରେଟର ବିମାନ ଏବଂ ହେଲିକପ୍ଟରକୁ ଲିଜ୍‌ରେ ନେବାକୁ ଚାହୁଁଛନ୍ତି। ସାଧାରଣ ସମୟ ତୁଳନାରେ ନିର୍ବାଚନ ବେଳେ ହେଲିକପ୍ଟର ଚାହିଦା ୨୫ ପ୍ରତିଶତ ବଢ଼ିଥିବାବେଳେ ଚାହିଦା ତୁଳନାରେ ଆବଶ୍ୟକ ହେଲିକପ୍ଟର ମିଳୁନାହିଁ ବୋଲି ରୋଟାରି ୱିଙ୍ଗ୍ ସୋସାଇଟି ଅଫ୍ ଇଣ୍ଡିଆର ଅଧ୍ୟକ୍ଷ କ୍ୟାପ୍‌ଟେନ୍ ଉଦୟ ଗେଲ୍ଲି କହିଛନ୍ତି। ଦୁର୍ଗମ ଅଞ୍ଚଳରେ ପ୍ରାର୍ଥୀ ଓ ନେତାମାନଙ୍କୁ କମ୍ ସମୟ ମଧ୍ୟରେ ପହଞ୍ଚାଇବା ପାଇଁ ବିଭିନ୍ନ ଦଳ ହେଲିକପ୍ଟର ବ୍ୟବହାର କରୁଛନ୍ତି। ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ତାମିଲନାଡୁ ଓ ଆନ୍ଧ୍ରପ୍ରଦେଶ ଭଳି ବଡ଼ ରାଜ୍ୟରେ ଏଗୁଡ଼ିକ ଅଧିକ ବ୍ୟବହୃତ ହେଉଛି। ସେହିପରି ଚାର୍ଟାର୍ଡ ବିମାନ ଚାହିଦା ୩୦ରୁ ୪୦ ପ୍ରତିଶତ ବଢ଼ିଥିବା ବିଜ୍‌ନେସ ଏୟାରକ୍ରାଫ୍ଟ ଅପରେଟର ଆସୋସିଏଶନ୍‌ର ପରିଚାଳନା ନିର୍ଦ୍ଦେଶକ କ୍ୟାପ୍‌ଟେନ୍ ଆର୍.କେ. ବାଲି କହିଛନ୍ତି।

**ଅଭିଷେକ ବାନାର୍ଜୀଙ୍କ ହେଲିକପ୍ଟର ଯାଞ୍ଚ କଲା ଆୟକର ବିଭାଗ**

କୋଲକାତା,୧୪।୪: କୋଲକାତାର ବେହଲା ଫ୍ଲାଇଂ କ୍ଲବ୍‌ଠାରେ ଥିବା ତୃଣମୂଳ କଂଗ୍ରେସ(ଟିଏମ୍‌ସି) ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀଙ୍କୁ ହେଲିକପ୍ଟରକୁ ଆୟକର ଅଧିକାରୀମାନେ ଯାଞ୍ଚ କରିଛନ୍ତି। ବିରୋଧୀ ପ୍ରାର୍ଥୀଙ୍କୁ ହଇରାଣ କରିବା ପାଇଁ ଭାଜପା ଜାଣିଶୁଣି ଏଭଳି କରାଉଥିବା ଟିଏମ୍‌ସି ଅଭିଯୋଗ କରିଛି। ଅଭିଷେକଙ୍କୁ ନେଇ ପୂର୍ବ ମେଦିନିପୁରର ହଳଦିଆ ଯିବା ପାଇଁ ବିମାନଟି ବେହଲା ଫ୍ଲାଇଂ କ୍ଲବ୍‌ରେ ପରୀକ୍ଷାମୂଳକ ଉଡ଼ାଣ କରୁଥିବାବେଳେ ଆୟକର ଅଧିକାରୀମାନଙ୍କ ଏକ ଟିମ୍ ପହଞ୍ଚି ତଲାସି କରିଥିଲା। ତେବେ ତଲାସି ବେଳେ କିଛି ବାହାରି ନ ଥିଲା।

# ଭାଜପା ଇସ୍ତାହାରରେ ବିକାଶକୁ ଫୋକସ୍

**ନୂଆଦିଲ୍ଲୀ,୧୪।୪(ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଭାଜପାର ନିର୍ବାଚନୀ ଇସ୍ତାହାର ପ୍ରକାଶ କରିଛନ୍ତି। ଏଥିରେ ବିକାଶ ଏବଂ ଲୋକଙ୍କ କଲ୍ୟାଣକୁ ପ୍ରାଥମିକତା ଦିଆଯାଇଥିବାବେଳେ ଲୋକାଭିମୁଖୀ ପଦକ୍ଷେପ ଏବଂ ଏନ୍‌ଆର୍‌ସି ଭଳି ବିବାଦୀୟ ପ୍ରସଙ୍ଗକୁ ବାଦ୍ ଦିଆଯାଇଛି। 'ମୋଦି କୀ ଗ୍ୟାରେଣ୍ଟି' ନାମରେ ଏହି ଇସ୍ତାହାରରେ ମୁଖ୍ୟତଃ ସରକାରଙ୍କ ବର୍ତ୍ତମାନର କଲ୍ୟାଣକାରୀ ଯୋଜନାରେ ସମାଜର ବିଭିନ୍ନ ବର୍ଗଙ୍କୁ ସାମିଲ କରାଯିବା କଥା କୁହାଯାଇଥିବାବେଳେ 'ଏକ ରାଷ୍ଟ୍ର ଏକ ନିର୍ବାଚନ' ଏବଂ ସମାନ ନାଗରିକ ସଂହିତା ଲାଗି ଭାଜପାର ପ୍ରତିଶ୍ରୁତିବଦ୍ଧତାକୁ ଦୋହରାଯାଇଛି।

୭୦ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ବରିଷ୍ଠ ନାଗରିକଙ୍କୁ ଆୟୁଷ୍ମାନ ଭାରତ ଯୋଜନାରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ସୁବିଧା ଯୋଗାଇ ଦିଆଯିବ। ଉତ୍ତର, ଦକ୍ଷିଣ ଏବଂ ପୂର୍ବ ଭାରତରେ ବୁଲେଟ୍ ଟ୍ରେନ୍ ଚଳାଇବା ପାଇଁ ଦଳ ବିଚାର କରୁଥିବାବେଳେ ବନ୍ଦେ ଭାରତ, ଅମୃତ ଭାରତ ଏବଂ ନମୋ ଭାରତ ଭଳି ନୂତନ ଟ୍ରେନ୍ ଚଳାଚଳକୁ ବଢ଼ାଇ ଦିଆଯିବ ବୋଲି ଇସ୍ତାହାରରେ କୁହାଯାଇଛି। କ୍ରୀଡ଼ା କ୍ଷେତ୍ରରେ ଭାରତକୁ ବିଶ୍ୱ ନେତା କରିବା ଲାଗି କ୍ରୀଡ଼ା ପରିବେଶକୁ ସୁଦୃଢ଼ କରାଯିବ ବୋଲି ସଂକଳ୍ପ ପତ୍ରରେ ପ୍ରତିଶ୍ରୁତି ଦିଆଯାଇଛି। ୨୦୩୬ରେ ଇଣ୍ଡିଆନ ଅଲିମ୍ପିକ୍ ଆସୋସିଏଶନ ଅଲିମ୍ପିକ୍ ଗେମ୍ସର ଆୟୋଜନ କରିବା ଲାଗି ସରକାର ସବୁ ସୁବିଧା ଯୋଗାଇଦେବେ। ଉତ୍ତରପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରୁ ସଶସ୍ତ୍ର ବଳ(ସ୍ୱତନ୍ତ୍ର କ୍ଷମତା) ଆଇନ (ଏଏଫ୍‌ଏସ୍‌ପିଏ)କୁ ପର୍ଯ୍ୟାୟକ୍ରମେ ପ୍ରତ୍ୟାହାର କରିନେବା ପାଇଁ ଉଦ୍ୟମ ଜାରି ରଖିବାକୁ ଭାଜପା ପ୍ରତିଶ୍ରୁତି ଦେଇଛି। ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ ଲାଗି ଦୀର୍ଘ ଦଶନ୍ଧିର ପ୍ରତିଶ୍ରୁତି ପୂରଣ ହେବା ପରେ ଭାଜପା କାଶୀ ବିଶ୍ୱନାଥ କରିଡର ମଡେଲ ଭଳି ସାରା ଦେଶରେ ବିଭିନ୍ନ ଧର୍ମୀୟ ଓ ପର୍ଯ୍ୟଟନ ସ୍ଥଳଗୁଡ଼ିକର ବିକାଶ ପାଇଁ ନୂଆ ପ୍ରକଳ୍ପ କାର୍ଯ୍ୟକାରୀ କରିବ ବୋଲି କହିଛି।

ସୁରକ୍ଷିତ ଭାରତ, ସମୃଦ୍ଧ ଭାରତ ଏବଂ ସହରଗୁଡ଼ିକରେ ଲୋକଙ୍କ ଜୀବନ ଧାରଣକୁ ସହଜ କରିବା ପାଇଁ ସଂକଳ୍ପ ପତ୍ରରେ ଗରିବ, ମଧ୍ୟବିତ୍ତ, ମହିଳା, ଯୁବବର୍ଗ, ବରିଷ୍ଠ ନାଗରିକ, କୃଷକ, ମତ୍ସ୍ୟଜୀବୀ, ଶ୍ରମିକ, ବ୍ୟବସାୟୀ ଏବଂ ଅନୁସୂଚିତ ଜାତି ଓ ଜନଜାତି ଭଳି ଅବହେଳିତ ବର୍ଗଙ୍କ ପାଇଁ ବିଭିନ୍ନ ପ୍ରତିଶ୍ରୁତି ଦିଆଯାଇଛି। ଇସ୍ତାହାରରେ ଇଣ୍ଡିଆ ବଦଳରେ ଭାରତ ବ୍ୟବହାର କରାଯାଇଛି। ପ୍ରଧାନମନ୍ତ୍ରୀ ଇସ୍ତାହାର ଉନ୍ମୋଚନ କରିବା ସମୟରେ କେନ୍ଦ୍ରମନ୍ତ୍ରୀ ଅମିତ୍ ଶାହା, ରାଜନାଥ ସିଂ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ପ୍ରମୁଖ ଉପସ୍ଥିତ ଥିଲେ।




ଭାଜପାର ନିର୍ବାଚନୀ ଇସ୍ତାହାରକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଉନ୍ମୋଚନ କରୁଛନ୍ତି।

## ଇସ୍ତାହାରରେ ଦରଦାମ୍ ବୃଦ୍ଧି, ବେରୋଜଗାରି ପ୍ରସଙ୍ଗ ନାହିଁ: ବିରୋଧୀ

**ନୂଆଦିଲ୍ଲୀ,୧୪।୪(ପି.ଟି.)**

ଦରଦାମ୍ ବୃଦ୍ଧି ଏବଂ ବେରୋଜଗାରି ସାଧାରଣ ଲୋକ ଓ ଯୁବବର୍ଗଙ୍କ ପାଇଁ ସବୁଠୁ ବଡ଼ ସମସ୍ୟା ହୋଇଥିବାବେଳେ ଭାଜପାର ନିର୍ବାଚନୀ ଇସ୍ତାହାରରେ ଏହାକୁ ଅଣଦେଖା କରାଯାଇଥିବାରୁ ବିରୋଧୀ ଦଳ ଏହାର ସମାଲୋଚନା କରିଛି। ଭାଜପାର ଏହି ନିର୍ବାଚନୀ ପ୍ରତିଶ୍ରୁତି ସମ୍ପୂର୍ଣ୍ଣ ମିଥ୍ୟା ଏବଂ ବିଶ୍ୱାସଯୋଗ୍ୟ ନୁହେଁ ବୋଲି ବିରୋଧୀ କହିବା ସହ ଜନସାଧାରଣ ଏଗୁଡ଼ିକୁ ଆଉ ବିଶ୍ୱାସ କରୁ ନ ଥିବା କହିଛନ୍ତି। ଭାଜପାର ସଂକଳ୍ପପତ୍ରରୁ ମୁଦ୍ରାସ୍ଫୀତି ଓ ବେରୋଜଗାରି ଉଭାନ ହୋଇଯାଇଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି। ଲୋକଙ୍କ ଜୀବନ ଜୀବିକା ସହ ଜଡ଼ିତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଭାଜପା ଆଲୋଚନା କରିବାକୁ ଚାହୁଁନାହିଁ। ଅନ୍ୟପକ୍ଷରେ ଇଣ୍ଡିଆ ମେଣ୍ଟର ଯୋଜନା ସ୍ପଷ୍ଟ। ଏହା କ୍ଷମତାକୁ ଆସିଲେ, ୩୦ ଲକ୍ଷ ପଦବୀରେ ନିଯୁକ୍ତି ଦେବା ସହ ପ୍ରତି ଶିକ୍ଷିତ ଯୁବତୀଯୁବକଙ୍କୁ ଲକ୍ଷେ ଟଙ୍କାର ସ୍ଥାୟୀ ନିଯୁକ୍ତି ଦେବ ବୋଲି ରାହୁଲ ଟୁଇଟ୍ କରିଛନ୍ତି। ଏଥର ଯୁବବର୍ଗ ଆଉ ମୋଦିଙ୍କ ଫାଶରେ ପଡ଼ିବେ ନାହିଁ। ସେମାନେ କଂଗ୍ରେସର ହାତମୁଠାକୁ ମଜଭୁତ କରିବେ ଏବଂ ଦେଶରେ ନିଯୁକ୍ତି କ୍ରାନ୍ତି ଆଣିବେ ବୋଲି କଂଗ୍ରେସ ନେତା କହିଛନ୍ତି। ଭାଜପାର ସଂକଳ୍ପ ପତ୍ର ହେଉଛି ବାସ୍ତବରେ 'ସମ୍ବିଧାନ ବଦଲୋ ପତ୍ର' ବୋଲି କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା କହିଛନ୍ତି। ଭାଜପା ଇସ୍ତାହାରକୁ କେହି ବିଶ୍ୱାସ କରିବେ ନାହିଁ ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି। ସେହିପରି ଆପ୍ ନେତ୍ରୀ ତଥା ଦିଲ୍ଲୀ ମନ୍ତ୍ରୀ ଆତିଶୀ କହିଛନ୍ତି, ଦେଶରେ ବେରୋଜଗାରି ଚିନ୍ତାଜନକ ହୋଇଥିବାବେଳେ ଏଲ୍‌ପିଜି ସିଲିଣ୍ଡର ଦାମ୍ ୩୦୦ରୁ ବଢ଼ି ୧,୨୦୦ ଏବଂ ଡିଜେଲ ୫୫ରୁ ବଢ଼ି ୯୦ ଟଙ୍କାରେ ପହଞ୍ଚିଛି। ପରିବାର ଚଳାଇବା ସାଧାରଣ ଲୋକଙ୍କ ପକ୍ଷେ କଷ୍ଟକର ହୋଇପଡ଼ିଛି। ଭାଜପାର ଇସ୍ତାହାର ଏକ ଜୁମ୍‌ଲା ପତ୍ର ବୋଲି ଆତିଶୀ କହିଛନ୍ତି।

# ଇସ୍ତାହାର ରାଜନୀତି

**ଡ. ଅନିଲ ସିଂ**

ନିର୍ବାଚନୀ ଇସ୍ତାହାରଗୁଡ଼ିକରେ ପାରମ୍ପରିକ ଭାବେ ମହତ୍ତ୍ୱ ରହୁ ନ ଥିବାରୁ ରାଜନୈତିକ ଆଲୋଚନା ବେଳେ ଏହାକୁ ବିଶେଷ ଗୁରୁତ୍ୱ ଦିଆଯାଉ ନ ଥିଲା। ତେବେ ଆଉ ଏକ ବୃହତ୍ ନିର୍ବାଚନୀ ଇଭେଣ୍ଟ ପୂର୍ବରୁ ଇସ୍ତାହାରଗୁଡ଼ିକ ଏବେ ଜାତୀୟ ସ୍ତରରେ ଦୃଷ୍ଟି ଆକର୍ଷଣ କରୁଛନ୍ତି। ଏଭଳି ଘୋଷଣାପତ୍ର ରାଜନୈତିକ ଦଳଗୁଡ଼ିକର ଛବି ଆଙ୍କିବା ପାଇଁ କାର୍ଯ୍ୟ କରିବ। ଏହା ବଦଳରେ ଦଳଗୁଡ଼ିକର ଜାତୀୟ ଭବିଷ୍ୟତ ନିର୍ଦ୍ଧାରିତ ହେବ। କିନ୍ତୁ ଉତ୍ସାହ ମଧ୍ୟରେ ଏକ ବଡ଼ ପ୍ରଶ୍ନ ଉଠିଛି। ତାହା ହେଉଛି, ପ୍ରତିଶ୍ରୁତିପୂର୍ଣ୍ଣ ଦସ୍ତାବିଜଗୁଡ଼ିକ ବାସ୍ତବ ନା କାବ୍ୟିକ କଳ୍ପନା। ଦଳଗୁଡ଼ିକ ଇସ୍ତାହାରରେ ବାସ୍ତବତାଠାରୁ ବହୁ ଊର୍ଦ୍ଧ୍ୱକୁ ଯାଇ ଦଳୀୟ ଆଭିମୁଖ୍ୟ ଓ ଉଦ୍ଦେଶ୍ୟଗୁଡ଼ିକ ସମ୍ପର୍କରେ ଆଲୋକପାତ କରିଥାନ୍ତି। ଯେତେବେଳେ ଜଣେ ବ୍ୟକ୍ତି ଦେଶରେ ଜାତିଗତ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ମୂଲ୍ୟବୋଧ ପ୍ରବଳ ବଢ଼ିଛି ବୋଲି ବିଚାର କରନ୍ତି, ସେତେବେଳେ ଚିରହରିତ୍ ଜଙ୍ଗଲର ଲୋଭନୀୟ ଅଭିବୃଦ୍ଧି ଭଳି ଇସ୍ତାହାର ପ୍ରତି ଆକର୍ଷଣ ବଢ଼ିଥାଏ। ୨୦୨୪ ଲୋକ ସଭା ନିର୍ବାଚନ ପୂର୍ବରୁ କଂଗ୍ରେସ, ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ଏବଂ ଭାରତୀୟ ଜନତା ପାର୍ଟି (ଭାଜପା) ପକ୍ଷରୁ ଇସ୍ତାହାର ପ୍ରକାଶ ପାଇଛି। ଏହା ଏକ ସ୍ୱାଭାବିକ ପ୍ରକ୍ରିୟା ହୋଇଥିବାବେଳେ ସତର୍କତାପୂର୍ଣ୍ଣ ପୁଙ୍ଖାନୁପୁଙ୍ଖ ପରୀକ୍ଷଣ ପାଇଁ ଏକ ଦୃଶ୍ୟ ପ୍ରସ୍ତୁତ ହୋଇଛି। ବର୍ତ୍ତମାନ ଏହି ଇସ୍ତାହାରଗୁଡ଼ିକର ଉପଯୁକ୍ତ ସମୀକ୍ଷା ପାଇଁ ଉତ୍କୃଷ୍ଟ ସମୟ।

### କଂଗ୍ରେସର 'ନ୍ୟାୟପତ୍ର'

ଦେଶର ସର୍ବପୁରାତନ ଦଳ କଂଗ୍ରେସ ପକ୍ଷରୁ ଏପ୍ରିଲ ୫ରେ ଜାରି ଇସ୍ତାହାରକୁ 'ନ୍ୟାୟପତ୍ର'ର ନାମ ଦିଆଯାଇଛି। ଏହି ଘୋଷଣାନାମାରେ ସମାନତା, ଯୁବ ସଶକ୍ତୀକରଣ ଓ ଲିଙ୍ଗଗତ ନ୍ୟାୟ ଉପରେ ଗୁରୁତ୍ୱ ଦିଆଯାଇଛି। ଏଥିରେ ନ୍ୟାୟର ୫ଟି ବିଷୟ ଉପରେ ଫୋକସ୍ କରାଯାଇଛି। ସେଗୁଡ଼ିକ ହେଲା, ଯୁବ ନ୍ୟାୟ, ନାରୀ ନ୍ୟାୟ, କୃଷକ ନ୍ୟାୟ, ଶ୍ରମିକ ନ୍ୟାୟ ଏବଂ ସହଭାଗିତାର ନ୍ୟାୟ। ଏହି ନ୍ୟାୟପତ୍ରରେ ଶିକ୍ଷାନବିସ ବ୍ୟବସ୍ଥାର ଅଧିକାର ପ୍ରଦାନ ପାଇଁ ଆଇନଗତ ଗ୍ୟାରେଣ୍ଟି ସମ୍ପର୍କରେ ପ୍ରତିଶ୍ରୁତି ଦିଆଯାଇଛି। ସେହିପରି କୃଷକଙ୍କୁ ଉତ୍ପାଦିତ ସାମଗ୍ରୀ ଉପରେ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ପ୍ରଦାନର ଆଇନଗତ ଗ୍ୟାରେଣ୍ଟି ନେଇ ମଧ୍ୟ ପ୍ରତିଶ୍ରୁତି ଦିଆଯାଇଛି। ଏସ୍‌ସି, ଏସ୍‌ଟି ଏବଂ ଓବିସିଙ୍କ ପାଇଁ ପ୍ରଚଳିତ ସଂରକ୍ଷଣ ସୀମାକୁ ୫୦%ରୁ ବଢ଼ାଇବା ଲାଗି ଆବଶ୍ୟକ ସାମ୍ବିଧାନିକ ସଂଶୋଧନ କରାଯିବା ଉପରେ ମଧ୍ୟ କଂଗ୍ରେସ ଇସ୍ତାହାରରେ ଉଲ୍ଲେଖ କରିଛି। ସେହିପରି ଶାସନ, ଅର୍ଥନୀତି, ସଙ୍ଘୀୟ ସହଯୋଗିତା, ଜାତୀୟ ନିରାପତ୍ତା ଓ ପରିବେଶ ସୁରକ୍ଷା ଉପରେ ମଧ୍ୟ ଆଲୋକପାତ କରାଯାଇଛି।

### ଆର୍‌ଜେଡିର 'ପରିବର୍ତ୍ତନପତ୍ର'

ଲୋକ ସଭା ନିର୍ବାଚନ ପୂର୍ବରୁ ଶନିବାର ତେଜସ୍ୱୀ ଯାଦବଙ୍କ ନେତୃତ୍ୱରେ ଆର୍‌ଜେଡି ପକ୍ଷରୁ ଏକ ପରିବର୍ତ୍ତନପତ୍ର ଜାରି କରାଯାଇଛି। ଏଥିରେ ଅନେକ ବିକାଶମୂଳକ ପ୍ରସଙ୍ଗକୁ ସ୍ଥାନିତ କରାଯାଇଛି। ବିହାରୀମାନଙ୍କ ଦୁର୍ଦ୍ଦଶା ସମ୍ପର୍କରେ ମଧ୍ୟ ପରିବର୍ତ୍ତନପତ୍ରରେ ଅବତାରଣା କରାଯାଇଛି। ଏହି ଘୋଷଣାପତ୍ରରେ ମୁଖ୍ୟତଃ ୨୪ଟି ପ୍ରତିଶ୍ରୁତି ଦିଆଯାଇଛି। ବିହାରରେ ଲୋକଙ୍କ ଜୀବନର ମାନ ବୃଦ୍ଧି ସହ ନିଯୁକ୍ତି ସୃଷ୍ଟି, ଜନକଲ୍ୟାଣକାରୀ ଯୋଜନା ଓ ଭିତ୍ତିଭୂମି ବିକାଶ ଉପରେ ଏଥିରେ ଅଧିକ ଗୁରୁତ୍ୱ ଦିଆଯାଇଛି। ଆର୍‌ଜେଡି କ୍ଷମତାକୁ ଆସିଲେ ଏହି ସବୁ ପ୍ରତିଶ୍ରୁତି ପୂରଣ କରାଯିବ ବୋଲି ଦଳ କହିଛି।

### ଭାଜପାର 'ସଂକଳ୍ପପତ୍ର'

ଭାଜପା ରବିବାର ମୋଦିଙ୍କ ଗ୍ୟାରେଣ୍ଟି ୨୦୨୪ ଶୀର୍ଷକ 'ସଂକଳ୍ପପତ୍ର' ଜାରି କରିଛି। ସମ୍ବିଧାନ ପ୍ରଣେତା ଡ. ଭୀମରାଓ ବାବାସାହେବ ଆମ୍ବେଦକରଙ୍କ ଜୟନ୍ତୀରେ ପ୍ରକାଶ ପାଇଥିବା ଏହି ଘୋଷଣାପତ୍ରରେ ଶାସକ ଦଳ ବିଭିନ୍ନ ପ୍ରସଙ୍ଗ ଉପରେ ଉଲ୍ଲେଖ କରିଛି। ତନ୍ମଧ୍ୟରୁ ଏକକାଳୀନ ନିର୍ବାଚନ, ସମାନ ଦେୱାନି ସଂହିତା, ଆର୍ଥିକ ଅଭିବୃଦ୍ଧି ଓ ସାମାଜିକ ତଥା ବିକାଶମୂଳକ ଯୋଜନା ସମ୍ପର୍କରେ ଅବତାରଣା କରିଛି।

**—ରାଜନୈତିକ ରଣନୀତିକାର, ନୂଆଦିଲ୍ଲୀ**

# ୩୯ ଡିଗ୍ରୀ ଉପରେ ୧୦ ସହର

- **ପାରଳାଖେମୁଣ୍ଡି ସବୁଠୁ ଉତ୍ତପ୍ତ**
- **ଆହୁରି ୪ରୁ ୬ ଡିଗ୍ରୀ ବଢ଼ିବ ତାତି**

**ଭୁବନେଶ୍ୱର,୧୪।୪**
**(ଅନୁରାଧା ମହାରଣା)**

ରାଜ୍ୟ ଭିତରକୁ ଉତ୍ତର ତଥା ଉତ୍ତର-ପଶ୍ଚିମ ଏବଂ ପଶ୍ଚିମ ଦିଗରୁ ଶୁଷ୍କ ପବନର ପ୍ରବାହ ଧୀରେ ଧୀରେ ବୃଦ୍ଧି ପାଉଥିବାରୁ ଦିନ ତାପମାତ୍ରାରେ କ୍ରମଶଃ ବୃଦ୍ଧି ଘଟୁଛି। ଏହି ପବନର ପ୍ରଭାବ ଆଗାମୀ ଦିନରେ ଆହୁରି ବୃଦ୍ଧି ହେବାର ସମ୍ଭାବନା ଥିବାରୁ ଆସନ୍ତା ୪ରୁ୫ ଦିନ ମଧ୍ୟରେ ରାଜ୍ୟରେ ୪ରୁ ୬ ଡିଗ୍ରୀ ଯାଏ ତାପମାତ୍ରା ବୃଦ୍ଧି ହେବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ରବିବାର ରାଜ୍ୟର ୧୦ ସହରରେ ତାପମାତ୍ରା ୩୯ ଡିଗ୍ରୀ ଓ ଏହାଠାରୁ ଅଧିକ ରେକର୍ଡ କରାଯାଇଥିବାବେଳେ ୪୦.୫ ଡିଗ୍ରୀ ସହ ପାରଳାଖେମୁଣ୍ଡି ସବୁଠୁ ଉତ୍ତପ୍ତ ସହର ପାଲଟିଥିଲା। ଏହା ପଛକୁ ମାଲକାନଗିରିରେ ୩୯.୯ ଡିଗ୍ରୀ ସେଲସିୟସ୍, ଭୁବନେଶ୍ୱର ୩୯.୬ ଡିଗ୍ରୀ, ଜଗତ୍‌ସିଂହପୁର ଓ ନୟାଗଡ଼ ୩୯.୫ ଡିଗ୍ରୀ, ଭବାନୀପାଟଣା ଓ ଚାନ୍ଦବାଲି ୩୯.୪ ଡିଗ୍ରୀ , ବାରିପଦା ୩୯.୨ ଡିଗ୍ରୀ ଏବଂ କେନ୍ଦ୍ରାପଡ଼ା ଓ ଭଦ୍ରକରେ ୩୯ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ ହୋଇଛି।

ସୋମବାର ଗଜପତି ଗଞ୍ଜାମ, ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଜିଲାରେ ଘଡଘଡ଼ି ସହ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି। ମାତ୍ର ଉତ୍ତାପ ଓ ଆର୍ଦ୍ର ପାଣିପାଗ ନେଇ ଖୋର୍ଦ୍ଧା, କଟକ, ପୁରୀ, ନୟାଗଡ଼, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଯାଜପୁର ଓ ଭଦ୍ରକ ଆଦି ଜିଲାଗୁଡ଼ିକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଅନ୍ୟପଟେ ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଗ୍ରୀଷ୍ମପ୍ରବାହ ଜାରି ରହିବ। ଏଥିପାଇଁ ରାଜ୍ୟର ବିଭିନ୍ନ ଜିଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ କରାଯାଇଛି। ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ଆସନ୍ତା ୨ ଦିନ ମଧ୍ୟରେ ତାପମାତ୍ରା ୩୬ ଡିଗ୍ରୀରୁ ୩୮ ଡିଗ୍ରୀ ସେଲସିୟସ୍ ମଧ୍ୟରେ ରହିବ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରା ୩୮ଡିଗ୍ରୀରୁ ୪୦° ମଧ୍ୟରେ ରହିବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି।

## ଉତ୍ତରପୂର୍ବ ଦିଲ୍ଲୀରେ ମନୋଜ ତିୱାରୀ-କହ୍ନେୟା କୁମାର ଫାଇଟ

**ନୂଆଦିଲ୍ଲୀ, ୧୪।୪:** ଲୋକ ସଭା ନିର୍ବାଚନ ପାଇଁ କଂଗ୍ରେସର କେନ୍ଦ୍ରୀୟ ନିର୍ବାଚନ କମିଟି(ସିଇସି) ପକ୍ଷରୁ ରବିବାର ୧୦ ପ୍ରାର୍ଥୀଙ୍କ ନାମ ପ୍ରକାଶ ପାଇଛି। ପଞ୍ଜାବରୁ ସର୍ବାଧିକ ୬ ଜଣ, ଦିଲ୍ଲୀରୁ ୩ ଓ ଉତ୍ତରପ୍ରଦେଶରୁ ଜଣେ ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇଛି। ଛାତ୍ର ଆନ୍ଦୋଳନରୁ ରାଜନୀତିରେ ପାଦ ଥାପିଥିବା କହ୍ନେୟା କୁମାରଙ୍କୁ ଉତ୍ତର-ପୂର୍ବ ଦିଲ୍ଲୀ ଆସନରୁ କଂଗ୍ରେସ ପ୍ରାର୍ଥୀ କରିଛି। ଲୋକପ୍ରିୟ ଭୋଜପୁରୀ ଅଭିନେତା ତଥା ପୂର୍ବତନ ଦିଲ୍ଲୀ ଭାଜପା ସଭାପତି ମନୋଜ ତିୱାରୀଙ୍କ ସହ ତାଙ୍କର ମୁକାବିଲା ହେବ। ସେହିପରି ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ଚରଣଜିତ ସିଂ ଚନ୍ନିଙ୍କୁ ଜଳନ୍ଧର ଆସନରୁ ଦଳ ପ୍ରାର୍ଥୀ କରିଛି। କଂଗ୍ରେସ ନେତା ଜୟ ପ୍ରକାଶ ଅଗ୍ରୱାଲ ଚାନ୍ଦିନିଚୌକରୁ ଏବଂ ଦଳିତ ନେତା ଉଦିତ ରାଜ୍ ଉତ୍ତର-ପଶ୍ଚିମ ଦିଲ୍ଲୀରୁ ପ୍ରାର୍ଥୀ ହୋଇଛନ୍ତି।



# ଓଡ଼ିଆ ନବବର୍ଷର ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୪।୪ (ଅନୁରାଧା ମହାରଣା)

ଓଡ଼ିଆ ନବବର୍ଷ ତଥା ମହାବିଷୁବ ସଂକ୍ରାନ୍ତି ଅବସରରେ ରବିବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ବହୁ ବିଶିଷ୍ଟବ୍ୟକ୍ତି ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ରାଷ୍ଟ୍ରପତି 'ଏକ୍ସ'ରେ ଲେଖିଛନ୍ତି, ପବିତ୍ର ପଣାସଂକ୍ରାନ୍ତି ଅବସରରେ ମୁଁ ଓଡ଼ିଶାବାସୀ ତଥା ଦେଶ ବିଦେଶରେ ରହୁଥିବା ଓଡ଼ିଆ ଭଉଣୀଭାଇମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି। ପଣାସଂକ୍ରାନ୍ତି ବା ମହାବିଷୁବ ସଂକ୍ରାନ୍ତି ଓଡ଼ିଶାର ପୁରପଲ୍ଲୀରେ ଆନନ୍ଦ-ଉଲ୍ଲାସରେ ପାଳିତ ହେଉଛି। ରାଜ୍ୟର କୋଣ ଅନୁକୋଣରେ ପଣାପାଣି ଓ ନୃତ୍ୟସଙ୍ଗୀତର ଆସର ସାଙ୍ଗକୁ ସାରସ୍ୱତ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଉଛି। ସାଂସ୍କୃତିକ ବିପୁଳତାର ପ୍ରତୀକ ଏହି ଓଡ଼ିଆ ନବବର୍ଷ ଉପଲକ୍ଷେ ମୁଁ ଓଡ଼ିଶାର ପ୍ରିୟ ଭଉଣୀଭାଇଙ୍କ ସୁଖ ସମୃଦ୍ଧି କାମନା କରୁଛି। ସେହିପରି ପ୍ରଧାନମନ୍ତ୍ରୀ ତାଙ୍କ 'ଏକ୍ସ' ଆକାଉଣ୍ଟରେ ଲେଖିଛନ୍ତି, ଉତ୍କୃଷ୍ଟ ଓଡ଼ିଆ ସଂସ୍କୃତିକୁ ନେଇ ଆମେ ଗର୍ବିତ। ଆଗାମୀ ବର୍ଷ ଖୁସି ଓ ସଫଳତାରେ ପରିପୂର୍ଣ୍ଣ ହେଉ ବୋଲି ପ୍ରଧାନମନ୍ତ୍ରୀ ପ୍ରାର୍ଥନା କରିଛନ୍ତି। ଓଡ଼ିଶାବାସୀଙ୍କ ସମସ୍ତ ସ୍ୱପ୍ନ ପୂରଣ ହେଉ ଏବଂ ସମସ୍ତେ ସୁସ୍ଥ ରୁହନ୍ତୁ ବୋଲି ସେ ଲେଖିଛନ୍ତି। ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣା ସମସ୍ତଙ୍କ ଜୀବନରେ ସୁଖ ସମୃଦ୍ଧି ଭରିଦେଉ ବୋଲି ସେ କାମନା କରିଛନ୍ତି ।

# ମା'ଙ୍କ ସୁନାବେଶ ଦେଖିଲେ ୧.୫ ଲକ୍ଷ ଭକ୍ତ

ଘଟଗାଁ (ରାଜେନ୍ଦ୍ର କୁମାର ପଟ୍ଟନାୟକ) ୧୪।୪

## ମା' ତାରିଣୀଙ୍କ ଚଇତିପର୍ବ ୬ଷ୍ଠ ଦିନ

କେନ୍ଦୁଝର ଜିଲା ଘଟଗାଁ ମା' ତାରିଣୀଙ୍କ ପ୍ରସିଦ୍ଧ ଚଇତିପର୍ବର ଶନିବାର ୬ଷ୍ଠ ଦିନ ହୋଇଥିବା ବେଳେ ଓଡିଆ ନବବର୍ଷ ତଥା ମହାବିଷୁବ ପଣାସଂକ୍ରାନ୍ତି ପାଇଁ ପୀଠରେ ୧.୫ ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ମନ୍ଦିର ପରିସରଠାରୁ ଜାତୀୟ ରାଜପଥ ପର୍ଯ୍ୟନ୍ତ ଭକ୍ତଙ୍କ ଧାଡ଼ି ଲମ୍ବିଥିଲା। ମାତ୍ର ୪ ଖଣ୍ଡ ବସ୍ ଯାତ୍ରୀଙ୍କୁ ଆଣିବା ନେବା ପାଇଁ ବ୍ୟବସ୍ଥା ହୋଇଥିବାରୁ ଭକ୍ତମାନେ ୨ କି.ମି ଚାଲି ଚାଲି ମନ୍ଦିର ଦର୍ଶନ ପାଇଁ ଆସିବାକୁ ପଡିଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ଭୋର ୩ ଟାରେ ମା'ଙ୍କର ମାର୍ଜଣା, ବଡ଼ସିଂହାର ବେଶ ପରେ ସ୍ୱର୍ଣ୍ଣ ଅଳଙ୍କାର ପରିଧାନ କରିଥିଲେ। ପରେ ମଙ୍ଗଳ ଆଳତି ଆରମ୍ଭ ହୋଇ ଭୋର ୫ ଟାରେ ଭକ୍ତଙ୍କ ଦର୍ଶନ, ପୂଜା ପାଇଁ ଧାଡ଼ି ହୋଇଥିଲା। ଦିନ ୯ ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ପର୍ଯ୍ୟନ୍ତ ଗହଳି ଲାଗି ରହିଥିଲା। ଫଳରେ ମା'ଙ୍କର ଦିନବେଳା ପହଡ଼ ପଡ଼ି ନ ଥିଲା। ଶୃଙ୍ଖଳା ଦର୍ଶନ ପାଇଁ ଭୋଗଡାଲା ଧାଡି ୮ଟି ଓ ସାଧାରଣ ଧାଡ଼ି ୨ଟିର ବ୍ୟବସ୍ଥା କରାଯାଇଥିଲା। ଭକ୍ତମାନେ ମୁଖଶାଳା ଦେଇ ଦର୍ଶନ କରୁଥିବା ବେଳେ ୪ ନମ୍ବର ଗେଟ୍‌ଦେଇ ବାହାରିଥିଲେ। ପଣା ସଂକ୍ରାନ୍ତି ଅବସରରେ ସକାଳ ୬ ଘଟିକାଠାରୁ ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ ଅଖଣ୍ଡ ଭଜନ ପରିବେଷଣ ହୋଇଥିଲା। ରାତ୍ର ୧୦ ଘଟିକାରେ ବାଦୀପାଲା ଅନୁଷ୍ଠିତ ହୋଇଥିଲା।

# ଝାମୁରେ ଚାଲିଲେ ପୂର୍ବତନ ମନ୍ତ୍ରୀ ସୁରମା

ରଣପୁର,୧୪।୪(ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ରଣପୁର ବ୍ଲକ୍ ଓ ବିଜ୍ଞାପିତ ଅଞ୍ଚଳରେ ଗତ ୧୭ଦିନ ଧରି ଚାଲିଥିବା ଦଣ୍ଡଯାତ୍ରା ରବିବାର ପଣା ସଂକ୍ରାନ୍ତିରେ ଉଦ୍‌ଯାପିତ ହୋଇଛି । ଏହି ଅବସରରେ ବିଭିନ୍ନ ସ୍ଥାନରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଥିଲା। ମାନସିକ ରଖିଥିବା ଶ୍ରଦ୍ଧାଳୁଙ୍କ ସହିତ ଦଣ୍ଡଧାରୀମାନେ ଝାମୁ ନିଆଁରେ ଚାଲିଥିଲେ । ବାବା ବାଲୁଙ୍କେଶ୍ୱର ଦେବଙ୍କ ଝାମୁଯାତ୍ରାରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତ୍ରୀ ସୁରମା ପାଢ଼ୀ ଝାମୁ ନିଆଁରେ ଚାଲିଥିଲେ । ଲତାର ଗ୍ରାମରେ ଏହି ଝାମୁଯାତ୍ରା ଅନୁଷ୍ଠିତ ହୋଇଥିଲା। ବାବା ବାଲୁଙ୍କେଶ୍ୱରଙ୍କ ହୁକୁମ ପାଇ ଝାମୁ ନିଆଁରେ ସୁରମା ଚାଲିଥିଲେ। ତାଙ୍କୁ ୨ଜଣ ଦଣ୍ଡୁଆ ଧରି ଚଲାଉଥିବା ଦେଖିବାକୁ ମିଳିଥିଲା। ଏହି ଝାମୁଯାତ୍ରା ଦେଖିବା ପାଇଁ ସେଠାରେ ବହୁ ଜନସମାଗମ ହୋଇଥିଲା। ମଧ୍ୟାହ୍ନରେ ରଣପୁର ଚଣ୍ଡେଶ୍ୱର ଠାକୁରଙ୍କ ୩ ଭଗତା ପିଠିରେ ଲୁହାକଣ୍ଟା ପାଟକ ଫୋଡିହୋଇ ରଣପୁର ସହର ସାହି ପରିକ୍ରମା କରିଥିଲେ। ଏହି ଦୃଶ୍ୟକୁ ଦେଖିବା ପାଇଁ ଗାଁ ଦାଣ୍ଡରେ ଭିଡ଼ ଜମିଥିଲା ।




ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଜଗଜମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାହା କରିବେ ସାଇଁ**
**ତାହା କାହାରି ହାତରେ ନାହିଁ।**

ଭଗବାନ ଯାହା କରିପାରିବେ ତାହା ଅନ୍ୟ କେହି କରିପାରିବେ ନାହିଁ। ସେ ହିଁ ସଂସାରରେ ସର୍ବକ୍ଷମତାପନ୍ନ ହେବା ସହ ସର୍ବଶକ୍ତିମାନ ଓ ସକଳ ଶକ୍ତିର ଆଧାର ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଯାହାଙ୍କର ବାପ ମୂଳ ଲାଗୁଥିଲା
**ଗାଁ କୋଠିଆଙ୍କ ମେଳେ**
**ତା'ଘର ପୁଅ ସୁଆରି ଚିଲା**
**ପାଦ ଲାଗୁନାହିଁ ତଳେ।**

ସମୟକ୍ରମେ ଛୋଟରୁ ବଡ଼ ହୋଇଥିବା ଲୋକଟିର ମନରେ ଦର୍ପ ବା ଗର୍ବ ଜାତ ହୋଇଥାଏ। ଧରାକୁ ସରା ମନେ କରିବା ସହ ତା'ର ପାଦ ତଳେ ଲାଗି ନ ଥାଏ। ଏପରିସ୍ଥଳେ ତା'ର ପରିବର୍ତ୍ତିତ ମନୋଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# କଟକଣାରେ ହନୁମାନ ଜୟନ୍ତୀ ପାଳିତ

ସମ୍ବଲପୁର,୧୪।୪(ପ୍ରମୋଦ ବହିଦାର)

■ସମ୍ବଲପୁରରେ ପୋଲିସ ପ୍ରଶାସନ ପକ୍ଷରୁ କଡ଼ା ନଜର
■ସିଆର୍‌ପିଏଫ୍ ଯବାନଙ୍କ ସହିତ ୧୫ ପ୍ଲାଟୁନ୍ ପୋଲିସ ମୁତୟନ



ବୃକ୍ସହିଲସ୍ଥିତ ହନୁମାନ ମନ୍ଦିରରେ ମହାଆଳତିରେ କେନ୍ଦ୍ର ଶିକ୍ଷା, ଦକ୍ଷତା ଓ ଉଦ୍ୟମିତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଧାୟକ ଜୟନାରାୟଣ ମିଶ୍ର ଓ ଅନ୍ୟମାନେ।

ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ବିନା ଶୋଭାଯାତ୍ରାରେ ସମ୍ବଲପୁର ସହରରେ ରବିବାର ହନୁମାନ ଜୟନ୍ତୀ ଓ ମହାବିଷୁବ ସଂକ୍ରାନ୍ତି ପାଳିତ ହୋଇଛି। ଗତବର୍ଷର ହନୁମାନ ଜୟନ୍ତୀ ହିଂସାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ଚଳିତବର୍ଷ ହନୁମାନ ଜୟନ୍ତୀ ଶୋଭାଯାତ୍ରା ଉପରେ କଟକଣା ଲାଗୁ କରାଯାଇଥିଲା। ମାତ୍ର ହନୁମାନ ଜୟନ୍ତୀ ଆୟୋଜନରେ ଭକ୍ତ ଓ ଆୟୋଜକ କମିଟି ମଧ୍ୟରେ ଥିବା ଉତ୍ସାହ ହ୍ରାସ ପାଇ ନ ଥିଲା। ପୂର୍ବବର୍ଷ ଭଳି ସମଗ୍ର ସହର ହନୁମାନ ଝଣ୍ଡାରେ ଗୈରିକମୟ ହୋଇ ଉଠିଥିବାବେଳେ ସହରର ମୁଖ୍ୟରାସ୍ତାର ସମସ୍ତ ବିଦ୍ୟୁତ୍ ଖୁଣ୍ଟିରେ ଲାଗିଥିବା ଡାକବାଜି ଯନ୍ତ୍ରରେ ହନୁମାନ ଚାଳିଶା ପାଠର ଗୁଞ୍ଜରଣ ସମଗ୍ର ସହରରେ ଏକ ପ୍ରକାର ଧାର୍ମିକ ପରିବେଶ ସୃଷ୍ଟି କରିଥିଲା।

ବିଭିନ୍ନ ଅଞ୍ଚଳରେ ଥିବା ହନୁମାନ ମନ୍ଦିରରେ ହନୁମାନ ଜୟନ୍ତୀ ସମନ୍ୱୟ କମିଟି ତଥା ଆୟୋଜକ କମିଟି ପକ୍ଷରୁ ନିଜ ଅଞ୍ଚଳରେ ପୂଜାର୍ଚ୍ଚନା ସହ ଧୁମଧାମ୍‌ରେ ପାଳନ କରାଯାଇଛି। ପୂର୍ବାହ୍ନରେ ସମ୍ବଲପୁର ବୃକ୍ସହିଲସ୍ଥିତ ହନୁମାନ ମନ୍ଦିର, ନୂତନ ଭାବେ ପ୍ରତିଷ୍ଠା ହୋଇଥିବା ଭୀମଭୋଇ କଲୋନୀ ହନୁମାନ ମନ୍ଦିର, ଏସ୍‌ଆରଆଇଟି କଲୋନୀ, ଜଗନ୍ନାଥ କଲୋନୀ, ବୁଢ଼ାରଜା, ପୌର ପରିଷଦ ଛକ, କୁଲୁଥକାନୀ, ଚାରଭାଟି, ଜେଲଛକ, ବଡ଼ବଜାର, ମୁଦିପଡ଼ା, ଫାଟକ, ଗେଙ୍ଗୁଟିପାଲି ଆଦି ଅଞ୍ଚଳରେ ଥିବା ହନୁମାନ ମନ୍ଦିରରେ ହୋମ ଓ ଯଜ୍ଞ ମଧ୍ୟରେ ବିଧିପୂର୍ବକ ପୂଜାର୍ଚ୍ଚନା ସହିତ ପଣା ଓ ଚଣାଭୋଗ ଲାଗି କରାଯାଇଥିଲା। ସନ୍ଧ୍ୟାରେ ମନ୍ଦିରମାନଙ୍କରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଗହଣରେ ଆଳତି ଅନୁଷ୍ଠିତ ହୋଇଥିଲା। ବୃକ୍ସହିଲସ୍ଥିତ ହନୁମାନ ମନ୍ଦିରରେ ସନ୍ଧ୍ୟାରେ ମହାଆଳତି ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ତାଙ୍କ ସ୍ତ୍ରୀ ଡ. ମୃଦୁଳା ଠାକୁର ପ୍ରଧାନ, ବିଧାୟକ ଜୟନାରାୟଣ ମିଶ୍ର, ଭାଜପା ସମ୍ବଲପୁର ଜିଲା ସଭାପତି ଗିରିଶ ପଟେଲ ପ୍ରମୁଖ ଭାଗନେଇଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ପୂଜାର୍ଚ୍ଚନା ପୂର୍ବକ ହନୁମାନଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ। ଏଥିପାଇଁ ମନ୍ଦିର ନିକଟରେ ବ୍ୟାପକ ପୋଲିସ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ସମ୍ବଲପୁର ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରତିଷେଧମୂଳକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସହରର ବିଭିନ୍ନ ଛକରେ ବ୍ୟାପକ ପୋଲିସ ମୁତୟନ କରାଯାଇ କଡ଼ା ନଜର ରଖାଯାଇଛି। ସମଗ୍ର ସହରରେ ସିଆର୍‌ପିଏଫ୍ ଯବାନଙ୍କ ସହିତ ୧୫ ପ୍ଲାଟୁନ୍ ପୋଲିସ ବାହିନୀଙ୍କୁ ବିଭିନ୍ନ ସ୍ଥାନରେ ମୁତୟନ କରାଯାଇଛି। ଆରକ୍ଷୀ ଅଧୀକ୍ଷକ ମୁକେଶ ଭାମୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨ ଜଣ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଓ ୮ ଜଣ ଡିଏସ୍‌ପି ପାହ୍ୟା ପୋଲିସ ଅଧିକାରୀ ସୁରକ୍ଷା ବ୍ୟବସ୍ଥା ପରିଚାଳନା ଦାୟିତ୍ୱରେ ରହିଛନ୍ତି।

# ଶ୍ରୀମନ୍ଦିର ସିଂହଦ୍ୱାରରେ ପ୍ରତିହାରୀ ସେବା ଆରମ୍ଭ

## ଅଣହିନ୍ଦୁଙ୍କ ପ୍ରବେଶ ରୋକିବେ

ପୁରୀ,୧୪।୪(ଅଜିତ୍ ମହାନ୍ତି)



ସିଂହଦ୍ୱାର ସମ୍ମୁଖରେ ନିୟୋଜିତ ହୋଇଥିବା ଜଣେ ପ୍ରତିହାରୀ ସେବକ ଶ୍ରଦ୍ଧାଳୁଙ୍କ ମଥାରେ ବେତବାଡ଼ି ରଖି ଆଶୀର୍ବାଦ ପ୍ରଦାନ କରୁଛନ୍ତି।

ପବିତ୍ର ମହାବିଷୁବ ସଂକ୍ରାନ୍ତି ରବିବାରଠାରୁ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପ୍ରତିହାରୀ ସେବା ଆରମ୍ଭ ହୋଇଛି। ପ୍ରତିହାରୀ ସେବକମାନେ ଶ୍ରୀମନ୍ଦିରକୁ ଅଣହିନ୍ଦୁଙ୍କ ପ୍ରବେଶ ରୋକିବେ। କୌଣସି ଅଣହିନ୍ଦୁ ଯେପରି ଶ୍ରୀମନ୍ଦିରରେ ପ୍ରବେଶ ନ କରନ୍ତି ସେଥିଲାଗି ସିଂହଦ୍ୱାର ସମ୍ମୁଖରେ ପ୍ରତିହାରୀ ସେବକ ନିୟୋଜିତ ରହି ତଦାରଖ କରିବେ। ପ୍ରଥମ ଦିନରେ ସକାଳୁ ଦ୍ୱାରଫିଟା ଓ ପରେ ସନ୍ଧ୍ୟାରେ ସନ୍ଧ୍ୟା ଆଳତି ସମୟରେ ଦୁଇଜଣ ଲେଖାଏ ପ୍ରତିହାରୀ ସେବାୟତ ନିୟୋଜିତ ହୋଇଥିଲେ।

ଏନେଇ ବରିଷ୍ଠ ପ୍ରତିହାରୀ ସେବକ ଗୌରୀଶଙ୍କର ପ୍ରତିହାରୀ କହିଛନ୍ତି, ଶ୍ରୀମନ୍ଦିର ଭିତରେ ପ୍ରତିହାରୀ ସେବକମାନେ ସେବା କରୁଛନ୍ତି। ତେବେ ଅନେକ ଦିନ ହେବ ସିଂହଦ୍ୱାରଠାରେ ପ୍ରତିହାରୀ ସେବା ବନ୍ଦ ହୋଇଯାଇଥିଲା। ରବିବାରଠାରୁ ପୁଣି ଏହି ସେବା ଆରମ୍ଭ ହୋଇଛି, ଯାହା ଖୁସିର କଥା। ମୁଖ୍ୟତଃ ଭକ୍ତଙ୍କ ସୁରକ୍ଷା ଓ ଶୃଙ୍ଖଳିତ ଭାବେ ଦର୍ଶନ ବ୍ୟବସ୍ଥା କରାଇବା ପ୍ରତିହାରୀ ସେବକଙ୍କ ମୂଳ ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଛନ୍ତି। ସେହିପରି ନିଯୋଗର ସମ୍ପାଦକ ରାମନାରାୟଣ ଗୋଛିକାରଙ୍କ ସୂଚନା ଅନୁଯାୟୀ, ଅତୀତରେ ପ୍ରତିହାରୀ ସେବକମାନେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମେତ ଶ୍ରୀମନ୍ଦିର ସୁରକ୍ଷା ଦାୟିତ୍ୱ ନିର୍ବାହ କରୁଥିଲେ। କାଳକ୍ରମେ ଶ୍ରୀମନ୍ଦିର ସିଂହଦ୍ୱାରରେ ପ୍ରତିହାରୀ ସେବା ବନ୍ଦ ହୋଇଯାଇଥିଲା। ତେବେ ଶ୍ରୀମନ୍ଦିର ଭିତରେ ଓ ରଥଯାତ୍ରାବେଳେ ପ୍ରତିହାରୀ ସେବକମାନେ ମହାପ୍ରଭୁଙ୍କୁ ସେବା ଯୋଗାଇଆସୁଛନ୍ତି। ଶ୍ରୀମନ୍ଦିର ସମ୍ମୁଖରେ ପୋଲିସ କର୍ମଚାରୀ ନିୟୋଜିତ ହେଉଥିଲେ ମଧ୍ୟ ଅନେକ ସମୟରେ ଅଣହିନ୍ଦୁମାନେ ସୁରକ୍ଷାବଳୟ ଭେଦି ଶ୍ରୀମନ୍ଦିରରେ ପ୍ରବେଶ କରୁଥିବା ଦେଖିବାକୁ ମିଳୁଛି। ତେଣୁ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପ୍ରତିହାରୀ ସେବକଙ୍କୁ ନିୟୋଜିତ କରାଯିବାକୁ ସ୍ଥିର ହୋଇଥିଲା। ଏନେଇ ନିଯୋଗରେ ବିଚାରବିମର୍ଶ ପରେ ଶ୍ରୀମନ୍ଦିର ପ୍ରଶାସନ ସହ ଆଲୋଚନା କରାଯାଇଥିଲା। ଶ୍ରୀମନ୍ଦିର ପ୍ରଶାସନ ସହଯୋଗରେ ପ୍ରତିହାରୀ ନିଯୋଗ ପକ୍ଷରୁ ଏହି ସେବା ଆରମ୍ଭ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏବେ ସେବା ପୁନଃ ଆରମ୍ଭ ହୋଇଥିବାରୁ ପ୍ରତିହାରୀ ସେବକଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି।

# ଖଣ୍ଡା ବୁଲାଇଲେ ଭାଜପା ଲୋକ ସଭା ପ୍ରାର୍ଥୀ

ସରଣ୍ଡା,୧୪।୪(ଯୁଧିଷ୍ଠିର ମହାପାତ୍ର)

## ଗୋଡ଼ଭଗାରେ ହନୁମାନ ଜୟନ୍ତୀ ଶୋଭାଯାତ୍ରା

ବରଗଡ଼ ଜିଲା ଅତାବିରା ଥାନା ଗୋଡ଼ଭଗାରେ ରବିବାର ହନୁମାନ ଜୟନ୍ତୀ ପାଳିତ ହୋଇଛି। ତେବେ ଏହି ଅବସରରେ ବାହାରିଥିବା ଶୋଭାଯାତ୍ରାରେ ଭାଜପାର ବରଗଡ଼ ଲୋକ ସଭା ପ୍ରାର୍ଥୀ ପ୍ରଦୀପ ପୁରୋହିତ ଏବଂ ଅତାବିରା ବିଧାନସଭା ପ୍ରାର୍ଥୀ ନୀହାର ରଞ୍ଜନ ମହାନନ୍ଦ ଖଣ୍ଡା ବୁଲାଇବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଗୋଡ଼ଭଗା ଛକରୁ ଶୋଭାଯାତ୍ରା ବାହାରି ଫାଣ୍ଡିଛକ ନିକଟ ହନୁମାନ ମନ୍ଦିରରେ ପହଞ୍ଚିଥିଲା । ସେଠାରେ ବିଧି ଅନୁଯାୟୀ ପୂଜାର୍ଚ୍ଚନା ପରେ ଶୋଭାଯାତ୍ରା ଆଗକୁ ବଢ଼ିଥିଲା। ଏହି ସମୟରେ ଶୋଭାଯାତ୍ରାରେ ସାମିଲ ହୋଇଥିବା ପୁରୋହିତ ଏବଂ ମହାନନ୍ଦ ଖଣ୍ଡା ବୁଲାଇଥିଲେ। ଏ ସମ୍ପର୍କରେ ଲୋକ ସଭା ପ୍ରାର୍ଥୀ ପୁରୋହିତଙ୍କୁ ପଚାରିବାରୁ ବଜରଙ୍ଗବଲୀଙ୍କ ଜୟନ୍ତୀରେ ଖଣ୍ଡା ପ୍ରଦର୍ଶନ ପରମ୍ପରା ରହିଛି। ସେହି ପରମ୍ପରା ଦୃଷ୍ଟିରୁ ଖଣ୍ଡା ବୁଲାଇଥିଲେ ବୋଲି ସେ କହିଛନ୍ତି । ଅନ୍ୟପଟେ ଭାଜପାର ଅତାବିରା ବିଧାନସଭା ପ୍ରାର୍ଥୀ ମହାନନ୍ଦଙ୍କୁ ତାଙ୍କ ମୋବାଇଲ ନମ୍ବର ୯୯୩୭୦୬୦୬୬୬ରେ ଯୋଗାଯୋଗ କରାଯାଇଥିଲା। ରିଂଗ ହେବା ସତ୍ତ୍ୱେ ସେ ରିସିଭ ନ କରିବାରୁ ପ୍ରତିକ୍ରିୟା ମିଳି ପାରିନାହିଁ।



ବରଗଡ଼ ଜିଲା ଗୋଡ଼ଭଗା ହନୁମାନ ଜୟନ୍ତୀ ଶୋଭାଯାତ୍ରାରେ ପ୍ରଦୀପ ପୁରୋହିତ ଖଣ୍ଡା ବୁଲାଉଛନ୍ତି।

# ପାଣିରୁ ମାଇକ୍ରୋପ୍ଲାଷ୍ଟିକ୍ ଅଲଗା କରିବ ହାଇଡ୍ରୋଜେଲ୍

## ଭାରତୀୟ ବୈଜ୍ଞାନିକଙ୍କ ସଫଳତା

ବେଙ୍ଗାଲୁରୁ,୧୪।୪

ଆମେ ପିଉଥିବା ଜଳରେ ପ୍ରଚୁର ମାଇକ୍ରୋପ୍ଲାଷ୍ଟିକ୍ ଶରୀର ମଧ୍ୟକୁ ଯାଇ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରୁଛି। ଏହି କଣିକାଗୁଡ଼ିକର ଆକାର ୫ ମିଲିମିଟରରୁ କମ୍। ଏହି ପ୍ଲାଷ୍ଟିକ୍ ପ୍ରଦୂଷଣ ସମସ୍ୟାରୁ ବର୍ତ୍ତିବା ଲାଗି ବେଙ୍ଗାଲୁରୁର ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ (ଆଇଆଇଏସ୍‌ସି)ର ବୈଜ୍ଞାନିକମାନେ ଏକ ସ୍ଥାୟୀ ହାଇଡ୍ରୋଜେଲ୍‌ର ଡିଜାଇନ୍ କରିଛନ୍ତି। ଏହା ଜଳରୁ ମାଇକ୍ରୋପ୍ଲାଷ୍ଟିକ୍‌କୁ ଅଲଗା କରିବ। ହାଇଡ୍ରୋଜେଲ୍‌ର ଅନନ୍ୟ ତଥା ପରସ୍ପର ଯୋଡ଼ିହୋଇ ରହିଥିବା ପଲିମର ନେଟ୍‌ୱର୍କ ପ୍ରଦୂଷଣକାରୀ ପଦାର୍ଥକୁ ଏକାଠି କରିପାରେ ଓ ଅତିବାଇଗଣି ଆଲୋକ ବିକିରଣ ବ୍ୟବହାର କରି ସେଗୁଡ଼ିକୁ ମିଳାଇଦେଇଥାଏ। ପୂର୍ବରୁ ବୈଜ୍ଞାନିକମାନେ ପାଣିରୁ ମାଇକ୍ରୋପ୍ଲାଷ୍ଟିକ୍ ଅଲଗା କରିବା ପାଇଁ ଫିଲ୍ଟର ମେମ୍ବ୍ରେନ୍ ବ୍ୟବହାର କରୁଥିଲେ। ତେବେ ଉକ୍ତ ମେମ୍ବ୍ରେନ୍‌ଗୁଡ଼ିକ ସୂକ୍ଷ୍ମ କଣିକା ସଂସ୍ପର୍ଶରେ ଆସି ଅବରୋଧ ହୋଇଯାଉଥିବାରୁ ତାହା ଅଦରକାରୀ ହୋଇଯାଇଥାଏ। ଆଇଆଇଏସ୍‌ସି ମ୍ୟାଟେରିଆଲ ଇଞ୍ଜିନିୟରିଂର ପ୍ରଫେସର ସୂର୍ଯ୍ୟସାରଥି ବୋଷଙ୍କ ନେତୃତ୍ୱରେ ଏକ ଟିମ୍ ମାଇକ୍ରୋପ୍ଲାଷ୍ଟିକ୍ ସମସ୍ୟାର ସମାଧାନ ପାଇଁ ୩ଡି ହାଇଡ୍ରୋଜେଲ୍‌ର ଡିଜାଇନ କରିଛନ୍ତି।

# ଦନ୍ତା ଆକ୍ରମଣରେ ୨ ବୃଦ୍ଧାଙ୍କ ମୃତ୍ୟୁ

କାମାକ୍ଷାନଗର,୧୪।୪(ସୁଧୀର କୁମାର ପରିଡା)/ରାସୋଳ,(ସରୋଜ କୁମାର ମିଶ୍ର)

ଢେଙ୍କାନାଳ ଜିଲାର ଭିନ୍ନ ଭିନ୍ନ ସ୍ଥାନରେ ରବିବାର ହାତୀ ଆକ୍ରମଣରେ ୨ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, କାମାକ୍ଷାନଗର ପୂର୍ବାଞ୍ଚଳ ରେଞ୍ଜ କନ୍ଦରା ଫରେଷ୍ଟ ସେକ୍ସନ ଗୋବରୀ ଗ୍ରାମ ନିକଟ ଚାଙ୍ଗୁରିଆପାଳ ଜଙ୍ଗଲକୁ ମହୁଲଫୁଲ ଗୋଟାଇବା ପାଇଁ ଯାଇଥିବାବେଳେ ମହାବିରୋଡ୍ ଥାନା ବାମ ପଞ୍ଚାୟତ ଗୋବରୀ ମୁଣ୍ଡାସାହିର ସୁରୁ ମୁଣ୍ଡ(୬୧)ଙ୍କୁ ଏକ ଦନ୍ତା ହାତୀ ଶୁଣ୍ଢରେ ଟେକି କଚାଡି ମାରିଦେଇଥିଲା। ଖବରପାଇ ମହାବିରୋଡ୍ ପୋଲିସ ଏବଂ ବନକର୍ମଚାରୀ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ ଜାରି ରଖିଛନ୍ତି। ସେହିପରି ହିନ୍ଦୋଳ ବନାଞ୍ଚଳ ବୁହାଳିପାଳ ଗ୍ରାମରେ ହନ୍ତାହାତୀ ଆକ୍ରମଣରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ମୃତା ହେଲେ ହିନ୍ଦୋଳ ବନାଞ୍ଚଳ ରାସୋଳ ଥାନା ବୁହାଳିପାଳ ଗ୍ରାମର ଜାଇଗ ନାଏକ(୮୦)। ସେ ସକାଳେ ଶୌଚ ପାଇଁ ଯାଇଥିବାବେଳେ ଏକ ହାତୀ ତାଙ୍କୁ ପାଦରେ ଦଳି ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

# ବଜରଙ୍ଗ ଦଳ ଶୋଭାଯାତ୍ରା ବେଳେ ଉତ୍ତେଜନା

ବାଲେଶ୍ୱର(ମାନସ ବିଶ୍ୱାଳ)/ରେମୁଣା (ରବୀନ୍ଦ୍ର ମହାକୁଡ଼),୧୪।୪



ଉତ୍ତେଜନାସ୍ଥଳରେ ମୁତୟନ ହୋଇଥିବା ପୋଲିସ।

■ଗୋଷ୍ଠୀ ସଂଘର୍ଷରେ ୫୦ରୁ ଉର୍ଦ୍ଧ୍ୱ ଆହତ
■ଢେଲା ପଥରମାଡ଼, ପୋଲିସ କର୍ମଚାରୀଙ୍କୁ ଆକ୍ରମଣ
■୧୪୪ ଜାରି କଲା ପ୍ରଶାସନ

ବାଲେଶ୍ୱର ଜିଲା ରେମୁଣା ଏନ୍‌ଏସି ଅନ୍ତର୍ଗତ ଗନିପୁର ଗ୍ରାମର ବାଲିପାଟଣା ପ୍ରାଥମିକ ବିଦ୍ୟାଳୟ ନିକଟରେ ବଜରଙ୍ଗ ଦଳର ଶୋଭାଯାତ୍ରା ବେଳେ ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏଥିରେ ୫୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ଆହତମାନେ ସ୍ଥାନୀୟ ପ୍ରାଥମିକ ଚିକିତ୍ସାଳୟରେ ଚିକିତ୍ସିତ ହୋଇଛନ୍ତି। ଉତ୍ତେଜନା ଲାଗି ରହିଥିବାରୁ ଘଟଣାସ୍ଥଳରେ ୪ ପ୍ଲାଟୁନ ପୋଲିସ ମୁତୟନ ହେବା ସହ ଜିଲା ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରାଯାଇଛି।

ସୂଚନା ଅନୁଯାୟୀ, ହିନ୍ଦୁ ନବ ବର୍ଷ ଅବସରରେ ରବିବାର ବଜରଙ୍ଗ ଦଳ ପକ୍ଷରୁ ଏକ ଶୋଭାଯାତ୍ରା କ୍ଷୀରଚୋରା ମନ୍ଦିର ଛକରୁ ବାହାରି ଥିଲା। ଏହି ଶୋଭାଯାତ୍ରା ଗନିପୁର ହୋଇ ପୁଟପୋଖରୀସ୍ଥିତ କନକ ଦୁର୍ଗା ମନ୍ଦିର ନିକଟରେ ଶେଷ ହେବା ନେଇ ପୂର୍ବରୁ ନିର୍ଦ୍ଧାରିତ ହେବା ସହ ସ୍ଥାନୀୟ ପୋଲିସଠାରୁ ଅନୁମତି ମଧ୍ୟ ନିଆଯାଇଥିଲା। ଅପରାହ୍ନ ୪ଟା ସମୟରେ ଶୋଭାଯାତ୍ରା ଗନିପୁର ବସ୍ତି ମଧ୍ୟରେ ପ୍ରବେଶ କରିବା ପରେ ବାଲିପାଟଣା ପ୍ରାଥମିକ ବିଦ୍ୟାଳୟ ନିକଟରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକେ ଏହି ଶୋଭାଯାତ୍ରାର ସାଉଣ୍ଡକୁ କମାଇବା ପାଇଁ କହିଥିଲେ। ଏପରିକି ସେମାନେ ବଳପୂର୍ବକ ମାଇକ୍ ବନ୍ଦ କରିବାକୁ ଉଦ୍ୟମ କରିଥିଲେ। ଏନେଇ ଶୋଭାଯାତ୍ରା ସେଠାରେ ଅଟକି ଯାଇଥିଲା। ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକେ ଉତ୍ତେଜିତ ହୋଇ ଶୋଭାଯାତ୍ରାକାରୀମାନଙ୍କ ଉପରକୁ ଢେଲାପଥର ମାଡ଼ ଆରମ୍ଭ କରିଥିଲେ। ପରେ ଉଭୟ ପକ୍ଷ ଢେଲାପଥର ମାଡ଼ କରିଥିଲେ। ଫଳରେ ବ୍ୟାପକ ଭଙ୍ଗାରୁଜା ହୋଇଥିବା ବେଳେ ପୋଲିସ କର୍ମଚାରୀଙ୍କ ସମେତ ଉଭୟ ଗୋଷ୍ଠୀର ୫୦ରୁ ଅଧିକ ଆହତ ହୋଇଛନ୍ତି। ଉତ୍ତେଜନା ବୃଦ୍ଧି ପାଇବାରୁ ଘଟଣାସ୍ଥଳରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ଖବରପାଇ ଆଇଜି ଦୀପକ କୁମାର, ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଉପରେ ନଜର ରଖିଛନ୍ତି। ଘଟଣା ପରେ ଗନିପୁର ବସ୍ତିରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିବା ବେଳେ ଆକ୍ରମଣକାରୀଙ୍କୁ ଖୋଜା ଚାଲିଛି। ଏନେଇ କୌଣସି ପୋଲିସ ଅଧିକାରୀଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ।

ସମଗ୍ର ସୃଷ୍ଟି ଭିତରେ ଭଗବାନଙ୍କର ଅନନ୍ତ କୃପା ଅଦୃଶ୍ୟରେ ରହି ପୃଥିବୀ ପୃଷ୍ଠରେ ପ୍ରତି ମୁହୂର୍ତ୍ତରେ କାର୍ଯ୍ୟ କରି ଚାଲିଛି। ତାହା ଫଳରେ ପୃଥିବୀ ବହୁ ଦୁଃଖ, ବିପଦ, ଅଜ୍ଞାନ ଓ ନିର୍ବୋଧତା କବଳରୁ ରକ୍ଷା ପାଇପାରୁଛି। -ଶ୍ରୀମା

-ଶ୍ରୀ ଶ୍ରୀ ଲିଙ୍ଗରାଜ ଦେବଙ୍କ ରଥ ପ୍ରତିଷ୍ଠା ଓ ବାସନ୍ତୀକ ଶ୍ରୀଦୁର୍ଗାଦେବ୍ୟାଃ ମହାଷ୍ଟମୀ ପୂଜା



# ଯୁଦ୍ଧାଭିମୁଖୀ

ଦୁଇବର୍ଷ ପୂର୍ବେ ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ଏବଂ ଗତବର୍ଷ ୭ ଅକ୍ଟୋବରରେ ଇସ୍ରାଏଲ-ହମାସ ଯୁଦ୍ଧର ପରିଣତି ବିଶ୍ୱ ଦେଖିଚାଲିଛି। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ୧୩ ଏପ୍ରିଲ ୨୦୨୪ରେ ଇସ୍ରାଏଲ ଉପରେ ଇରାନ୍‌ର ଡ୍ରୋନ୍ ଆକ୍ରମଣ ପୃଥିବୀବାସୀଙ୍କ ପାଇଁ ଘୋର ଚିନ୍ତା ଆଣିଦେଇଛି। ଅତୀତକୁ ଦେଖିଲେ ଯେତେବେଳେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଘନଘଟା ଦେଖାଦେଇଛି ତାହା ସମ୍ପୃକ୍ତ ଅଞ୍ଚଳରେ ସୀମିତ ନ ରହି ବିଶ୍ୱ ଭୂଖଣ୍ଡକୁ ପରିବ୍ୟାପ୍ତ କରିଛି। ଏବର ଭୂରାଜନୈତିକ ସ୍ଥିତିକୁ ଦେଖିଲେ ଇସ୍ରାଏଲକୁ ସମର୍ଥନ କରିବା ଲାଗି ଆମେରିକା, ବ୍ରିଟେନ, ଫ୍ରାନ୍ସ ଭଳି ଦେଶ ଆଗଭର ହୋଇଛନ୍ତି। ସେପଟେ ହମାସକୁ ସମର୍ଥନ କରିଆସୁଥିବା ଇରାକ୍, ଆଫଗାନିସ୍ତାନ, ୟେମେନ୍, କାତାର, ଲେବାନନ୍, ସାଉଦି ଆରବ ପରି ରାଷ୍ଟ୍ର ଏଭଳି ସ୍ଥିତିରେ ଇରାନ୍‌କୁ ସମର୍ଥନ କରିବାର ସମ୍ଭାବନା ଦେଖାଦେଉଛି। ତେଣୁ ଇସ୍ରାଏଲ ଓ ଇରାନ୍ ଅସ୍ତ୍ରଶସ୍ତ୍ର ବ୍ୟବହାରରେ ସଂଯମ ରକ୍ଷା ନ କଲେ ବିଶ୍ୱ ଯୁଦ୍ଧାଭିମୁଖୀ ହେବାର ଆଶଙ୍କା ଉପୁଜିଲାଣି।

ଇସ୍ରାଏଲ ଓ ଇରାନ୍ ଦଶନ୍ଧିବ୍ୟାପୀ ଛାୟାଯୁଦ୍ଧରେ ଲିପ୍ତ ଅଛନ୍ତି। ତାହା ସ୍ଥଳ, ଜଳ, ଆକାଶଠାରୁ ଆରମ୍ଭ କରି ସାଇବର ସ୍ପେସ୍‌ରେ ଲାଗି ରହିଛି। କିନ୍ତୁ ଏବେ ପ୍ରଥମ ଥର ପାଇଁ ଇରାନ୍ ସିଧାସଳଖ ଇସ୍ରାଏଲ୍ ଉପରେ ଆକ୍ରମଣ କରିଛି। ଚଳିତ ମାସ ୧ ତାରିଖରେ ଇସ୍ରାଏଲ ସୈନ୍ୟ ସିରିଆ ରାଜଧାନୀ ଡାମାସ୍କସରେ ଥିବା ଇରାନ୍ ଦୂତାବାସ ନିକଟ କନ୍‌ସୁ୍ୟଲେଟ ଆନେକ୍ସ ବିଲ୍ଡିଂ ଉପରେ ଆକ୍ରମଣ କରି ତାହାକୁ ଧ୍ୱଂସ କରିଦେଇଥିଲା। ଏଥିରେ ଇରାନ୍‌ର ଇସ୍‌ଲାମିକ ରିଭୋଲ୍ୟୁଶନାରୀ ଗାର୍ଡ କର୍‌ର ଦୁଇ ବରିଷ୍ଠ କମାଣ୍ଡର ଓ ୭ ଜଣ ସୈନ୍ୟଙ୍କ ସମେତ ମୋଟ ୧୬ ଜଣଙ୍କ ପ୍ରାଣହାନି ଘଟିଥିଲା। ଏଥିରେ ପ୍ରତିଶୋଧପରାୟଣ ହୋଇ ଇସ୍ରାଏଲ୍ ଉପରେ ଇରାନ୍ ଆକ୍ରମଣ କରିଥିବା କହିଛି। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁ ଇରାନ୍ ଆକ୍ରମଣର ପ୍ରତ୍ୟୁତ୍ତର ଦେବାକୁ ଯାଇ କହିଛନ୍ତି, ତାଙ୍କ ଦେଶ ପ୍ରତିରକ୍ଷା ହେଉ ବା ଆକ୍ରମଣାତ୍ମକ ସ୍ଥିତିର ମୁକାବିଲା କରିବା ଲାଗି ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି। ତାଙ୍କ ରାଷ୍ଟ୍ର ଓ ଦେଶବାସୀ ଶକ୍ତିଶାଳୀ ଅଛନ୍ତି। ଆମେରିକା, ବ୍ରିଟେନ୍ ଓ ଫ୍ରାନ୍ସ ତାଙ୍କ ସମର୍ଥନରେ ଥିବାରୁ ନେତନ୍ୟାହୁ ପୁଣି କହିଛନ୍ତି, ଯେକେହି ତାଙ୍କର କ୍ଷତି କରିବ, ସେ ମଧ୍ୟ ସେମାନଙ୍କର କ୍ଷତି କରିବେ। ଏଠାରେ ମନେପଡ଼େ, ହମାସ ଯେତେବେଳେ ଇସ୍ରାଏଲ୍ ଉପରେ ଆକ୍ରମଣ କରିଥିଲା ସେତେବେଳେ ନେତନ୍ୟାହୁ ଘୋର ପ୍ରତିଶୋଧ ନେବେ ବୋଲି କହିଥିଲେ ଏବଂ ପରବର୍ତ୍ତୀ ସମୟରେ ତାହା କାର୍ଯ୍ୟରେ ଦେଖାଇଛନ୍ତି। ଏବର ସ୍ଥିତିରେ ଇସ୍ରାଏଲ୍ ଉପରେ ଇରାନ୍‌ର ସାମରିକ କାର୍ଯ୍ୟାନୁଷ୍ଠାନ ଯଥାର୍ଥ ବୋଲି ଦର୍ଶାଇ ଏହାର ଶୀର୍ଷ ନେତା କହିଛନ୍ତି, ଇହୁଦୀ ଶାସକଙ୍କ ଡାମାସ୍କସ୍‌ସ୍ଥିତ ଇରାନ୍‌ର କୂଟନୈତିକ ପରିସର ଉପରେ ଆକ୍ରମଣର ଏହା ପ୍ରତିଫଳନ। ଏବେ ଘଟଣାକୁ ଏହିଠାରେ ସମାପ୍ତ କରାଯାଇପାରେ। ଇସ୍ରାଏଲ ଯଦି ପୁନଶ୍ଚ ଆକ୍ରମଣ କରେ, ତେବେ ଇରାନ୍ ଯଥେଷ୍ଟ ଭାବେ ଭୟଙ୍କର ହୋଇଯିବ। ଏହା ଇସ୍ରାଏଲ ଓ ଇରାନ୍ ମଧ୍ୟରେ ଏକ ଦ୍ୱନ୍ଦ୍ୱ। ଏଥିରୁ ଆମେରିକା ଦୂରେଇ ରହିବା ଉଚିତ ବୋଲି ତେହେରାନ୍ କର୍ତ୍ତୃପକ୍ଷ ସତର୍କ କରାଇ ଦେଇଛନ୍ତି। ତେବେ ଇରାନ୍‌ର ଏଭଳି ମନ୍ତବ୍ୟ ଆଗକୁ କେଉଁଭଳି ସ୍ଥିତି ସୃଷ୍ଟି କରିବ ତାହା ପରେ ଜଣାପଡ଼ିବ।

ଇସ୍ରାଏଲ ଉପରେ ଇରାନ୍ ଆକ୍ରମଣକୁ ବିଶ୍ୱ ନେତାମାନେ ନିନ୍ଦା କରିଥିବା ବେଳେ ଭାରତ ପାଇଁ ଏହି ଯୁଦ୍ଧ ଚିନ୍ତାର କାରଣ ପାଲଟିଛି। ୧୩ ଏପ୍ରିଲରେ ଇରାନ୍‌ର ରିଭୋଲ୍ୟୁଶନାରୀ ଗାର୍ଡ ଇସ୍ରାଏଲ ସ୍ୱୀକୃତିପ୍ରାପ୍ତ ଏକ ମାଲବାହୀ ଜାହାଜକୁ ହୋର୍‌ମୁଜ୍ ପ୍ରଣାଳୀରୁ ଜବତ କରିଛି। ସେଥିରେ ଥିବା ୨୫ କର୍ମଚାରୀଙ୍କ ମଧ୍ୟରେ ୧୭ ଜଣ ଭାରତୀୟ ରହିଛନ୍ତି। ସେମାନଙ୍କ ମୁକ୍ତି ଲାଗି ଇରାନୀୟ କର୍ତ୍ତୃପକ୍ଷଙ୍କ ସହ ଭାରତର କୂଟନୈତିକ ଯୋଗାଯୋଗ ଜାରି ରହିଥିବା ସରକାରୀ ଭାବେ କୁହାଯାଇଛି। ସେପଟେ ଇସ୍ରାଏଲରେ ନିର୍ମାଣ କାର୍ଯ୍ୟରେ ନିୟୋଜିତ ୫ ହଜାରରୁ ଅଧିକ ଭାରତୀୟଙ୍କ ଭବିଷ୍ୟତ ଅନ୍ଧାର ଭିତରକୁ ଠେଲି ହୋଇଯାଇଛି। ଇରାନ୍-ଇସ୍ରାଏଲ୍ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିବାରୁ ଉଭୟ ଦେଶକୁ ନ ଯିବା ପାଇଁ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏହାର ନାଗରିକମାନଙ୍କୁ ଚେତାବନୀ ଦିଆଯାଇଛି। ଏଥିରୁ ସ୍ପଷ୍ଟ ହୋଇଯାଉଛି ଯେ, ମଧ୍ୟପ୍ରାଚ୍ୟରେ ସଦ୍ୟ ଦେଖାଦେଇଥିବା ଅଶାନ୍ତ ସ୍ଥିତି ଖୁବ୍ ଶୀଘ୍ର ପ୍ରଶମିତ ନ ହେଲେ ତାହା ବିଶ୍ୱ ପରିକ୍ରମା କରି ଭୂରାଜନୈତିକ, ଅର୍ଥନୈତିକ ଏବଂ କୂଟନୈତିକ କ୍ଷେତ୍ରରେ ଅସ୍ୱାଭାବିକ ପରିଣତି ଆଣିପାରେ।

**ମଧ୍ୟପ୍ରାଚ୍ୟରେ ସଦ୍ୟ ଦେଖାଦେଇଥିବା ଅଶାନ୍ତ ସ୍ଥିତି ଖୁବ୍ ଶୀଘ୍ର ପ୍ରଶମିତ ନ ହେଲେ ତାହା ବିଶ୍ୱ ପରିକ୍ରମା କରି ଭୂରାଜନୈତିକ, ଅର୍ଥନୈତିକ ଏବଂ କୂଟନୈତିକ କ୍ଷେତ୍ରରେ ଅସ୍ୱାଭାବିକ ପରିଣତି ଆଣିପାରେ।**

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | 9 | |
| | | 9 | 6 | | 3 | 5 | | |
| | 8 | | | | | 6 | 4 | |
| | | | | | | | | |
| | | | | 8 | 7 | 4 | | |
| | | 6 | | 5 | | 3 | 1 | |
| 2 | 7 | | | | | | | |
| 8 | | | | 1 | 4 | 7 | | |
| 1 | | | | 2 | | | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 1 | 2 | 5 | 3 | 8 | 6 | 9 | 4 |
| 3 | 8 | 6 | 1 | 4 | 9 | 5 | 7 | 2 |
| 4 | 9 | 5 | 7 | 2 | 6 | 8 | 1 | 3 |
| 2 | 5 | 8 | 4 | 9 | 1 | 7 | 3 | 6 |
| 9 | 6 | 4 | 2 | 7 | 3 | 1 | 8 | 5 |
| 1 | 7 | 3 | 6 | 8 | 5 | 2 | 4 | 9 |
| 8 | 2 | 1 | 3 | 6 | 4 | 9 | 5 | 7 |
| 5 | 4 | 7 | 9 | 1 | 2 | 3 | 6 | 8 |
| 6 | 3 | 9 | 8 | 5 | 7 | 4 | 2 | 1 |

ଗତକାଲିର ଉତ୍ତର



ଚିତ୍ର-ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

# ସ୍ମାର୍ଟ ପିଲାଙ୍କ ମାଆବାପା

ଅଳ୍ପଦିନ ତଳେ ରାଜଧାନୀର ଏକ ନାମୀଦାମୀ ଇଂରାଜୀ ସ୍କୁଲର ବାର୍ଷିକ ଉତ୍ସବ ଅବସରରେ ଆୟୋଜିତ ହୋଇଥିଲା ଏକ ଅଭିନବ କାର୍ଯ୍ୟକ୍ରମ। ଷ୍ଟାଣ୍ଡାର୍ଡ ଥ୍ରୀ ଶ୍ରେଣୀର ପିଲାମାନଙ୍କୁ ନିଜ ମାଆବାପାଙ୍କ ସମ୍ପର୍କରେ ଦୁଇପଦ କଥା ରଖିବାକୁ କୁହାଯାଇଥିଲା। ବିନା କୌଣସି ପୂର୍ବ ସୂଚନାରେ ଅବା ପୂର୍ବ ପ୍ରସ୍ତୁତିରେ ସେମାନେ ଅକସ୍ମାତ୍ ବୟାନ ରଖିବା ଥିଲା କୋମଳମତି ଶିଶୁମାନଙ୍କ ପାଇଁ ଏକ କଠିନ ମୁହୂର୍ତ୍ତର ବିଷମ ପରୀକ୍ଷା। ଆଠ ନଅ ବର୍ଷ ବୟସର ପିଲାମାନେ ସେମାନଙ୍କ ମାତାପିତାଙ୍କୁ ଯେମିତି ଚିହ୍ନିଛନ୍ତି, ତାହାକୁ ସର୍ବଜନ ସମ୍ମୁଖରେ ଉପସ୍ଥାପନ କରିବା ଏକ ସହଜ କାର୍ଯ୍ୟ ନ ଥିଲା। ତଥାପି ସେମାନଙ୍କୁ ସ୍ମାର୍ଟ ଭାବେ ଗଢ଼ି ତୋଳିବାକୁ ଲକ୍ଷାଧିକ ଟଙ୍କା ବିନିମୟରେ ବିଦ୍ୟାଳୟ ଯେଉଁ ଦାୟିତ୍ୱ ବହନ କରିଛି, ସେଇ ଦାୟିତ୍ୱକୁ ସୂଚାରୁରୂପେ ନିର୍ବାହ କରିବାକୁ କାର୍ଯ୍ୟକ୍ରମଟି ଥିଲା ଏକ ଭିନ୍ନ ଧରଣର ପ୍ରଚେଷ୍ଟା।

କେତେକ ସ୍ମାର୍ଟ ପିଲା ନିଜ ମାଆବାପାଙ୍କ ଗୁଣ କୀର୍ତ୍ତନ କଲେ ବହୁ ଭାବେ ନିଜ ଦୈନନ୍ଦିନ ଅନୁଭୂତିରୁ ବହୁ ଘଟଣା ଉଲ୍ଲେଖ କରି। ଏହି ଅଭିନବ କାର୍ଯ୍ୟକ୍ରମଟି ସୂଚାରୁ ରୂପେ ସଂଚାଳିତ ହୋଇ ଏକ ରୋଚକ ମୋଡ଼ରେ ପହଞ୍ଚି ଥିବା ବେଳେ ଅଚାନକ ଜଣେ ସ୍ମାର୍ଟ ବୟଙ୍କ ଏକ ବିଚିତ୍ର ବକ୍ତବ୍ୟ ଅତ୍ୟନ୍ତ ହାଲୁକା ପରିବେଶକୁ ଗମ୍ଭୀର ସ୍ଥିତିକୁ ନେଇ ଯାଇଥିଲା। ବାଳସୁଲଭ ବକ୍ତବ୍ୟ ତ ନୁହେଁ, ନିଜ ମାଆବାପାଙ୍କ ବିରୋଧରେ ଏକ ଅଜବ ଅଭିଯୋଗ, ଯାହା ବୟସ୍କଙ୍କ ବିଚାରରେ ଅର୍ଥହୀନ କହି ଏଡ଼ାଇ ହେବ ନାହିଁ। ପିଲାଟିର ସ୍ୱର ଶୁଭୁଥିଲା ରାଜାଙ୍କ ଦରବାରରେ କୌଣସି ପୀଡ଼ିତ ପ୍ରଜାଙ୍କ ଆକୁଳ ଆବେଦନ ପରି। ସେ କହୁଥିଲା, "ସ୍କୁଲରେ ପାଠପଢ଼ା ତ ସ୍କୁଲରୁ ଯାଇ ଘରେ ପହଞ୍ଚିଲା ପରେ ହୋମ୍‌ଟାସ୍କ। ସ୍କୁଲରେ ସାଙ୍ଗ ଅଛନ୍ତି ଯେ ତାଙ୍କ ସହ ଖେଳିବାକୁ ସମୟ ନାହିଁ। ସ୍କୁଲ ଛୁଟି ପରେ ଘରେ ଯାଇ ପହଞ୍ଚିଲେ ଘର ମେଡ୍ (ଚାକରାଣୀ)ର ନାଲିଆଖି। ବାପା ସେତେବେଳେ ତାଙ୍କ ଅଫିସରେ ତ ମାଆ ତାଙ୍କ ଅଫିସରେ। ସେମାନେ ଘରକୁ ଫେରିଲା ପରେ ଆମ ସହ ଖେଳିବାକୁ ସେମାନଙ୍କର ସମୟ ନାହିଁ। ସାଙ୍ଗ ହୋଇ ଖେଳିବାକୁ ଆଉ କେହି ଭାଇ ଭଉଣୀ ବି ନାହାନ୍ତି।" ପରବର୍ତ୍ତୀ କଥା ଉଚ୍ଚାରିତ ନ ହେଲେ ବି ଶୁଣିଲାବାଲାଙ୍କ କାନରେ ଯେମିତି ପ୍ରତିଧ୍ୱନିତ ହେଉଥିଲା- "ଏଇଟା କି ଜୀବନ!"

ଉପରୋକ୍ତ ଘଟଣାର ଜଣେ ପ୍ରତ୍ୟକ୍ଷଦର୍ଶୀ ବନ୍ଧୁ, ଯିଏ ସେଇ ବିଦ୍ୟାଳୟର ଜଣେ ବିଦ୍ୟାର୍ଥୀଙ୍କ ଜେଜେ ଥିଲେ, ତାଙ୍କ ନିକଟରୁ କଥାଟି ଶୁଣି ଏହି ଲେଖକର ସ୍ମୃତିପଟରେ ଉଜ୍ଜୀବିତ ହୋଇଥିଲା ବହୁବର୍ଷ ତଳେ ଜି-ଟିଭିରେ ପ୍ରଦର୍ଶିତ ହୋଇଥିବା 'ତୀର କମାନ' ନାମକ କାର୍ଯ୍ୟକ୍ରମର କଥାବସ୍ତୁ। ସେଇ ପ୍ରୋଗ୍ରାମରେ ପ୍ରଦର୍ଶିତ ହୋଇଥିଲା ଉଚ୍ଚ ପ୍ରାଥମିକ ଶ୍ରେଣୀରେ ପାଠ ପଢୁଥିବା କିଛି କିଶୋର କିଶୋରୀଙ୍କର ମାତାପିତାଙ୍କ ସମ୍ପର୍କରେ ନିଜ ମନର କଥା। ଏହି ମନର କଥା ମଧ୍ୟରେ ପ୍ରତିଫଳିତ ହୋଇଥିବା ଅଭିଯୋଗ କେବଳ କିଛି କିଶୋରପ୍ରାଣର ଅଭିବ୍ୟକ୍ତି ନ ଥିଲା, ବରଂ ଏହା



ଭିତରୁ ପ୍ରତିଧ୍ୱନିତ ହେଉଥିଲା ଆମ ସାମାଜିକ ଜୀବନ ବିରୋଧରେ ଏକ ଚେତାବନୀ। ଘରର ଗୋପନ କଥା ବା ମାଆବାପାଙ୍କ ଚାଲିଚଳଣକୁ ପଦାରେ ପ୍ରଘଟ ନ କରିବା ଭଳି ଦୁର୍ଭେଦ୍ୟ ବାରଣର କାନ୍ଥ ଭାଙ୍ଗି କିଶୋର କିଶୋରୀଙ୍କ କୋମଳ ମନର ପ୍ରଶ୍ନ ଲକ୍ଷ ଲକ୍ଷ ଟିଭି ଦର୍ଶକଙ୍କ ଆଗରେ ପ୍ରକାଶିତ ହେବା ସେତେବେଳେ ଗୋଟାଏ ମାମୁଲି କଥା ନ ଥିଲା।

"ମୋ ବାପା ବିଜନେସ୍ ଟୁର୍‌ରେ ବାହାରକୁ ଗଲାବେଳେ ମାଆ କାହିଁକି ତାଙ୍କ ସହିତ ଯାଆନ୍ତି? ଘରେ ହାଉସ୍ ବୟ ଓ ମେଡ୍‌ଙ୍କ ହେପାଜରେ ମୋତେ ଛାଡ଼ି ବାହାରେ ରହିଥିବା ବେଳେ ମୋ କଥା ସେମାନଙ୍କର କ'ଣ ମନେପଡ଼େନା! ମୋତେ କିନ୍ତୁ ସେମାନଙ୍କ କଥା ମନେ ପଡ଼ି କାନ୍ଦ ଲାଗେ, ଭାରି ଏକା ଏକା ଲାଗେ!"

"ମୋ ବାପା ବହୁତ ସିଗାରେଟ୍ ପିଅନ୍ତି। ଟିଭିରୁ ଦେଖିଛି ଓ ଶୁଣିଛି, ସିଗାରେଟ୍ ପିଇଲେ ମଣିଷକୁ କ୍ୟାନ୍‌ସର ହୁଏ ଓ ସେ ଅକାଳରେ ମୃତ୍ୟୁବରଣ କରେ। ତେବେ ମୋ ବାପା ସିଗାରେଟ୍ ପିଉଛନ୍ତି କାହିଁକି? ତାଙ୍କୁ ଯଦି କ୍ୟାନ୍‌ସର ହୋଇଯାଏ, ତେବେ ମୋର ଓ ମାଆଙ୍କର କ'ଣ ହେବ!"

"ବାପା ମାଆ ଆମକୁ ସବୁବେଳେ ମିଛ ନ କହିବା ପାଇଁ ଶିଖାଉଛନ୍ତି। ମିଛ କହିଲେ ଲୋକେ ଘୃଣା କରନ୍ତି ବୋଲି କହନ୍ତି। ତେବେ ବାପାଙ୍କୁ କେହି ଦେଖାକରିବାକୁ ଆସିଲେ ସେ ଘରେ ଥାଇ ମଧ୍ୟ 'ବାପା ନାହାନ୍ତି' ବୋଲି କହିଦେବାକୁ ଆମକୁ ତାଗିଦା କରିଦିଅନ୍ତି କାହିଁକି?"

"ପ୍ରତି ରାତିରେ ବାପା ମାଆ ଆମକୁ କହନ୍ତି- ଶୀଘ୍ର ଶୋଇଯାଅ। ସହଳ ଶୋଇ ସହଳ ଉଠିଲେ ସ୍ୱାସ୍ଥ୍ୟ ଭଲ ରହିବ। କିନ୍ତୁ ସେମାନେ ନିଜେ ବିଳମ୍ବିତ ରାତିଯାଏଁ ଟିଭି ଦେଖି ଡେରିରେ ଶୁଅନ୍ତି କାହିଁକି?"

"ସଫଳତା ପାଇବାକୁ ମାଆବାପା ଆମକୁ ପୁରସ୍କାରର ଲୋଭ ଦେଖାନ୍ତି। 'ତୁ ଏଥର ପରୀକ୍ଷାରେ ଫାଷ୍ଟ ହେଲେ ତୋତେ ଆଗ୍ରାର ତାହମହଲ ଦେଖାଇ ଆଣିବି। ତୁମେ ଡିବେଟ୍‌ରେ ପ୍ରଥମ ହେଲେ ତୁମ ପାଇଁ ସାଇକେଲ କିଣିଦେବି।' ବାସ୍, ଏତିକି। ସଫଳତା ପାଇଲା ପରେ ସେମାନେ ଦେଇଥିବା ପ୍ରତିଶ୍ରୁତି ଭୁଲିଯାଆନ୍ତି। ମନେ ପକାଇଦେଲେ ବିଭିନ୍ନ ଆଳ ଦେଖାଇ ପୁଣି ଭୁଲିଯାଆନ୍ତି କିପରି?"

"ଅନ୍ୟ ପିଲାମାନଙ୍କ ସହ ତୁଳନା କରି ଆମ ମାଆବାପା ଆମକୁ ନେଇ ସୁଖୀ ହୋଇପାରନ୍ତିନି। ସେ ଏମିତି କଲା, ତୁମେ ସେମିତି କରିପାରିଲନି କାହିଁକି? ସେ ପରୀକ୍ଷାରେ ନବେ ପର୍ସେଣ୍ଟ ରଖିଲା, ତୁମର ଅଣାନବେ ପର୍ସେଣ୍ଟ ହେଲା କାହିଁକି? ଆମ ମାଆବାପାଙ୍କୁ ଆମେ କେମିତି ବୁଝାଇବୁ ଯେ କେହି କାହା ଭଳି ନୁହନ୍ତି। ନରେନ୍ଦ୍ର ଦତ୍ତଙ୍କ ସହପାଠୀ ବିବେକାନନ୍ଦ ହୋଇପାରିଲେ ନା ଶାସ୍ତ୍ରୀଙ୍କ ସହ ପାଠ ପଢୁଥିବା ସାଙ୍ଗ ଦେଶର ପ୍ରଧାନମନ୍ତ୍ରୀ ହୋଇପାରିଲେ!"

ନିଜ ଝିଅପୁଅଙ୍କ ଚେହେରା ମାୟାଦର୍ପଣରେ ପ୍ରତିଫଳିତ ହେବାକୁ ଆବେଗର ସହ ଅପେକ୍ଷା କରିଥିବା ମାଆବାପାମାନେ ନିଜ ପିଲାମାନଙ୍କ ସ୍ପଷ୍ଟୋକ୍ତିରେ ଆହ୍ଲାଦିତ ହୋଇ ନ ଥିବେ ନିଶ୍ଚୟ। କେବଳ ସେମାନେ ନୁହନ୍ତି, ସେହି କାର୍ଯ୍ୟକ୍ରମଟି ଦେଖିଥିବା ଦେଶର ବିଭିନ୍ନ ପ୍ରାନ୍ତର ମାଆବାପାମାନେ ମନେମନେ ପ୍ରମାଦ ଗଣୁଥିବେ- କେଉଁଠି ସେମାନଙ୍କ ସନ୍ତାନଗଣ ତାଙ୍କ ବିରୋଧରେ ଏମିତି ଅଭିଯୋଗ ବାଢ଼ି ବସୁ ନ ଥିବେ ତ! ସେମାନଙ୍କ ପିଲାମାନଙ୍କର କୋମଳ ମନକୁ ଆନ୍ଦୋଳିତ କଲା ଭଳି କିଛି ଆଚରଣ ସୃଷ୍ଟି କରିନାହାନ୍ତି ତ? କିଛି ସମୟ ପାଇଁ ସଭିଏଁ ଆତ୍ମସମୀକ୍ଷାରେ ବ୍ୟସ୍ତ ହୋଇ ପଡ଼ିବେ।

ଏ ତ ଗଲା ସେତେବେଳର କଥା। ମାତ୍ର ଏବେ ଯେମିତି ନିଜ ପିଲାମାନଙ୍କୁ ଉଗ୍ର ଆଧୁନିକତାର ପ୍ରବହମାନ ସ୍ରୋତରେ ଭସାଇ ନେବାକୁ ଜୋରସୋର ପ୍ରତିଯୋଗିତା ଲାଗିଛି। ଲକ୍ଷାଧିକ ଟଙ୍କାର ଆଡ୍‌ମିଶନ ଫି ନେଉଥିବା ମଡର୍ନ ସ୍କୁଲରେ ପାଠ ପଢ଼ାଇବାକୁ ଯେଉଁଠି ଷ୍ଟାଟସ୍ ସିମ୍ବଲ ଭାବେ ବିବେଚନା କରାଯାଉଛି, ସେଠି ସେମାନଙ୍କୁ ସର୍ବଜନ ସମ୍ମୁଖରେ ଘରକଥା ପଦାରେ ପକାଇଲା ଭଳି ସ୍ମାର୍ଟ ବୟ ବା ସ୍ମାର୍ଟ ଗାର୍ଲଟିଏ ହେବାର ଦେଖିବାକୁ କୁଣ୍ଠା ବା କାର୍ପଣ୍ୟ କାହିଁକି!

ଦିନ ଥିଲା, ମାଆ ପ୍ରାର୍ଥନା ବୋଲୁଥିଲେ- 'ଦୁଃଖୀ ଅରକ୍ଷିତ ସେବା କାରଣେ, ବଳ ଦିଅ ମୋର କର ଚରଣେ।' ମାଆଙ୍କ କଣ୍ଠ ସହ ନିଜ କଣ୍ଠ ମିଳାଇ ପ୍ରାର୍ଥନା ବୋଲୁଥିବା ପିଲାଟି ପରଦିନ ସ୍କୁଲ ପ୍ରାଙ୍ଗଣରେ ନିଜ ଟିଫିନ ବାକ୍ସରୁ ଅଧା ଟିଫିନ ପାଖରେ ଛିଡ଼ା ହୋଇ ଚାହିଁ ରହିଥିବା ଦରିଦ୍ର ପିଲାଟିକୁ ଦେଇ ତୃପ୍ତ ହେଉଥିଲା ଓ ଘରକୁ ଫେରି ମାଆକୁ କହୁଥିଲା ମାଆ! ଆଜି ସ୍କୁଲରେ ଜଣେ ଗରିବ ପିଲାକୁ ମୋ ଟିଫିନ୍‌ରୁ ଅଧା ଦେଇ ଦେଇଛି। ପୁଅର ଏହି ସହୃଦୟତା ପାଇଁ ତା' ପିଠି ଥାପୁଡ଼ାଇ ଦେବା ପରିବର୍ତ୍ତେ ମାଆ ଗର୍ଜି ଉଠୁଥିଲେ- ସେଭଳି ଇତର ପିଲାମାନଙ୍କ ସହ ତୋର କି ସମ୍ପର୍କ! ଖବରଦାର୍, ଏଣିକି ସେମିତି କଲେ ତୋ' ଟିଫିନ୍ ପୂରା ବନ୍ଦ କରିଦେବି। ପିଲାଟି କାଲି ସନ୍ଧ୍ୟାରେ ଦୁଃଖୀଜନଙ୍କ ସେବା କରିବାକୁ ପ୍ରାର୍ଥନା ବୋଲୁଥିବା ମାଆଙ୍କ ଭିନ୍ନ ଏକ ରୂପ ଦେଖି ଚକିତ ହେଉଥିଲା। କେଉଁଟା ଠିକ୍, କେଉଁଟା ଭୁଲ୍ ବୁଝି ନ ପାରି ସେ ନିରବୀ ଯାଉଥିଲା।

ଏବେ କିନ୍ତୁ ସମୟ ବଦଳିଛି। ପିଲାଟି ସ୍ମାର୍ଟ ହୋଇଛି। ମାଆବାପାଙ୍କ ଉଚ୍ଚାରଣ ଓ ଆଚରଣ ମଧ୍ୟରେ ଗୁରୁତର ବୈଷମ୍ୟ ଲକ୍ଷ୍ୟ କଲେ ସେ ପ୍ରଶ୍ନ କରିବାର ଅଧିକାର ଓ ସାହସ ଅର୍ଜନ କରିଛି। ତା' ବୟସଠୁଁ ତାକୁ ଅଧିକ ବେଗରେ ଦୌଡ଼ାଉ ଥିବା ତଥା ଆଧୁନିକତାର ଗଣଦୌଡ଼ରେ ତା'ର ଚିକିପାଦ ଦିଓଟିକୁ ପ୍ରତିଯୋଗୀ ସଜାଇଥିବା ମାଆବାପାମାନଙ୍କୁ ତା' ପ୍ରଶ୍ନର ଉତ୍ତର ଦେବାକୁ ହିଁ ପଡ଼ିବ। ଆଜି ନ ହେଲେ କାଲି!

**ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର,
ଚକେଇସିହାଣି, ଭୁବନେଶ୍ୱର-୧୦
ମୋ: ୮୮୯୫୬୭୨୪୧୦୫**



ଜନାର୍ଦ୍ଦନ ବନ୍ଦ୍ୟୋପାଧ୍ୟାୟ

# ଗଣତାନ୍ତ୍ରିକ ଏକଚ୍ଛତ୍ରବାଦ

ଗଣତନ୍ତ୍ର ଏବଂ ଏକଚ୍ଛତ୍ରବାଦ ଦୁଇଟି ବିପରୀତବୋଧକ ଶବ୍ଦ ହୋଇଥିଲେ ମଧ୍ୟ ସମୟ ସମୟରେ ଗଣତନ୍ତ୍ରର ଖୋଳପା ପିନ୍ଧି ସଂଖ୍ୟାଗରିଷ୍ଠତାକୁ ଆଶ୍ରୟ କରି ଏକଚ୍ଛତ୍ରବାଦର ଅଭ୍ୟୁଦୟ ଘଟିଥାଏ। ଭ୍ଲାଡିମିର ପୁଟିନ୍ ଏବଂ ଶି ଜିନ୍‌ପିଙ୍ଗଙ୍କ ଭଳି ଏକଚ୍ଛତ୍ରବାଦୀ ଶାସକମାନେ ପ୍ରଥମେ ଗଣତାନ୍ତ୍ରିକ ପଦ୍ଧତି ଅବଲମ୍ବନ କରି ଶାସନ କ୍ଷମତା ହାସଲ କରିଛନ୍ତି, ପରେ ଗଣତନ୍ତ୍ରର ହତ୍ୟାକରି ଏକଚ୍ଛତ୍ରବାଦୀ ହୋଇଛନ୍ତି। ଏହାକୁ ଦଳୀୟ ଏକଚ୍ଛତ୍ରବାଦ ମଧ୍ୟ କୁହାଯାଏ। ସଂଖ୍ୟାଗରିଷ୍ଠ ଶାସକ ଦଳର ନେତା ନାନା କୌଶଳ ଅବଲମ୍ବନ କରି ବିରୋଧୀ ଜନମତକୁ ନୀରବ ଅଥବା ନିଶ୍ଚିହ୍ନ କରିଦିଅନ୍ତି -ଯାହା ଚାଇନା ଅଥବା ରୁଷିଆରେ ଘଟିଛି। କୁହାଯାଏ ଭାରତୀୟ ପାର୍ଲାମେଣ୍ଟରେ ଦୁଇ ତୃତୀୟାଂଶ ଅଥବା ତତୋଽଧିକ ସଭ୍ୟଙ୍କ ସମର୍ଥନ ହାସଲ କରିଥିବା ପ୍ରଧାନମନ୍ତ୍ରୀ ପୃଥିବୀର ଯେକୌଣସି ଦେଶର ଶାସକଙ୍କ ଅପେକ୍ଷା ବହୁଗୁଣ ଅଧିକ ଶକ୍ତିଶାଳୀ, ସେ ସଂଖ୍ୟାଗରିଷ୍ଠତା ବଳରେ ଦେଶର ସମ୍ବିଧାନକୁ ମଧ୍ୟ ବଦଳେଇ ଦେଇପାରନ୍ତି। ଆମ ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ସଂଖ୍ୟାଗରିଷ୍ଠ ସରକାରଙ୍କ ମନମୁଖି କାର୍ଯ୍ୟକଳାପକୁ ନିୟନ୍ତ୍ରିତ କରିବା ନିମନ୍ତେ ସୁପ୍ରିମକୋର୍ଟ ଏକ ରକ୍ଷାକବଚ ଭଳି କାର୍ଯ୍ୟ କରିଥାନ୍ତି। ସୁପ୍ରିମକୋର୍ଟର ବିଚାରପତିମାନେ ପ୍ରଧାନ ବିଚାରପତିଙ୍କ ଅଧ୍ୟକ୍ଷତାରେ ଗଠିତ ଗୋଟିଏ କଲେଜିୟମ୍ ଦ୍ୱାରା ନିଯୁକ୍ତ ହୋଇଥାନ୍ତି। ନିକଟ ଅତୀତରେ କେନ୍ଦ୍ର ସରକାରଙ୍କ ଦ୍ୱାରା ବିଚାରପତିମାନଙ୍କ ନିଯୁକ୍ତି କ୍ଷେତ୍ରରେ ହସ୍ତକ୍ଷେପ କରିବା ପ୍ରୟାସକୁ ପ୍ରଧାନ ବିଚାରପତିଙ୍କ ଦୃଢ଼ ବିରୋଧ ହେତୁ ରୋକି ଦିଆଯାଇପାରିଛି। ଆମ ସଂଘୀୟ ବ୍ୟବସ୍ଥାରେ ସିବିଆଇ, ଇଡି, (ଏନ୍‌ଫୋର୍ସ ଡିପାର୍ଟମେଣ୍ଟ), ଇସି(ଇଲେକଶନ୍ କମିଶନ) ଭଳି ସଂସ୍ଥାଗୁଡ଼ିକୁ ନିରପେକ୍ଷ ଏବଂ ସରକାରୀ ନିୟନ୍ତ୍ରଣ ଊର୍ଦ୍ଧ୍ୱରେ ରହି କାର୍ଯ୍ୟକରିବା ବିଧେୟ। କିନ୍ତୁ ସିବିଆଇ ଏବଂ ଇଡି ସମ୍ପୂର୍ଣ୍ଣ ରୂପେ କେନ୍ଦ୍ର ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥିବାରୁ ସଂଖ୍ୟାଗରିଷ୍ଠ ସରକାର ସେଗୁଡ଼ିକର ଦୁରୁପଯୋଗ କରି ବିରୋଧୀ ଦଳର ନେତାମାନଙ୍କୁ ହଇରାଣହରକତ କରିବାର ଅଭିଯୋଗ ଲୋକଲୋଚନକୁ ଆସୁଛି। ସଂଘୀୟ ବ୍ୟବସ୍ଥାରେ ରାଜ୍ୟପାଳଙ୍କର ନିରପେକ୍ଷ ଭୂମିକା ଏବଂ ସାମ୍ବିଧାନିକ ମର୍ଯ୍ୟାଦା ରହିଛି, ମାତ୍ର ରାଜ୍ୟପାଳ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ ଏବଂ ନିୟନ୍ତ୍ରିତ ହେଉଥିବାରୁ ସଂଖ୍ୟାଗରିଷ୍ଠ ସରକାର ଏହାର ଦୁରୁପଯୋଗ କରି ବିରୋଧୀ ଦଳର ରାଜ୍ୟ ସରକାରମାନଙ୍କର ପତନ ଘଟାଇବା, ନୂତନ ସରକାର ଗଠନରେ କେନ୍ଦ୍ର ସରକାରଙ୍କ ସପକ୍ଷରେ କାର୍ଯ୍ୟ କରିବାର ଅଭିଯୋଗ ଦେଶର ପତ୍ରପତ୍ରିକାରେ ଆଲୋଚିତ ହୋଇ ଆସୁଛି। ସେହିପରି ଦେଶର ଇଲେକ୍ସନ କମିଶନ୍ ଏକ ମର୍ଯ୍ୟାଦାଜନକ ସଂସ୍ଥା, ଯାହାର ନିରପେକ୍ଷତା ଉପରେ ଗଣତନ୍ତ୍ରର ସୁରକ୍ଷା ନିର୍ଭର କରୁଛି। ଏହାକୁ ନିଶ୍ଚିତ କରିବା ଉଦ୍ଦେଶ୍ୟରେ ପୂର୍ବ ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ ମୁଖ୍ୟ ନିର୍ବାଚନ କମିଶନର ଏବଂ ଅନ୍ୟ ଦୁଇଜଣ କମିଶନରଙ୍କୁ ଗୋଟିଏ ସର୍ବୋଚ୍ଚ ଚୟନ ସଂସ୍ଥା ଯଥା ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି, ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟ ବିରୋଧୀ ଦଳର ନେତାଙ୍କୁ ନେଇ ଗଠିତ କମିଟି ସହମତିରେ ଅଥବା ସଂଖ୍ୟାଗରିଷ୍ଠ ମତରେ ନିଯୁକ୍ତ କରିବା ପରମ୍ପରା ରହି ଆସିଛି। ସମ୍ପ୍ରତି କେନ୍ଦ୍ର ସରକାର ଲୋକ ସଭାରେ ଗୋଟିଏ ବିଲ୍ ପାସ୍ କରିଛନ୍ତି, ଯାହାଦ୍ୱାରା ଉକ୍ତ କମିଟିରୁ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତିଙ୍କୁ



ବାଦ୍ ଦିଆଯାଇ ତାଙ୍କ ସ୍ଥାନରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ମନୋନୀତ ଜଣେ କ୍ୟାବିନେଟ୍ ମନ୍ତ୍ରୀଙ୍କୁ ସ୍ଥାନିତ କରାଯିବାର ବ୍ୟବସ୍ଥା ହୋଇଛି। ସଂଖ୍ୟାଗରିଷ୍ଠତା ବଳରେ ଏହି ବିଲ୍ ପାରିତ ହୋଇଯିବାରୁ ନିର୍ବାଚନ କମିଶନଙ୍କ ନିରପେକ୍ଷତାକୁ କୁଠାରାଘାତ କଲାଭଳି ହେଲା, କାରଣ ଇଲେକ୍ସନ କମିଶନର କୌଣସି ସଭ୍ୟଙ୍କ ନିଯୁକ୍ତି କ୍ଷେତ୍ରରେ ମତାନ୍ତର ଘଟିଲେ ପ୍ରଧାନମନ୍ତ୍ରୀ ଏବଂ କ୍ୟାବିନେଟ୍ ମନ୍ତ୍ରୀ ଏକତ୍ର ହୋଇ ବିରୋଧୀ ଦଳ ସଭ୍ୟଙ୍କ ମତାମତକୁ ଉଦ୍ଦେଶ୍ୟମୂଳକ ଭାବରେ ଅଗ୍ରାହ୍ୟ କରିଦେଇପାରିବେ, ଫଳରେ କମିଶନ ତାହାର ନିରପେକ୍ଷ ଭୂମିକା ହରାଇବାକୁ ବାଧ ହେବ। ସମ୍ପ୍ରତି ଏହି କ୍ରମରେ ମୁଖ୍ୟ ନିର୍ବାଚନ କମିଶନର ଏବଂ ଅନ୍ୟଜଣେ କମିଶନରଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ଏସବୁ ଦେଖି ମନେହେଉଛି ଆମ ଦେଶର ଗଣତନ୍ତ୍ର ରୁଷିଆ ଏବଂ ଚାଇନା ଭଳି ଦଳୀୟ ଏକଚ୍ଛତ୍ରବାଦ ଆଡକୁ ଅଗ୍ରସର ହେଉଛି। ଏହାର ଏକ ସମ୍ଭାବ୍ୟ ପ୍ରତିକାର ହେଲା ଦେଶର ରାଷ୍ଟ୍ରପତିଙ୍କ ଭୂମିକାକୁ ଅପେକ୍ଷାକୃତ ଶକ୍ତିଶାଳୀ ଏବଂ ନିରପେକ୍ଷ କରିବାର ବ୍ୟବସ୍ଥା କରିବା। କାରଣ ସମସ୍ତ ଶାସନ ରାଷ୍ଟ୍ରପତିଙ୍କ ନାମରେ ଚାଲୁଥିଲେ ମଧ୍ୟ ପ୍ରକୃତରେ କେନ୍ଦ୍ରରେ ସମାସୀନ ସଂଖ୍ୟାଗରିଷ୍ଠ ସରକାର ହିଁ ସମସ୍ତ କ୍ଷମତା ଉପଭୋଗ କରନ୍ତି। ରାଷ୍ଟ୍ରପତି କେବଳ ଗୋଟିଏ ରବର ଷ୍ଟାମ୍ପ ପରି କାର୍ଯ୍ୟ କରନ୍ତି। କିନ୍ତୁ ସ୍ମରଣ ରଖିବାକୁ ହେବ- ରାଷ୍ଟ୍ରପତି କେବଳ ଯେ ଭାରତୀୟ ଗଣତନ୍ତ୍ର ଶାସନର ମୁଖ୍ୟ ତାହା ନୁହେଁ, ସେ ମଧ୍ୟ ଭାରତୀୟ ସଂଘୀୟ ବ୍ୟବସ୍ଥାର ମୁଖ୍ୟ। ବ୍ରିଟିଶ ଗଣତନ୍ତ୍ରରେ ରାଜା ବା ରାଣୀଙ୍କର ସୀମିତ କ୍ଷମତାକୁ ଅନୁସରଣ କରି ଆମ ଦେଶରେ ରାଷ୍ଟ୍ରପତିଙ୍କ ଭୂମିକା ସ୍ଥିରୀକୃତ ହୋଇଛି। ମାତ୍ର ଆମର ରାଷ୍ଟ୍ରପତି ଜଣେ ନିର୍ବାଚିତ ବ୍ୟକ୍ତି ହୋଇଥିବା ବେଳେ ବ୍ରିଟିଶ ଗଣତନ୍ତ୍ରରେ ରାଜା କିମ୍ବା ରାଣୀଙ୍କର ଦେଶ ଉପରେ ଐତିହାସିକ ତଥା ପୁରୁଷାନୁକ୍ରମିକ ଅଧିକାର ରହିଛି। ଲୋକ ସଭାର ସମସ୍ତ ନିର୍ବାଚିତ ସଦସ୍ୟ ଏବଂ ସମସ୍ତ ବିଧାନସଭାର ନିର୍ବାଚିତ ସଭ୍ୟଙ୍କ ସଂଖ୍ୟାଗରିଷ୍ଠ ଆପେକ୍ଷିକ ଗୁରୁତ୍ୱପୂର୍ଣ୍ଣ ବହୁମତରେ ରାଷ୍ଟ୍ରପତି ନିର୍ବାଚିତ ହୁଅନ୍ତି। ଏହି ନିର୍ବାଚନରେ ଲୋକ ସଭାର ସଂଖ୍ୟାଗରିଷ୍ଠ ଦଳର ଭୋଟର ମୂଲ୍ୟ ସର୍ବାଧିକ ହୋଇଥିବାରୁ ପ୍ରଧାନମନ୍ତ୍ରୀ ହିଁ ରାଷ୍ଟ୍ରପତିଙ୍କ ନିର୍ବାଚନରେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି। ତେଣୁ ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀଙ୍କ ପ୍ରତି ଅନୁରକ୍ତ ରହି କାର୍ଯ୍ୟ କରିବା ସ୍ୱାଭାବିକ। ରାଷ୍ଟ୍ରପତି ସଂଘୀୟ ବ୍ୟବସ୍ଥାର ମୁଖ୍ୟ ହୋଇଥିବାରୁ କେବଳ ବିଧାନସଭାଗୁଡ଼ିକର ନିର୍ବାଚିତ ସଭ୍ୟମାନଙ୍କର ସଂଖ୍ୟାଗରିଷ୍ଠ ମତରେ ସେ ନିର୍ବାଚିତ ହେବା ସମୀଚୀନ ମନେହୁଏ। ରାଷ୍ଟ୍ରପତିଙ୍କ ନିର୍ବାଚନରେ ଲୋକ ସଭା ସଭ୍ୟଙ୍କ ମତଦାନ ଏକ ଅନାବଶ୍ୟକ ଦ୍ୱୈତପନ୍ଥା ଛଡ଼ା ଆଉ କିଛି ନୁହେଁ, କାରଣ ବିଧାନସଭାଗୁଡ଼ିକର ନିର୍ବାଚିତ ସଭ୍ୟମାନେ ଯେଉଁ ଜନମଣ୍ଡଳୀର ପ୍ରତିନିଧିତ୍ୱ କରନ୍ତି ଲୋକ ସଭାର ନିର୍ବାଚିତ ସଭ୍ୟମାନେ ମଧ୍ୟ ସେହି ଜନମଣ୍ଡଳୀର ପ୍ରତିନିଧିତ୍ୱ କରିଥାନ୍ତି। ମୋଟ କଥା, ରାଷ୍ଟ୍ରପତିଙ୍କ ଭୂମିକା ଅପେକ୍ଷାକୃତ ଶକ୍ତିଶାଳୀ ଏବଂ ନିରପେକ୍ଷ ହେଲେ ଦେଶର ସାମ୍ବିଧାନିକ ସଂସ୍ଥାଗୁଡ଼ିକ ଉପରେ ତାଙ୍କର ସ୍ୱାଧୀନ ଅଧିକାର ସାବ୍ୟସ୍ତ ହୋଇପାରିବ ବୋଲି ଆଶା। ଦେଶର ସମ୍ବିଧାନ ବିଶେଷଜ୍ଞମାନେ ବିଷୟଟିକୁ ଗୁରୁତ୍ୱ ସହକାରେ ବିଚାର କରିବା ଉଚିତ ବୋଲି ମନେହୁଏ। କହିବା ବାହୁଲ୍ୟ ଉପଯୁକ୍ତ ଚେକ୍ ଆଣ୍ଡ୍ ବାଲାନ୍ସ (ନିୟନ୍ତ୍ରଣ ଓ ସାମଞ୍ଜସ୍ୟ) ନ ରହିଲେ କୌଣସି ଗଣତନ୍ତ୍ର ସୁରକ୍ଷିତ ରହିପାରେ ନାହିଁ।

ମୋ: ୯୪୩୭୨୮୭୯୬୪

## ଏଇ ଭାରତରେ

ଘରର ସୌନ୍ଦର୍ଯ୍ୟ ପାଇଁ ବଗିଚାରେ ସୀମିତ ନରହି ସେଥିରୁ କେମିତି କିଛି ଉତ୍ପାଦନ ହୋଇପାରିବ ତାହା ଉପରେ ଗୁରୁତ୍ୱ ଦିଆଯିବା ଦରକାର। ଗୋଟିଏ କି ଦୁଇ ପ୍ରକାର ନୁହେଁ, ୧୫ ପ୍ରକାରର ମସଲା ଚାଷ କରୁଛନ୍ତି ଉତ୍ତରାଖଣ୍ଡର ଡ. ଅଂଶୁ ରଥ। ସେ ଭାରତରେ ଉତ୍ପାଦନ କରାଯାଉଥିବା ମସଲା ବିଶେଷକରି ହଳଦୀ, ଗୋଲମରିଚ, ଲବଙ୍ଗ, କେସର, ତେଜପତ୍ର, ଗୁଜରାତି, ଅଳେଇଚ, ଲଙ୍କା ଆଦି ମସଲା ଚାଷ କରୁଛନ୍ତି। ହିମାଳୟର ପାଦଦେଶରେ ଅଂଶୁଙ୍କ ଘର। ବୃତ୍ତିରେ ଜଣେ ଡାକ୍ତର ହେଲେ ବି ମସଲା ଚାଷ କରିବାରେ ରୁଚି ରଖିଛନ୍ତି। ସେ ତାଙ୍କ ଅଗଣାରେ ମସଲା ଗଛ ସହିତ ଫଳ, ପରିବା ଆଦି ପାଖାପାଖି ୪୦୦ ଗଛ ଲଗାଇଛନ୍ତି। ତାଙ୍କ ଘର ଅଗଣାରର ୧୫୦୦ ବର୍ଗଫୁଟ ଜାଗାରେ ସେ ଏହି ମସଲା ବଗିଚା କରିଛନ୍ତି। ଏଥିରେ ଅନେକ ପ୍ରକାର ଔଷଧୀୟ ଗଛ ବି ରହିଛି। ସେ ଜୈବିକ ଖତ ଓ କୀଟନାଶକ ପ୍ରସ୍ତୁତ କରି ବ୍ୟବହାର କରୁଛନ୍ତି। ଉତ୍ତରାଖଣ୍ଡର ଜଳବାୟୁ ଏହି ଚାଷ ପାଇଁ ଉପଯାଗୀ ହେଉଛି ବୋଲି କୁହନ୍ତି ୩୬ ବର୍ଷୀୟ ଅଂଶୁ।

## ଚିରନ୍ତନୀ

ମୋରପ୍ରିୟ ସବୁ ଦେଶେ ଅଛି
ସବୁ କାଳେ,
ଅଛି ସମ୍ମୁଖରେ, ଅଛି ଦୂର
ଚକ୍ରବାଳେ,
ଥିଲେ ହେଁ ମୁଁ ଅଙ୍କ ରୂପେ
ଚିରଦିନ ଅନ୍ଧକୂପେ
ତହିଁ ତୋ ଅଧର ହାସ କି
ଆଲୋକ ଢାଳେ!
-(ଚିତ୍ରୋତ୍ପଳା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଶୋଚନୀୟ

ମହାଶୟ,

ପୁରୀ ଜିଲା ସତ୍ୟବାଦୀ (ସାକ୍ଷୀଗୋପାଳ) ବ୍ଲକରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ରାସ୍ତା ରକ୍ଷଣାବେକ୍ଷଣ ଅଭାବରୁ ଶୋଚନୀୟ ହୋଇପଡ଼ିଛି। ଏଥିପ୍ରତି ଦୃଷ୍ଟି ଦିଆଯାଉ ନ ଥିବାରୁ ଜନସାଧାରଣ ସମସ୍ୟାରେ ଅଛନ୍ତି। ବିଡ଼ମ୍ବନାର ବିଷୟ, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ରାସ୍ତା ବିଭିନ୍ନ ସ୍ଥାନରେ ଜଳସେଚନ ବିଭାଗର କେନାଲ ବନ୍ଧ, ନଦୀବନ୍ଧ ଓ ପଞ୍ଚାୟତ ରାସ୍ତା ଦେଇ ଅତିକ୍ରମ କରିଥିଲା। ଏଣୁ ଖରିଫ ଋତୁରେ କେନାଲ ଜଳ ଯୋଗାଣ ପାଇଁ ଜଳସେଚନ ବିଭାଗର କେନାଲ ସଫେଇ, କେନାଲ ମରାମତି ଓ ସୋଠ ମରାମତି ଇତ୍ୟାଦି କାର୍ଯ୍ୟ ଯୋଗୁ ରାସ୍ତାଗୁଡ଼ିକ ଖାଲଖମାରେ ପରିଣତ ହୋଇଥିଲା। ଏପରିକି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କରେ ଭାରିଯାନ ଚଳପ୍ରଚଳ ହେବାରୁ ରାସ୍ତାଗୁଡ଼ିକର ଅବସ୍ଥା ଖରାପ ହୋଇପଡ଼ିଥିଲା। ରାଧାପାଦ ଦର୍ଶନ ସମୟରେ ସମନ୍ୱୟ ବୈଠକ ପ୍ରସ୍ତୁତି ପରେ ମଧ୍ୟ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ବୈଠକ ନ ହେବାରୁ ବର୍ତ୍ତମାନ ସୁଦ୍ଧା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଶୋଚନୀୟ ହୋଇପଡ଼ିଛି। ସଂପ୍ରତି ଗ୍ରାମାଞ୍ଚଳରେ ଘରେ ଘରେ ପାଇପ୍ ଲାଇନ୍ ବିଛା ଯାଉଥିବାରୁ ଗ୍ରାମ୍ୟ ରାସ୍ତାକୁ ଅନଧିକାର ଭାବେ ଗ୍ରାମ୍ୟ ଜଳ ପରିମଳ ବିଭାଗ ପକ୍ଷରୁ ତାଡ଼ି ପାଇପ୍ ଲାଇନ ପକାଯିବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଭଳି ସ୍ଥିତିରେ ରାସ୍ତାଗୁଡ଼ିକ ନଷ୍ଟ ହେବା ସହିତ ବାରମ୍ବାର ଦୁର୍ଘଟଣା ଘଟୁଛି। ମାତ୍ର କେତେକ ଯନ୍ତ୍ରୀ ଓ କର୍ମଚାରୀ କୁହନ୍ତି, ଠିକାଦାରମାନେ ଲେସ୍ରେ ଟେଣ୍ଡର ନେଇଥିବାରୁ ଜାଣିଶୁଣି କାମରେ ବିଳମ୍ବ କରୁଛନ୍ତି। ବିଭାଗୀୟ ମନ୍ତ୍ରୀ ଓ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

**-ଦେବତିକ୍ତ ମିଶ୍ର, ଦେବଭବନ,
ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସଂକ୍ଷେପରେ**

## ବଡ଼ଗଡ଼ ମା'ମଙ୍ଗଳାଙ୍କ ପୀଠରେ ଝାମୁଯାତ୍ରା

ପୁରୁଣା ଭୁବନେଶ୍ୱର,୧୪।୪(ସୁବାସ ଚନ୍ଦ୍ର ପ୍ରଧାନ): ମହାବିଷୁବ ସଂକ୍ରାନ୍ତି ପାଳନ ଅବସରରେ ବଡ଼ଗଡ଼ ଗ୍ରାମ ସ୍ଥିତ ମା' ମଙ୍ଗଳାଙ୍କ ପୀଠରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଝାମୁଯାତ୍ରାରେ ଅଂଶଗ୍ରହଣ କରିଥିବା ଅଗ୍ନି ଉପାସକଗଣ ସ୍ଥାନୀୟ ଗୋପାଳୁନୀ ଠାକୁରାଣୀଙ୍କ କୁଣ୍ଡରେ ସ୍ନାନ କରି ଗୌରୀ ଠାକୁରାଣୀଙ୍କ ପୀଠରୁ ଆଜ୍ଞାମାଳ ଆଣିଥିଲେ। ଅପରାହ୍ନରେ ମେରୁ ପୂଜା, ନିଆଁ ଖନ୍ଦା ପୂଜା ସମ୍ପନ୍ନ ହୋଇଥିଲା। ୩୦ରୁ ଉର୍ଦ୍ଧ୍ୱ ଉପାସକଗଣ ଶୋଭଯାତ୍ରାରେ ଗ୍ରାମ ପରିକ୍ରମା କରି ଇଷ୍ଟଦେବତା ପତିତପାବନ ଦେବଙ୍କୁ ଦର୍ଶନ କରି ନିଆଁଖନ୍ଦା ଅଭିମୁଖେ ବାହାରିଥିଲେ। ମା'ମଙ୍ଗଳାଙ୍କ ପୀଠରେ ଅଗ୍ନି ପ୍ରଜ୍ୱଳିତ ନିଆଁଖନ୍ଦାରେ ଚାଲିଥିଲେ। ଓଡ଼ିଶା ଖଦୀ ବୋର୍ଡର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟ, ଭାଜପା ବିଧାୟକ ପ୍ରାର୍ଥୀ ବାବୁ ସିଂ, ଭୁବନେଶ୍ୱର ବିଜୁ ଜନତା ଦଳ ସଭାପତି ବିରଞ୍ଚି ନାରାୟଣ ମହାସୁପକାର ପ୍ରମୁଖଙ୍କୁ ଆୟୋଜକ କମିଟିର ମୁଖ୍ୟ ସଂଗ୍ରାମ ମାର୍ଥା ମନ୍ଦିରକୁ ପାଛୋଟି ନେବା ସହ ଉତ୍ତରୀୟ ପ୍ରଦାନ କରିଥିଲେ।

# ଭାଙ୍ଗିପଡ଼ିଲା ସ୍କୁଲ ଆଜବେଷ୍ଟସ୍, ତଳକୁ ଖସି ୬ ଆହତ

ଭୁବନେଶ୍ୱର,୧୪।୪ (ସୂର୍ଯ୍ୟକାନ୍ତ ବେହେରା)



ଭାଙ୍ଗିଯାଇଥିବା ସ୍କୁଲ ଆଜବେଷ୍ଟସ।



ଫସିରହିଥିବା ଅନ୍ୟ ଯୁବତୀ ଓ ପିଲାଙ୍କୁ ଉଦ୍ଧାର କରାଯାଉଛି।

ପରିତ୍ୟକ୍ତ ସ୍କୁଲ ଘରର ଆଜ୍‌ବେଷ୍ଟସ ଉପରେ ବସି ଝାମୁ ଯାତ୍ରା ଦେଖିବା ମହଙ୍ଗା ପଡିଛି। ହଠାତ୍ ଆଜ୍‌ବେଷ୍ଟସ ଭାଙ୍ଗି ପଡିବାରୁ ଏହା ଉପରେ ବସିଥିବା ୬ଜଣ ତଳକୁ ଖସି ଆହତ ହୋଇଛନ୍ତି। କ୍ୟାପିଟାଲ ଥାନା ଅନ୍ତର୍ଗତ କେଦାରପଲ୍ଲି ବସ୍ତିରେ ରବିବାର ଅପରାହ୍ନରେ ଏହି ଘଟଣା ଘଟିଛି। ଆହତମାନଙ୍କ ପରିଚୟ ଜଣାପଡି ନ ଥିବାବେଳେ ସେମାନଙ୍କ ମଧ୍ୟରୁ କେତେଜଣ ନାବାଳକ ଥିବା ସୂଚନା ମିଳିଛି । ଖବର ପାଇ ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନାନୁସାରେ, କେଦାରପଲ୍ଲୀ ବସ୍ତିରେ ଝାମୁଯାତ୍ରା ଦେଖିବାକୁ ପ୍ରବଳ ଜନସମାଗମ ହୋଇଥିଲା। ଭିଡ଼ ଭିତରେ କେତେଜଣ ଯୁବକ, ଯୁବତୀ ଓ ଛୋଟ ପିଲା ଝାମୁଯାତ୍ରା ଦେଖି ନ ପାରି ନିକଟରେ ଥିବା ଏକ ସ୍କୁଲ ଘର ଉପରକୁ ଚଢ଼ି ଯାଇଥିଲେ। ସେଠାରେ ଏକାଠି ବସି ଝାମୁଯାତ୍ରା

### ଝାମୁଯାତ୍ରା ଦେଖିବାବେଳେ ଅଘଟଣ

ଦେଖିଥିଲେ। ଉକ୍ତ ଘରଟି ପରିତ୍ୟକ୍ତ ଅବସ୍ଥାରେ ଥିବାବେଳେ ଆଜ୍‌ବେଷ୍ଟସ୍ ଛପର ବହୁ ପୁରୁଣା ହୋଇଥିବାରୁ ଦୁର୍ବଳ ହୋଇପଡିଥିଲା। ଯାତ୍ରା ସରିଲା ପରେ ସମସ୍ତେ ଉକ୍ତ ଆଜ୍‌ବେଷ୍ଟସ ଉପରେ ଚାଲି ଚାଲି ତଳକୁ ଓହ୍ଲାଇବାକୁ ଯାଉଥିବାବେଳେ ହଠାତ ତାହା ଭାଙ୍ଗି ପଡିଥିଲା। ଫଳରେ ଉପରେ ଚଢିଥିବା ୬ଜଣ ତଳକୁ ଖସି ପଡିଥିବା ବେଳେ ଅନ୍ୟମାନେ ଫସି ରହିଥିଲେ। ଘର ଭିତରେ ପଡି ଚିତ୍କାର କରୁଥିଲେ ମଧ୍ୟ କବାଟ ବନ୍ଦ ଥିବାରୁ ବାହାରକୁ ଆସି ପାରି ନ ଥିଲେ। ଶେଷରେ ଉକ୍ତ ସ୍କୁଲ୍ ଘରର କବାଟ ଭାଙ୍ଗି ସମସ୍ତଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଆହତ ପିଲାଙ୍କ ମଧ୍ୟରେ କାହାର ହାତ ତ ଆଉ କାହାର ମୁଣ୍ଡ ଓ ଶରୀର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିବା ଜଣାପଡିଛି। ଅନ୍ୟପକ୍ଷରେ ଆଜ୍‌ବେଷ୍ଟସ ଉପରେ ଫସି ରହିଥିବା ଅନ୍ୟମାନଙ୍କୁ ଲୋକେ ଅତି ସତର୍କତାର ସହ ଉଦ୍ଧାର କରାଯାଇଥିଲା।

# ନୂଆଗାଁରେ ଓଡ଼ିଆ ନବବର୍ଷ

ପୁରୁଣା ଭୁବନେଶ୍ୱର,୧୪।୪
(ସୁବାସ ଚନ୍ଦ୍ର ପ୍ରଧାନ)

ରାଜଧାନୀ ଉପକଣ୍ଠ ନୂଆଗାଁ ଛକ ନିକଟରେ ଓଡ଼ିଆ ନବ ବର୍ଷ ପାଳିତ ହୋଇଯାଇଛି। ନୂଆଗାଁ ଗ୍ରାମୀଣ ବିକାଶ ମଞ୍ଚ ପକ୍ଷରୁ ବେଲ ପଣା, ଦହି ସରବତି ବଣ୍ଟନ କରାଯିବା ସହ ଅଂଶୁଘାତ ସମ୍ପର୍କରେ ସଚେତନତା କରାଯାଇଥିଲା। ମଞ୍ଚର ସମ୍ପାଦକ ଚିନ୍ମୟନନ୍ଦ ବଡ଼ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉଦ୍‌ଘାଟନ କରିଥିଲେ। ଏଥିରେ ଅନୁଷ୍ଠାନର ସଭାପତି ବସନ୍ତ ବରାଳ, କାର୍ଯ୍ୟକାରୀ ସଭାପତି ସଞ୍ଜୟ ଗିରି, ରଞ୍ଜିତ ମହାନ୍ତି, ତପନ ନାୟକ, ପ୍ରଶମିତା ବେବି ମହାନ୍ତି, ପ୍ରତିମା ଦାସ ମହାନ୍ତି, ପ୍ରକାଶ ରଣା, ସୁକାନ୍ତ ପାତ୍ର, ସୃଷ୍ଟି ପଟ୍ଟନାୟକ, ନିରଞ୍ଜନ ମହାନ୍ତି, ନିକୁଞ୍ଜ ସ୍ୱାଇଁ, ମଧୁସୂଦନ ସାହୁ, ପଦ୍ମାବତୀ ମିଲି ନନ୍ଦ, ମଧୁସ୍ମିତା ସାହୁ, ସଂଘମିତ୍ରା ପଣ୍ଡା, ସୁଜିତ୍ ହରିଚନ୍ଦନ, ରିତା ଏଲି ହରିଚନ୍ଦନ, ବୃନ୍ଦାବନ ସାହୁ, ସୁଧାକର ପଟ୍ଟନାୟକ ପ୍ରମୁଖ ସାମିଲ ହୋଇଥିଲେ।



ନୂଆଗାଁରେ ଓଡ଼ିଆ ନବବର୍ଷ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ଅବସରରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ପଣା ପିଉଛନ୍ତି।

# ତେଲ ଟ୍ୟାଙ୍କରକୁ ପଛରୁ ପିଟିଲା କାର୍; ୨ ଗୁରୁତର



ଭୁବନେଶ୍ୱର,୧୪।୪(ସୂର୍ଯ୍ୟକାନ୍ତ ବେହେରା)

୧୬ନଂ. ଜାତୀୟ ରାଜପଥର ଏମ୍‌ସ ଓଭରବ୍ରିଜ୍ ଉପରେ ରବିବାର ରାତିରେ ଏକ ସଡ଼କ ଦୁର୍ଘଟଣା ହୋଇଛି। ଏଥିରେ ତେଲ ଟ୍ୟାଙ୍କରକୁ ଏକ କାର୍ ଧକ୍କାଦେବାରୁ କାର୍‌ରେ ଥିବା ୨ ଜଣ ଗୁରୁତର ଆହତ ହୋଇଛନ୍ତି। କାର୍ ମାଲିକ ମାନସ ଜେନା ଓ ତାଙ୍କ ଚାଳକଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଏମ୍‌ସ ଡାକ୍ତରଖାନା ପଠାଇଛନ୍ତି। ସୂଚନା ଅନୁସାରେ, ରାତି ପ୍ରାୟ ୧୨ଟାବେଳେ ଭୁବନେଶ୍ୱରରୁ ଖୋର୍ଦ୍ଧା ଅଭିମୁଖେ ଏକ ତେଲ ଟ୍ୟାଙ୍କର ଯାଉଥିଲା। ଏହି ସମୟରେ ଟ୍ୟାଙ୍କରକୁ ପଛପଟୁ ଏକ କାର୍ ଜୋରରେ ଧକ୍କା ଦେଇଥିଲା। ଫଳରେ କାର୍‌ର ଆଗପଟ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ଖବର ପାଇ ଖଣ୍ଡଗିରି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।



ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତାର ରବିବାର ଉଦ୍‌ଯାପନୀ ଉତ୍ସବରେ ପାରମ୍ପରିକ ବେଶ ପୋଷାକରେ ଓଡ଼ିଆଣୀମାନେ।

# ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ଉଦ୍‌ଯାପିତ

ଭୁବନେଶ୍ୱର,୧୪।୪(ଶର୍ମିଷ୍ଠା ପାଣିଗ୍ରାହୀ)

**୨୭ରେ ସମ୍ବର୍ଦ୍ଧିତ ହେବେ ଶ୍ରେଷ୍ଠ ଓଡ଼ିଆଣୀ**

ଓଡ଼ିଆ ନବବର୍ଷ ସନ୍ଧ୍ୟାରେ ମହମହ ବିଷୁବ ପଣାର ମହକ ମଧ୍ୟରେ ଓଡ଼ିଆଣୀମାନେ ପାରମ୍ପରିକ ବେଶ ପୋଷାକ ପରିଧାନ କରି ଜଣକ ପରେ ଜଣେ ଆସୁଥିଲେ ମଞ୍ଚକୁ। ଓଡ଼ିଆ ପରମ୍ପରା ସମ୍ପର୍କିତ ପ୍ରଶ୍ନର ଉତ୍ତର ଦେଇ ବିଦାୟ ନେଉଥିଲେ। ସଂଭାବନା ପକ୍ଷରୁ ଊନବିଂଶ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତାର ରବିବାର ଥିଲା ଉଦ୍‌ଯାପନୀ ଉତ୍ସବର ଶେଷସନ୍ଧ୍ୟା। ମୁଖ୍ୟ ଆକର୍ଷଣ ଓଡ଼ିଆଣୀଙ୍କ ବେଶଭୂଷାର ଚମକ ମଧ୍ୟରେ ଉପସ୍ଥିତ ପ୍ରତ୍ୟେକ ଅତିଥି ଓ ଦର୍ଶକ ହୋଇପଡିଥିଲେ ଓଡ଼ିଆ ମନସ୍କ। ଓଡ଼ିଆଣୀଙ୍କ ବେଶଭୂଷାର ଦକ୍ଷତାର ବିଚାର କରୁଥିଲେ ଚିତ୍ରଶିଳ୍ପୀ ଗଜେନ୍ଦ୍ର ପାଢ଼ୀ, ଅମ୍ବୁଜ ଶତପଥୀ ଏବଂ ଓଡ଼ିଆ ଭାଷା ସାହିତ୍ୟର ପ୍ରଫେସର ଡ. ସନ୍ତୋଷ ତ୍ରିପାଠୀ। ସେହିଭଳି ଦଳଗତ ଆଲୋଚନା ପ୍ରତିଯୋଗିତାରେ ଭାଗ ନେଇ ପ୍ରତିଯୋଗୀମାନେ ସଂକ୍ଷିପ୍ତ ବକ୍ତବ୍ୟ ରଖିଥିଲେ। ଉତ୍ସବରେ ଅତିଥି ଭାବେ ସାହିତ୍ୟିକ ଦାଶ ବେନ୍‌ହୁର, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ରାଜୀବ ଶେଖର ସାହୁ ଏବଂ ୨୦୧୫ର ଶ୍ରେଷ୍ଠ ଓଡ଼ିଆଣୀ ସ୍ୱୟଂପ୍ରଭା ସାହୁ, ୨୦୧୬ର ଶ୍ରେଷ୍ଠ ଓଡ଼ିଆଣୀ ସୌଦାମିନୀ ସାମଲ ଯୋଗଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଶରତ ଚନ୍ଦ୍ର ଭଦ୍ର ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦକ ଦେବ ପ୍ରସାଦ ପରିଜା ପ୍ରାରମ୍ଭିକ ସୂଚନା ପ୍ରଦାନ ଓ ତ୍ରୁଷ୍ଟି ସ୍ମୃତି ମହାନ୍ତି ପରିଚାଳନା କରିଥିଲେ। ସୁଶ୍ରୀ ଅଭୀପ୍‌ସା ଭଞ୍ଜ ଓ ସ୍ୱାତୀ ପଟ୍ଟନାୟକ ଚିତ୍ତାକର୍ଷକ ଓଡ଼ିଶୀ ଓ ଲୋକନୃତ୍ୟ ପରିବେଷଣ କରିଥିଲେ। କଣ୍ଠଶିଳ୍ପୀ ସିଦ୍ଧାନ୍ତ ଶତପଥୀ ଓ ଅନ୍ୟମାନେ ମନଛୁଆଁ ଓଡ଼ିଆ ସଙ୍ଗୀତରେ ଦର୍ଶକଙ୍କୁ ମୋହିତ କରିଥିଲେ। ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତାର ଫଳାଫଳ ଘୋଷଣା ଓ ଶ୍ରେଷ୍ଠ ଓଡ଼ିଆଣୀ ସମ୍ବର୍ଦ୍ଧନା ଉତ୍ସବ ଆସନ୍ତା ୨୭ରେ ସୂଚନା ଭବନ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହେବ ବୋଲି ଘୋଷଣା କରାଯାଇଥିଲା।



ଭୁବନେଶ୍ୱର ୟୁନିଟ-୮ ହନୁମାନ ମନ୍ଦିରରେ ଶ୍ରଦ୍ଧାଳୁମାନେ ଠାକୁରଙ୍କୁ ଦର୍ଶନ କରୁଛନ୍ତି।

# 'ଶିବାଜୀ ହିନ୍ଦୁ ଧର୍ମର ସାଧନା, ସୁରକ୍ଷା କରିଛନ୍ତି'

### ପତଞ୍ଜଳି 'ଛତ୍ରପତି ଶିବାଜୀ ମହାରାଜ କଥା'ର ପଞ୍ଚମ ଦିନ

ଭୁବନେଶ୍ୱର,୧୪।୪
(ଅନୁରାଧା ମହାରଣା)

ହରିଦ୍ୱାରସ୍ଥିତ ପତଞ୍ଜଳି ଯୋଗପୀଠ–୨ର ଯୋଗଭବନରେ ଚାଲିଥିବା ସ୍ୱାମୀ ଗୋବିନ୍ଦଦେବ ଗିରିଙ୍କ 'ଛତ୍ରପତି ଶିବାଜୀ ମହାରାଜ କଥା' ପଞ୍ଚମ ଦିନରେ ପହଞ୍ଚିଛି। ସ୍ୱାମୀ ଗୋବିନ୍ଦଦେବ ଗିରି କହିଛନ୍ତି, ମହାଭାରତ ଅନୁସାରେ ଯେଉଁ ରାଜ୍ୟରେ ଲୋକମାନେ ନିର୍ଭୟରେ ଜୀବନଯାପନ କରନ୍ତି ତାହାହିଁ ଉତ୍ତମ ରାଜ୍ୟ। ପାପୀମାନଙ୍କ ରାଜ୍ୟରେ ଲୋକଙ୍କୁ ଲୁଚିକି ରହିବାକୁ ପଡ଼େ ଏବଂ ମହିଳାମାନେ ଆତ୍ମରକ୍ଷା ପାଇଁ ଭୟଭୀତ ରହିଆନ୍ତି। ଏପରିସ୍ଥଳେ ପାପୀଙ୍କୁ ମୂଳରୁ ନାଶ କରାଯିବା ଆବଶ୍ୟକତା ରହିଛି। ସେହିପରି ଯୋଗଗୁରୁ ରାମଦେବ କହିଛନ୍ତି, ଛତ୍ରପତି ଶିବାଜୀଙ୍କ ଚରିତ୍ର, ବ୍ୟକ୍ତିତ୍ୱ ଏବଂ ସେମାନଙ୍କ ସାଧନା ପାଇଁ ସମଗ୍ର ଦେଶ ନିଜକୁ ଗୌରବାନ୍ୱିତ ମନେକରେ। ସନାତନ ଧର୍ମ ଏବଂ ରାଷ୍ଟ୍ରଧର୍ମର ପ୍ରେରଣା ଦେବାରେ ଶିବାଜୀ ସବୁଠୁ ବଡ଼ ଆଦର୍ଶ ଥିଲେ ବୋଲି ବାବା ରାମଦେବ କହିଛନ୍ତି। ମହାରାଷ୍ଟ୍ରର ଧୁଲେସ୍ଥିତ ଗାଥା ମନ୍ଦିରର ପ୍ରତିଷ୍ଠାତା ପାଣ୍ଡୁରଙ୍ଗ ମହାରାଜ କହିଛନ୍ତି, ଶିବାଜୀ ମହାରାଜ ଉଭୟ ହିନ୍ଦୁ ଧର୍ମର ସାଧନା ଓ ସୁରକ୍ଷା କରିଛନ୍ତି। କାର୍ଯ୍ୟକ୍ରମରେ ଭାରତୀୟ ଶିକ୍ଷାବୋର୍ଡର କାର୍ଯ୍ୟକାରୀ ଅଧିକାରୀ ଏନ୍.ପି. ସିଂହ, ଆଇକ୍ୟୁଏସି ସେଲ୍‌ର ଅଧ୍ୟକ୍ଷ ପ୍ରଫେସର କେ. ଏନ୍. ଏସ୍. ଯାଦବ, ଭାରତ ସ୍ୱାଭିମାନର କେନ୍ଦ୍ରୀୟ ପ୍ରଭାରୀ ସ୍ୱାମୀ ପରମାର୍ଥଦେବ ଓ ପତଞ୍ଜଳି ବିଶ୍ୱବିଦ୍ୟାଳୟର କୁଳାନୁଶାସକ ସ୍ୱାମୀ ଆର୍ଶଦେବ ପ୍ରମୁଖ ଯୋଗଦେଇଥିଲେ।



'ଛତ୍ରପତି ଶିବାଜୀ ମହାରାଜ କଥା' କାର୍ଯ୍ୟକ୍ରମରେ ଅନ୍ୟ ଅତିଥିଙ୍କ ସହ ଯୋଗଗୁରୁ ବାବା ରାମଦେବ ।



ଭୁବନେଶ୍ୱର ବଡଗଡ ମା'ମଙ୍ଗଳା ମନ୍ଦିରରେ ରବିବାର ଅନୁଷ୍ଠିତ ଝାମୁଯାତ୍ରା।



ରସୁଲଗଡ଼ ମା'ମଙ୍ଗଳା ମନ୍ଦିର ।



ରଙ୍ଗମାଟିଆ ମା' ଜାଗୁଳାଇ ମନ୍ଦିର।



ହନୁମାନ ଜୟନ୍ତୀ ଅବସରରେ ୟୁନିଟ୍–୧ସ୍ଥିତ ୧୦୮ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା।



ଭୁବନେଶ୍ୱର ଉପକଣ୍ଠ ପାଇକରାପୁରରେ ମାନସିକଧାରୀମାନେ ଝାମୁ ଚାଲୁଛନ୍ତି।

**TPCODL**

**ବିଶେଷ ସୂଚନା**

ନିୟମିତ ମରାମତି କାର୍ଯ୍ୟ ପାଇଁ ଆଜି ଭୁବନେଶ୍ୱର ସ୍ଥିତ ନିଳାଦ୍ରୀ ବିହାର ଅଞ୍ଚଳରେ ସକାଳ ୯ ଘଟିକାରୁ ଅପରାହ୍ନ ୧ ଘଟିକା ପର୍ଯ୍ୟନ୍ତ, ଗୋଡିବାରି, ଓମ୍ କଟେଜ୍, କଣ୍ଟାବାଡ଼ ଅଞ୍ଚଳରେ ସକାଳ ୭ ଘଟିକାରୁ ଦିନ ୧୧ ଘଟିକା ପର୍ଯ୍ୟନ୍ତ, ଗୋପବନ୍ଧୁ ଏକାଡେମୀ, ମଧୁସୂଦନ ଏକାଡେମୀ, ଆର୍‌ସିଏମ୍ କଲେଜ ଅଞ୍ଚଳ, କଳିଙ୍ଗ ହସ୍ପିଟାଲ ଅଞ୍ଚଳ, ଚୌଧୁରୀ ମାର୍କେଟ୍, କେଦାରପଲ୍ଲୀ ବସ୍ତି ଓ ନନ୍ଦିଘୋଷ ଆପାର୍ଟମେଣ୍ଟ ଅଞ୍ଚଳରେ ସକାଳ ୮ ଘଟିକାରୁ ଦିନ ୧୧ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ। ସେହିପରି ତ୍ରିଲୋଚନ ବିହାର, ଏଳାମ୍ର ବିହାର, ଏବରଙ୍ଗ, ଚାନ୍ଦି ବଜାର, ବୋତଣ୍ଡା, ଓରକଳ, ବୈଷ୍ଣବ ମାତା ବିହାର, ଗୌରୀ ଧାମ, ଆରାଧନା ନଗର, ଗାୟତ୍ରୀ ବିହାର, ଆଦିତ୍ୟ ନଗର, ଗଙ୍ଗାଯମୁନା ଓ ବୀରବନ୍ଧ ଗ୍ରାମ ଅଞ୍ଚଳରେ ସକାଳ ୭.୨୪ ଘଟିକାରୁ ଦିନ ୧୦.୨୪ ଘଟିକା ପର୍ଯ୍ୟନ୍ତ ଏବଂ ଶ୍ରୀରାମ ବଜାର, ବଙ୍ଗାଳୀ ସାହି, ଷ୍ଟେସନ ଗଙ୍ଗ, ରଘୁନାଥପୁର ଓ ନନ୍ଦନକାନନ ଅଞ୍ଚଳରେ ସକାଳ ୮.୩୦ ଘଟିକାରୁ ଅପରାହ୍ନ ୨.୩୦ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ।

**ଅସୁବିଧା ପାଇଁ ଦୁଃଖିତ – ଟିପିସିଓଡିଏଲ୍**

**MCL** **ମହାନଦୀ କୋଲଫିଲ୍ଡସ ଲିମିଟେଡ୍**
(କୋଲ ଇଣ୍ଡିଆ ଲିମିଟେଡ୍ ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା–୭୬୮୦୨୦, ଜିଲ୍ଲା–ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)–୦୬୬୩–୨୫୪୨୪୬୧ ରୁ ୪୬୯, ୱେବ୍‌ସାଇଟ୍ : www.mahanadicoal.in

**ବିଜ୍ଞପ୍ତି**

CMPFO କମିଶନର ପ୍ରଦତ୍ତ ରେଫ୍. ନଂ. CPF/CP/111(26)/Pen/Misc/HQ/Vol-III/520, ତାରିଖ: 25/08/2023 ଚିଠି ଏବଂ ଏହା ପରେ GM(P/PF & Pension), MCL HQଙ୍କ ପ୍ରଦତ୍ତ ବିଜ୍ଞପ୍ତି ରେଫ୍ ନଂ. MCL HQ/PF & PENSION/2023/5945, ତାରିଖ: 09.09.2023 ଅନୁସାରେ MCLର ସମସ୍ତ ପେନସନରମାନଙ୍କୁ ଏତଦ୍ୱାରା ପରାମର୍ଶ ଦିଆଯାଉଛି ଯେ, ଝଞ୍ଜଟମୁକ୍ତ ପତି/ପତ୍ନୀଙ୍କ ପେନସନ ପାଇଁ **ପରିବର୍ତ୍ତିତ PPO (ପେନସନ ପେମେଣ୍ଟ ଅର୍ଡର)** ଜାରି କରିବା ନିମନ୍ତେ ନିମ୍ନଲିଖିତ ଡକ୍ୟୁମେଣ୍ଟସ୍/ବିବରଣୀମାନ ଜମା କରିବା ଆବଶ୍ୟକ:–

**1.** ସଠିକ୍ ଭାବରେ ପୂରଣ କରାଯାଇଥିବା ଆବେଦନପତ୍ର , **2.** ପତି/ପତ୍ନୀଙ୍କ ନାମ ଏବଂ ଯୁଗ୍ମ ଫଟୋଗ୍ରାଫ (୩ଟି), **3.** ପତି/ପତ୍ନୀଙ୍କ ସହ 'ଫର୍ମର ବା ସରଭାଇବର' ମୋଡ ରେ କାର୍ଯ୍ୟକ୍ଷମ ଥିବା ପେନସନରଙ୍କ ବିଦ୍ୟମାନ ବ୍ୟାଙ୍କ ଆକାଉଣ୍ଟ, **4.** ସ୍ୱସ୍ୱାକ୍ଷରିତ ଉଭୟ ନିଜର ଏବଂ ପତି/ପତ୍ନୀଙ୍କ ଆଧାର କାର୍ଡ ଏବଂ PAN କାର୍ଡର ପ୍ରତିଲିପି, **5.** ନିଜର ଏବଂ ପତି/ପତ୍ନୀଙ୍କ ମୋବାଇଲ ନମ୍ବର, **6.** ନିଜର ଏବଂ ପତି/ପତ୍ନୀଙ୍କ ଇ–ମେଲ୍ ଆଇଡି।

ଉପରୋକ୍ତ ଡକ୍ୟୁମେଣ୍ଟ ବା ତଥ୍ୟାବଳୀ (ସ୍ୱସ୍ୱାକ୍ଷରିତ) ସଂପୃକ୍ତ ଏରିଆ ପର୍ସୋନାଲ ମ୍ୟାନେଜର (APM)ଙ୍କ ଅଫିସରେ (ଯେଉଁଠାରୁ ସଦସ୍ୟ ଅବସରଗ୍ରହଣ କରିଥିବେ) ଜମା ଦେବା ଆବଶ୍ୟକ ଏବଂ ଯଦି MCL HQଙ୍କ ଅଫିସରୁ ଅବସର ଗ୍ରହଣ କରିଥିବେ, ତେବେ ଆବେଦନପତ୍ର ଜେନାରାଲ ମ୍ୟାନେଜର (P/PF & Pension), MCL HQଙ୍କ ଅଫିସରେ ଜମାଦେବାକୁ ହେବ ।

ସଦସ୍ୟମାନଙ୍କୁ **MCL** ୱେବସାଇଟ୍ **www.mahanadicoal.in** ଦେଖିବାକୁ ଏବଂ ଲିଙ୍କ୍ – **https://www.mahanadicoal.in/InfoBank/PP/NOTICE%20%205945%20120324.pdf**ରୁ ଉପରଲିଖିତ ବିଜ୍ଞପ୍ତି/ଆବେଦନପତ୍ର ଓ ଆବଶ୍ୟକ ଡକ୍ୟୁମେଣ୍ଟ ଗୁଡ଼ିକର ତାଲିକା ଖୋଲିବା/ଡାଉନଲୋଡ କରିବା ପାଇଁ ପରାମର୍ଶ ଦିଆଯାଉଛି।

କୌଣସି ସମସ୍ୟା ବା କିଛି ଜାଣିବାର ଥିଲେ ଯେକୌଣସି କାର୍ଯ୍ୟଦିବସର ପୂର୍ବାହ୍ନ 10:00 ଘଟିକାରୁ ଅପରାହ୍ନ 05:00 ଘଟିକା ମଧ୍ୟରେ 0663–2542739 ନମ୍ବରରେ ଅଥବା ଇ–ମେଲ ଆଇଡି: **pension.mcl@coalindia.in** ରେ ଯୋଗାଯୋଗ କରିପାରିବେ।

ଜେନେରାଲ ମ୍ୟାନେଜର (P/PF & Pension),
MCL HQ, ସମ୍ବଲପୁର

R-5203

## ସଂକ୍ଷେପରେ

### ୭ ପୁସ୍ତକ ଉନ୍ମୋଚିତ

ଟାଙ୍ଗୀ,୧୪।୪(ରଘୁନାଥ ସାହୁ): ଚାନ୍ଦପୁର ବୀଣାପାଣି ଶିଶୁମନ୍ଦିର ପରିସରରେ ମହାବିଷୁବ ସଂକ୍ରାନ୍ତି ଅବସରରେ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଅଖିଳ କୁମାର ବେହେରାଙ୍କ ଦ୍ୱାରା ରଚିତ ୭ଟି ନୂତନ ପୁସ୍ତକ ଉନ୍ମୋଚନ ହୋଇଯାଇଛି। କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମୀଧର ବେହେରା, ଜନତା ମହାବିଦ୍ୟାଳୟ ଅଧ୍ୟକ୍ଷ ବାଳକୃଷ୍ଣ ମିଶ୍ର, ଖାଉଟି ଅଦାଲତର ପୂର୍ବତନ ବିଚାରପତି ନାରାୟଣ ମହାପାତ୍ର, କବି ପଠାଣି ଘଡ଼ାଇ, କବି ଗୋଦାବରୀଶ ପାତ୍ର, ଶିକ୍ଷକ ସୁରେଶ ପାଇକରାୟ, ଇଂ. ପ୍ରମୋଦ କୁମାର ନନ୍ଦ, ଶିକ୍ଷକ ବସନ୍ତ ରାୟଗୁରୁଙ୍କ ସମେତ ଗୋପାଳ ବେହେରା, ଗୌରୀ ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି ପୁସ୍ତକ ପିଲାମାନଙ୍କ ଭବିଷ୍ୟତ ଗଢ଼ିବାରେ ବେଶ୍ ଉପଯୋଗୀ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ବୀଣାପାଣି ଶିଶୁମନ୍ଦିରର ପ୍ରଧାନ ଆଚାର୍ଯ୍ୟା ଶୈଳବାଳା ଦେଇଙ୍କ ସମେତ ସମସ୍ତ ଗୁରୁଜୀ ଗୁରୁମା’, ପରିଚାଳନା କମିଟି ସଦସ୍ୟ, ଦୀପକ ସେନାପତି, ଅଖିଳ ଆଚାର୍ଯ୍ୟ, ଅଶୋକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ମହାବିଷୁବ ସଂକ୍ରାନ୍ତିରେ ଶୋଭାଯାତ୍ରା

ନିରାକାରପୁର,୧୪।୪(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲାର ନିରାକାରପୁର ସମେତ ଏହାର ଆଖପାଖ ଅଞ୍ଚଳରେ ମହାବିଷୁବ ସଂକ୍ରାନ୍ତି ଏବଂ ଓଡ଼ିଆ ନବବର୍ଷ ପାଳିତ ହୋଇଯାଇଛି। ଶ୍ରୀରାମସେବକ ସଂଘ ପକ୍ଷରୁ ନିରାକାରପୁରସ୍ଥିତ ମାରୁତି ମଣ୍ଡପ, କାଶୀପୁର ଗ୍ରାମବାସୀଙ୍କ ପକ୍ଷରୁ ଚିତ୍ରକୂଟ ପାହାଡ଼ରେ ଥିବା ମହାବୀରଙ୍କ ପୀଠ, ଜଙ୍କିଆ ଗୁବୁରି ପାହାଡ଼ସ୍ଥିତ ମହାବୀରଙ୍କ ପୀଠରେ କ୍ରିୟାନୁଷ୍ଠାନ ପକ୍ଷରୁ ହନୁମାନ ଚାଳିଶା ପଠନ ସହ ଭଜନ କୀର୍ତ୍ତନ ହୋଇଥିଲା। ଏହି ଅବସରରେ ନିରାକାରପୁର ହିନ୍ଦୁ ସଙ୍ଗଠକ ପକ୍ଷରୁ ଏକ ଲାଲୀ ସ୍ଥାନୀୟ ରାମମନ୍ଦିର ପାଖରୁ ବାହାରି ବଜାର ପରିକ୍ରମା କରିଥିଲା। ଏହା ଶାନ୍ତିଶୃଙ୍ଖଳାର ସହିତ ସମାପନ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ କରାଯାଇଥିଲା।

### ମେଧାବୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା

ଟାଙ୍ଗୀ,୧୪।୪(ରଘୁନାଥ ସାହୁ)

ଚାନ୍ଦପୁର ରାମଚଣ୍ଡୀ ଉଚ୍ଚ ବିଦ୍ୟାଳୟର ଛାତ୍ର ପ୍ରଣବ ମଲ୍ଲିକ ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି ପରୀକ୍ଷା ୨୦୨୩-୨୪ ବର୍ଷ ପାଇଁ ଯୋଗ୍ୟତା ଅର୍ଜନ କରିଥିବାରୁ ତାଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ବିଦ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ ପ୍ରଧାନ ଶିକ୍ଷକ ପଦ୍ମଚରଣ ବିଶ୍ୱାଳଙ୍କ ସଭାପତିତ୍ୱରେ ଅତିଥିଭାବେ ଓଡ଼ଗାଁ ବ୍ଲକ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ରବୀନ୍ଦ୍ର କୁମାର ନାୟକ ଯୋଗଦେଇ କୃତୀ ଛାତ୍ର ପ୍ରଣବଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପ୍ରଣବ ପ୍ରଥମରୁ ଷଷ୍ଠଶ୍ରେଣୀ ପର୍ଯ୍ୟନ୍ତ ଚାନ୍ଦପୁର ସତ୍ୟସାଇ ବିଦ୍ୟାମନ୍ଦିରରେ ଅଧ୍ୟୟନ କରିଥିବାରୁ ସମସ୍ତ ଗୁରୁମା’ ଗୁରୁଜୀ ଆଶୀର୍ବାଦ ଜଣାଇଥିଲେ।

### ନାଟକ ‘ଜନମ ନେଇଛି କାନ୍ଦିବା ପାଇଁ’ ମଞ୍ଚସ୍ଥ

ବୋଲଗଡ଼,୧୪।୪ (ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଧଳାପଥର ପଞ୍ଚାୟତ ଅଧୀନ ଠଣାପଲ୍ଲୀ ଗ୍ରାମର ମା’ କାଳିକା ଠାକୁରାଣୀଙ୍କ ପୀଠସ୍ଥଳୀରେ ତିନିଦିନ ଧରି ଚାଲିଥିବା ଦଣ୍ଡ ମେଳଣ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଶିକ୍ଷୟିତ୍ରୀ ରତ୍ନପ୍ରଭା ସାହୁ, ବରିଷ୍ଠ କଳାକାର ଧ୍ରୁବଚରଣ ସାହୁ, ଘୁଡୁକି କଳାକାର କୃଷ୍ଣଚନ୍ଦ୍ର ମହାରଣା, ଲୋକ କଳାକାର ତଥା ଗ୍ରାମ କମିଟି ସଭାପତି ଫକୀର ଚରଣ ପ୍ରଧାନ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଯୁବକ ସଂଘ ପକ୍ଷରୁ ଯୋଗେଶ ଦାଶ, ଲକ୍ଷ୍ମୀଧର ସାହୁଙ୍କ ସହଯୋଗରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ଘୁଡୁକି ନାଚ ପରେ ଯୁବଗୋଷ୍ଠୀଙ୍କ ଦ୍ୱାରା ଡ୍ୟାନ୍ସ ଡ୍ୟାନ୍ସ ଓ ରାତିରେ ନାଟକ ‘ଜନମ ନେଇଛି କାନ୍ଦିବା ପାଇଁ’ ମଞ୍ଚସ୍ଥ ହୋଇଥିଲା। ଧ୍ରୁବଚରଣ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ଗ୍ରାମର କଳାକାର ଗଣେଶ୍ୱର, ନଟିଆ, ମନୋଜ, ପ୍ରଭାତ, ଦିଲୀପ, ଗଗନ, ମନୁଆ, ରାଜେଶ, ଗୁନୁ, ମିନି, ମମତା ପ୍ରମୁଖ ଅଭିନୟ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ନାଟକ ସହିତ ମା’ଙ୍କ ଚଉଦ ଦିନର ଦଣ୍ଡଯାତ୍ରା ଏବଂ ତିନିଦିନ ବ୍ୟାପୀ ମେଳଣ ମହୋତ୍ସବକୁ ଉପଭୋଗ କରିଥିଲେ।

# ଝାମୁନିଆଁରେ ଚାଲିଲେ ମାନସିକଧାରୀ

ଖୋର୍ଦ୍ଧା,୧୪।୪(ପ୍ରଭାତ ପାଣିଗ୍ରାହୀ)



ମାନସିକଧାରୀ ନିଆଁରେ ଚାଲୁଛନ୍ତି।

ଖୋର୍ଦ୍ଧା ଉପକଣ୍ଠ ଉଇଲକିଶନ ନଗର ଗ୍ରାମ ଅଧିଷ୍ଠାତ୍ରୀ ଦେବୀ ଅଁଳାଇଙ୍କ ପ୍ରସିଦ୍ଧ ଝାମୁଯାତ୍ରା ବିଷୁବ ସଂକ୍ରାନ୍ତିରେ ଅନୁଷ୍ଠିତ ହୋଇଯାଇଛି। ମାନସିକଧାରୀମାନେ ନିଆଁରେ ଚାଲିଥିଲେ। ମା’ଙ୍କ ଆଜ୍ଞାମାଳ ପାଇ ମାନସିକଧାରୀ ନିକଟରେ ସ୍ନାନସାରି ଶୁଦ୍ଧପୂତ ଭାବେ ନୂତନବସ୍ତ୍ର ପରିଧାନ କରି ମା’ଙ୍କ ଆଶୀର୍ବାଦ ପରେ ନିଆଁରେ ଚାଲିଥିଲେ। ମା’ଙ୍କ ଆଜ୍ଞାମାଳ ବିଜେ ସମୟରେ ଭକ୍ତଙ୍କ ଜୟ ଜୟକାରରେ ପରିବେଶ ମନ୍ତ୍ରମୁଗ୍ଧ ହୋଇଯାଇଥିଲା। ବହୁ ପ୍ରାଚୀନ କାଳରୁ ଚାଲିଆସିଥିବା ଏହି ପରମ୍ପରା ଆଜି ମଧ୍ୟ ଉଜ୍ଜୀବିତ ରହିଛି ବୋଲି ଗ୍ରାମର ସାମାଜିକ କର୍ମୀ ଗୋପାଳକୃଷ୍ଣ ପ୍ରଧାନ କହିଛନ୍ତି। ସେହିପରି ପ୍ରସିଦ୍ଧ ଶୈବପୀଠ ଧବଳେଶ୍ୱରଙ୍କ ଝାମୁଯାତ୍ରା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଠାରେ ଧବଳେଶ୍ୱର, ମା’ ମଙ୍ଗଳା ଏବଂ ମାନସିକଧାରୀଙ୍କ ପାଇଁ ପୃଥକ୍ ଭାବେ ଝାମୁ ପ୍ରସ୍ତୁତ କରାଯାଇଥାଏ। ୨୧ଜଣ ମାନସିକଧାରୀ (ଦଣ୍ଡୁଆ) ନିଆଁରେ ଚାଲିଥାନ୍ତି। ମାନସିକଧାରୀ ସପ୍ତାହ ପୂର୍ବରୁ ବିଧିପୂର୍ବକ ଉପବାସ ରହି ବ୍ରତ ପାଳନ କରିଥାନ୍ତି। ଝାମୁ ଦିନ ମନ୍ଦିର ପରିସର ପୋଖରୀରେ ସ୍ନାନ ପରେ ମହାଦେବ ଏବଂ ଦେବୀଙ୍କ ନିକଟରେ ଗୁହାରିଆ ପଡ଼ନ୍ତି। ଧବଳେଶ୍ୱର ଏବଂ ଠାକୁରାଣୀଙ୍କ ଆଦେଶ ପାଇବା ପରେ ଝାମୁରେ ଚାଲିବା ପାଇଁ ବାହାରିଥାନ୍ତି। ମହାଦେବଙ୍କ ଆଜ୍ଞାମାଳ ବିଜେ ପରେ ଝାମୁ ଆରମ୍ଭ ହୋଇଥାଏ। ଝାମୁ ଦର୍ଶନ ପାଇଁ ବହୁ ଜନସମାଗମ ହୋଇଥାଏ। ସେହିପରି ସାମନ୍ତରାପୁରସ୍ଥିତ ମଙ୍ଗଳାଙ୍କ ପୀଠରେ ଝାମୁଯାତ୍ରା ପାଳିତ ହୋଇଯାଇଛି। ମାନସିକଧାରୀ ପୋଖରୀରେ ସ୍ନାନ ସାରି ମା’ଙ୍କ ନିକଟରେ ଗୁହାରି ପଡ଼ିଥିଲେ। ଆଜ୍ଞାମାଳ ପାଇବା ପରେ ଅଗ୍ନିରେ ପ୍ରବେଶ କରି ଚାଲିଥିଲେ। ବିଭିନ୍ନ ବାଦ୍ୟଯନ୍ତ୍ରରେ ପରିବେଶ ପ୍ରକମ୍ପିତ ହୋଇଥିଲା। ମନ୍ଦିର ଓ ଗ୍ରାମ୍ୟ କମିଟି ସଦସ୍ୟ ପରିଚାଳନା କରିଥିଲେ।

# ଗାଦିଶ୍ୱର ଦେବଙ୍କ ଦଣ୍ଡପର୍ବ ଉଦ୍‌ଯାପିତ



କୃଷ୍ଣପ୍ରସାଦ,୧୪।୪ (କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ପାରିକୁଦ ଗଡ଼ର ପ୍ରସିଦ୍ଧ ଦଣ୍ଡଠାକୁର ଗାଦିଶ୍ୱର ଦେବଙ୍କ ଦଣ୍ଡପର୍ବ ଉଦ୍‌ଯାପିତ ହୋଇଯାଇଛି। ୨୧ ଦିନ ଧରି ବାହ୍ୟ ଭ୍ରମଣରେ ଥିବା ଠାକୁରଙ୍କୁ କୋଠି ଭଗତାମାନଙ୍କ ଦ୍ୱାରା ନିମନ୍ତ୍ରଣ କରାଯାଇ ପାଛୋଟି ଆଣିଥିଲେ। ଘଣ୍ଟଘଣ୍ଟା, ମୃଦଙ୍ଗ, ପାଇକ ଆଖଡା, ଆତସବାଜି ଆଦି ପ୍ରଦର୍ଶନକରି ଗ୍ରାମ ପରିକ୍ରମା କରିବା ପରେ ମନ୍ଦିର ବେଢ଼ାରେ ପ୍ରବେଶ କରିଥିଲେ। ମଧ୍ୟାହ୍ନ ଏବଂ ଅପରାହ୍ନରେ ଧୂଳିଦଣ୍ଡ ଓ ପାଣିତୋଳା ପର୍ବ ହୋଇଥିଲା। ମୁଖ୍ୟ ପୂଜକ ବିରଞ୍ଚି ନାରାୟଣ କେଶରୀ ସମସ୍ତ ପୂଜା କରିଥିଲେ। ରାତିରେ ଲୋକନୃତ୍ୟ ଭାରତଲୀଳା ଓ ୨୧ ହଳ ପଟେ ଅଭିନୟ ମାଧ୍ୟମରେ ପରିବେଷଣ କରାଯାଇଥିଲା। ଦଳବେହେରା ସାହି ଯୁବକ ସଂଘ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅନ୍ନପ୍ରସାଦର ବ୍ୟବସ୍ଥା କରାଯାଇଥିଲା। ଗାଦିଶ୍ୱର ଦେବଙ୍କ ମାର୍ଫତ୍‌ଦାର ପ୍ରଦୀପ କୁମାର ଜେନା ଉତ୍ସବ ପରିଚାଳନା କରିଥିବା ବେଳେ ମ୍ୟାନେଜର ସୁବାସ ଚନ୍ଦ୍ର ସ୍ୱାଇଁ, ପାଟଭଗତା କୈବଲ୍ୟ ସାମଲ, ପାଟଦଣ୍ଡୁଆ ପ୍ରକାଶ ପ୍ରଧାନ, କାଳିସି ବିଭୂତି କୁମାର ଗୌଡ୍ର, ପାଟଢୋଲିଆ ପଦ୍ମଚରଣ ନାୟକଙ୍କ ସମେତ ସମସ୍ତ ଭଗତା ଏବଂ ନାଟ୍ୟ ସଂସଦର ସମସ୍ତ ସଭ୍ୟ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ନିଶାର୍ଦ୍ଧରେ ଆବାହନ କରାଯାଇଥିବା ଠାକୁରଙ୍କୁ ପୁଣି କୋଠି ଭଗତାଙ୍କ ଦ୍ୱାରା ଗୋପ୍ୟ କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ କୃଷ୍ଣପ୍ରସାଦ ଥାନା ଆଇଆଇସି ବସନ୍ତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

# ୭୭ତମ ପଣାଯାତ୍ରା ଆରମ୍ଭ

**ବିରାଜମାନ କଲେ ୧୭ ଠାକୁର**

କୃଷ୍ଣପ୍ରସାଦ,୧୪।୪(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଦେଉଳପଡ଼ାଠାରେ ରବିବାର ୭୭ତମ ପଣାଯାତ୍ରା ଆରମ୍ଭ ହୋଇଛି। ୩୫ ମୌଜା ଅଧୀନ ବିଭିନ୍ନ ଗ୍ରାମର ୧୭ ଠାକୁର ସୁସଜ୍ଜିତ ବିମାନରେ ପାଟୁଆରରେ ଆସି ବାଲିଯାତ୍ରା ପଡ଼ିଆରେ ପହଞ୍ଚି ନିଜ ନିଜ ଆସନରେ ବିରାଜମାନ କରିଛନ୍ତି। ଏହି ଯାତ୍ରା ୫ ଦିନ ଧରି ଚାଲିବ। ପ୍ରତିଦିନ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ପାଲା, ସଂକୀର୍ତ୍ତନ, ପାଇକ, ଆତସବାଜି ପ୍ରତିଯୋଗିତା ହୋଇଥାଏ। ଦୁଇଟି ଗଣନାଟ୍ୟ ନାଟ୍ୟ ପରିବେଷଣ କରିଥାନ୍ତି। ଏହି ଯାତ୍ରାରେ ପୁରୀ, ଗଞ୍ଜାମ, ଖୋର୍ଦ୍ଧା, ଗଜପତି, ନୟାଗଡ଼, କଟକ ଜିଲାର ବ୍ୟବସାୟୀ, ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ପରିଚାଳନା କମିଟି ସଭାପତି ଡ. ଅଭିମନ୍ୟୁ ଜେନା, ସମ୍ପାଦକ ମନୋଜ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯାତ୍ରା ଆରମ୍ଭ ହୋଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସେବା ଯୋଗାଇ ଦିଆଯିବା ସହ ଶତାଧିକ ସ୍ୱେଚ୍ଛାସେବୀ ନିୟୋଜିତ ହୋଇଛନ୍ତି। ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି। ଅମାନିଆଙ୍କୁ ସାବାଡ଼ କରିବା ପାଇଁ କମିଟି ପକ୍ଷରୁ ଏକ ଅସ୍ଥାୟୀ ହାଜତ କରାଯାଇଛି। ବିଶୃଙ୍ଖଳିତ ବ୍ୟକ୍ତିଙ୍କୁ ରାତିସାରା ହାଜତରେ ରଖାଯିବା ସହ ଚୁକ୍ତିନାମା ପରେ ଛାଡ଼ି ଦିଆଯାଇଥାଏ।



ଠାକୁରମାନଙ୍କୁ ଶୋଭାଯାତ୍ରାରେ ବାଲିଯାତ୍ରା ପଡ଼ିଆକୁ ନିଆଯାଉଛି।

## ବେଗୁନିଆରେ ଝାମୁଯାତ୍ରା

ବେଗୁନିଆ,୧୪।୪(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକର ବିଭିନ୍ନ ସ୍ଥାନରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବେଗୁନିଆ, କେନ୍ଦୁପଲ୍ଲୀ, ପୋଡ଼ାଡିହ, ବାଘମାରି ଆଦି ଅଞ୍ଚଳରେ ଝାମୁଯାତ୍ରା ହୋଇଥିଲା। ଏଥିସହ ବେଗୁନିଆ ଏବଂ ଡିଙ୍ଗର ଗ୍ରାମରେ କରପାଟ ଓ ଖଣ୍ଡାପାଟ ଦେଖିବାକୁ ବହୁ ଜନସମାଗମ ହୋଇଥିଲା।

## ହନୁମାନ ଜୟନ୍ତୀ ପାଳିତ

ବୋଲଗଡ଼,୧୪।୪(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକର ବିଭିନ୍ନ ହନୁମାନ ମନ୍ଦିର ଓ ରାମମନ୍ଦିର ପୀଠରେ ସଙ୍କଟମୋଚନ ହନୁମାନଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅଖଣ୍ଡ ଦୀପ ସ୍ଥାପନ, ୧୦୮ ହନୁମାନ ଚାଳିଶା ପାଠ, ହୋମ ଯଜ୍ଞାଦି ସହ ପ୍ରସ୍ତୁତ ପଣାକୁ ଠାକୁରଙ୍କ ନିକଟରେ ଲାଗିକରି ଭକ୍ତଙ୍କୁ ବଣ୍ଟନ କରାଯାଇଥିଲା। ସଂପୁରସ୍ଥିତ ପଥରଚକଡ଼ା ହନୁମାନ ମନ୍ଦିର, ବଡ଼ସାହି ହନୁମାନ ମନ୍ଦିର, ତାଳଦଣ୍ଡା ହନୁମାନ ମନ୍ଦିର, ଗବଡିହ ଗ୍ରାମସ୍ଥିତ ଜଖଲା ମହାବୀର ଆଶ୍ରମ, ମାଣିବନ୍ଧସ୍ଥିତ ପ୍ରସିଦ୍ଧ ସିଦ୍ଧ ମହାବୀର ଆଶ୍ରମ, ବୋଲଗଡ଼ ସଦର ମହକୁମାସ୍ଥିତ ଗୋପବନ୍ଧୁ ବିହାର ହନୁମାନ ମନ୍ଦିର, ଯୋଡ଼ାପଡ଼ାସ୍ଥିତ ରାମମନ୍ଦିର, ଦିଘିରୀ ନିକଟ ଝିଙ୍କିମିକି ପୀଠ ଓ ମଣ୍ଡନଗିରି ରଘୁନାଥ ମନ୍ଦିରରେ ହନୁମାନ ଜୟନ୍ତୀ ପାଳିତ ହୋଇଥିବା ବେଳେ ରାଜସୁନାଖଳା ବଜାରରେ ଏକ ଶୋଭାଯାତ୍ରା ପରିକ୍ରମା କରିଥିଲା।

# ଦଣ୍ଡପର୍ବ ଉଦ୍‌ଯାପିତ



ବୋଲଗଡ଼ କାଳିକା ମନ୍ଦିର ନିକଟରେ ନିଆଁରେ ମାନସିକଧାରୀ ଚାଲୁଛନ୍ତି।

ବୋଲଗଡ଼,୧୪।୪(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅଞ୍ଚଳର ବହୁ ଗ୍ରାମରେ ଦଣ୍ଡ ପର୍ବ ପାଳିତ ହୋଇଯାଇଛି। ଏହି ପର୍ବ ଚୈତ୍ରମାସରେ ଗ୍ରାମଗୁଡିକର ମୁଖ୍ୟ ପାଟ ଦଣ୍ଡୁଆଙ୍କ ଦ୍ୱାରା ଆୟୋଜିତ ହୋଇଛି। ଏହି ପର୍ବ ବିଭିନ୍ନ ଗ୍ରାମରେ ୯, ୧୩, ୨୧ ଦିନ ଧରି ପାଳିତ ହେଉଥିବା ବେଳେ ପଣାସଂକ୍ରାନ୍ତିରେ ଝାମୁଯାତ୍ରା ଦିନ ନିଆଁଗାଡ଼ରେ ମାନସିକଧାରୀ ଭକ୍ତ ଓ ଦଣ୍ଡୁଆମାନେ ଚାଲିବା ପରେ ଶେଷ ହୋଇଥାଏ। ପ୍ରତିଦିନ ମୁଖ୍ୟ ପାଟଦଣ୍ଡୁଆଙ୍କ ସମେତ ଦଣ୍ଡୁଆମାନେ ମା’ କାଳିକା ଠାକୁରାଣୀଙ୍କୁ ସାଙ୍ଗରେ ଧରି ନିର୍ଦ୍ଦିଷ୍ଟ ପୋଖରୀକୁ ଯାଇ ଅପରାହ୍ନରେ ବିଧି ଅନୁସାରେ ହୋମଯଜ୍ଞ, ପୂଜାପାଠ କରି ପାଣି ତୋଳି ମା’ କାଳିକାଙ୍କ ମନ୍ଦିରକୁ ଫେରିଥାନ୍ତି। ପ୍ରତିଦିନ ରାତିରେ ଦଣ୍ଡୁଆମାନେ କାଳିକାଙ୍କୁ ସାଙ୍ଗରେ ଧରି ବିଭିନ୍ନ ଗ୍ରାମ ପରିକ୍ରମା କରିଥାନ୍ତି। ଦଣ୍ଡୁଆମାନେ ଦଣ୍ଡ ପର୍ବରେ ଉପବାସ ରହି ପାଣିତୋଳା ପରେ ଗଜାମୁଗ ଓ ପଣା ସେବନକରି ଫଳ ଖାଇଥାନ୍ତି। ଦଣ୍ଡପର୍ବର ଶେଷଦିନ ତଥା ପଣାସଂକ୍ରାନ୍ତିରେ ମାନସିକଧାରୀ ଦଣ୍ଡୁଆ ଓ ଭକ୍ତମାନେ ଝାମୁଯାତ୍ରାରେ ନିଆଁ ଉପରେ ଚାଲିଥିଲେ। ବ୍ଲକ ଅଞ୍ଚଳର ଖଇଁଗୁରିଆ, ସଂପୁର, କଡ଼ବ, ଠଣାପଲ୍ଲୀ, ମାଣିକାଗୋଡା, ବୋଲଗଡ଼, ବାଙ୍କୋଇ, ସାନପଦର, ଟାଙ୍ଗୀସାହି, ଆରିକମା, ଘୋରଡିଆ, ରାଜସୁନାଖଳା, ଗେଡିଆପଲ୍ଲୀ, କାଦୁଆପଡ଼ା, ମାଳିସାହି ଆଦି ଗ୍ରାମରେ ଏହି ପର୍ବ ପାଳିତ ହୋଇଯାଇଛି।

## ‘ଆମ ସଂସ୍କୃତି ଆମ ଖେଳଣା’ କାର୍ଯ୍ୟକ୍ରମ ଉଦ୍‌ଯାପିତ

ନିରାକାରପୁର/ଟାଙ୍ଗୀ,୧୪।୪ (ମାନସ ଚନ୍ଦ୍ର ପଟ୍ଟନାୟକ/ ରଘୁନାଥ ସାହୁ)

କୁସୁମୀ ରାଉତପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚାଲିଥିବା ‘ଆମ ସଂସ୍କୃତି ଆମ ଖେଳଣା’ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷକ ଦଣ୍ଡପାଣି ଜେନା ସଭାପତିତ୍ୱ କରିଥିଲେ। ଅତିଥିଭାବେ ସିଆର୍‌ସିସି ପ୍ରଶାନ୍ତ କୁମାର ବେହେରା, ସମ୍ବଳ ଶିକ୍ଷକ ତାପସ ମଣ୍ଡଳ, ଚନ୍ଦ୍ରକାନ୍ତି ଦେଇ, ଶ୍ରୀନିବାସ ରାଉତ, ନିରଞ୍ଜନ ମହାପାତ୍ର, ଦେବାନନ୍ଦ ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି କ୍ଲଷ୍ଟରସ୍ତରୀୟ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ ନିରାକାରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସିଆର୍‌ସିସି ପଞ୍ଚାନନ ଭୁଜବଳଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ରେଣୁବାଳା ବେହେରା, ରେଣୁବାଳା ସାହୁ, ଉନିତା ହରିଚନ୍ଦନ, ସଞ୍ଜୁକ୍ତା ପଟ୍ଟନାୟକ, ଝୁମି ସାହୁ, ଧରଣୀଧର ମହତ୍‌ରାୟ, ପ୍ରସନ୍ନ ପଣ୍ଡିତ ସହଯୋଗ କରିଥିଲେ। ରେଙ୍ଗଟା ସ୍କୁଲର ପ୍ରଧାନ ଶିକ୍ଷକ ଅମର ଜୟସିଂହ ଧନ୍ୟବାଦ ଦେଇଥିଲେ।

ଟାଙ୍ଗୀ ବ୍ଲକ ବଡ଼ପାରୀ କ୍ଲଷ୍ଟର ଅନ୍ତର୍ଗତ ବରିକୋ ବଧିପାଟଣା ପ୍ରାଥମିକ ବିଦ୍ୟାଳୟଠାରେ ଆମ ସଂସ୍କୃତି ଆମ ଖେଳଣା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁଷମା କୁମାରୀ ଦେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଞ୍ଜୁଲତା ବେହେରା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସିଆର୍‌ସିସି ଦୁଃଶାସନ ପ୍ରଧାନ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବୁଝାଇଲେ। କାର୍ଯ୍ୟକ୍ରମରେ ବଡ଼ପାରୀ କ୍ଲଷ୍ଟର ଅନ୍ତର୍ଗତ ୨୨ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ଶିକ୍ଷକମାନେ ବିଭିନ୍ନ ପ୍ରକାର ଖେଳଣା ପ୍ରସ୍ତୁତି କରି ଛାତ୍ରୀଛାତ୍ରଙ୍କୁ ଖେଳଣା ମାଧ୍ୟମରେ ଶିକ୍ଷା ଦାନ କରିବା ଲକ୍ଷ୍ୟ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ପ୍ରଶିକ୍ଷକଭାବେ ଶ୍ୟାମ ସୁନ୍ଦର ବିଶ୍ୱାଳ, ସନ୍ତୋଷ ବେହେରା ଯୋଗଦେଇଥିଲେ। ସ୍ୱପ୍ନା କୁମାରୀ ସେଠୀ ଧନ୍ୟବାଦ ଦେଇଥିଲେ।

## ମହାବୀର ଜୟନ୍ତୀ, ଓଡ଼ିଆ ନବବର୍ଷ ପାଳିତ

ଟାଙ୍ଗୀ,୧୪।୪(ରଘୁନାଥ ସାହୁ)

ଟାଙ୍ଗୀରେ ମହାବୀରଙ୍କ ଜୟନ୍ତୀ ଏବଂ ଓଡ଼ିଆ ନବବର୍ଷ ରବିବାର ପାଳିତ ହୋଇଯାଇଛି। ରଘୁନାଥ ମନ୍ଦିର ପରିସରରେ ଥିବା ମହାବୀର ମନ୍ଦିରରେ ପୂଜାର୍ଚ୍ଚନା କରିବା ସହ ଭକ୍ତମାନେ ସଂକୀର୍ତ୍ତନ କରି ଗ୍ରାମ ପରିକ୍ରମା କରିଥିଲେ। ସେହିପରି ମଙ୍ଗଳାଯୋଡ଼ି ଛକରେ ଥିବା ଜଙ୍ଗଲୀ ମହାବୀର, ତଳସାହି ମୁଣ୍ଡରେ ଥିବା ହନୁମାନ ମନ୍ଦିର, ମହାବୀର ବଜାରରେ ଥିବା ହନୁମାନ ମନ୍ଦିରରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରିବା ସହ ହନୁମାନ ଚାଳିଶା ପାଠ କରିଥିଲେ। ସମସ୍ତ ମନ୍ଦିରକୁ ସୁସଜ୍ଜିତ କରାଯାଇଥିଲା। ଶ୍ରଦ୍ଧାଳୁ ଓଡ଼ିଆ ନବବର୍ଷର ଶୁଭେଚ୍ଛା ପରସ୍ପରକୁ ଜଣାଇଥିଲେ।

# ୧୦ ବର୍ଷ ହେବ ପାନୀୟଜଳ ପ୍ରକଳ୍ପ ଅଚଳ

- ଅଭିଯୋଗ ପରେବି ପଦକ୍ଷେପ ନିଆଯାଉନି
- ଗ୍ରାମବାସୀଙ୍କ ଭୋଟ୍ ବର୍ଜନ ଚେତାବନୀ

ବେଗୁନିଆ,୧୪।୪(ହର ପ୍ରସନ୍ନ ପଣ୍ଡା)



ଦୀର୍ଘ ୧୦ବର୍ଷ ହେବ ପାନୀୟଜଳ ଯୋଗାଣ ପ୍ରକଳ୍ପ ଅଚଳ ହୋଇପଡିଛି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ଗ୍ରାମରେ ପାନୀୟଜଳ ସମସ୍ୟା ସୁଧୁରି ପାରୁନି। ଅନ୍ୟପକ୍ଷରେ ପ୍ରକଳ୍ପ ଅଚଳ ନୁହେଁ ସଚଳ ଅଛି ବୋଲି ବିଭାଗ ପକ୍ଷରୁ ବିଡିଓଙ୍କୁ ଭୁଲ ରିପୋର୍ଟ ଦିଆଯାଇଛି। ଗ୍ରୀଷ୍ମ ପ୍ରବାହ ସମୟରେ ଲୋକଙ୍କୁ ପାନୀୟଜଳ ଯୋଗାଇ ଦେବା ବଦଳରେ ବିଭାଗର ବୈମାତୃକ ମନୋଭାବ ଗ୍ରାମବାସୀଙ୍କୁ ବ୍ୟଥିତ କରିଛି। ଗ୍ରାମରେ ପାନୀୟଜଳ ସଙ୍କଟ ଦେଖା ଦେବା ସହ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ କିଛିଦିନ ପୂର୍ବେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଗ୍ରାମବାସୀଙ୍କ ପକ୍ଷରୁ ହୋଇଥିବା ଅଭିଯୋଗକୁ ଗୁରୁତ୍ୱ ଦିଆଗଲା ନାହିଁ ବୋଲି ଗ୍ରାମର ପ୍ରସନ୍ନ କୁମାର ମହାପାତ୍ର, ରାମଚନ୍ଦ୍ର ମହାପାତ୍ର କହିଛନ୍ତି। ଏବେ ନିର୍ବାଚନ ସମୟ ଆସିଥିବାରୁ ଗ୍ରାମକୁ ପାନୀୟଜଳ ଯୋଗାଇଦିଅ ନଚେତ୍ ଭୋଟ ବର୍ଜନ କରିବୁ ବୋଲି ଦଳୀୟ ପ୍ରାର୍ଥୀଙ୍କ ନିକଟରେ ଦାବି କରିବୁ ବୋଲି ବେଗୁନିଆ ବ୍ଲକ ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମବାସୀଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି।

ସୂଚନାଥାଉ କି, ଗୋବିନ୍ଦପୁର ଗ୍ରାମରେ ୨ହଜାରରୁ ଉର୍ଦ୍ଧ୍ୱ ଲୋକେ ବସବାସ କରନ୍ତି। ସେମାନଙ୍କ ପାନୀୟଜଳ ଆବଶ୍ୟକତା ପାଇଁ ୭ଟି ଖୋଲା କୂପ, ୨ଟି ସାନିଟାରୀ କୂପ ଏବଂ ୧୨ଟି ନଳକୂପ ରହିଛି। ସେହିପରି ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଘରୋଇ ଖୋଲା କୂପ ରହିଛି। ହେଲେ ରକ୍ଷଣାବେକ୍ଷଣ ଓ ମରାମତି ହେଉ ନ ଥିବାରୁ କେଉଁଠି ଯନ୍ତ୍ରାଂଶ ଅଚଳ ତ ଆଉ କେଉଁଠି ପୁରୁଣା ପାଇପ ଯୋଗୁ ଗୋଳିଆ ପାଣି ଆସୁଛି। ଫଳରେ ସ୍ୱଚ୍ଛ ଜଳ ପାଇଁ ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି। ୨୦୦୪ରେ ୧୭ଲକ୍ଷ ୪୬ହଜାର ଟଙ୍କା ବ୍ୟୟ ବରାଦରେ ଗ୍ରାମରେ ସ୍ୱଜଳ ଧାରା ପ୍ରକଳ୍ପ ଆରମ୍ଭ ହୋଇଥିଲା। ସେଠାରେ ସ୍ଥାୟୀ ପମ୍ପ ଚାଳକ ଜଣେ ନିଯୁକ୍ତ ହୋଇ ନ ଥିବାରୁ ଆରମ୍ଭରୁ ଜଳ ଯୋଗାଣରେ ସମସ୍ୟା ଲାଗିରହିଛି। ପୁଣି ଅଚଳ ହେଲେ ଠିକ୍ ସମୟରେ ମରାମତି ହେଉ ନ ଥିବାରୁ ଜଳଯୋଗାଣ ମାସ ମାସ ଧରି ବନ୍ଦ ରହୁଛି। ଏବେ ମଧ୍ୟ ଯନ୍ତ୍ରାଂଶ ଅଚଳ ଓ ଯୋଗାଣ ମୁଖ୍ୟ ପାଇପ ଫାଟି ଯାଇଥିବାରୁ ୨୦୧୩ରୁ ପ୍ରକଳ୍ପଟି ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ମରାମତି ଦାବିରେ ସ୍ଥାନୀୟ ବ୍ଲକ ପ୍ରଶାସନ ଓ ବିଭାଗୀୟ ଯନ୍ତ୍ରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ ପରେ ମଧ୍ୟ କୌଣସି ସୁଫଳ ମିଳୁନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ସରକାରଙ୍କ ପକ୍ଷରୁ ଉପଯୁକ୍ତ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମର ଶତାଧିକ ଦସ୍ତଖତ ଥାଇ ଏକ ଦାବିପତ୍ର ଦାଖଲ କରାଯାଇଛି। ଏ ସମ୍ପର୍କରେ ବିଡିଓ ଲକ୍ଷ୍ମୀଧର ସାହୁ କହିଛନ୍ତି, ଅଚଳ ନୁହେଁ ସଚଳ ଅଛି ବୋଲି ମୋତେ ଜଳଯୋଗାଣ ବିଭାଗ ପକ୍ଷରୁ ରିପୋର୍ଟ ଦେଇଛନ୍ତି। ଗ୍ରାମରେ ପାନୀୟଜଳ ସମସ୍ୟା କିପରି ଦୂର ହୋଇପାରିବ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

TPCODL

ବିଶେଷ ସୂଚନା

ନିୟମିତ ମରାମତି କାର୍ଯ୍ୟ ପାଇଁ ଆଜି ଭୁବନେଶ୍ୱର ସ୍ଥିତ ନିଳାଦ୍ରୀ ବିହାର ଅଞ୍ଚଳରେ ସକାଳ ୯ ଘଟିକାରୁ ଅପରାହ୍ନ ୧ ଘଟିକା ପର୍ଯ୍ୟନ୍ତ, ଗୋଡିବାରି, ଓମ୍ କଟେଜ୍, କଣ୍ଟାବାଡ଼ ଅଞ୍ଚଳରେ ସକାଳ ୭ ଘଟିକାରୁ ଦିନ ୧୧ ଘଟିକା ପର୍ଯ୍ୟନ୍ତ, ଗୋପବନ୍ଧୁ ଏକାଡେମୀ, ମଧୁସୂଦନ ଏକାଡେମୀ, ଆର୍‌ସିଏମ୍ କଲେଜ ଅଞ୍ଚଳ, କଳିଙ୍ଗ ହସ୍ପିଟାଲ ଅଞ୍ଚଳ, ଚୌଧୁରୀ ମାର୍କେଟ୍, କେଦାରପଲ୍ଲୀ ବସ୍ତି ଓ ନନ୍ଦିଘୋଷ ଆପାର୍ଟମେଣ୍ଟ ଅଞ୍ଚଳରେ ସକାଳ ୮ ଘଟିକାରୁ ଦିନ ୧୧ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ। ସେହିପରି ତ୍ରିଲୋଚନ ବିହାର, ଏଳାମ୍ର ବିହାର, ଏବରଙ୍ଗ, ଚାନ୍ଦି ବଜାର, ବୋତଣ୍ଡା, ଓରକଳ, ବୈଷ୍ଣବ ମାତା ବିହାର, ଗୌରୀ ଧାମ, ଆରାଧନା ନଗର, ଗାୟତ୍ରୀ ବିହାର, ଆଦିତ୍ୟ ନଗର, ଗଙ୍ଗାଯମୁନା ଓ ବୀରବନ୍ଧ ଗ୍ରାମ ଅଞ୍ଚଳରେ ସକାଳ ୭.୨୪ ଘଟିକାରୁ ଦିନ ୧୦.୨୪ ଘଟିକା ପର୍ଯ୍ୟନ୍ତ ଏବଂ ଶ୍ରୀରାମ ବଜାର, ବଙ୍ଗାଳୀ ସାହି, ଷ୍ଟେସନ ଗଞ୍ଜ, ରଘୁନାଥପୁର ଓ ନନ୍ଦନକାନନ ଅଞ୍ଚଳରେ ସକାଳ ୮.୩୦ ଘଟିକାରୁ ଅପରାହ୍ନ ୨.୩୦ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗଣ ବନ୍ଦ ରହିବ।

ଅସୁବିଧା ପାଇଁ ଦୁଃଖିତ - ଟିପିସିଓଡିଏଲ୍

MCL ମହାନଦୀ କୋଲଫିଲ୍ଡସ ଲିମିଟେଡ୍
(କୋଲ ଇଣ୍ଡିଆ ଲିମିଟେଡ୍ ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯, ୱେବସାଇଟ୍ : www.mahanadicoal.in

ବିଜ୍ଞପ୍ତି

CMPFO କମିଶନର ପ୍ରଦତ୍ତ ରେଫ୍. ନଂ. CPF/CP/111(26)/Pen/Misc/HQ/Vol-III/520, ତାରିଖ: 25/08/2023 ଚିଠି ଏବଂ ଏହା ପରେ GM(P/PF & Pension), MCL HQଙ୍କ ପ୍ରଦତ୍ତ ବିଜ୍ଞପ୍ତି ରେଫ୍ ନଂ. MCL HQ/PF & PENSION/2023/5945, ତାରିଖ: 09.09.2023 ଅନୁସାରେ MCLର ସମସ୍ତ ପେନସନରମାନଙ୍କୁ ଏତଦ୍ୱାରା ପରାମର୍ଶ ଦିଆଯାଉଛି ଯେ, ଝଙ୍ଗଟମୁକ୍ତ ପତି/ପତ୍ନୀଙ୍କ ପେନସନ ପାଇଁ **ପରିବର୍ତ୍ତିତ PPO (ପେନସନ ପେମେଣ୍ଟ ଅର୍ଡର)** ଜାରି କରିବା ନିମନ୍ତେ ନିମ୍ନଲିଖିତ ଡକ୍ୟୁମେଣ୍ଟସ୍/ବିବରଣୀମାନ ଜମା କରିବା ଆବଶ୍ୟକ:-

**1.** ସଠିକ୍ ଭାବରେ ପୂରଣ କରାଯାଇଥିବା ଆବେଦନପତ୍ର , **2.** ପତି/ପତ୍ନୀଙ୍କ ନାମ ଏବଂ ଯୁଗ୍ମ ଫଟୋଗ୍ରାଫ (୩ଟି), **3.** ପତି/ପତ୍ନୀଙ୍କ ସହ ‘ଫର୍ମର ବା ସରଭାଇବର’ ମୋଡ ରେ କାର୍ଯ୍ୟକ୍ଷମ ଥିବା ପେନସନରଙ୍କ ବିଦ୍ୟମାନ ବ୍ୟାଙ୍କ ଆକାଉଣ୍ଟ, **4.** ସ୍ୱସ୍ୱାକ୍ଷରିତ ଉଭୟ ନିଜର ଏବଂ ପତି/ପତ୍ନୀଙ୍କ ଆଧାର କାର୍ଡ ଏବଂ PAN କାର୍ଡର ପ୍ରତିଲିପି, **5.** ନିଜର ଏବଂ ପତି/ପତ୍ନୀଙ୍କ ମୋବାଇଲ ନମ୍ବର, **6.** ନିଜର ଏବଂ ପତି/ପତ୍ନୀଙ୍କ ଇ-ମେଲ୍ ଆଇଡି।

ଉପରୋକ୍ତ ଡକ୍ୟୁମେଣ୍ଟ ବା ତଥ୍ୟାବଳୀ (ସ୍ୱସ୍ୱାକ୍ଷରିତ) ସଂପୃକ୍ତ ଏରିଆ ପର୍ସୋନାଲ ମ୍ୟାନେଜର (APM)ଙ୍କ ଅଫିସରେ (ଯେଉଁଠାରୁ ସଦସ୍ୟ ଅବସରଗ୍ରହଣ କରିଥିବେ) ଜମା ଦେବା ଆବଶ୍ୟକ ଏବଂ ଯଦି MCL HQଙ୍କ ଅଫିସରୁ ଅବସର ଗ୍ରହଣ କରିଥିବେ, ତେବେ ଆବେଦନପତ୍ର ଜେନାରାଲ ମ୍ୟାନେଜର (P/PF & Pension), MCL HQଙ୍କ ଅଫିସରେ ଜମାଦେବାକୁ ହେବ।

ସଦସ୍ୟମାନଙ୍କୁ MCL ୱେବସାଇଟ୍ www.mahanadicoal.in ଦେଖିବାକୁ ଏବଂ ଲିଙ୍କ୍ - https://www.mahanadicoal.in/InfoBank/PP/NOTICE%20%205945%20120324.pdfରୁ ଉପରଲିଖିତ ବିଜ୍ଞପ୍ତି/ଆବେଦନପତ୍ର ଓ ଆବଶ୍ୟକ ଡକ୍ୟୁମେଣ୍ଟ ଗୁଡ଼ିକର ତାଲିକା ଖୋଲିବା/ଡାଉନଲୋଡ କରିବା ପାଇଁ ପରାମର୍ଶ ଦିଆଯାଉଛି।

କୌଣସି ସମସ୍ୟା ବା କିଛି ଜାଣିବାର ଥିଲେ ଯେକୌଣସି କାର୍ଯ୍ୟଦିବସର ପୂର୍ବାହ୍ନ 10:00 ଘଟିକାରୁ ଅପରାହ୍ନ 05:00 ଘଟିକା ମଧ୍ୟରେ 0663-2542739 ନମ୍ବରରେ ଅଥବା ଇ-ମେଲ ଆଇଡି: pension.mcl@coalindia.in ରେ ଯୋଗାଯୋଗ କରିପାରିବେ।

ଜେନେରାଲ ମ୍ୟାନେଜର (P/PF & Pension),
MCL HQ, ସମ୍ବଲପୁର

R-5203

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୪।୪।୨୦୨୪

| | |
|---|---|
| ୬,୨୭,୫୩୬ ଟଙ୍କା | |
| ସୁନା | ୧.୧୦୦ ଗ୍ରାମ |
| ରୁପା | ମିଳିନାହିଁ |

# ଶ୍ରୀକ୍ଷେତ୍ରରେ ମହାବୀରଙ୍କ ଉପାସନା

### ଶ୍ରୀମନ୍ଦିରରୁ ଜଗନ୍ନାଥବଲ୍ଲଭକୁ ବିଜେ ମହାବୀରଙ୍କ ଚଳନ୍ତି ପ୍ରତିମା



ହନୁମାନଙ୍କ ଜନ୍ମନୀତି ପାଇଁ ଜଗନ୍ନାଥବଲ୍ଲଭକୁ ପ୍ରଭୁ ମହାବୀର ବିଜେ କରୁଛନ୍ତି ।



ଶିରୁଳି ମହାବୀରଙ୍କ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ ।

ପୁରୀ, ୧୪।୪(ଅଜିତ୍ ମହାନ୍ତି)

ପବିତ୍ର ମହାବିଷୁବ ସଂକ୍ରାନ୍ତି ଅବସରରେ ରବିବାର ଶ୍ରୀମନ୍ଦିରରେ ବିଶେଷ ନୀତିଅନୁଷ୍ଠିତ ହୋଇଛି। ହନୁମାନ ଜୟନ୍ତୀ ଉପଲକ୍ଷେ ଶ୍ରୀମନ୍ଦିରରୁ ଆଜ୍ଞାମାଳ ଶ୍ରୀକ୍ଷେତ୍ରର ବିଭିନ୍ନ ମହାବୀର ମନ୍ଦିରକୁ ବିଜେ କରାଯାଇଥିଲା। ଶ୍ରୀମନ୍ଦିରରୁ ମହାବୀରଙ୍କ ଚଳନ୍ତି ପ୍ରତିମା ଜଗନ୍ନାଥ ବଲ୍ଲଭକୁ ବିଜେ ହେବା ପରେ ସ୍ୱତନ୍ତ୍ର ନୀତିକାନ୍ତି କରାଯାଇଥିଲା। ରବିବାର ଶ୍ରୀବିଗ୍ରହମାନଙ୍କ ସକାଳଧୂପ ପରେ ମହାଜନ ସେବକମାନେ ଭଣ୍ଡାର ମହାବୀରଙ୍କ ଚଳନ୍ତି ପ୍ରତିମାଙ୍କୁ ଭିତରକୁ ବିଜେ କରିଥିଲେ। ସେଠାରେ ମହାପ୍ରଭୁଙ୍କ ଆଜ୍ଞାମାଳ ପାଇ ମହାବୀର ପାଲିଙ୍କିକୁ ବିଜେ ହୋଇଥିଲେ। ପରେ ଶ୍ରୀମନ୍ଦିର ପରିସରସ୍ଥ ମହାବୀର ଏବଂ ଶ୍ରୀମନ୍ଦିର ସହ ଜଡ଼ିତ ଥିବା ମହାବୀରଙ୍କୁ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଆଜ୍ଞାମାଳ ବିଜେ କରାଇଥିଲେ। ଘଣ୍ଟ, ଛତା, କାହାଳୀ ସହ ପୂଜାପଣ୍ଡା ସାମନ୍ତ ଆଜ୍ଞାମାଳ ଆଣି ଶ୍ରୀମନ୍ଦିର ଭିତରବେଢ଼ାର ମହାବୀର, ଉପବନସ୍ଥ ମହାବୀର, ଉତ୍ତରଦ୍ୱାର ଓ ଦକ୍ଷିଣଦ୍ୱାର ମହାବୀର, ବାରବାଟୀ ହନୁମାନ, ସିଂହଦ୍ୱାର ମହାବୀରଙ୍କୁ ପ୍ରଦାନ ସହ ପନ୍ତିଭୋଗ ଲାଗିକରିଥିଲେ। ମହାପ୍ରଭୁଙ୍କ ଆଜ୍ଞାମାଳ ଜଗନ୍ନାଥବଲ୍ଲଭ ମଠରେ ବଡ଼ମହାବୀର ନାମରେ ଜଣାଶୁଣା ସୁଗ୍ରୀବ ମହାରାଜଙ୍କୁ ଲାଗିକରାଯିବା ସହ କାନ୍ତି ଓ ଶିରପା ସମର୍ପଣ କରାଯାଇଥିଲା। ମଠ ପରିସରସ୍ଥ ଗୁମ୍ଫା ମହାବୀର (ମନ୍ତ୍ରୀ ଜାମ୍ବବାନ)ଙ୍କୁ ଆଜ୍ଞାମାଳ ଲାଗି କରାଯାଇଥିଲା। ନୀତି ପରେ ଗୁଆବାରି ମହାବୀର ରୂପେ ଖ୍ୟାତ ଶ୍ରୀହନୁମାନଙ୍କୁ ଆଜ୍ଞାମାଳ ଲାଗିହୋଇଥିଲା। ସେହିପରି ପୋଖରୀଆ ମହାବୀର, ଚକ୍ରତୀର୍ଥ ଅଞ୍ଚଳର ବେଢ଼ି ହନୁମାନଙ୍କୁ ଆଜ୍ଞାମାଳ ଲାଗିହେବା ସହ ଭୋଗ କରାଯାଇଥିଲା। ସେଠାରୁ ସେବାୟତମାନେ ପୁନଃ ଶ୍ରୀଜଗନ୍ନାଥବଲ୍ଲଭ ମଠକୁ ଫେରିଥିଲେ। ଶ୍ରୀଜଗନ୍ନାଥ ବଲ୍ଲଭକୁ ମହାବୀରଙ୍କ ଚଳନ୍ତି ପ୍ରତିମା ଶ୍ରୀମନ୍ଦିରର ଭଣ୍ଡାର ମହାବୀର ପାଲିଙ୍କିରେ ଆସି ବିଜେ କରିଥିଲେ। ମହାପ୍ରଭୁଙ୍କ ଆଜ୍ଞାମାଳ ପଡୁଆର ମଠକୁ ଫେରିବା ବେଳକୁ ଭଣ୍ଡାର ମହାବୀର ଅପେକ୍ଷା କରିଥାନ୍ତି। ପୂଜାପଣ୍ଡା ସେବକ ମହାବୀରଙ୍କ ଚଳନ୍ତି ପ୍ରତିମାଙ୍କୁ ପ୍ରସାଦ ଲାଗିକରାଇଥିଲେ। ବନ୍ଦାପନା ପରେ ଭଣ୍ଡାର ମହାବୀର ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ପରେ ଶ୍ରୀମନ୍ଦିରରେ ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇଥିଲା।

# ଜାଗା ଆଖଡ଼ାରେ କୁସ୍ତି ଅଭ୍ୟାସ

### ଆଠସାହି ଜାଗା ଆଖଡ଼ାରୁ ନିଶାଣ ଶୋଭାଯାତ୍ରା ବାହାରିଲା

ପୁରୀ,୧୪।୪(ଅଜିତ୍ ମହାନ୍ତି)

ପବିତ୍ର ହନୁମାନ ଜୟନ୍ତୀ ତଥା ମହାବିଷୁବ ସଂକ୍ରାନ୍ତି ଏବଂ ଓଡ଼ିଆ ନବବର୍ଷ ଅବସରରେ ରବିବାର ଶ୍ରୀକ୍ଷେତ୍ରରେ ଉତ୍କଳୀୟ କଳା, ସଂସ୍କୃତି ଏବଂ ସମରକଳାର ନିଦର୍ଶନ ଦେଖିବାକୁ ମିଳିଛି। ପରମ୍ପରା ଅନୁଯାୟୀ, ହନୁମାନ ଜୟନ୍ତୀରେ ଶ୍ରୀକ୍ଷେତ୍ରର ୫୦ରୁ ଊର୍ଦ୍ଧ୍ୱ ଜାଗାଆଖଡ଼ାରେ କୁସ୍ତି ଅଭ୍ୟାସ ଆରମ୍ଭ ହୋଇଛି। ବିଭିନ୍ନ ସାହିର ଯୁବକମାନେ ନୂଆଲୁଗା ପିନ୍ଧି ଜାଗାଆଖଡ଼ାରେ ପହଞ୍ଚି ମହାବୀରଙ୍କଠାରୁ ଆଶୀର୍ବାଦ ନେଇ ବାଲିରେ କୁସ୍ତି ଆରମ୍ଭ କରିଛନ୍ତି। ଏହି ପରମ୍ପରା ବହୁ ପୁରାତନ କାଳରୁ ରହିଆସିଛି। ଶ୍ରୀମନ୍ଦିରକୁ ବିଦେଶୀ ଶତ୍ରୁ କବଳରୁ ରକ୍ଷା କରିବା ପାଇଁ ସେବାୟତମାନେ ଆଗକୁ ଆସିଥିଲେ। ସେମାନେ ଜାଗାଆଖଡ଼ା କରି ମଲ୍ଲଯୋଦ୍ଧା ଶିକ୍ଷା କରୁଥିଲେ। ମହାବୀର ଜୟନ୍ତୀରୁ ଆରମ୍ଭ ହେଉଥିଲା ସେମାନଙ୍କର କୁସ୍ତି ଅଭ୍ୟାସ। କେବଳ ଯୁବକ ନୁହଁନ୍ତି, ଖଡିଛୁଆଁ ଭଳି ସେବାୟତ ଓ ସାହିର ଶିଶୁମାନେ ମଧ୍ୟ କୁସ୍ତି ଶିକ୍ଷାର ଆରମ୍ଭ କରିଥାନ୍ତି। ହନୁମାନଙ୍କ ନିକଟରେ ନୂଆ କାଛିଆ ପୂଜା କରିବା ପରେ ତାହାକୁ ପିନ୍ଧି ପ୍ରଭୁଙ୍କଠାରୁ ଆଶୀର୍ବାଦ ନେଇ କୁସ୍ତିରେ ଯୋଗ ଦିଅନ୍ତି। ଆଉ ସେହି ଯାଗାରେ କୁସ୍ତି କରିବା ପରେ ପଣାର ଆସର ଜମେ। ପଣା ସଂକ୍ରାନ୍ତି ପରିପ୍ରେକ୍ଷୀରେ ପୁରୀ ଆଠସାହି ଯାଗା ଆଖଡ଼ାରୁ ନିଶାଣ ଶୋଭାଯାତ୍ରା ବାହାରିଥିଲା। ସାହିର ଯୁବକମାନେ ଶୋଭାଯାତ୍ରାରେ ବିଭିନ୍ନ ରଣକୌଶଳ ପ୍ରଦର୍ଶନ କରିବା ସହ ବାଦ୍ୟର ତାଳେ ତାଳେ ନିଶାମ ବୁଲାଇଥିଲେ। ଜାଗାଘର ସରଞ୍ଜାମଗୁଡ଼ିକୁ ମହାବୀରଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇଥିଲା। ରବିବାର ଠାରୁ ନୂତନ ପଞ୍ଜିକା ପ୍ରଚଳନ ଆରମ୍ଭ ହୋଇଛି। ଓଡ଼ିଆ ନବବର୍ଷ ସାଙ୍ଗକୁ ହନୁମାନ ଜୟନ୍ତୀ ଥିଲେ ମଧ୍ୟ ଶ୍ରୀମନ୍ଦିରରେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିନାହିଁ। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ପଣା ସଂକ୍ରାନ୍ତି ଅବସରରେ ଘରେ ଘରେ ମା' ବୃନ୍ଦାବତୀଙ୍କ ନିକଟରେ ପଣା ଓ ଛତୁଆ ଭୋଗ କରାଯାଇଥିଲା।



ଆଖଡାରେ କୁସ୍ତି ଅଭ୍ୟାସ କରାଯାଉଛି ।

## ସଂକ୍ଷେପରେ

### କଂଗ୍ରେସର ସୁଜିତ୍ ପୁରୀ ବିଧାନସଭା ପ୍ରାର୍ଥୀ

ପୁରୀ,୧୪।୪(ଅଜିତ୍ ମହାନ୍ତି): ଭାରତୀୟ ଜାତୀୟ କଂଗ୍ରେସ ବିଧାନସଭା ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। କଂଗ୍ରେସ ଓଡ଼ିଶାର ଆଉ ୭୫ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଥିଲା। ଏଥିରେ ପୁରୀ ଲୋକ ସଭା ସଂସଦୀୟ କ୍ଷେତ୍ର ଅଧୀନ ପୁରୀ ବିଧାନସଭା ଓ ବ୍ରହ୍ମଗିରି ବିଧାନସଭା ନିମନ୍ତେ ପ୍ରାର୍ଥୀଙ୍କ ନାମ ରହିଛି। ପୁରୀ ବିଧାନସଭା ମଣ୍ଡଳୀ ପାଇଁ ଦଳ ସୁଜିତ୍ ମହାପାତ୍ରଙ୍କୁ ଏବଂ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ପାଇଁ ମିତ୍ରଭାନୁ ମହାପାତ୍ରଙ୍କୁ ଟିକେଟ୍ ପ୍ରଦାନ କରିଛି। ତେବେ ସୁଜିତ୍ ପ୍ରଥମଥର ପାଇଁ ପୁରୀ ବିଧାନସଭାରୁ ପ୍ରାର୍ଥୀ ହୋଇଛନ୍ତି। ସେ ଛାତ୍ର ରାଜନୀତିରୁ ତାଙ୍କ ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ସେ ଦଳର ବିଭିନ୍ନ ପଦପଦବୀରେ ରହି କାର୍ଯ୍ୟ କରିବା ସହ ଏଆଇସିସିର ସଦସ୍ୟ ଭାବେ କାର୍ଯ୍ୟ ତୁଲାଇଛନ୍ତି। ତେବେ ଛାତ୍ର ଜୀବନରୁ ରାଜନୀତିକୁ ଆସିଥିବା ସୁଜିତଙ୍କୁ ଦଳ ଟିକେଟ୍ ଦେବା ପରେ ତାଙ୍କ ସମର୍ଥକଙ୍କ ମଧ୍ୟରେ ଖୁସିର ଲହରି ଦେଖିବାକୁ ମିଳିଛି। ତେବେ ଚଳିତ ନିର୍ବାଚନରେ ତ୍ରିମୁଖୀ ଲଢ଼େଇ ହେବା ସମ୍ଭାବନା ସୃଷ୍ଟି କରିଛି।

### ବାଇକ୍‌ରେ ବୁଲି ପ୍ରଚାର କଲେ ସମ୍ବିତ, ଜୟନ୍ତ



ପୁରୀ,୧୪।୪(ଅଜିତ୍ ମହାନ୍ତି)

ମହାବିଷୁବ ସଂକ୍ରାନ୍ତି ତଥା ଓଡିଆ ନବବର୍ଷ ଅବସରରେ ରବିବାର ପୁରୀ ଭାଜପା ବିଧାୟକ ପ୍ରାର୍ଥୀ ଜୟନ୍ତ ଷଡ଼ଙ୍ଗୀ ଏବଂ ଲୋକ ସଭା ପ୍ରାର୍ଥୀ ସମ୍ବିତ ପାତ୍ର ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ସେ ଦଳୀୟକର୍ମୀଙ୍କ ସହ ଏକ ପଟୁଆରରେ ଆସିଥିଲେ। ଏହି ଅବସରରେ ପାତ୍ର କହିଥିଲେ, ପ୍ରଧାନମନ୍ତ୍ରୀଙ୍କ ବିକାଶ ସମସ୍ତେ ଦେଖିଛନ୍ତି। ମୋଦିଙ୍କ ଗ୍ୟାରେଣ୍ଟି ଉପରେ ସମସ୍ତଙ୍କ ଭରସା ରହିଛି। ଏଥର ଦେଶ ତଥା ଓଡ଼ିଶାରେ ଭାଜପା ସରକାର ଗଢ଼ିବ। ସେହିପରି ଏଥର ଦେଶରେ ଭାଜପା ୪୦୦ ପାର୍ ଏବଂ ରାଜ୍ୟରେ ସରକାର ଗଠନ କରିବ ବୋଲି ଷଡଙ୍ଗୀ କହିଥିଲେ। ଦର୍ଶନ କରିବା ପରେ ଉଭୟ ପ୍ରାର୍ଥୀ ଗୋଟିଏ ବାଇକ୍‌ରେ ବୁଲିବୁଲି ନିର୍ବାଚନ ପ୍ରଚାର କରୁଥିବା ଦେଖିବାକୁ ମିଳିଥିଲା। ସେହିପରି ଜାଗା ଆଖଡ଼ାରେ ହନୁମାନ ଜୟନ୍ତୀ ଧୁମଧାମରେ ପାଳନ ହେଉଥିବାବେଳେ ଉଭୟ ନେତା ଜାଗାଘର ଯାଇଥିଲେ। ଏପରିକି ଦୁହେଁ ଶୋଭାଯାତ୍ରାରେ ସାମିଲ ହୋଇ ନିଶାମ ବୁଲାଉଥିବା ମଧ୍ୟ ଦେଖିବାକୁ ମିଳିଥିଲା।

### ଆମ୍ବେଦକର ଜୟନ୍ତୀ ଅବସରରେ ଶୋଭାଯାତ୍ରା

ପିପିଲି,୧୪।୪(ଦୁର୍ଗା ମାଧବ ମିଶ୍ର): ରାଷ୍ଟ୍ର ପୁରୁଷ ଡ. ଭୀମରାଓ ଆମ୍ବେଡକରଙ୍କ ଜୟନ୍ତୀ ଉପଲକ୍ଷେ ରବିବାର ଏକ ବିଶାଳ ଶୋଭାଯାତ୍ରା ପିପିଲି ବ୍ଲକ ଛକଠାରୁ ବାହାରି ପିପିଲି ବଜାର ଦେଇ ବାଇପାସ୍ଥିତ ଡ. ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିଥିଲା। ଏଥିରେ ଜାତୀୟ ଦଳିତ ଆଦିବାସୀ ମାଇନୋରିଟି ମହାସଂଘ ରାଜ୍ୟ ସଭାପତି ବିଜୟ ସେଠୀଙ୍କ ନେତୃତ୍ୱରେ ବାବୁନା ବେହେରା, କାହ୍ନୁ ବେହେରା, ବାସୁ ପ୍ରଧାନ, ସର୍ବେଶ୍ୱର ଭାରତୀ, ମିନା, ଲକ୍ଷ୍ମୀ, କାନ୍ତି, ସୋନିଲତା ସେଠୀ, ମମତାଙ୍କ ସମେତ ଶତାଧିକ ମହିଳା, ପୁରୁଷ ଯୋଗଦେଇ ଆମ୍ବେଡକରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ।

# ମହାପ୍ରଭୁଙ୍କ ମହିମା ସମ୍ପର୍କରେ ଆଲୋକପାତ





ଅନ୍ତର୍ଜାତୀୟ ଜୟ ଜଗନ୍ନାଥ ଦିବସ ପାଳନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ।

### ଅନ୍ତର୍ଜାତୀୟ ଜୟ ଜଗନ୍ନାଥ ଦିବସ

ପୁରୀ,୧୪।୪(ଅଜିତ୍ ମହାନ୍ତି)

ପବିତ୍ର ମହାବିଷୁବ ସଂକ୍ରାନ୍ତି ଅବସରରେ ରବିବାର ଅନ୍ତର୍ଜାତୀୟ ଶିକ୍ଷା, ନିଯୁକ୍ତି ସଶକ୍ତୀକରଣ ପରିଷଦ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡିଜିଟାଲ ମିଡିଆ ଟେକ୍ନୋଲୋଜି ପକ୍ଷରୁ ଅନ୍ତର୍ଜାତୀୟ ଜୟ ଜଗନ୍ନାଥ ଦିବସ ପାଳନ କରାଯାଇଛି। ପୁରୀ ଟାଉନ ହଲରେ ପ୍ରଦୀପ ତ୍ରିପାଠୀ ଓ ପଦ୍ମଲୋଚନ ମହାପାତ୍ର ପ୍ରମୁଖଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଅତିଥି ଭାବେ ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର, ଉମାବଲ୍ଲଭ ରଥ, ଆଦିତ୍ୟ ହୃଦୟ ମିଶ୍ର, ବଦ୍ରି ମିଶ୍ର, ଲଳିତ କୁମାର ସାହୁ, ଜଗବନ୍ଧୁ ମିଶ୍ର, ସୁଶାନ୍ତ ରାଜ୍, ମାୟା ପାଢ଼ୀ, ମଧୁସୂଦନ ମିଶ୍ର, ସରୋଜ ମହାନ୍ତି, ମହନ୍ତ ପର୍ଶୁରାମ ଦାସ, ଗୌରୀଶଙ୍କର ସିଂହାରୀ, ହରେକୃଷ୍ଣ ସିଂହାରୀ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହିମା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଉପଲକ୍ଷେ ରାଜ୍ୟ ରେଡ୍‌କ୍ରସ ଓ ଉକ୍ତ ଅନୁଷ୍ଠାନର ମିଳିତ ସହଯୋଗରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଶିବିରରେ ୩୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ପରେ ଚନ୍ଦ୍ରବିଜୟୀ ମିଶ୍ରଙ୍କ ପରିଚାଳନାରେ ପିଲାଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିପରି ଗୀତିକାର ବଦ୍ରି ମିଶ୍ର, ଡ. ଜଗବନ୍ଧୁ ମିଶ୍ର, ମାୟା ପାଢ଼ୀ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ଇଂ. ଅଭିନନ୍ଦନ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମହାବିଷୁବ ସଂକ୍ରାନ୍ତି, ହନୁମାନ ଜୟନ୍ତୀ ପାଳିତ

କୋଣାର୍କ,୧୪।୪(ଜ୍ୟୋତିରାଜ ମହାନ୍ତି): ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ସମେତ ଆଖପାଖ ଅଞ୍ଚଳରେ ପବିତ୍ର ମହାବିଷୁବ ସଂକ୍ରାନ୍ତି, ଓଡ଼ିଆ ନବବର୍ଷ ଓ ହନୁମାନ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କୋଣାର୍କ ନିକଟ ଅଞ୍ଚଳର ହନୁମାନ ମନ୍ଦିର ଓ ଶ୍ରୀରାମ ମନ୍ଦିରରେ ଭକ୍ତମାନେ ପୂଜାର୍ଚ୍ଚନା ଓ ପଣା ଭୋଗ ଲାଗି କରିବା ସହ ଓଡ଼ିଆ ନୂଆବର୍ଷ ପାଳନ କରିଥିଲେ। କୋଣାର୍କ ନିକଟସ୍ଥ ମାଟିଆପଡ଼ାସ୍ଥିତ ହନୁମାନ ମନ୍ଦିରରେ ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଅବସରରେ ଶ୍ରଦ୍ଧାଳୁମାନେ ନାମ ସଂକୀର୍ତ୍ତନ କରିବା ସହ ହନୁମାନଙ୍କ ପୂଜାର୍ଚ୍ଚନା ଓ ପ୍ରସାଦ ସେବନ କରିଥିଲେ। କୋଣାର୍କ ଥାନା ପଛପଟ ମହାବୀର ମନ୍ଦିର, ମଙ୍ଗୁଳେଶ୍ୱର ନିକଟ ଖରାଖୁଆ ମହାବୀର, ଚନ୍ଦ୍ରଭାଗାସ୍ଥିତ ଦରିଆ ମହାବୀର, ଖାଲକଟାପାଟଣାସ୍ଥିତ ପଞ୍ଚମୁଖୀ ହନୁମାନ ମନ୍ଦିର ସମେତ କୋଣାର୍କ ନବଗ୍ରହ ମନ୍ଦିର, ଶ୍ରୀରାମ ମନ୍ଦିର ଏବଂ ଶୈବପୀଠଗୁଡ଼ିକରେ ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି।

# ଠାକୁର ନିଗମାନନ୍ଦଙ୍କ ଆଦର୍ଶ ଦର୍ଶନ ଉପରେ ଆଲୋଚନା

### ନୀଳାଚଳ କୁଟୀର ଶୁଭ ପଦାର୍ପଣ ଶତବାର୍ଷିକୀ

ପୁରୀ,୧୪।୪(ଅଜିତ୍ ମହାନ୍ତି)

ପୁରୀସ୍ଥିତ ନୀଳାଚଳ ସାରସ୍ୱତ ସଂଘର ପ୍ରାଣ ପ୍ରତିଷ୍ଠାତା ପରମହଂସ ପରିବ୍ରାଜକ ସଦଗୁରୁ ଶ୍ରୀମଦ୍ ସ୍ୱାମୀ ନିଗମାନନ୍ଦ ସରସ୍ୱତୀଙ୍କ ନୀଳାଚଳ କୁଟୀର ଶୁଭପଦାର୍ପଣ ଶତବାର୍ଷିକୀ ଉତ୍ସବ ରବିବାର ବଗଲା ଧର୍ମଶାଳାରେ ପାଳିତ ହୋଇଛି। ଶ୍ରୀକ୍ଷେତ୍ର ଧାମରେ ନିଜ ଜୀବନର ଶେଷ ୧୨ବର୍ଷ କଟାଇଥିଲେ। ପରିବ୍ରାଜକ ଅବସ୍ଥାରେ ନିଗମାନନ୍ଦ ବଗଲା ଧର୍ମଶାଳାରେ ଅବସ୍ଥାନ କରିଥିଲେ। ତାଙ୍କ ରହଣି ସମୟରେ ସ୍ୱର୍ଗଦ୍ୱାରରେ ଏକ ସ୍ଥାୟୀ ଘର ୧୯୨୪ ମସିହାରେ କିଣି ତାର ନାମ ନୀଳାଚଳ କୁଟୀର ଦେଇଥିଲେ। ଏହି ନୀଳାଚଳ କୁଟୀରକୁ ଶ୍ରୀ ଶ୍ରୀ ଠାକୁର ପବିତ୍ର ବିଷୁବ ସଂକ୍ରାନ୍ତି ଦିନ ଶୁଭ ପଦାର୍ପଣ କରିଥିଲେ। ଏହି ନୀଳାଚଳ କୁଟୀରରେ ୧୯୩୪ ମସିହାରେ ରାଖିପୂର୍ଣ୍ଣିମା ଦିନ ଶ୍ରୀ ଶ୍ରୀ ଠାକୁର ତାଙ୍କ ଜନ୍ମଦିବସରେ ଭଗବତ ପ୍ରେରଣାରେ ଉଦ୍‌ବୁଦ୍ଧ ହୋଇ ନୀଳାଚଳ ସାରସ୍ୱତ ସଂଘ ପ୍ରତିଷ୍ଠା କରିଥିଲେ। ଏହି ସଂଘର ଉଦ୍ଦେଶ୍ୟ ହେଉଛି ସନାତନ ଧର୍ମ ପ୍ରଚାର, ସତଶିକ୍ଷା ବିସ୍ତାର ଓ ଶିବ ଜ୍ଞାନରେ ଜୀବସେବା। ତେବେ ୧୯୨୪ ମସିହା ପବିତ୍ର ବିଷୁବ ସଂକ୍ରାନ୍ତି ଏପ୍ରିଲ ୧୪ରେ ପ୍ରଥମେ ଠାକୁର ନିଗମାନନ୍ଦ ନୀଳାଚଳ କୁଟୀରରେ ପ୍ରବେଶ କରିଥିଲେ। ଏହି ସ୍ମରଣୀୟ ଉତ୍ସବର ଶତକ ଜୟନ୍ତୀ ରବିବାର ବଗଲା ଧର୍ମଶାଳାରେ ପାଳନ କରାଯାଇଛି। ଏହି ଉପଲକ୍ଷେ ଭକ୍ତମାନେ ଠାକୁରଙ୍କୁ ଏକ ସୁସଜ୍ଜିତ ରଥରେ ବିଜେ କରାଇ ଶୋଭାଯାତ୍ରାରେ ନାମ ସଂକୀର୍ତ୍ତନ ସହିତ ନୀଳାଚଳ କୁଟୀରରୁ ବଗଲା ଧର୍ମଶାଳା ପର୍ଯ୍ୟନ୍ତ ପାଛୋଟି ଆଣିଥିଲେ। ସେହିପରି ପ୍ରାତଃ ପ୍ରାର୍ଥନା ସଭାରେ ମଙ୍ଗଳ ଆରତି ଓ ବୈଦିକ ପ୍ରାର୍ଥନା ପରେ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦଙ୍କ ଆଦର୍ଶ ଦର୍ଶନ ଓ ଆର୍ଯ୍ୟ ଧର୍ମଧାରା ଉପରେ ଆଲୋଚନା କରାଯାଇଥିଲା। ଏହି ସଭାରେ ଦିବ୍ୟ ଜୀବନ ସଂଘର ସ୍ୱାମୀ ଶିବ ଚିଦାନନ୍ଦ ମହାରାଜ ସଭାପତିତ୍ୱ କରିଥିଲେ। ସଂଘର ସଭାପତି ସନ୍ତୋଷ କୁମାର ମହାନ୍ତି ଅଭିଭାଷଣ ଦେଇଥିବାବେଳେ ପରିଚାଳକ ଶରତ ଚନ୍ଦ୍ର ସିଂ ଦେଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆସାମ ବଙ୍ଗୀୟ ସାରସ୍ୱତ ମଠର ପ୍ରତିନିଧି ଗ୍ରାମୀ ଅମ୍ବାନନ୍ଦ ସରସ୍ୱତୀ ମହାରାଜ, ଭାଗବତ ଆଶ୍ରମ ପୁରୀର ଅଧକ୍ଷ ବ୍ରଜ ଦାସ ମହାରାଜ, ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ପ୍ରଫୁଲ୍ଲ କୁମାର ମିଶ୍ର ଉପସଭାପତି ସର୍ବ ଭାରତୀୟ ବୈଦିକ ସଂଗଠନ, ପଣ୍ଡିତ ସୂର୍ଯ୍ୟ ନାରାୟଣ ରଥଶର୍ମା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସଂଘ ତରଫରୁ ଏକ ସ୍ମରଣିକା 'ଶତାବ୍ଦୀ ସୌରଭ' ଉନ୍ମୋଚିତ ହୋଇଥିଲା।

# ଆମ୍ବେଦକର ସାମାଜିକ ନ୍ୟାୟ ବ୍ୟବସ୍ଥାର ମୂର୍ତ୍ତିମନ୍ତ ପ୍ରତୀକ

ପୁରୀ,୧୪।୪(ଅଜିତ୍ ମହାନ୍ତି)

ସମ୍ବିଧାନ ପ୍ରଣେତା ଭାରତରତ୍ନ ବାବାସାହେବ ଡ. ଭୀମରାଓ ରାମ୍‌ଜୀ ଆମ୍ବେଡକର ସାମାଜିକ ନ୍ୟାୟ ବ୍ୟବସ୍ଥାର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ। ସଂଘର୍ଷରୁ କିପରି ଜଣେ ସଫଳ ହେବା ସହ ଦେଶର ଗୌରବ ବୃଦ୍ଧିରେ ସହାୟକ ହୁଅନ୍ତି ତାହା ଆମ୍ବେଡକରଙ୍କ ଜୀବନଦର୍ଶରୁ ସ୍ପଷ୍ଟ ପ୍ରତୀୟମାନ ବୋଲି ପୁରୀ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା କହିଛନ୍ତି। ପୁରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସଭାଗୃହଠାରେ ଆଦର୍ଶ ଆଚରଣ ବିଧି ଅନୁପାଳନ ପୂର୍ବକ ଜିଲା ପ୍ରଶାସନ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ରବିବାର ଆମ୍ବେଡକରଙ୍କ ୧୩୩ ତମ ଜିଲାସ୍ତରୀୟ ଜୟନ୍ତୀ ପାଳିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ବେହେରା ଯୋଗଦେଇ ସମ୍ବିଧାନ ପ୍ରସ୍ତୁତି ଓ ପ୍ରଣୟନରେ ଆମ୍ବେଡକରଙ୍କ ଭୂମିକା ଅବିସ୍ମରଣୀୟ ବୋଲି କହିଥିଲେ। ଆମ୍ବେଦକରଙ୍କ ଜୀବନୀ, ସଂଗ୍ରାମ, ସମ୍ବିଧାନ ପ୍ରଣୟନରେ ତାଙ୍କର ଅବଦାନ, ଶିକ୍ଷା, ସଂସ୍କାର, ସାମାଜିକ ନ୍ୟାୟ ସମ୍ପର୍କରେ ସେ ଆଲୋଚନା କରିଥିଲେ। ଏବେ ନିର୍ବାଚନ ଆସୁଛି। ପ୍ରତ୍ୟେକ ଭୋଟର ଗଣତନ୍ତ୍ରକୁ ସୁଦୃଢ଼ ପାଇଁ ନିଶ୍ଚିତ ମତଦାନ କରିବାକୁ ବେହେରା ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବିମଳା କୁମାରୀ ସେନାପତି ଏଥିରେ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଅତିଥି ପରିଚୟ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ଶୋଭାମଣୀ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।





ଆମ୍ବେଦକରଙ୍କ ଜୟନ୍ତୀ ସମାରୋହରେ ଅତିଥିଙ୍କ ହାତରେ ପୁରସ୍କୃତ କୃତୀ ପ୍ରତିଯୋଗୀ ।

# 'ମୁଖ୍ୟମନ୍ତ୍ରୀ ଏକକାଳୀନ ଦୈନିକ ମଜୁରି ବଢ଼ାଇ ଇତିହାସ ରଚିଛନ୍ତି'

ପୁରୀ,୧୪।୪(ଅଜିତ୍ ମହାନ୍ତି)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫୦ବର୍ଷ ମଧ୍ୟରେ ଏକକାଳୀନ ଦୈନିକ ମଜୁରୀ ୧୦୦ ଟଙ୍କା ବୃଦ୍ଧି କରି ଇତିହାସ ରଚିଛନ୍ତି। ଏହି ମଜୁରୀ ବୃଦ୍ଧି ଦ୍ୱାରା ବିଭିନ୍ନ ବର୍ଗର ଶ୍ରମିକ ଉପକୃତ ହୋଇପାରୁଛନ୍ତି। ରବିବାର ପୁରୀ ବଗଲା ଧର୍ମଶାଳାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜୁ ଶ୍ରମିକ ସାମୁଖ୍ୟ ରାଜ୍ୟ କମିଟିର ମହାସଚିବ ତଥା କଟକ ମେୟର ସୁବାସ ସିଂ ଏବଂ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ ଓଡ଼ିଶାରେ ଦୈନିକ ମଜୁରୀ ୩୪୬ ଟଙ୍କାକୁ ୪୫୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିବା ଦ୍ୱାରା ପ୍ରାୟ ଏକ କୋଟି ଶ୍ରମିକ ଉପକୃତ ହେବେ। ବିଶେଷକରି ପୌର ସଂସ୍ଥା, ବିଦ୍ୟୁତ, ପରିବହନ ବିଭାଗ ଏବଂ ଘରୋଇ ସଂସ୍ଥାରେ କାର୍ଯ୍ୟରତ ଶ୍ରମିକ ଉପକୃତ ହେବେ। ମୁଖ୍ୟମନ୍ତ୍ରୀଙ୍କ ନୂଆ ଓଡ଼ିଶା ରାଜ୍ୟତମାମ ରୂପାନ୍ତରୀକରଣ, ଶିଳ୍ପ ବିକାଶ ଧାରାରେ ଶ୍ରମିକଙ୍କ ଭୂମିକା ପ୍ରଶଂସନୀୟ। ସେମାନଙ୍କୁ ମଜୁରୀ ଓ ସାମାଜିକ ସୁରକ୍ଷା ଯୋଗାଇବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସମ୍ପୂର୍ଣ୍ଣ ପରିବାର ପାଇଁ ୫ ଲକ୍ଷ ଟଙ୍କା ଶ୍ରମିକ ଶ୍ରେଣୀର ଲୋକଙ୍କୁ ବଡ଼ ସୁରକ୍ଷା ପ୍ରଦାନ କରିପାରିଛି। ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ରାଜ୍ୟରେ ୪୨ଲକ୍ଷ ୪୮ ହଜାର ଶ୍ରମିକ ପଞ୍ଜୀକୃତ ହୋଇଛନ୍ତି। ସେମାନଙ୍କୁ ବିଭିନ୍ନ ଯୋଜନାରେ ୩ ହଜାର ୫୨୪ କୋଟି ଟଙ୍କାର ସହାୟତା ଦିଆଯାଉଛି। ଅଣସଂଗଠିତ ଶ୍ରମିକ କଲ୍ୟାଣ ବୋର୍ଡ଼ ଗଠନ କରାଯାଇ ସବୁ ସ୍ତରର ଶ୍ରମିକଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ କରାଯାଉଛି। ପରିବହନ କ୍ଷେତ୍ରରେ କାର୍ଯ୍ୟରତ ଚାଳକ ଓ ଶ୍ରମିକଙ୍କୁ ସାମାଜିକ ସୁରକ୍ଷା ଯୋଗାଇଦେବା ପାଇଁ ସ୍ୱତନ୍ତ୍ର କଲ୍ୟାଣ ବୋର୍ଡ଼ ଗଠନ ହୋଇଛି। କେନ୍ଦୁପତ୍ର ତୋଳାଳି ଓ ବୁଣାକାରଙ୍କୁ ମଧ୍ୟ ସବୁ ପ୍ରକାର ସହାୟତା ଦିଆଯାଉଛି। ଚଳିତ ବର୍ଷ ୫୦ ଭାଗ ରାଶି ବୃଦ୍ଧି କରାଯାଇଛି। ଅଟୋଚାଳକ, ଫଟୋଗ୍ରାଫର, ଘରୋଇ କାର୍ଯ୍ୟରତ ଶ୍ରମିକମାନେ ଅଣସଙ୍ଗଠିତ ଶ୍ରମିକ ବୋର୍ଡ଼ରେ ସାମିଲ ହୋଇ ସହାୟତା ପାଇପାରିବେ ବୋଲି ସାମୁଖ୍ୟର ମହାସଚିବ କହିଥିଲେ। ସୋମବାର ପୁରୀ ଜିଲାସ୍ତରୀୟ ଗଣକନଭେସନ ହେବ। ସମ୍ମିଳନୀରେ ବିଜୁ ଶ୍ରମିକ ସାମୁଖ୍ୟର ଖୋର୍ଦ୍ଧା ଜିଲା ସଭାପତି ନବକିଶୋର ମହାନ୍ତି, ଓଡ଼ିଶା ବିଦ୍ୟୁତ କର୍ମଚାରୀ ମହାସଂଘର ରାଜ୍ୟ କାର୍ଯ୍ୟକାରୀ ସଭାପତି ରାଜୀବ ମହାନ୍ତି, ଓଡ଼ିଶା ଅଟୋ ଚାଳକ ମହାସଂଘର ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ସାମଲ ଏବଂ ଓଡ଼ିଶା ସଡ଼କ ପରିବହନ ମହାସଂଘର ସମ୍ପାଦକ ସନ୍ତୋଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

TPCODL
ବିଶେଷ ସୂଚନା
ନିୟମିତ ମରାମତି କାର୍ଯ୍ୟ ପାଇଁ ଆଜି ଭୁବନେଶ୍ୱର ସ୍ଥିତ ନିଳାଦ୍ରୀ ବିହାର ଅଞ୍ଚଳରେ ସକାଳ ୯ ଘଟିକାରୁ ଅପରାହ୍ନ ୧ ଘଟିକା ପର୍ଯ୍ୟନ୍ତ, ଗୋଡିବାରି, ଓମ୍ କଟେଜ୍, କଣ୍ଟାବାଡ଼ ଅଞ୍ଚଳରେ ସକାଳ ୭ ଘଟିକାରୁ ଦିନ ୧୧ ଘଟିକା ପର୍ଯ୍ୟନ୍ତ, ଗୋପବନ୍ଧୁ ଏକାଡେମୀ, ମଧୁସୂଦନ ଏକାଡେମୀ, ଆର୍‌ସିଏମ୍ କଲେଜ ଅଞ୍ଚଳ, କଳିଙ୍ଗ ହସ୍ପିଟାଲ ଅଞ୍ଚଳ, ଚୌଧୁରୀ ମାର୍କେଟ୍, କେଦାରପଲ୍ଲୀ ବସ୍ତି ଓ ନନ୍ଦିଘୋଷ ଆପାର୍ଟମେଣ୍ଟ ଅଞ୍ଚଳରେ ସକାଳ ୮ ଘଟିକାରୁ ଦିନ ୧୧ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ। ସେହିପରି ତ୍ରିଲୋଚନ ବିହାର, ଏଳାମ୍ର ବିହାର, ଏବରଙ୍ଗ, ଚାନ୍ଦି ବଜାର, ବୋତଣ୍ଡା, ଓରକଳ, ବୈଷ୍ଣବ ମାତା ବିହାର, ଗୌରୀ ଧାମ, ଆରାଧନା ନଗର, ଗାୟତ୍ରୀ ବିହାର, ଆଦିତ୍ୟ ନଗର, ଗଙ୍ଗାଯମୁନା ଓ ବୀରବନ୍ଧ ଗ୍ରାମ ଅଞ୍ଚଳରେ ସକାଳ ୭.୨୪ ଘଟିକାରୁ ଦିନ ୧୦.୨୪ ଘଟିକା ପର୍ଯ୍ୟନ୍ତ ଏବଂ ଶ୍ରୀରାମ ବଜାର, ବଙ୍ଗାଳୀ ସାହି, ଷ୍ଟେସନ ଗଙ୍ଗ, ରଘୁନାଥପୁର ଓ ନନ୍ଦନକାନନ ଅଞ୍ଚଳରେ ସକାଳ ୮.୩୦ ଘଟିକାରୁ ଅପରାହ୍ନ ୨.୩୦ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗଣ ବନ୍ଦ ରହିବ।
ଅସୁବିଧା ପାଇଁ ଦୁଃଖିତ - ଟିପିସିଓଡିଏଲ୍

MCL
ମହାନଦୀ କୋଲଫିଲ୍‌ଡସ ଲିମିଟେଡ୍
(କୋଲ ଇଣ୍ଡିଆ ଲିମିଟେଡ୍ ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯, ୱେବ୍‌ସାଇଟ୍ : www.mahanadicoal.in
ବିଜ୍ଞପ୍ତି
CMPFO କମିଶନର ପ୍ରଦତ୍ତ ରେଫ୍. ନଂ. CPF/CP/111(26)/Pen/Misc/HQ/Vol-III/520, ତାରିଖ: 25/08/2023 ଚିଠି ଏବଂ ଏହା ପରେ GM(P/PF & Pension), MCL HQଙ୍କ ପ୍ରଦତ୍ତ ବିଜ୍ଞପ୍ତି ରେଫ୍ ନଂ. MCL HQ/PF & PENSION/2023/5945, ତାରିଖ: 09.09.2023 ଅନୁସାରେ MCLର ସମସ୍ତ ପେନସନରମାନଙ୍କୁ ଏତଦ୍ୱାରା ପରାମର୍ଶ ଦିଆଯାଉଛି ଯେ, ଝଞ୍ଜଟମୁକ୍ତ ପତି/ପତ୍ନୀଙ୍କ ପେନସନ ପାଇଁ ପରିବର୍ତ୍ତିତ PPO (ପେନସନ ପେମେଣ୍ଟ ଅର୍ଡର) ଜାରି କରିବା ନିମନ୍ତେ ନିମ୍ନଲିଖିତ ଡକ୍ୟୁମେଣ୍ଟସ୍/ବିବରଣୀମାନ ଜମା କରିବା ଆବଶ୍ୟକ:-
1. ସଠିକ୍ ଭାବରେ ପୂରଣ କରାଯାଇଥିବା ଆବେଦନପତ୍ର, 2. ପତି/ପତ୍ନୀଙ୍କ ନାମ ଏବଂ ଯୁଗ୍ମ ଫଟୋଗ୍ରାଫ (୩ଟି), 3. ପତି/ପତ୍ନୀଙ୍କ ସହ 'ଫର୍ମର ବା ସରଭାଇବର' ମୋଡ ରେ କାର୍ଯ୍ୟକ୍ଷମ ଥିବା ପେନସନରଙ୍କ ବିଦ୍ୟମାନ ବ୍ୟାଙ୍କ ଆକାଉଣ୍ଟ, 4. ସ୍ୱସ୍ୱାକ୍ଷରିତ ଉଭୟ ନିଜର ଏବଂ ପତି/ପତ୍ନୀଙ୍କ ଆଧାର କାର୍ଡ ଏବଂ PAN କାର୍ଡର ପ୍ରତିଲିପି, 5. ନିଜର ଏବଂ ପତି/ପତ୍ନୀଙ୍କ ମୋବାଇଲ ନମ୍ବର, 6. ନିଜର ଏବଂ ପତି/ପତ୍ନୀଙ୍କ ଇ-ମେଲ୍ ଆଇଡି।
ଉପରୋକ୍ତ ଡକ୍ୟୁମେଣ୍ଟ ବା ତଥ୍ୟାବଳୀ (ସ୍ୱସ୍ୱାକ୍ଷରିତ) ସଂପୃକ୍ତ ଏରିଆ ପର୍ସୋନାଲ ମ୍ୟାନେଜର (APM)ଙ୍କ ଅଫିସରେ (ଯେଉଁଠାରୁ ସଦସ୍ୟ ଅବସରଗ୍ରହଣ କରିଥିବେ) ଜମା ଦେବା ଆବଶ୍ୟକ ଏବଂ ଯଦି MCL HQଙ୍କ ଅଫିସରୁ ଅବସର ଗ୍ରହଣ କରିଥିବେ, ତେବେ ଆବେଦନପତ୍ର ଜେନାରାଲ ମ୍ୟାନେଜର (P/PF & Pension), MCL HQଙ୍କ ଅଫିସରେ ଜମାଦେବାକୁ ହେବ।
ସଦସ୍ୟମାନଙ୍କୁ MCL ୱେବସାଇଟ୍ www.mahanadicoal.in ଦେଖିବାକୁ ଏବଂ ଲିଙ୍କ୍ - https://www.mahanadicoal.in/InfoBank/PP/NOTICE%20%205945%20120324.pdfରୁ ଉପରଲିଖିତ ବିଜ୍ଞପ୍ତି/ଆବେଦନପତ୍ର ଓ ଆବଶ୍ୟକ ଡକ୍ୟୁମେଣ୍ଟ ଗୁଡ଼ିକର ତାଲିକା ଖୋଲିବା/ଡାଉନଲୋଡ କରିବା ପାଇଁ ପରାମର୍ଶ ଦିଆଯାଉଛି।
କୌଣସି ସମସ୍ୟା ବା କିଛି ଜାଣିବାର ଥିଲେ ଯେକୌଣସି କାର୍ଯ୍ୟଦିବସର ପୂର୍ବାହ୍ନ 10:00 ଘଟିକାରୁ ଅପରାହ୍ନ 05:00 ଘଟିକା ମଧ୍ୟରେ 0663-2542739 ନମ୍ବରରେ ଅଥବା ଇ-ମେଲ ଆଇଡି: pension.mcl@coalindia.in ରେ ଯୋଗାଯୋଗ କରିପାରିବେ।
ଜେନେରାଲ ମ୍ୟାନେଜର (P/PF & Pension),
MCL HQ, ସମ୍ବଲପୁର
R-5203

## ସଂକ୍ଷେପରେ

### ଡିଜେଲ ଚୋରି ଅଭିଯୋଗରେ ୩ ଗିରଫ

ଖୁଣ୍ଟୁଣୀ,୧୪।୪(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ଅଧୀନ ରାଧାରମଣପୁର (ନୁଖୁରା) ଗ୍ରାମ ପାର୍ଶ୍ୱରେ ଥିବା ଏକ ରେଲୱେ ଠିକା ସଂସ୍ଥାର କ୍ୟାମ୍ପ ଭିତରୁ ଡିଜେଲ ଚୋରି ଅଭିଯୋଗରେ ପୋଲିସ ୩ ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଢେଙ୍କାନାଳ ଜିଲା କଙ୍କଡାହାଡ଼ ଥାନା ଚିଲଦା ଗ୍ରାମର ମକୁନା ସିଂ, କନ୍ଧମାଳ ଜିଲା ଦାରିଙ୍ଗବାଡି ଥାନା ସିମନବାଡ଼ିର ଦଳପନ ଦିଗାଲ ଓ କେନ୍ଦୁଝର ଜିଲା ତେଲକୋଇ ଥାନା ଖାରବେଡା ଗ୍ରାମର ମନୋରଞ୍ଜନ ନାୟକ। ସେମାନେ ଉକ୍ତ ସଂସ୍ଥାର ଅସ୍ଥାୟୀ କ୍ୟାମ୍ପରେ ରହି ଶ୍ରମିକ ଭାବେ କାମ କରୁଥିଲେ। ଶନିବାର ରାତିରେ ସେମାନେ ସଂସ୍ଥାର ଗାଡିରୁ ଡିଜେଲ ଚୋରି କରିଥିଲେ। ଏନେଇ ସଂସ୍ଥାର କର୍ତ୍ତୃପକ୍ଷ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୯୦/୨୪) ରୁଜୁ କରିଛି।

### ମାଲଗୋଦାମ ଥାନାରେ ୨ ମାମଲା ରୁଜୁ

**ଭାଜପା ଦୁଇଗୋଷ୍ଠୀ ମୁହାଁମୁହିଁ ଘଟଣା**

କଟକ,୧୪।୪ (କାର୍ତ୍ତିକ ସାହୁ)

ଚୌଦ୍ୱାର-କଟକ ଭାଜପା ପକ୍ଷରୁ ଶନିବାର କଲେଜ ଛକରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଦୁଇଗୋଷ୍ଠୀ ଧସ୍ତାଧସ୍ତି ଓ ମାରପିଟ୍ ହୋଇଥିଲେ। ଏଥିରେ ସିଏମ୍‌ସି କର୍ପୋରେଟର ତଥା ରାଜ୍ୟ ଭାଜପା ଯୁବମୋର୍ଚ୍ଚା ସମ୍ପାଦକ ଗଗନ ଓଝାଙ୍କ ସମେତ ଦଳୀୟ କର୍ମୀ ଆହତ ହୋଇଥିଲେ। ଏନେଇ ମାଲଗୋଦାମ ଥାନାରେ ଉଭୟ ପକ୍ଷରୁ ପୃଥକ ଏତଲା ଦିଆଯିବା ପରେ ପୋଲିସ ୨ଟି ମାମଲା(ନଂ.୧୦୦,୧୦୧/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ଶନିବାର ଗଣ୍ଡଗୋଳ ସମୟରେ ଚୌଦ୍ୱାର ନୂଆଗାଁର ବିବେକ ସାମଲ, ରାଣୀହାଟର କେ. ରାଜକୁମାରଙ୍କୁ ଏକ ଗୋଷ୍ଠୀର ଯୁବକମାନେ ମାଡ଼ ମାରି ରକ୍ତାକ୍ତ କରିଥିଲେ। ବିବେକଙ୍କ ଏତଲା ଅନୁଯାୟୀ ଭାଜପା ପ୍ରାର୍ଥୀ ନୟନ କିଶୋର ମହାନ୍ତିଙ୍କ ସମେତ ଶାରଦା ପ୍ରଧାନ (ବୁଲୁ), ଗଗନ ଓଝା, ନୀତେଶ ସାହୁ ଓ ବ୍ରଜକିଶୋର ବେହେରାଙ୍କ ବିରୋଧରେ ଏକ ମାମଲା ରୁଜୁ ହୋଇଛି। ଅପରପକ୍ଷରେ କର୍ପୋରେଟର ଦୀପକ କୁମାର ଦାସଙ୍କ ଏତଲା ଆଧାରରେ ସ୍ମୃତିରଞ୍ଜନ ମିଶ୍ର, ପ୍ରମୋଦ ସାହୁ, ନୀରୋଦ ଚନ୍ଦ୍ର ପଣ୍ଡା, ସୁରେଶ ମହାନ୍ତି, ପବିତ୍ର ଉପାଧ୍ୟାୟ, ବିବେକ ସାମଲ, କେ. ରାଜକୁମାର, ମମତା ଦାସ, ସାବିତ୍ରୀ ସାହୁ, ନିର୍ମଳା ବେଉରାଙ୍କ ବିରୋଧରେ ଆଉ ଏକ ମାମଲା ରୁଜୁ ହୋଇଛି। ସେ ଦର୍ଶାଇଛନ୍ତି, ମିଶ୍ରଣ ପର୍ବ ଚାଲିଥିବାବେଳେ ଉପରୋକ୍ତ ବ୍ୟକ୍ତିମାନେ ବିଶୃଙ୍ଖଳା ସୃଷ୍ଟି କରିବା ସହ ଲାଠି ଧରି ଆକ୍ରମଣ କରିଥିଲେ। ଏପରିକି ଜାତିଆଣ ଆକ୍ଷେପ କରିଥିଲେ। ଏହା ସହିତ ଦୀପକଙ୍କ ପକେଟରେ ଥିବା ୩୦ ହଜାର ଟଙ୍କା ଛଡ଼ାଇ ନେଇଥିଲେ ବୋଲି ମାଲଗୋଦାମ ଥାନା ଆଇଆଇସି ରଜନୀକାନ୍ତ ଦାସ ସୂଚନା ଦେଇଛନ୍ତି।

# ଲୁହାଛଡ଼ ତଳେ ଚାପି ହୋଇ ଠିକା ଶ୍ରମିକ ମୃତ

ଖୁଣ୍ଟୁଣୀ,୧୪।୪(ସଚ୍ଚିଦାନନ୍ଦ ପଣ୍ଡା)

କଟକ ଜିଲା ଖୁଣ୍ଟୁଣୀ ଥାନା ଅଧୀନ ଘଣ୍ଟିଖାଲଠାରେ ଥିବା ଆରତୀ ଷ୍ଟିଲ କାରଖାନାରେ କାର୍ଯ୍ୟରତ ଜଣେ ଠିକା ଶ୍ରମିକଙ୍କ ଶନିବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ସେ ହେଲେ ଆଠଗଡ଼ ଥାନା ଯୋରନ୍ଦା ପଞ୍ଚାୟତ ଅଧୀନ ହରିଡ଼ାଗହୀର ଗ୍ରାମର ସନାତନ ପାଢ଼ୀ(୫୫)। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଓ ତାଙ୍କ ପରିବାରର ଜଣଙ୍କୁ ଚାକିରି ପ୍ରଦାନ ଦାବିରେ ରବିବାର ପୂର୍ବାହ୍ନ ପ୍ରାୟ ୯ଟାରେ ଗ୍ରାମବାସୀ ଏବଂ ଶ୍ରମିକ ୟୁନିୟନ ପକ୍ଷରୁ କାରଖାନା ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦିଆଯାଇଥିଲା।

ପୋଲିସ ସୂତ୍ରରୁ ପ୍ରକାଶ, ଶନିବାର ରାତିରେ କାରଖାନା ପରିସରରେ କ୍ରେନ୍ ସହାୟତାରେ ଲୁହାଛଡ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରାଯାଉଥିଲା। ସେଠାରେ ସନାତନ ଛିଡା ହୋଇଥିଲେ। ହଠାତ୍ କ୍ରେନ୍‌ରୁ ଲୁହାଛଡ ଛିଣ୍ଡି ପଡିବାରୁ ସନାତନ ଏହାତଳେ ଚାପି ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଆରତୀ ଷ୍ଟିଲ ଶ୍ରମିକ ୟୁନିୟନ ନେତା ସନ୍ତୋଷ ବେହେରା, ମୃତକ ପରିବାର ସଦସ୍ୟଙ୍କ ସହିତ ଯୋରନ୍ଦା ଗ୍ରାମବାସୀ କାରଖାନା ଫାଟକ ସମ୍ମୁଖରେ ଧାରଣାରେ ବସିଥିଲେ। କାରଖାନା କର୍ତ୍ତୃପକ୍ଷ ପହଞ୍ଚି ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ରାଜି ହୋଇଥିଲେ। କାରଖାନା ସମ୍ମିଳନୀ କକ୍ଷରେ ଆଠଗଡ଼ ପ୍ରଶାସନ, ପୋଲିସ ଅଧିକାରୀ, ସ୍ଥାନୀୟ ଲୋକ ପ୍ରତିନିଧି ଓ ମୃତକଙ୍କ ପରିବାର ଲୋକଙ୍କ ଉପସ୍ଥିତିରେ କାରଖାନା କର୍ତ୍ତୃପକ୍ଷ ଆଲୋଚନା କରିଥିଲେ। ମୃତଦେହ ସତ୍କାର ଓ ଶୁଦ୍ଧିକ୍ରିୟା ପାଇଁ ୫୦ ହଜାର ଟଙ୍କା ପ୍ରଦାନ, ମୃତକଙ୍କ ପରିବାରକୁ କାରଖାନା ପକ୍ଷରୁ ୧୮ ଲକ୍ଷର ସହାୟତା ରାଶି ବ୍ୟବସ୍ଥା ସହ ସ୍ୱତନ୍ତ୍ର ସହାୟତା ରାଶି ୨.୫ ଲକ୍ଷ, ସନାତନଙ୍କ ଝିଅକୁ ୩ ମାସ ମଧ୍ୟରେ କାରଖାନାରେ ସ୍ଥାୟୀ ନିଯୁକ୍ତି ପାଇଁ କାରଖାନା ସଭାପତି ସୁଦୀପ୍ତ ପଲ୍ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଫଳରେ ପୂର୍ବାହ୍ନ ୧୦ଟାରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ଅପରାହ୍ନ ସାଢେ ୨ଟାରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

ଏହି ଆଲୋଚନାରେ ଆଠଗଡ଼ ଅତିରିକ୍ତ ତହସିଲଦାର ଅଶୋକ କୁମାର ସ୍ୱାଇଁ, ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ, ଖୁଣ୍ଟୁଣୀ ଆଇଆଇସି ଭବାନୀ ଶଙ୍କର ଖୁଣ୍ଟିଆ, ଆରତୀ ଷ୍ଟିଲ କାରଖାନା ସଭାପତି ସୁଦୀପ୍ତ ପଲ୍, ବରିଷ୍ଠ ମାନବ ସମ୍ବଳ ଅଧିକାରୀ ସରୋଜ ଜେନା, ଲୋକ ସମ୍ପର୍କ ଅଧିକାରୀ ଶରତ କୁମାର ନିଶାଙ୍କ, ପୀତବାସ ସ୍ୱାଇଁ, ସମିତିସଭ୍ୟ ମାନସ ସ୍ୱାଇଁ, ଯୋରନ୍ଦା ଗ୍ରାମ ମୁରବି ହାଡ଼ିବନ୍ଧୁ ସ୍ୱାଇଁ, ସନାତନଙ୍କ ସ୍ତ୍ରୀ ଗୀତାଞ୍ଜଳି ପାଢ଼ୀ, ଶ୍ରମିକ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ସନ୍ତୋଷ ପ୍ରଧାନ, ସୁବାସ ଚନ୍ଦ୍ର ବିଶ୍ୱାଳ, ପୂର୍ବତନ ସରପଞ୍ଚ ଲକ୍ଷ୍ମୀଧର ମହାନ୍ତି, ପ୍ରଣବାନନ୍ଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।


କ୍ଷତିପୂରଣ ଦାବିରେ କାରଖାନା ଫାଟକ ସମ୍ମୁଖରେ ଧାରଣା।

**କ୍ଷତିପୂରଣ ଦାବିରେ ଧାରଣା**

# 'ଓଡ଼ିଆଙ୍କ ସମ୍ପର୍କର ସେତୁ ମହାବିଷୁବ ସଂକ୍ରାନ୍ତି'

କଟକ,୧୪।୪ (କାର୍ତ୍ତିକ ସାହୁ)

ସାରଳା ସାହିତ୍ୟ ସଂସଦ ପକ୍ଷରୁ କଟକ ସାରଳା ଭବନରେ ଓଡ଼ିଆ ନବବର୍ଷ ପାଳିତ ହୋଇଯାଇଛି। ସଂସଦର ସଭାପତି ଇଂ. ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ ଯୋଗଦେଇ କହିଛନ୍ତି, ଓଡ଼ିଆଙ୍କ ଦୈନନ୍ଦିନ ଜୀବନରେ ମହାବିଷୁବର ପବିତ୍ର ପାର୍ବଣ ଆମର ସାମାଜିକ, ଆଧ୍ୟାତ୍ମିକ ଓ ପାରିବାରିକ ସମ୍ପର୍କର ସଂଯୋଗ ସେତୁ। ସଭାପତି ଡ. ସ୍ୱାଇଁ କହିଛନ୍ତି, ଓଡ଼ିଆ ଜନଜୀବନରେ ମହାବିଷୁବ ସଂକ୍ରାନ୍ତି ବା ପଣାସଂକ୍ରାନ୍ତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅନ୍ୟମାନଙ୍କ ମଧ୍ୟରେ ଡା. ନିରଞ୍ଜନ ତ୍ରିପାଠୀ, ଡା. ନିମାଇଁ ଚରଣ ପରିଜା, ଡା. ଭାଗବତ ଶୁକ୍ଳ, ଅଧ୍ୟାପକ ନିର୍ମଳ ଚନ୍ଦ୍ର ପହୀ, ନାଟ୍ୟକାର ସଞ୍ଜିତ ପଟ୍ଟନାୟକ, ଅଧ୍ୟାପକ ଗୋପୀନାଥ ପଣ୍ଡା ଓ ଲକ୍ଷ୍ମୀପ୍ରକାଶ ମହାପାତ୍ର ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ କାନ୍ତିବାଳା ନାୟକଙ୍କ ଅଧ୍ୟକ୍ଷତାରେ ସ୍ୱରଚିତ କବିତା ପାଠୋତ୍ସବ ହୋଇଥିଲା। ବ୍ରଜକିଶୋର ବେଉରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଉତ୍କଳ ବିଦ୍ୟାଗୌରବ ପରିଷଦ ପକ୍ଷରୁ ଓଡ଼ିଆ ନବବର୍ଷ ଓ ମହାବିଷୁବ ସଂକ୍ରାନ୍ତି କଟକ ଦୋଳମୁଣ୍ଡାଇସ୍ଥିତ ଗୋବିନ୍ଦବଲ୍ଲଭ ଭବନରେ ପାଳିତ ହୋଇଯାଇଛି। ଏଥିରେ ସନ୍ନ୍ୟାସିନୀ ବିଦ୍ୟୁତ୍ କୁମାରୀ ଲାଲା ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଡା. ଦୀନବନ୍ଧୁ ମହାରଣା, ମୁଖ୍ୟବକ୍ତା କଟକ ମହାନଗର ନାଗରିକ ମହାସଭାର ସଭାପତି ଡା. ରବିରଞ୍ଜନ ସାହୁ, ସମ୍ମାନିତ ଅତିଥି ରାଜ୍ୟ ନିରାମୟ ଉପଦେଷ୍ଟା ଡ. ରଞ୍ଜନ ବିଶ୍ୱାଳ, ସମ୍ମାନିତ ବକ୍ତା ଯୋଗେନ୍ଦ୍ର ନାଥ ବଡ଼ୁଆ ଓ ନିମନ୍ତ୍ରିତ ଅତିଥି ଭାବେ କର୍ପୋରେଟର ସୁମିତ୍ରା ବଡ଼ୁଆ, ଅଧ୍ୟାପକ କିଶୋର ଚନ୍ଦ୍ର ଦାସ ଯୋଗଦେଇ ଓଡ଼ିଆ ନବବର୍ଷ ପାଳନର ଗୌରବମୟ ଗାଥା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଡା. ଦୀପ୍ତିରାଣୀ ସାମନ୍ତ ଓ ଆଇନଜୀବୀ ଗୋକୁଳାନନ୍ଦ ପଟ୍ଟନାୟକଙ୍କୁ ବିଷୁବ ସମ୍ମାନ ପ୍ରଦାନ କରାଯାଇଥିଲା। ଅଧ୍ୟାପକ ଅଶୋକ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

# ନୀଳଚକ୍ରର ବାର୍ଷିକ ଉତ୍ସବ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

କଟକ,୧୪।୪(କାର୍ତ୍ତିକ ସାହୁ)

ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ନୀଳଚକ୍ରର ୫୪ତମ ବାର୍ଷିକ ଉତ୍ସବ କଟକ ଶ୍ରୀରାମଚନ୍ଦ୍ର ଭବନରେ ରବିବାର ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ନମିତା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବକୁ ମୁଖ୍ୟ ଅତିଥି ଡ. ଅଜୟ ମିଶ୍ର ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟବକ୍ତା ପ୍ରଫେସର ନେତାଜୀ ଅଭିନନ୍ଦନ, ସମ୍ମାନିତ ଅତିଥି ଡ. ବିଦ୍ୟୁତ୍‌ପ୍ରଭା ମିଶ୍ର ଯୋଗଦେଇ ଓଡ଼ିଆ ନବବର୍ଷ ପାଳନର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ଏହି ଅବସରରେ ଡ. ଅଜୟ ମିଶ୍ର, କାହ୍ନୁଚରଣ ପାଣିଗ୍ରାହୀ, ଡ. ବିଦ୍ୟୁତ୍‌ପ୍ରଭା ମିଶ୍ର ଓ ଡା. ହରେକୃଷ୍ଣ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ବିଦ୍ୟାଳୟସ୍ତରୀୟ ଓଡ଼ିଆ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାର ୯ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବ୍ରଜ ନନ୍ଦ ସ୍ୱାଗତ ଭାଷଣ, ସମ୍ପାଦକ ରମାକାନ୍ତ ମହାପାତ୍ର ବିବରଣୀ ପାଠ, ଶ୍ରୀନିବାସ ରାଉତ ବେଦପାଠ ଓ ଦୀପକ ମହନ୍ତ ଧନ୍ୟବାଦ ଦେଇଥିଲେ। ସେହିପରି ଅପରାହ୍ନରେ ପଣା ସଂକ୍ରାନ୍ତି ଉପରେ କବିତା ପାଠୋତ୍ସବ ହୋଇଥିଲା। ଏହି ଅବସରରେ ଅନୁଷ୍ଠାନର ପ୍ରତିଷ୍ଠାତା ବ୍ରହ୍ମାନନ୍ଦ ପଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ବିଭିନ୍ନ ଶାଖାର ପ୍ରତିନିଧି ଯୋଗଦେଇଥିଲେ।

# ହନୁମାନ ଜୟନ୍ତୀରେ ବାଇକ୍ ଶୋଭାଯାତ୍ରା


ମହାବିଷୁବ ସଂକ୍ରାନ୍ତି ଅବସରରେ କଟକ ବାଲିଯାତ୍ରା ଉପର ପଡିଆ ନିକଟରୁ ବାହାରିଥିବା ବାଇକ୍ ଶୋଭାଯାତ୍ରା।

କଟକ,୧୪।୪(ଶିଳ୍ପା ପ୍ରିୟଦର୍ଶିନୀ)

ହନୁମାନ ଜୟନ୍ତୀ ତଥା ଓଡ଼ିଆ ନବବର୍ଷ ଅବସରରେ ରବିବାର ହିନ୍ଦୁସେନା ପକ୍ଷରୁ ବିଶାଳ ବାଇକ ଶୋଭାଯାତ୍ରା କଟକରେ ଅନୁଷ୍ଠିତ ହୋଇଯାଇଛି। ହିନ୍ଦୁସେନାର ରାଜ୍ୟ ସଭାପତି ଦେବାଶିଷ ରାଉତଙ୍କ ନେତୃତ୍ୱରେ ବାଇକ୍ ଶୋଭାଯାତ୍ରା ସନ୍ଧ୍ୟା ୫ଟାରେ ବାରବାଟୀ ଦୁର୍ଗ ନିକଟରୁ ବାହାରି ସହର ପରିକ୍ରମା କରିବା ପରେ ଦୋଳମୁଣ୍ଡାଇଠାରେ ପହଞ୍ଚିଥିଲା। ଜୟ ହନୁମାନ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ସାରା ସହର। ତେବେ ଶୋଭାଯାତ୍ରାରେ ମୁଖ୍ୟ ଆକର୍ଷଣ ସାଜିଥିଲେ ହରିୟାଣାରୁ ଆସିଥିବା ତିଲକ୍ ମହାଦେବ ବେଶଧାରୀ। ତାଙ୍କ ସହିତ ୫ ଜଣିଆ ଗ୍ରୁପ୍। ଶିବ ତାଣ୍ଡବ ସହିତ ବିଭିନ୍ନ କଳା ପ୍ରଦର୍ଶନ କରିଥିଲା ଏହି ଗ୍ରୁପ୍। ସେହିପରି ହରିୟାଣାରୁ ଆସିଥିବା ୮ଫୁଟ୍‌ର ହନୁମାନ ବେଶଧାରୀ ଅନ୍ୟତମ ଆକର୍ଷଣ ସାଜିଥିଲେ। ହରିୟାଣାର ଅନିଲ ତିଲକ୍‌ଧାରୀ ହନୁମାନ ବେଶରେ କଳା ପ୍ରଦର୍ଶନ କରିଥିଲେ। ଶୋଭାଯାତ୍ରା ଦୋଳମୁଣ୍ଡାଇ ଜଗନ୍ନାଥ ମନ୍ଦିର ସମ୍ମୁଖରେ ପହଞ୍ଚିବା ପରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଓ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସାହିର ମୁରବିଙ୍କୁ ହିନ୍ଦୁସେନା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟ କୋଷାଧ୍ୟକ୍ଷ ଅବିଷେକ ଜେନା, ଛାତ୍ର ସଭାପତି ସୁଜିତ୍ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସଦସ୍ୟ ଅଖିଳ ମୂଳିଆ, ଭାଗ୍ୟଧର ବେହେରା, ଶୁଭେନ୍ଦୁ ସ୍ୱାଇଁ, ନିରାଦ୍ରୀ ବେହେରା, କ୍ଷିତୀଶ ଜଗତିଙ୍କ ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

# ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ଜଳ ବିତରଣ କେନ୍ଦ୍ର ଉଦ୍‌ଘାଟିତ

କଟକ,୧୪।୪ (କାର୍ତ୍ତିକ ସାହୁ)

ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଟାଙ୍ଗୀ ବସ୍‌ଷ୍ଟାଣ୍ଡଠାରେ ମହାବିଷୁବ ସଂକ୍ରାନ୍ତିରୁ ଜଳ ବିତରଣ କେନ୍ଦ୍ରର ଶୁଭାରମ୍ଭ ହୋଇଛି। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଓ ପଦ୍ମିନୀ କେୟାର ହସ୍ପିଟାଲର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଏହାକୁ ଉଦ୍‌ଘାଟନ କରି ପଥଚାରୀଙ୍କୁ ପଣା ବିତରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ପ୍ରଫେସର ଡା. ଶକ୍ତି ପ୍ରସାଦ ଦାସ, ନିର୍ଦ୍ଦେଶକ ଲୋକନାଥ ବେହେରା, କ୍ରୀଡ଼ା ନିର୍ଦ୍ଦେଶକ ନବକିଶୋର ମିଶ୍ର, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ସଚିବ ସୁଧାଂଶୁ ଭୂଷଣ କର, ସାମାଜିକ କର୍ମୀ ନିୟମିତା ରଥ, ସେକ୍ ଅବଦୁଲ ସଲିମ୍, ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ସଂଯୋଜକ ତଥା ପ୍ରାଧ୍ୟାପକ ସୁଶାନ୍ତ କୁମାର ସେଠୀ, ନାରାୟଣ ମିଶ୍ର, ପ୍ରସନ୍ନ କୁମାର ସାହୁ, ଜିତେନ୍ଦ୍ର ବେହେରା, ଅଧ୍ୟାପିକା ସାଗରିକା ନାୟକ, ପ୍ରଦୀପ ଷଡ଼ଙ୍ଗୀ, ଯୁବ ଉଦ୍ୟୋଗୀ ଶିବପ୍ରସାଦ ରଥ, ଲୋକସମ୍ପର୍କ ଅଧିକାରୀ ନିରାକାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ରାମଲୀଳା ପ୍ରଚାର ସମିତିର ସଂକ୍ରାନ୍ତି ଉତ୍ସବ

କଟକ,୧୪।୪ (କାର୍ତ୍ତିକ ସାହୁ)

ଆଧ୍ୟାତ୍ମିକ ଅନୁଷ୍ଠାନ କେନ୍ଦ୍ରୀୟ ରାମଲୀଳା ପ୍ରଚାର ସମିତିର ପଣା ସଂକ୍ରାନ୍ତୀ ଉତ୍ସବ ଓ ହନୁମାନ ଜୟନ୍ତୀ ଚୌଧୁରୀବଜାର ମାରୁତିମଣ୍ଡପସ୍ଥିତ ସମିତି ସଭାଗୃହରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ଚୌଧୁରୀ କାଶୀନାଥ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ସର୍ବବ୍ୟବସ୍ଥାପକ ଗୋପାଳ ଚନ୍ଦ୍ର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଲୋକ ସମ୍ପର୍କ ପ୍ରମୁଖ କୈଳାସ ଚନ୍ଦ୍ର ଜେନା ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ସାଧାରଣ ସମ୍ପାଦକ ଦିଲୀପ କୁମାର ସ୍ୱାଇଁ ଆସନ୍ତା ମେ' ୧ରୁ ୫ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ରାମଲୀଳା ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ଦାଶ, କୋଷାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ, ଉପସଭାପତି ନଳୀନ କୁମାର ସେନାପତି, ସୁକାନ୍ତ ବିଶୋଇ, ଯତୀନ୍ଦ୍ର ଦାସ, ସୋମନାଥ ଦାସ, କୁନି ନାୟକ, ସିଏଚ୍ ରାମମୋହନ ରାଓ, ସରସ୍ୱତୀ ବେହେରା, ସଞ୍ଜୟ କୁମାର ଦଳାଇଙ୍କ ସମେତ ଅନ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

**ପରମ୍ପରା ବଜାୟ ରଖିଛି ଶଗଡ଼ିଆସାହି**

# ମୁଖା ପୂଜାରେ ୫୦୦ ଘରେ ଭୋଗ ଖାଆନ୍ତି ମହାବୀର

କଟକ,୧୪।୪(ଶିଳ୍ପା ପ୍ରିୟଦର୍ଶିନୀ)

ହଜାରେ ବର୍ଷର ସହର କଟକ ଐତିହ୍ୟ, କଳା, ସଂସ୍କୃତିରେ ପରିପୂର୍ଣ୍ଣ। ଏହି ସହରର ପ୍ରତ୍ୟେକ ସାହିରେ ପୌରାଣିକ ଗାଥା ରହିଛି। ସେଥିମଧ୍ୟରୁ ରାଣୀହାଟସ୍ଥିତ ଶଗଡିଆ ସାହି ଅନ୍ୟତମ। ଏଠାରେ ରବିବାର ହନୁମାନ ଜୟନ୍ତୀ ଧୁମ୍‌ଧାମ୍‌ରେ ପାଳନ କରାଯାଇଛି। ସାହି ପରିସରରେ ଥିବା ମହାବୀରଙ୍କ ମୁଖା ରବିବାର ଓ ସୋମବାର ସାହି ପରିକ୍ରମା କରି ଭୋଗ ଖାଇବେ। ରବିବାର ପ୍ରଥମ ଦିନରେ ୩୦୦ ଘରେ ଭୋଗ ଖାଇଥିବାବେଳେ ସୋମବାର ଆଉ ୨୦୦ ଘରେ ଭୋଗ ଖାଇବା କାର୍ଯ୍ୟକ୍ରମ ରହିଛି। ଏହାପରେ ସୋମବାର ସନ୍ଧ୍ୟାରେ ରାଣୀହାଟ ଦୁର୍ଗାଘର ସମ୍ମୁଖରେ ଅନ୍ୟ ମୁଖାଙ୍କ ସହ ଏକତ୍ରିତ ହେବେ। ସେଠାରୁ ଏକ ବିରାଟ ଶୋଭାଯାତ୍ରା ସାହି ପରିକ୍ରମା କରିବ ଏବଂ ମେଳଣ ଅନୁଷ୍ଠିତ ହେବ। ଶଗଡିଆ ସାହି ଅଧିକାରୀ ନଗେନ ସାମନ୍ତରାୟ, ମହନ୍ତ କ୍ଷୀରେନ୍ଦ୍ର ନାଥ ନାୟକ, କଳୁଆଳ ମାନସ କୁମାର ଦାସ, ସଭାପତି ଜଳଧର ଖୁଣ୍ଟିଆ, ସମ୍ପାଦକ ବିଚିତ୍ରାନନ୍ଦ ଖୁଣ୍ଟିଆ, କୋଷାଧ୍ୟକ୍ଷ ତପନ କୁମାର ଦାସଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାବେଳେ ଯୁବକ ସଂଘର କର୍ମକର୍ତ୍ତା ପରିଚାଳନା କରୁଛନ୍ତି।

**ସାହି ଇତିହାସ:** ପ୍ରାୟ ୭୦୦ ବର୍ଷ ପୂର୍ବେ ଶଗଡିଆ ସାହିରେ ଶବରମାନେ ବସବାସ କରୁଥିଲେ। ସେତେବେଳେ ଏହି ସାହିର ନାମ ସଉରାସାହି ରହିଥିଲା। ଏଠାରେ ଶବରମାନଙ୍କୁ କ୍ଷେତ୍ରୀୟ ଆଖ୍ୟା ଦିଆଯାଉଥିଲା। ଧୀରେ ଧୀରେ ସେମାନଙ୍କର ବଂଶ ବୃଦ୍ଧି ପାଇଥିଲା। ପରେ ଏଠାରେ ବୈଶ୍ୟ, ବ୍ରାହ୍ମଣ ଓ ଅନ୍ୟ ସମ୍ପ୍ରଦାୟର ଲୋକେ ବସବାସ କଲେ। ଏହି ଅଞ୍ଚଳର ଗଛ ତଳେ ଥିବା ଏକ ଚାଳଘରେ ମହାବୀର ହନୁମାନଙ୍କୁ ପୂଜା କରାଯାଉଛି। ଏହି ମୁଖା ଠାକୁର ପୂଜା ୫୦୦ ବର୍ଷ ପୂର୍ବେ ଆରମ୍ଭ ହୋଇଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ପୂର୍ବରୁ ଏହି ଅଞ୍ଚଳରେ ରାମାୟଣର ବିଭିନ୍ନ ଚରିତ୍ରଙ୍କ ମୁଖା ଲଗାଇ କଳାକାରମାନେ ଆଖଡ଼ା ପରିବେଷଣ କରୁଥିଲେ। ସେହି ସମୟରେ କଟକ ସହରରେ ୪ଟି ସାହି ଥିଲା, ଯାହାର ନାମ ସେହି ସମୟରେ ଝାଞ୍ଜିରୀ (ଏବେକାର ନାଁ ଝାଞ୍ଜିରୀମଙ୍ଗଳା), ବାରାଣାସୀ(ବିଡ଼ାନାସୀ), ଯୁବୁରା(ଯୋବ୍ରା) ଓ ସଉରାସାହି(ଶଗଡିଆ ସାହି)। କଟକର ଏହି ୪ଟି ସାହିରେ ପ୍ରଥମେ ଆଖଡା ଆରମ୍ଭ ହୋଇଥିବା ଲୋକମୁଖରୁ ଜଣାପଡିଛି। ଏଥିସହ ଓଡ଼ିଶୀ ସଂକୀର୍ତ୍ତନ ମଧ୍ୟ ଏଠାରୁ ଆରମ୍ଭ ହୋଇଥିଲା। ଅପରପକ୍ଷରେ ଏହି ମୁଖା ମେଳଣ ସାହିର ପୂର୍ବତନ ଅଧିକାରୀ ସୁରେନ୍ଦ୍ର ମହାନ୍ତି ଓ ସମ୍ପାଦକ ବାନାମ୍ବର ଖୁଣ୍ଟିଆ ଆରମ୍ଭ କରିଥିଲେ। ସେତେବେଳେ ୭ଟି ସାହିର ମୁଖା ମେଳଣକୁ ଆସୁଥିଲା। ହେଲେ ଏବେ ଏହି ସଂଖ୍ୟା ବଢ଼ି ୧୪ରେ ପହଞ୍ଚିଛି। ମହାବୀରଙ୍କ ନିକଟରେ ମାନସିକ ରଖିଲେ ତାହା ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି।


ମହାବୀରଙ୍କ ମୁଖା ପୂଜା କରାଯାଉଛି।

**ଆକର୍ଷଣ ସାଜିବେ ହନୁମାନ ବେଶଧାରୀ**

ସୋମବାର ସନ୍ଧ୍ୟାରେ ମୁଖା ମେଳଣ ଅନୁଷ୍ଠିତ ହେବ। ଏଥିରେ ଆକର୍ଷଣ ସାଜିବେ ହରିୟାଣାରୁ ଆସିଥିବା ୮ ଫୁଟ ଉଚ୍ଚତାର ହନୁମାନ ବେଶଧାରୀ। ସେ ସନ୍ଧ୍ୟା ୬ଟାରୁ ରାତି ୧୧ଟା ପର୍ଯ୍ୟନ୍ତ କଳା ପ୍ରଦର୍ଶନ କରିବେ।

**ଏମାନେ କୁହନ୍ତି...**

### ୧୦ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା



"ବହୁ ପୁରାତନ ପରମ୍ପରାକୁ ବଜାୟ ରଖିବା ନିମନ୍ତେ ଏହି ମୁଖା ମେଳଣ ଅନୁଷ୍ଠିତ ହୋଇଛି। ଶ୍ରଦ୍ଧାଳୁମାନେ ଯାହା ମାନସିକ କରନ୍ତି, ତାହା ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ସୋମବାର ମେଳଣ ପରେ ସାହିପକ୍ଷରୁ ୧୦ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି।

**ନଗେନ୍ ସାମନ୍ତରାୟ, ଶଗଡିଆ ସାହି ଅଧିକାରୀ**

### ଠାକୁରଙ୍କ ପାଇଁ ୨୦ କେଜିର ଚାନ୍ଦି ଅଳଙ୍କାର



"କଟକ ସହରରେ ଏହି ମୁଖା ମେଳଣ ବହୁ ପୁରୁଣା। ଠାକୁରଙ୍କ ପାଇଁ ୨୦ କେଜି ଓଜନର ଚାନ୍ଦିରେ ଅଳଙ୍କାର ତିଆରି କରାଯାଇଛି। ମୁଖା ମେଳଣରେ ସଂକୀର୍ତ୍ତନ ପରିବେଷଣ କରାଯିବ।

**କ୍ଷୀରେନ୍ଦ୍ର ନାଥ ନାୟକ, ମହନ୍ତ**

**TPCODL**

**ବିଶେଷ ସୂଚନା**

ନିୟମିତ ମରାମତି କାର୍ଯ୍ୟ ପାଇଁ ଆଜି ଭୁବନେଶ୍ୱର ସ୍ଥିତ ନିଳଦ୍ରୀ ବିହାର ଅଞ୍ଚଳରେ ସକାଳ ୯ ଘଟିକାରୁ ଅପରାହ୍ନ ୧ ଘଟିକା ପର୍ଯ୍ୟନ୍ତ, ଗୋଡିବାରି, ଓମ୍ କଟେଜ୍, କଣ୍ଟାବାଡ଼ ଅଞ୍ଚଳରେ ସକାଳ ୭ ଘଟିକାରୁ ଦିନ ୧୧ ଘଟିକା ପର୍ଯ୍ୟନ୍ତ, ଗୋପବନ୍ଧୁ ଏକାଡେମୀ, ମଧୁସୂଦନ ଏକାଡେମୀ, ଆର୍‌ସିଏମ୍ କଲେଜ ଅଞ୍ଚଳ, କଳିଙ୍ଗ ହସ୍ପିଟାଲ ଅଞ୍ଚଳ, ଚୌଧୁରୀ ମାର୍କେଟ୍, କେଦାରପଲ୍ଲୀ ବସ୍ତି ଓ ନନ୍ଦିଘୋଷ ଆପାର୍ଟମେଣ୍ଟ ଅଞ୍ଚଳରେ ସକାଳ ୮ ଘଟିକାରୁ ଦିନ ୧୧ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ। ସେହିପରି ତ୍ରିଲୋଚନ ବିହାର, ଏକାମ୍ର ବିହାର, ଏବରଙ୍ଗ, ଚାନ୍ଦି ବଜାର, ବୋତଣ୍ଡା, ଓରକଳ, ବୈଷ୍ଣବ ମାତା ବିହାର, ଗୌରୀ ଧାମ, ଆରାଧନା ନଗର, ଗାୟତ୍ରୀ ବିହାର, ଆଦିତ୍ୟ ନଗର, ଗଙ୍ଗାଯମୁନା ଓ ବୀରବନ୍ଧ ଗ୍ରାମ ଅଞ୍ଚଳରେ ସକାଳ ୭.୨୪ ଘଟିକାରୁ ଦିନ ୧୦.୨୪ ଘଟିକା ପର୍ଯ୍ୟନ୍ତ ଏବଂ ଶ୍ରୀରାମ ବଜାର, ବଙ୍ଗାଳୀ ସାହି, ଷ୍ଟେସନ ଗଙ୍ଗ, ରଘୁନାଥପୁର ଓ ନନ୍ଦନକାନନ ଅଞ୍ଚଳରେ ସକାଳ ୮.୩୦ ଘଟିକାରୁ ଅପରାହ୍ନ ୨.୩୦ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ।

ଅସୁବିଧା ପାଇଁ ଦୁଃଖିତ - ଟିପିସିଓଡିଏଲ୍

**MCL ମହାନଦୀ କୋଲଫିଲ୍ଡସ ଲିମିଟେଡ୍**
(କୋଲ ଇଣ୍ଡିଆ ଲିମିଟେଡ୍ ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯, ୱେବ୍‌ସାଇଟ୍ : www.mahanadicoal.in

**ବିଜ୍ଞପ୍ତି**

CMPFO କମିଶନର ପ୍ରଦତ୍ତ ରେଫ୍. ନଂ. CPF/CP/111(26)/Pen/Misc/HQ/Vol-III/520, ତାରିଖ: 25/08/2023 ଚିଠି ଏବଂ ଏହା ପରେ GM(P/PF & Pension), MCL HQଙ୍କ ପ୍ରଦତ୍ତ ବିଜ୍ଞପ୍ତି ରେଫ୍ ନଂ. MCL HQ/PF & PENSION/2023/5945, ତାରିଖ: 09.09.2023 ଅନୁସାରେ MCLର ସମସ୍ତ ପେନସନରମାନଙ୍କୁ ଏତଦ୍ୱାରା ପରାମର୍ଶ ଦିଆଯାଉଛି ଯେ, ଝଙ୍କଟମୁକ୍ତ ପତି/ପତ୍ନୀଙ୍କ ପେନସନ ପାଇଁ **ପରିବର୍ତ୍ତିତ PPO (ପେନସନ ପେମେଣ୍ଟ ଅର୍ଡର)** ଜାରି କରିବା ନିମନ୍ତେ ନିମ୍ନଲିଖିତ ଡକ୍ୟୁମେଣ୍ଟସ୍/ବିବରଣୀମାନ ଜମା କରିବା ଆବଶ୍ୟକ:-

**1.** ସଠିକ୍ ଭାବରେ ପୂରଣ କରାଯାଇଥିବା ଆବେଦନପତ୍ର , **2.** ପତି/ପତ୍ନୀଙ୍କ ନାମ ଏବଂ ଯୁଗ୍ମ ଫଟୋଗ୍ରାଫ (3ଟି), **3.** ପତି/ପତ୍ନୀଙ୍କ ସହ 'ଫର୍ମର ବା ସରଭାଇବର' ମୋଡ ରେ କାର୍ଯ୍ୟକ୍ଷମ ଥିବା ପେନସନରଙ୍କ ବିଦ୍ୟମାନ ବ୍ୟାଙ୍କ ଆକାଉଣ୍ଟ, **4.** ସ୍ୱସ୍ୱାକ୍ଷରିତ ଉଭୟ ନିଜର ଏବଂ ପତି/ପତ୍ନୀଙ୍କ ଆଧାର କାର୍ଡ ଏବଂ PAN କାର୍ଡର ପ୍ରତିଲିପି, **5.** ନିଜର ଏବଂ ପତି/ପତ୍ନୀଙ୍କ ମୋବାଇଲ ନମ୍ବର, **6.** ନିଜର ଏବଂ ପତି/ପତ୍ନୀଙ୍କ ଇ-ମେଲ୍ ଆଇଡି।

ଉପରୋକ୍ତ ଡକ୍ୟୁମେଣ୍ଟ ବା ତଥ୍ୟାବଳୀ (ସ୍ୱସ୍ୱାକ୍ଷରିତ) ସଂପୃକ୍ତ ଏରିଆ ପର୍ସୋନାଲ ମ୍ୟାନେଜର (APM)ଙ୍କ ଅଫିସରେ (ଯେଉଁଠାରୁ ସଦସ୍ୟ ଅବସରଗ୍ରହଣ କରିଥିବେ) ଜମା ଦେବା ଆବଶ୍ୟକ ଏବଂ ଯଦି MCL HQଙ୍କ ଅଫିସରୁ ଅବସର ଗ୍ରହଣ କରିଥିବେ, ତେବେ ଆବେଦନପତ୍ର ଜେନାରାଲ ମ୍ୟାନେଜର (P/PF & Pension), MCL HQଙ୍କ ଅଫିସରେ ଜମାଦେବାକୁ ହେବ ।

ସଦସ୍ୟମାନଙ୍କୁ **MCL** ୱେବସାଇଟ୍ **www.mahanadicoal.in** ଦେଖିବାକୁ ଏବଂ ଲିଙ୍କ୍ - **https://www.mahanadicoal.in/InfoBank/PP/NOTICE%20%205945%20120324.pdf**ରୁ ଉପରଲିଖିତ ବିଜ୍ଞପ୍ତି/ଆବେଦନପତ୍ର ଓ ଆବଶ୍ୟକ ଡକ୍ୟୁମେଣ୍ଟ ଗୁଡ଼ିକର ତାଲିକା ଖୋଲିବା/ଡାଉନଲୋଡ କରିବା ପାଇଁ ପରାମର୍ଶ ଦିଆଯାଉଛି ।

କୌଣସି ସମସ୍ୟା ବା କିଛି ଜାଣିବାର ଥିଲେ ଯେକୌଣସି କାର୍ଯ୍ୟଦିବସର ପୂର୍ବାହ୍ନ 10:00 ଘଟିକାରୁ ଅପରାହ୍ନ 05:00 ଘଟିକା ମଧ୍ୟରେ 0663-2542739 ନମ୍ବରରେ ଅଥବା ଇ-ମେଲ ଆଇଡି: **pension.mcl@coalindia.in** ରେ ଯୋଗାଯୋଗ କରିପାରିବେ ।

**ଜେନେରାଲ ମ୍ୟାନେଜର (P/PF & Pension),**
**MCL HQ, ସମ୍ବଲପୁର**

R-5203

## ସଂକ୍ଷେପରେ

### ମାଲଗୋଦାମ ଥାନାରେ ୨ ମାମଲା ରୁଜୁ

#### ଭାଜପା ଦୁଇଗୋଷ୍ଠୀ ମୁହାଁମୁହିଁ ଘଟଣା

**କଟକ,୧୪।୪ (କାର୍ତ୍ତିକ ସାହୁ)**

ଚୌଦ୍ୱାର-କଟକ ଭାଜପା ପକ୍ଷରୁ ଶନିବାର କଲେଜ ଛକରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଦୁଇଗୋଷ୍ଠୀ ଧସ୍ତାଧସ୍ତି ଓ ମାରପିଟ୍ ହୋଇଥିଲେ। ଏଥିରେ ସିଏମ୍‌ସି କର୍ପୋରେଟର ତଥା ରାଜ୍ୟ ଭାଜପା ଯୁବମୋର୍ଚ୍ଚା ସମ୍ପାଦକ ଗଗନ ଓଝାଙ୍କ ସମେତ ଦଳୀୟ କର୍ମୀ ଆହତ ହୋଇଥିଲେ। ଏନେଇ ମାଲଗୋଦାମ ଥାନାରେ ଉଭୟ ପକ୍ଷରୁ ପୃଥକ ଏତଲା ଦିଆଯିବା ପରେ ପୋଲିସ ୨ଟି ମାମଲା(ନଂ.୧୦୦,୧୦୧/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ଶନିବାର ଗଣ୍ଡଗୋଳ ସମୟରେ ଚୌଦ୍ୱାର ନୂଆଗାଁର ବିବେକ ସାମଲ, ରାଣୀହାଟର କେ. ରାଜକୁମାରଙ୍କୁ ଏକ ଗୋଷ୍ଠୀର ଯୁବକମାନେ ମାଡ଼ ମାରି ରକ୍ତାକ୍ତ କରିଥିଲେ। ବିବେକଙ୍କ ଏତଲା ଅନୁଯାୟୀ ଭାଜପା ପ୍ରାର୍ଥୀ ନୟନ କିଶୋର ମହାନ୍ତିଙ୍କ ସମେତ ଶାରଦା ପ୍ରଧାନ (ବୁଲୁ), ଗଗନ ଓଝା, ନିତେଶ ସାହୁ ଓ ବ୍ରଜକିଶୋର ବେହେରାଙ୍କ ବିରୋଧରେ ଏକ ମାମଲା ରୁଜୁ ହୋଇଛି। ଅପରପକ୍ଷରେ କର୍ପୋରେଟର ଦୀପକ କୁମାର ଦାସଙ୍କ ଏତଲା ଆଧାରରେ ସ୍ମୃତିରଞ୍ଜନ ମିଶ୍ର, ପ୍ରମୋଦ ସାହୁ, ନୀରୋଦ ଚନ୍ଦ୍ର ପଣ୍ଡା, ସୁରେଶ ମହାନ୍ତି, ପବିତ୍ର ଉପାଧ୍ୟାୟ, ବିବେକ ସାମଲ, କେ. ରାଜକୁମାର, ମମତା ଦାସ, ସାବିତ୍ରୀ ସାହୁ, ନିର୍ମଳା ବେଉରାଙ୍କ ବିରୋଧରେ ଆଉ ଏକ ମାମଲା ରୁଜୁ ହୋଇଛି। ସେ ଦର୍ଶାଇଛନ୍ତି, ମିଶ୍ରଣ ପର୍ବ ଚାଲିଥିବାବେଳେ ଉପରୋକ୍ତ ବ୍ୟକ୍ତିମାନେ ବିଶୃଙ୍ଖଳା ସୃଷ୍ଟି କରିବା ସହ ଲାଠି ଧରି ଆକ୍ରମଣ କରିଥିଲେ। ଏପରିକି ଜାତିଆଣ ଆକ୍ଷେପ କରିଥିଲେ। ଏହା ସହିତ ଦୀପକଙ୍କ ପକେଟରେ ଥିବା ୩୦ ହଜାର ଟଙ୍କା ଛଡ଼ାଇ ନେଇଥିଲେ ବୋଲି ମାଲଗୋଦାମ ଥାନା ଆଇଆଇସି ରଜନୀକାନ୍ତ ଦାସ ସୂଚନା ଦେଇଛନ୍ତି।

### ଏକାମ୍ର ଶିଶୁ ସାହିତ୍ୟ ସଂସଦର ବିଷୁବ କବିତା ଆସର

**ଭୁବନେଶ୍ୱର, ୧୪।୪ (ବନ୍ଦନା ସେଠୀ)**

ଭୁବନେଶ୍ୱର ଇନ୍‌ଫୋସିଟିସ୍ଥିତ ଇଟିକିଲି ମିଟିକିଲି କାର୍ଯ୍ୟାଳୟଠାରେ ଏକାମ୍ର ଶିଶୁସାହିତ୍ୟ ସଂସଦ ଆନୁକୂଲ୍ୟରେ ବିଷୁବ କବିତା ଆସର ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ଡ. ଶରତ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ତଥା ଶିଶୁସାହିତ୍ୟିକ ମହେନ୍ଦ୍ର କୁମାର ମଲ୍ଲିକ ଯୋଗଦେଇ ଥିଲେ। ବିଷୁବ ସଂକ୍ରାନ୍ତି ପାଳନ ଆମକୁ ସମାଜ ପ୍ରତି ଆମର ଦାୟିତ୍ୱବୋଧକୁ ସୂଚାଇ ଦିଏ ବୋଲି ମତ ଦେଇଥିଲେ। ଏହି ଅବସରରେ ଶିଶୁସାହିତ୍ୟିକ ବଙ୍କିମ ଚନ୍ଦ୍ର ନାୟକ, କୃତ୍ତିବାସ ନାୟକ, ସୁଶାନ୍ତ କୁମାର ସେନାପତି, ଶରତ କୁମାର ନାୟକ, ମନୋରମା ମିଶ୍ର ପ୍ରମୁଖ ଶିଶୁସାହିତ୍ୟର ବିଭିନ୍ନ ବିଭବ ଉପରେ ଆଲୋଚନା କରିଥିଲେ। ସଂସଦର ସମ୍ପାଦିକା ହରିପ୍ରିୟା ପଟ୍ଟନାୟକଙ୍କ ସଂଯୋଜନାରେ ଏକ ଶିଶୁ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ବିଜୟଲକ୍ଷ୍ମୀ ମହାନ୍ତି, ଶଶାଙ୍କ ଶେଖର ମିଶ୍ର, ନିର୍ମଳା କୁମାରୀ ମହାପାତ୍ର, ସୁଶାନ୍ତ କୁମାର ସାମଲ, ପ୍ରବୀଣା ପରିଡ଼ା, ଗୀତାଞ୍ଜଳି ସ୍ୱାଇଁ, ବିଜୟଲକ୍ଷ୍ମୀ ମହାନ୍ତି ପ୍ରମୁଖ ସ୍ୱରଚିତ ଶିଶୁ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅନୁଷ୍ଠାନର ସହ ସମ୍ପାଦକ ସହଦେବ ପଣ୍ଡା ଓ ସଦସ୍ୟ ମଧୁସୂଦନ ଦାସ ସହଯୋଗ କରିଥିଲେ।

# ଗ୍ରୀନ୍‌ଲ୍ୟାଣ୍ଡରେ ବୈଠକ, ନବୀନ ନିବାସରେ ଟିକେଟ ଦାବି

**ନିମାପଡ଼ ୧୪।୪(ରଞ୍ଜନ କୁମାର ପଟ୍ଟନାୟକ)**



ପାଣ୍ଡିଆନଙ୍କୁ ସାକ୍ଷାତ ଅବସରରେ ବିଧାୟକ ସମୀର ଦାଶଙ୍କ ସମର୍ଥକ।

ନିମାପଡ଼ା ବିଧାନସଭା ଆସନ ଲାଗି ବିଜେଡିର ଟିକେଟ ଘୋଷଣା ହୋଇପାରିନାହିଁ । ବିଧାୟକ ସମୀର ଦାଶ ଅନ୍ୟତମ ଦାବିଦାର ଅଛନ୍ତି। ହେଲେ ଯୁବନେତୃତ୍ୱ ସୁବ୍ରତ ଛାଟୋଇ, ନୂଆକରି ଦଳରେ ଯୋଗଦେଇଥିବା ଦିଲ୍ଲୀପ ନାୟକ, ସତ୍ୟବ୍ରତ ପାତ୍ର, ଜିତେନ୍ଦ୍ର ମହାନ୍ତି ଓ ସୁଶ୍ରୀ ରୋଜାଲିନ ନାୟକ ବିଧାୟକ ସମୀରଙ୍କ ରାସ୍ତାରେ କଣ୍ଟା ହୋଇପାରନ୍ତି ବୋଲି ଆଲୋଚନା ହେଉଛି । ଦଳରେ ଆଶାୟୀଙ୍କ ତାଲିକା ଲମ୍ବା ଥିବାରୁ ବିଜେଡିର ବରିଷ୍ଠ ନେତାମାନେ ଏହି ଆସନ ପାଇଁ ନିଷ୍ପତ୍ତି ନେଇପାରୁ ନାହାନ୍ତି । ଭବିଷ୍ୟତରେ ଦଳର ଯେମିତି କ୍ଷତି ନ ହେବ ସେଥିପାଇଁ ଦଳୀୟ ସଭାପତି ନିଷ୍ପତ୍ତିକୁ ଝୁଲାଇ ରଖିଛନ୍ତି ବୋଲି କର୍ମୀମାନେ କହୁଥିବା ଶୁଣିବାକୁ ମିଳିଛି।

ନିମାପଡ଼ାରେ କର୍ମୀ ଏବଂ ସ୍ଥାନୀୟ ନେତୃତ୍ୱଙ୍କ ମହଲରେ ଉତ୍କଣ୍ଠା ବଢୁଥିବାରୁ ଶୁକ୍ରବାର ଦିନତମାମ ଅମଳପଡ଼ାସ୍ଥିତ ଗ୍ରୀନ୍‌ଲ୍ୟାଣ୍ଡ ଗେଷ୍ଟ ହାଉସଠାରେ ନିମାପଡ଼ା ନଗରସଭାପତି ଜୀବନାନନ୍ଦ ମହାପାତ୍ର, ବ୍ଲକ ସଭାପତି ଅଶୋକ ସାହୁ, ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ ଏବଂ ଜିଲ୍ଲାପରିଷଦ ପ୍ରଦୀପ୍ତ ଖଟୋଇଙ୍କଙ୍କ ନେତୃତ୍ୱରେ ମାନସ ମନ୍ଥନ ହୋଇଥିବା ଖବର ଜଣାପଡ଼ିଛି । ଏହି ବୈଠକରେ ଦଳର ସବୁ ଛାମୁଆ ସଙ୍ଗଠନ ମୁଖ୍ୟ, ନିର୍ବାଚିତ ପ୍ରତିନିଧି ଏବଂ ଆଗଧାଡ଼ିର କର୍ମୀମାନେ ଯୋଗଦେଇଥିଲେ। ଏଥିରେ ସମୀର ଦାଶଙ୍କୁ ପୁନର୍ବାର ଟିକେଟ ଦେବା ପାଇଁ ଜୋରଦାର ଦାବି ହୋଇଥିବା କର୍ମୀ କହୁଛନ୍ତି । ଏହି ପରିପ୍ରେକ୍ଷୀରେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଦସ୍ତଖତ ସମ୍ମିଳିତ ଦାବିପତ୍ର ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ସେପଟେ ସମୀର ଦାଶଙ୍କୁ ଟିକେଟ ନ ଦେବାପାଇଁ ଦଳର ଗୋଟିଏ ଗୋଷ୍ଠୀ ୩ ଦିନ ପୂର୍ବରୁ ରାଜ୍ୟ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ଭେଟି ଦାବି ଉପସ୍ଥାପନ କରିଛନ୍ତି।

ଶନିବାର ସମୀରଙ୍କ ସମର୍ଥିତ ଗୋଷ୍ଠୀ ଭୁବନେଶ୍ୱର ଯାଇ ୫ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ସାକ୍ଷାତ୍ କରି ସମୀରଙ୍କୁ ପୁଣି ଥରେ ଟିକେଟ ଦେବା ନିମନ୍ତେ ଦାବି କରିଥିଲେ । ଉଭୟ ପାଣ୍ଡିଆନ ଏବଂ ପ୍ରଣବ ପ୍ରାର୍ଥୀଙ୍କ ବଦଳରେ ଦଳ ପାଇଁ କାର୍ଯ୍ୟକରିବା, ଶଙ୍ଖ ଚିହ୍ନକୁ ଜିତାଇବା ସହିତ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବା ପାଇଁ ଉଭୟ ଗୋଷ୍ଠୀଙ୍କୁ ପରାମର୍ଶ ଦେଇଥିବା ଭିତିରିସୂତ୍ରରୁ ଜଣାପଡ଼ିଛି ।



ଓଡ଼ିଆ ନବବର୍ଷ ଓ ମହାବିଷୁବ ସଂକ୍ରାନ୍ତି ଅବସରରେ ଏକାମ୍ର ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ବାବୁ ସିଂ ଭୁବନେଶ୍ୱର ଏମ୍‌ପି ପ୍ରାର୍ଥୀ ଅପରାଜିତା ଷଡଙ୍ଗୀଙ୍କ ସହ ବିଭିନ୍ନ ମନ୍ଦିର ବୁଲି ପ୍ରଚାର କରୁଛନ୍ତି।

# କଳିଙ୍ଗାୟନ ତୌର୍ଯ୍ୟତ୍ରିକମ୍‌ର ଆନନ୍ଦ ଉତ୍ସବ

**ଭୁବନେଶ୍ୱର,୧୪।୪(ଶର୍ମିଷ୍ଠା ପାଣିଗ୍ରାହୀ)**

- ସୁରେନ୍ଦ୍ର ମହାରଣା, କୁନି ମିଶ୍ରଙ୍କୁ 'ଆନନ୍ଦଶ୍ରୀ ସମ୍ମାନ'
- ଛାତ୍ରୀ ଏକାଗ୍ରତା ଦାସଙ୍କୁ 'ରାଜକିଶୋର ମିଶ୍ର ସ୍ମୃତି ସମ୍ମାନ'

ଓଡ଼ିଶୀ ନୃତ୍ୟାନୁଷ୍ଠାନ କଳିଙ୍ଗାୟନ ତୌର୍ଯ୍ୟତ୍ରିକମ୍ ପକ୍ଷରୁ ଷୋଡ଼ଶ ଆନନ୍ଦ ଉତ୍ସବ ଓଡିଶୀ ଗବେଷଣା କେନ୍ଦ୍ରସ୍ଥିତ ଉତ୍କଳ ରଙ୍ଗମଞ୍ଚଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ସାରସ୍ୱତ ସାଧକ ସୁରେନ୍ଦ୍ର କୁମାର ମହାରଣା, ଲୋକପ୍ରିୟ ଅଭିନେତ୍ରୀ କୁନି ମିଶ୍ର, ଅନୁଷ୍ଠାନର ଅଧ୍ୟକ୍ଷ ତଥା କଥାକାର ଗୌରହରି ଦାସ, ତ୍ରଷ୍ଟି ଅଂଶୁମାନ ମିଶ୍ର ଓ ପୁଷ୍ପିତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସୁରେନ୍ଦ୍ର ମହାରଣା ଓ କୁନି ମିଶ୍ରଙ୍କୁ 'ଆନନ୍ଦଶ୍ରୀ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଦିବଂଗତ ସାହିତ୍ୟିକ ରାଜକିଶୋର ମିଶ୍ରଙ୍କ ସ୍ମୃତିରେ ବିଜେବି କଲେଜ ଇଂଲିଶ ସ୍ନାତକରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ଏକାଗ୍ରତା ଦାସଙ୍କୁ 'ରାଜକିଶୋର ମିଶ୍ର ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଗଣେଶ ବନ୍ଦନା କାର୍ଯ୍ୟକ୍ରମରୁ ଆନନ୍ଦ ଉତ୍ସବ ଆରମ୍ଭ ହୋଇଥିଲା। ନୃତ୍ୟଗୁରୁ ପୁଷ୍ପିତା ମିଶ୍ରଙ୍କ ନୃତ୍ୟ ନିର୍ଦ୍ଦେଶନାରେ ଅନୁଷ୍ଠାନର କଳାକାରମାନେ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ନୃତ୍ୟଶିଳ୍ପୀ ଶୁଭେନ୍ଦୁ ଦାସ ଓ ଦେବାଶିଷ ମହାପାତ୍ର ମହାଭାରତର ଶିଖଣ୍ଡୀ ଚରିତ୍ର ଉପରେ ପର୍ଯ୍ୟବସିତ ନୃତ୍ୟାଭିନୟ କରିଥିଲେ। କାର୍ଯ୍ୟକ୍ରମକୁ ଆଦ୍ୟାଶା ମିଶ୍ର ସଂଯୋଜନା ଓ ପରିଚାଳନା କରିଥିଲେ।

# ଉତ୍କଳ ବିକାଶ ପରିଷଦର ବାର୍ଷିକୋତ୍ସବ

**ଭୁବନେଶ୍ୱର, ୧୪।୪ (ବନ୍ଦନା ସେଠୀ)**

ଉତ୍କଳ ବିକାଶ ପରିଷଦର ବାର୍ଷିକୋତ୍ସବ ରବିବାର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଡ. ଭି. ଏସ୍. ନିରଞ୍ଜନ ମୁଖ୍ୟଅତିଥି ଭାବେ ଯୋଗଦେଇ ଅନୁଷ୍ଠାନର ବିଭିନ୍ନ କାର୍ଯ୍ୟଧାରା ଉପରେ ଆଲୋକପାତ କରିଥିଲେ। ଭେଷଜ ବିଜ୍ଞାନୀ ଡ. ଇନ୍ଦ୍ରମଣି ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ରଖିଥିଲେ। ପ୍ରାରମ୍ଭରେ ମହାସଚିବ ଋଷି ଗୁମାନସିଂହ ବାର୍ଷିକ ବିବରଣୀ ଉପସ୍ଥାପନ କରି ପରିଷଦ ପକ୍ଷରୁ ସରକାରଙ୍କ ପାଖରେ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ଏଥି ମଧ୍ୟରେ ମୁଖ୍ୟତଃ ୧୮୧୭ ପାଇକ ବିଦ୍ରୋହକୁ ଭାରତ ସରକାର ସ୍ୱୀକୃତି ଦେବା, ଓଡ଼ିଶାର ଅସ୍ମିତା ସହ ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ପ୍ରଗତି ଉପରେ କୃଷକଙ୍କ ମାନ୍ୟତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ପାଇକମାନଙ୍କୁ ଖଣ୍ଡା ସ୍ମାରକୀ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଏଥିସହ 'ଦୁନ୍ଦୁଭି' ମୁଖପତ୍ର ଉନ୍ମୋଚନ କରାଯାଇଥିଲା। ପରିଷଦ ଆବାହକ ସୁବାସ ଚନ୍ଦ୍ର ଜେନା, ମିହିର ଜେନା, ଡ. ଶରତ ପରିଡା, ନରେନ୍ଦ୍ର ସିଂହ ଭରଦ୍ୱାଜ, ଡ. ଦେବ ପ୍ରସାଦ ମଲ୍ଲିକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ସଞ୍ଚାଳନାରେ ସହାୟ୍ୟ କରିଥିଲେ।

### ଠାକୁର ନିଗମାନନ୍ଦଙ୍କ ଆଦର୍ଶ ଦର୍ଶନ ଉପରେ ଆଲୋଚନା

#### ନୀଳାଚଳ କୁଟୀର ଶୁଭ ପଦାର୍ପଣ ଶତବାର୍ଷିକୀ

**ପୁରୀ,୧୪।୪(ଅଜିତ୍ ମହାନ୍ତି)**

ପୁରୀସ୍ଥିତ ନୀଳାଚଳ ସାରସ୍ୱତ ସଂଘର ପ୍ରାଣ ପ୍ରତିଷ୍ଠାତା ପରମହଂସ ପରିବ୍ରାଜକ ସଦଗୁରୁ ଶ୍ରୀମଦ୍ ସ୍ୱାମୀ ନିଗମାନନ୍ଦ ସରସ୍ୱତୀଙ୍କ ନୀଳାଚଳ କୁଟୀର ଶୁଭପଦାର୍ପଣ ଶତବାର୍ଷିକୀ ଉତ୍ସବ ରବିବାର ବଗଲା ଧର୍ମଶାଳାରେ ପାଳିତ ହୋଇଛି। ଶ୍ରୀକ୍ଷେତ୍ର ଧାମରେ ନିଜ ଜୀବନର ଶେଷ ୧୨ବର୍ଷ କଟାଇଥିଲେ। ପରିବ୍ରାଜକ ଅବସ୍ଥାରେ ନିଗମାନନ୍ଦ ବଗଲା ଧର୍ମଶାଳାରେ ଅବସ୍ଥାନ କରିଥିଲେ। ତାଙ୍କ ରହଣି ସମୟରେ ସ୍ୱର୍ଗଦ୍ୱାରରେ ଏକ ସ୍ଥାୟୀ ଘର ୧୯୨୪ ମସିହାରେ କିଣି ତାର ନାମ ନୀଳାଚଳ କୁଟୀର ଦେଇଥିଲେ। ଏହି ନୀଳାଚଳ କୁଟୀରକୁ ଶ୍ରୀ ଶ୍ରୀ ଠାକୁର ପବିତ୍ର ବିଷୁବ ସଂକ୍ରାନ୍ତି ଦିନ ଶୁଭ ପଦାର୍ପଣ କରିଥିଲେ। ଏହି ସ୍ମରଣୀୟ ଉତ୍ସବର ଶତକ ଜୟନ୍ତୀ ରବିବାର ବଗଲା ଧର୍ମଶାଳାରେ ପାଳନ କରାଯାଇଛି। ଏହି ଉପଲକ୍ଷେ ଭକ୍ତମାନେ ଠାକୁରଙ୍କୁ ଏକ ସୁସଜ୍ଜିତ ରଥରେ ବିଜେ କରାଇ ଶୋଭାଯାତ୍ରାରେ ନାମ ସଂକୀର୍ତ୍ତନ ସହିତ ନୀଳାଚଳ କୁଟୀରରୁ ବଗଲା ଧର୍ମଶାଳା ପର୍ଯ୍ୟନ୍ତ ପାଛୋଟି ଆଣିଥିଲେ। ସେହିପରି ପ୍ରାତଃ ପ୍ରାର୍ଥନା ସଭାରେ ମଙ୍ଗଳ ଆରତି ଓ ବୈଦିକ ପ୍ରାର୍ଥନା ପରେ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଦିବ୍ୟ ଜୀବନ ସଂଘର ସ୍ୱାମୀ ଶିବ ଚିଦାନନ୍ଦ ମହାରାଜ ସଭାପତିତ୍ୱ କରିଥିଲେ। ସଂଘର ସଭାପତି ସନ୍ତୋଷ କୁମାର ମହାନ୍ତି ଅଭିଭାଷଣ ଦେଇଥିବାବେଳେ ପରିଚାଳକ ଶରତ ଚନ୍ଦ୍ର ସିଂ ଦେଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆସାମ ବଙ୍ଗୀୟ ସାରସ୍ୱତ ମଠର ପ୍ରତିନିଧି ଗ୍ରାମୀ ଅମ୍ଳାନନ୍ଦ ସରସ୍ୱତୀ ମହାରାଜ, ଭାଗବତ ଆଶ୍ରମ ପୁରୀର ଅଧ୍ୟକ୍ଷ ବ୍ରଜ ଦାସ ମହାରାଜ, ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ପ୍ରଫୁଲ୍ଲ କୁମାର ମିଶ୍ର ଉପସଭାପତି ସର୍ବ ଭାରତୀୟ ବୈଦିକ ସଂଗଠନ, ପଣ୍ଡିତ ସୂର୍ଯ୍ୟ ନାରାୟଣ ରଥଶର୍ମା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସଂଘ ତରଫରୁ ଏକ ସ୍ମରଣିକା 'ଶତାବ୍ଦୀ ସୌରଭ' ଉନ୍ମୋଚିତ ହୋଇଥିଲା।

# ନିର୍ବାଚନୀ ଇସ୍ତାହାରରେ ଉଠାଦୋକାନୀ, ବସ୍ତି ବାସିନ୍ଦାଙ୍କ ଦାବି ସାମିଲ ହେଉ

## ବିଭିନ୍ନ ରାଜନୈତିକ ଦଳକୁ ଦିଆଗଲା ଦାବିପତ୍ର

**ଭୁବନେଶ୍ୱର, ୧୪।୪(ବନ୍ଦନା ସେଠୀ)**

ନିର୍ବାଚନ ଆସିଲେ ବିଭିନ୍ନ ରାଜନୈତିକ ଦଳ ଭୋଟ୍ ହାତେଇବା ପାଇଁ ଲୋକଙ୍କୁ ନାନା ପ୍ରତିଶ୍ରୁତି ଦେଇଥାନ୍ତି। ମାତ୍ର ନିର୍ବାଚନ ସରିବା ପରେ ସେଥିମଧ୍ୟରୁ ଅଧିକାଂଶ ପ୍ରତିଶ୍ରୁତି ପାଣିର ଗାର ପାଲଟିଯାଏ। ତେଣୁ ଚଳିତ ନିର୍ବାଚନରେ ନେତା ଜନତାଙ୍କୁ ପ୍ରତିଶ୍ରୁତି ଦେବା ପୂର୍ବରୁ ନିଜର ଦାବି ନେଇ ଦଳୀୟ ନେତାଙ୍କ ପାଖରେ ପହଞ୍ଚିଛନ୍ତି ବସ୍ତି ସଂଘର୍ଷ ସମିତି, ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ, ଅଲ୍ ଓଡ଼ିଶା କିନ୍ନର ଓ ତୃତୀୟଲିଙ୍ଗୀ ମହାସଂଘ ଏବଂ ଅଖିଳ ଓଡ଼ିଶା ଘରୋଇ ପରିଚାରିକା ଶ୍ରମିକ ମହାସଂଘର ପ୍ରତିନିଧି। ସେମାନଙ୍କ ଦାବିକୁ ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସ ସେମାନଙ୍କ ନିର୍ବାଚନୀ ଇସ୍ତାହାରରେ ସ୍ଥାନିତ କରିବାକୁ ଦାବି କରିଛନ୍ତି। ଏହି କ୍ରମରେ ମହାସଂଘଗୁଡିକର ସଭାପତି ପ୍ରତାପ ସାହୁଙ୍କ ନେତୃତ୍ୱରେ ରବିବାର ମହାସଂଘର ପ୍ରତିନିଧିମାନେ ବିଜେଡି, ଭାଜପା ଓ କଂଗ୍ରେସ କାର୍ଯ୍ୟାଳୟକୁ ଯାଇ ପ୍ରତ୍ୟେକେ ୧୪ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରତ୍ୟେକ ଦଳ ନିଜ ନିର୍ବାଚନୀ ଇସ୍ତାହାରରେ ଏହି ମହାସଂଘଗୁଡିକ ପାଇଁ ଗୋଟିଏ ଲେଖାଏ ୱେଲଫେୟାର ବୋର୍ଡ ଗଠନ କରିବା ପାଇଁ ଦାବି କରିଛନ୍ତି। ତେବେ ଶାସକ ଦଳ ନିଜ ନିର୍ବାଚନୀ ଇସ୍ତାହାରରେ ଉଠାଦୋକାନୀଙ୍କୁ ଭେଣ୍ଡିଂଜୋନ୍ ପ୍ରଦାନ, ବସ୍ତିବାସିନ୍ଦାଙ୍କୁ ଜମିପଟ୍ଟା ପ୍ରଦାନ ଆଦି ବ୍ୟବସ୍ଥା ନ ରଖିଲେ ବସ୍ତିବାସିନ୍ଦା 'ନୋ ଲ୍ୟାଣ୍ଡ୍ ନୋ ଭୋଟ୍' ପନ୍ଥା ଆପଣାଇବେ ବୋଲି ପ୍ରତାପ ଚେତାବନୀ ଦେଇଛନ୍ତି। ସେହିପରି ଉଠାଦୋକାନୀଙ୍କ ପାଇଁ ୱେଲଫେୟାର ବୋର୍ଡ ଗଠନ ନ ହେବା ପର୍ଯ୍ୟନ୍ତ ଉଚ୍ଛେଦ ବନ୍ଦ କରିବା, କିନ୍ନରମାନଙ୍କୁ ନାଲ୍‌ସା ଜଜ୍‌ମେଣ୍ଟ ମାଧ୍ୟମରେ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇଦେବା, ସେମାନଙ୍କ ପାଇଁ ଏବଂ ଓଡ଼ିଶାରେ ଥିବା ଘରୋଇ ପରିଚାରିକା (ଡୋମେଷ୍ଟିକ୍ ଲେବର)ମାନଙ୍କ ଲାଗି ୱେଲଫେୟାର ବୋର୍ଡ ଗଠନ କରିବା, ସମସ୍ତଙ୍କୁ ଆଇକାର୍ଡ ପ୍ରଦାନ କରିବା ଭଳି ବିଭିନ୍ନ ଦାବି ସ୍ଥାନିତ କରାଯାଇଛି।

ସୂଚନାଯୋଗ୍ୟ, ସହରର ସୌନ୍ଦର୍ଯ୍ୟକରଣ ନାମରେ ଶହ ଶହ ଉଠାଦୋକାନ ଭଙ୍ଗା ଯାଇଥିଲେ ମଧ୍ୟ ଏଯାବତ୍ ସମସ୍ତଙ୍କୁ ଭେଣ୍ଡିଂଜୋନ୍ ପ୍ରଦାନ କରାଯାଇପାରିନି। ସେହିପରି ଜାଗା ମିଶନ୍ ମାଧ୍ୟମରେ ବସ୍ତିବାସିନ୍ଦାଙ୍କୁ ଜମିପଟ୍ଟା ବଦଳରେ ଭୂମି ପ୍ରମାଣପତ୍ର ଦେଇ ଭଣ୍ଡାଇ ଦିଆଯାଇଛି। ଏପରିକି ସରକାର ସେମାନଙ୍କ ଦାବି ପୂରଣ କରିବା ପାଇଁ ଅନେକ ସମୟରେ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା ପାଣିର ଗାରରେ ପରିଣତ ହୋଇଛି। ସମଗ୍ର ରାଜ୍ୟରେ ଏବେ ନିର୍ବାଚନୀ ବାତାବରଣ। ଲୋକଙ୍କ ସମର୍ଥନ ସାଉଁଟିବା ସହ ନିର୍ବାଚନୀ ବୈତରଣୀ ପାର୍ କରିବା ପାଇଁ ଏବେ ସବୁ ନେତା ନିଜର ପୂରା ଜୋର୍ ଲଗାଇ ଦେଇଥିବାବେଳେ ଏମାନେ ଏବେ ଠିକଣା ଜବାବ ଦେବାକୁ ସଜବାଜ ହେଉଛନ୍ତି।

# ବିକେଏମ୍‌ୟୁ ପକ୍ଷରୁ ଆମ୍ବେଡ୍‌କର ଜୟନ୍ତୀ




ଆମ୍ବେଡ୍‌କରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ବିକେଏମ୍‌ୟୁର କର୍ମକର୍ତ୍ତାଙ୍କ ସହ ଅନ୍ୟମାନେ।

**ଭୁବନେଶ୍ୱର,୧୪।୪(ବନ୍ଦନା ସେଠୀ)**

ଭାରତୀୟ କ୍ଷେତ ମଜଦୁର ୟୁନିୟନ (ବିକେଏମ୍‌ୟୁ) ଓଡ଼ିଶା ରାଜ୍ୟ ଶାଖା ପକ୍ଷରୁ ରବିବାର ଭାରତୀୟ ସମ୍ବିଧାନର ପ୍ରଣେତା ଭାରତରତ୍ନ ବାବା ସାହେବ ଡ. ଭୀମ୍‌ରାଓ ଆମ୍ବେଡ୍‌କରଙ୍କ ୧୩୩ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବିକେଏମ୍‌ୟୁର ଶତାଧିକ କର୍ମୀ ଅଶୋକନଗରସ୍ଥିତ ଭଗବତୀ ଭବନଠାରୁ ଏକ ଶୋଭାଯାତ୍ରାରେ ବାହାରି ରାଜମହଲ ଛକ ଅତିକ୍ରମ ପୂର୍ବକ ଏଜି ଛକଠାରେ ପହଞ୍ଚିଥିଲା। ସେଠାରେ ଥିବା ଆମ୍ବେଡ୍‌କରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବିକେଏମ୍‌ୟୁର ରାଜ୍ୟ ସମ୍ପାଦକ ସୁର ଜେନା ଯୋଗଦେଇ କହିଲେ, ସାମ୍ପ୍ରଦାୟିକ ଫାସିବାଦୀ ଶକ୍ତିମାନେ ବାବା ସାହେବଙ୍କ ଦ୍ୱାରା ପ୍ରଣିତ ଭାରତୀୟ ସମ୍ବିଧାନକୁ ବଦଳାଇ ଦେଶର ଗଣତନ୍ତ୍ରକୁ ଧ୍ୱଂସ କରିବାକୁ ଚାହାନ୍ତି। ଏଣୁ ସେମାନଙ୍କୁ ପରାସ୍ତ କରିବା ପାଇଁ ଦେଶର ସମସ୍ତ ବାମପନ୍ଥୀ, ଗଣତାନ୍ତ୍ରିକ ଓ ଧର୍ମନିରପେକ୍ଷ ଶକ୍ତି ଐକ୍ୟବଦ୍ଧ ହେବା ଆବଶ୍ୟକ। ଅନ୍ୟମାନଙ୍କ ମଧ୍ୟରେ ବିକେଏମ୍‌ୟୁ ରାଜ୍ୟ ସହସମ୍ପାଦକ ଶଙ୍କର ବାରିକ, ସିପିଆଇ ଜୋନ୍ ସହସମ୍ପାଦକ କୈଳାସ ପୁହାଣ, ଶରତ ସ୍ୱାଇଁ, ଛେଡମ୍ବର ଭୋଇ, ନାରୀନେତ୍ରୀ ନାନିକା ମୁଣ୍ଡା, ପ୍ରମୋଦ ମଲ୍ଲିକ, ବୈକୁଣ୍ଠ ନାୟକ, ଅଶୋକ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳର ରଜତ ଜୟନ୍ତୀ ସମାରୋହ



ସମାରୋହରେ ଅତିଥିମାନେ ଅନୁଷ୍ଠାନର ମୁଖପତ୍ର 'ମୈତ୍ରୀ ସମ୍ପର୍କର ସେତୁ'ର ରଜତ ଜୟନ୍ତୀ ବିଶେଷାଙ୍କ ଉନ୍ମୋଚନ କରୁଛନ୍ତି।

**ଭୁବନେଶ୍ୱର,୧୪।୪(ଶର୍ମିଷ୍ଠା ପାଣିଗ୍ରାହୀ)**

ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳର ରଜତ ଜୟନ୍ତୀ ଉତ୍ସବ ରବିବାର ବୁଦ୍ଧ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉପସଭାପତି ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ଏହାର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଅଶୋକ କୁମାର ମହାପାତ୍ର, ମୁଖ୍ୟବକ୍ତା ମନୋଜ କୁମାର ମହାପାତ୍ର ଓ ଅନ୍ୟତମ ବକ୍ତା ଭାବେ ଗଦାଧର ପରିଡ଼ା ଯୋଗ ଦେଇଥିଲେ। ସମ୍ପାଦକ ରାମ ନାରାୟଣ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ସାଧାରଣ ସମ୍ପାଦକ ପର୍ଶୁରାମ ଦ୍ୱିବେଦୀ ବିଚ୍ଛିନ୍ନାଞ୍ଚଳର ଓଡ଼ିଆ ବିଦ୍ୟାଳୟଗୁଡ଼ିକରେ କିପରି ଶିକ୍ଷକ ଓ ପାଠ୍ୟପୁସ୍ତକ ଅଭାବ ଆଦି ରହିଛି ସେ ସମ୍ପର୍କରେ କହିଥିଲେ। ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର 'ମୈତ୍ରୀ ସମ୍ପର୍କର ସେତୁ'ର ରଜତ ଜୟନ୍ତୀ ବିଶେଷାଙ୍କ ଉନ୍ମୋଚିତ ହୋଇଥିଲା। ଏଥିସହ ବେଣୁଧର ପଣ୍ଡାଙ୍କୁ ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାର ଦିଗରେ ଉତ୍ସର୍ଗୀକୃତ ଉଦ୍ୟମ ନିମନ୍ତେ ବିଶେଷ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସଂସ୍କୃତି ସଂପାଦକ ରମାକାନ୍ତ ମିଶ୍ର ଅତିଥି ପରିଚୟ ଦେଇଥିବାବେଳେ ବିରଜା ପ୍ରସାଦ ଶତପଥୀ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ଡ. ଆରତି କର ସଂଯୋଜନା ଓ କୈଳାସ ଚନ୍ଦ୍ର ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ଉତ୍କଳର ସଂସ୍କୃତି, ସାମରିକ କ୍ରୀଡ଼ା ଅବିସ୍ମରଣୀୟ

**ଭୁବନେଶ୍ୱର,୧୪।୪(ଶର୍ମିଷ୍ଠା ପାଣିଗ୍ରାହୀ)**




ନମାମୀ ମନ୍ଦାକିନୀ ପକ୍ଷରୁ ଡ. ପ୍ରଦୀପ କୁମାର ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ନମାମୀ ମନ୍ଦାକିନୀ ଅନୁଷ୍ଠାନ, ଓଡ଼ିଶା ନାଗରିକ ମହାମଞ୍ଚ, ସଂସ୍କୃତି ବିଭାଗ ଓ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ରବିବାର ରବୀନ୍ଦ୍ର ମଣ୍ଡପଠାରେ ଓଡ଼ିଆ ନବବର୍ଷ ଓ ମହାବିଷୁବ ପଣା ସଂକ୍ରାନ୍ତି ଅବସରରେ ଏକ ଭବ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାବା ହରିଶଙ୍କର ସ୍ୱାମୀଙ୍କ ଦ୍ୱାରା ଯୋଗ ପ୍ରଶିକ୍ଷଣ ଓ ଶାଶ୍ୱତୀ ବଳଙ୍କ ଦ୍ୱାରା ଜାତୀୟ ସଙ୍ଗୀତ ପରିବେଷଣ କରାଯାଇଥିଲା।

ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀ କାର୍ଯ୍ୟକ୍ରମର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଛତିଶଗଡ଼ର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଯୋଗଦେଇ ଉତ୍କଳର କଳା, ସଂସ୍କୃତି, ଐତିହ୍ୟ, ସାମରିକ କ୍ରୀଡ଼ା ଓ ପାଇକଙ୍କ ଅବଦାନ ଅବିସ୍ମରଣୀୟ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଉତ୍କଳର ଲୁପ୍ତାୟିତ ପରମ୍ପରା ପାଲା, ଦାସକାଠିଆ, ସାମରିକ କ୍ରୀଡ଼ା, ପାଇକ ନାଟକ ଆଦି ପରିବେଷଣ କରାଯିବା ସହିତ ଓଡ଼ିଆ ନବବର୍ଷର ମାହାତ୍ମ୍ୟ ଓ ମହାନ୍ ଓଡ଼ିଆଙ୍କ ବୀରଗାଥା ଉପରେ ଅତିଥିମାନେ ଆଲୋଚନା କରିଥିଲେ। ନମାମୀ ମନ୍ଦାକିନୀ ସାରସ୍ୱତ ସାଧକ ସଂଗ୍ରାମ ମହାପାତ୍ର, ସୁବୋଧ ଆଚାର୍ଯ୍ୟ, ଗବେଷିକା ମମତା ମହାନ୍ତି, ଡ. ପ୍ରଦୀପ କୁମାର ବିଶ୍ୱାଳ, ହରେକୃଷ୍ଣ ଧଳ, ଦାସକାଠିଆ ଗାୟକ ଦେବେନ୍ଦ୍ରନାଥ ଦାସ ଓ ବୃନ୍ଦାବନ ଗୌଡ଼, ସମାଜସେବୀ ପ୍ରଦୀପ କୁମାର ଦେହୁରୀ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ 'ସଂଗ୍ରାମ ଗଳ୍ପ ସମଗ୍ର' ଓ 'ଶବ୍ଦ ସୁରଭି' ବିଶେଷାଙ୍କ, 'ସର୍ଦ୍ଦାର ପଟେଲ' ପୁସ୍ତକ ଲୋକାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସାମାଜିକ କର୍ମୀ ନାରାୟଣ ଖୁଣ୍ଟିଆ, ସଂଯୋଜକ ବାପୁ ଓଝା, ସଂଗ୍ରାମ ବଳିୟାର ସିଂ, ପୁଷ୍ପା ଖୁସ୍‌ବୁ ପ୍ରମୁଖ ସହଯୋଗ କରିଥିଲେ ବୋଲି ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ଜଣାଇଛନ୍ତି। ଧନ୍ୟବାଦ ଅର୍ପଣ କରିଥିଲେ ଡ. ପ୍ରଦୀପ ବିଶ୍ୱାଳ।

# ସମ୍ବିଧାନରେ ସମସ୍ତଙ୍କୁ ସମାନ ଅଧିକାର ଦେବାରେ ଆମ୍ବେଦକରଙ୍କ ଭୂମିକା ଅତୁଳନୀୟ

**କଟକ,୧୪।୪(କାର୍ତ୍ତିକ ସାହୁ):**

ସମ୍ବିଧାନ ପ୍ରଣେତା ତଥା ଭାରତରତ୍ନ ଡକ୍ଟର ବି.ଆର୍. ଆମ୍ବେଡକରଙ୍କ ଜିଲାସ୍ତରୀୟ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ଅରିନ୍ଦମ ଡାକୁଆ ଯୋଗଦେଇ ହାଇକୋର୍ଟ ନିକଟସ୍ଥ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏଥିସହ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶିବ ଟପୋ, ଅତିରିକ୍ତ ଜିଲାପାଳ (ଉନ୍ନୟନ) ଡ. ଦିବ୍ୟଲୋଚନ ମହାନ୍ତ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ମଧ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।

**ଚୌଦ୍ୱାର,(ଆଶୁତୋଷ ଦାସ):** ଚୌଦ୍ୱାର ପୌରପାଳିକା ୧୭ ନମ୍ବର ୱାର୍ଡର ଦଳିତ ବସ୍ତିରେ ଭାଜପା ଚୌଦ୍ୱାର ମଣ୍ଡଳ ପକ୍ଷରୁ ସମ୍ବିଧାନ ପ୍ରଣେତା ଡ. ବି.ଆର୍. ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଭାଜପା କଟକ ଜିଲା ସମ୍ପାଦକ ବୈରାଗୀ ଚରଣ ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଉପ ସଭାପତି ପ୍ରଶାନ୍ତ କୁମାର ହୋତା ଅତିଥି ଭାବେ ଯୋଗଦେଇ ଆମ୍ବେଡକରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ହଂସଚରଣ ସାହୁ, ଦୁଃଶାସନ ମୁଦୁଲି, ଦେବେନ୍ଦ୍ର ଦାସ, ମାନସ ସାହୁ, ପ୍ରକାଶ ସାମଲ, ବିଶ୍ୱବିହାରୀ ସ୍ୱାଇଁ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

**ଟିଗିରିଆ,(ଜାଫର ଖାଁ ):** ଟିଗିରିଆ ବ୍ଲକ ଅନ୍ତର୍ଗତ ନିଜିଗଡ଼ସ୍ଥିତ ଗାନ୍ଧୀ ପଡ଼ିଆରେ ରବିବାର ବି.ଆର୍. ଆମ୍ବେଡକରଙ୍କ ୧୩୩ତମ ଜୟନ୍ତୀ ପାଳିତ ହୋଇଯାଇଛି। ଟିଗିରିଆ ବ୍ଲକ ଦଳିତ ଆଦିବାସୀ ମୋର୍ଚ୍ଚା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଭାପତି ହରେନ୍ଦ୍ର ଦଳେଇ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ମୁଖ୍ୟବକ୍ତା ଭାବେ ଡ. ଦେବେନ୍ଦ୍ର ସୁତାର, ସମ୍ମାନିତ ଅତିଥିଭାବେ ରମେଶ ମଲ୍ଲିକ, ଟିଗିରିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ, ସଭ୍ୟ ସଞ୍ଜୟ ମଲ୍ଲିକ, ଅଧ୍ୟାପକ ମନୋରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ ଆମ୍ବେଡକରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସମ୍ବିଧାନରେ ସମସ୍ତଙ୍କୁ ସମାନ ଅଧିକାର ଦେବାରେ ଆମ୍ବେଡକରଙ୍କ ଭୂମିକା ଅତୁଳନୀୟ ବୋଲି ସେମାନେ କହିଥିଲେ। ଏହି ଅବସରରେ ବହୁ ଦଳିତ ଆଦିବାସୀ ମହିଳା ନିଜିଗଡସ୍ଥିତ ଗୋହିରମୁଣ୍ଡ ଛକଠାରୁ ସଭାସ୍ଥଳକୁ ପଦଯାତ୍ରାରେ ଆସିଥିଲେ। ବ୍ଲକ ବିଜୁ ଛାତ୍ର ଓ ଯୁବ ଜନତା କର୍ମୀମାନେ ନୂଆପାଟଣା ସ୍ଥିତ ମା'କଳାପାଟଙ୍କ ମନ୍ଦିରଠାରୁ ଏକ ମୋଟର ସାଇକେଲ ଶୋଭାଯାତ୍ରାରେ ଆସି ସଭାସ୍ଥଳରେ ପହଞ୍ଚିଥିଲେ। ସେଠାରେ ଟିଗିରିଆ ବ୍ଲକର ୨୨ ଜଣ ଦଳିତ ଆଦିବାସୀ ଲୋକ ପ୍ରତିନିଧିଙ୍କୁ ଅତିଥିମାନେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ।

**ନରସିଂହପୁର,(ନିରଞ୍ଜନଦେବକୁମାର):** ନରସିଂହପୁର ପ୍ରେସ କ୍ଲବ ପରିସରରେ ବି.ଆର୍. ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଡ. ଆମ୍ବେଡକର ସେବା ସଂସ୍ଥା ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମକୁ ରାଷ୍ଟ୍ରୀୟ ଗୌରବ ଅଧ୍ୟକ୍ଷ ଡ. ଲୋକନାଥ ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ଦେବରାଜ ସ୍ୱାଇଁ, ସନାତନ ସ୍ୱାଇଁ, ଗାନ୍ଧିବାଦୀ କର୍ମୀ ତଥା ଯୁବ ଆଇନଜୀବୀ ଜ୍ଞାନ ରଞ୍ଜନ ନାୟକ, ସାମାଜିକ କର୍ମୀ ସୁଶାନ୍ତ କୁମାର ମହାନ୍ତି ଆଇନଜୀବୀ ଦେବଦତ୍ତ ମଳୟ କୁମାର ବରାଳ, ରବୀନ୍ଦ୍ରନାଥ ସାହୁ, ବିଷ୍ଣୁ ଚରଣ ସେଠୀ, ଶିବ ପ୍ରସାଦ ମଲ୍ଲିକ ଓ ଶ୍ରୀଧର ନାୟକ ପ୍ରମୁଖ ଯୋଗଦେଇ ଆମ୍ବେଡକରଙ୍କ ଜୀବନୀ ଓ ଆଦର୍ଶ ଉପରେ ମତ ରଖିଥିଲେ। ସେବା ସଂସ୍ଥାର ସଭାପତି ସନ୍ତୋଷ କୁମାର ନାୟକ ଓ ସମ୍ପାଦକ ସୁରେଶ କୁମାର ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଚଳିତବର୍ଷ ରାଜ୍ୟସ୍ତରୀୟ ମହିଳା ବାହୁ କୁସ୍ତି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ନରସିଂହପୁର ଅଞ୍ଚଳର ଝିଅ ଦୀପାଳି ନାୟକଙ୍କ ସମେତ ବହୁ ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।



ହାଇକୋର୍ଟ ସମ୍ମୁଖରେ ଥିବା ବି.ଆର୍. ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବା ଆମ୍ବେଡକର ଯୁବକ ସଂଘର ସଦସ୍ୟମାନେ।

## ସଂକ୍ଷେପରେ

### ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

**ମାଣିଆବନ୍ଧ, ୧୪।୪ (ଅଖିଳ କୁମାର ସାହୁ)**

ବଡ଼ମ୍ବା ବ୍ଲକ ମାଣିଆବନ୍ଧ ସରସ୍ୱତୀ ଶିଶୁ ମନ୍ଦିରର ୨୨ତମ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ଗୋବିନ୍ଦ ଚନ୍ଦ୍ର ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ମାଣିଆବନ୍ଧ ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଜୟ କୁମାର ଶତପଥୀ ଯୋଗଦେଇ ଏହାକୁ ଶୁଭାରମ୍ଭ କରିବା ସହ ସମୟକୁ ଠିକ୍ ଭାବେ ଉପଯୋଗ କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚଙ୍କ ପ୍ରତିନିଧି ଅଜୟ ସ୍ୱାଇଁ, ସମିତି ସଭ୍ୟାଙ୍କ ପ୍ରତିନିଧି ବିକାଶ ମନ୍ତ୍ରୀ, ସନ୍ତରାବାଳୀ ସମିତି ସଭ୍ୟ ବିଭୂତି ଜେନା, ଅଭିମାନପୁର ସାଧନା କେନ୍ଦ୍ର ସଂଯୋଜକ ବିଚିତ୍ରନନ୍ଦ ବେହେରା ଯୋଗଦେଇଥିଲେ। ମୁଖ୍ୟ ବକ୍ତାଭାବେ ଅଧ୍ୟାପକ ପଦ୍ମନାଭ ଶତପଥୀ ଯୋଗଦେଇଥିଲେ। ଉପଦେଷ୍ଟା ଶ୍ରୀନିବାସ ଶତପଥୀ ଅତିଥି ପରିଚୟ ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ପରିଚାଳନା ପରିଷଦ ଯୁଗ୍ମ ସମ୍ପାଦକ ପୀତବାସ କରଣ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିବ ନାରାୟଣ ମିଶ୍ର, ଶ୍ୟାମ ସୁନ୍ଦର କରଣ, ମିତାଶ୍ରୀ ମିଶ୍ର, ବିଶ୍ୱନାଥ ସାହୁ, ପ୍ରେମାନନ୍ଦ ପାଳ, ବିଦ୍ୟାଧର ବେହେରା, ଗଣେଶ୍ୱର ଦଳେଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଉପସଭାପତି ଉତ୍ସବ ଦେବତା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡ଼ାରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ଟ୍ରଫି ସହ ପ୍ରମାଣପତ୍ର ଦେଇଥିଲେ।

### ଜାତୀୟ ଅଗ୍ନିଶମ ସୁରକ୍ଷା ସପ୍ତାହ ପାଳିତ

**ବାଙ୍କୀ,୧୪।୪ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

ବାଙ୍କୀ ଅଗ୍ନିଶମ ବିଭାଗ ପକ୍ଷରୁ ଜାତୀୟ ଅଗ୍ନିଶମ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ବିଭାଗୀୟ କେନ୍ଦ୍ର ଅଧିକାରୀ ପ୍ରକାଶ କୁମାର ଓଝାଙ୍କ ନେତୃତ୍ୱରେ ଅଗ୍ନିଶମ ଗାଡ଼ି ବାଙ୍କୀ ସହର ତଥା ଆଖପାଖ ଅଞ୍ଚଳରେ ବୁଲି ଜନସାଧାରଣଙ୍କୁ ଅଗ୍ନି ସୁରକ୍ଷା ସଂପର୍କରେ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ କର୍ମଚାରୀ ଅମୀୟ କୁମାର ଭୂୟାଁ, ପ୍ରକାଶ ଚନ୍ଦ୍ର ବରାଡ ପ୍ରମୁଖ ସାମିଲ ହୋଇଥିଲେ ।

## ଜମୁଛି ଗଙ୍ଗେଶ୍ୱର ପ୍ରସିଦ୍ଧ ପାଟୁଆ ଯାତ୍ରା

**ସାଲେପୁର,୧୪।୪(ଅରବିନ୍ଦ ଭୂୟାଁ)**

ସାଲେପୁର ବ୍ଲକ ମିର୍ଜାପୁର ପଞ୍ଚାୟତର ଗଙ୍ଗେଶ୍ୱରଠାରେ ପ୍ରସିଦ୍ଧ ପାଟୁଆ ଯାତ୍ରାରେ ଭକ୍ତଙ୍କ ଭିଡ ଜମିଛି। ଶନିବାର ପ୍ରଥମ ଦିବସରେ ବହୁ ମାନସିକଧାରୀ ପାଟୁଆ ଯୋଗଦେଇଥିଲେ। ଏହି ଅବସରରେ ପାଟୁଆମାନେ ମନସ୍କାମନା ପୂରଣ ପାଇଁ ହାତରେ ବେତ ଧରି ପାଟୁଆ ଯାତ୍ରାରେ ଯୋଗଦେଇଥିଲେ। ମନ୍ଦିର କମିଟି ପକ୍ଷରୁ ଶୃଙ୍ଖଳିତ ଭାବେ ଯାତ୍ରା ଅନୁଷ୍ଠିତ ହୋଇଥିଲା। ସେହିପରି ରବିବାର ପବିତ୍ର ପଣାସଂକ୍ରାନ୍ତି ଥିବାରୁ ଭକ୍ତମାନଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ମନ୍ଦିରରେ ଭକ୍ତମାନେ ପୂଜାର୍ଚ୍ଚନା କରିଥିଲେ। ରବିବାର ରାତିରେ ଖଣ୍ଡା ପାଟୁଆ ଓ କଣ୍ଟା ପାଟୁଆମାନେ ସ୍ଥାନୀୟ ଧର୍ମାଗତପୁରସ୍ଥିତ ପାଟୁଆ ପୋଖରୀରେ ସ୍ନାନ କରି ଶୋଭାଯାତ୍ରାରେ ଗଙ୍ଗେଶ୍ୱରସ୍ଥିତ ଶିବ ମନ୍ଦିରକୁ ଆସିଲାପରେ ଏଠାରେ ସେମାନେ କଣ୍ଟାରେ ଚାଲିବେ। ସେହିପରି ମାନସିକଧାରୀ ଖଣ୍ଡାପାଟୁଆ ଖଣ୍ଡାରେ ଚାଲିବେ ସେମାନଙ୍କ ଛାତିରେ ଶର କଣ୍ଟା ଫୋଡାଯିବ। ଏହି ଯାତ୍ରା ଦେଖିବାକୁ ବିଭିନ୍ନ ଅଞ୍ଚଳରୁ ଲୋକମାନେ ଆସୁଛନ୍ତି। ଏହି ଯାତ୍ରା ଆହୁରି ୫ଦିନ ଧରି ଚାଲିବାକୁ ଥିବା ବେଳେ ମିର୍ଜାପୁର ପଞ୍ଚାୟତ ପକ୍ଷରୁ ବହୁ ସ୍ୱେଚ୍ଛାସେବୀ ଉପସ୍ଥିତ ରହି ଯାତ୍ରାକୁ ପରିଚାଳନା କରୁଛନ୍ତି।



ଯାତ୍ରାରେ ଯୋଗଦେଇଥିବା ପାଟୁଆମାନେ ହାତରେ ବେତ ଧରିଛନ୍ତି।

## ବିଜେଡିରେ ଯୋଗଦେଲେ କଂଗ୍ରେସ, ଭାଜପା କର୍ମୀ

**ବାଙ୍କୀ,୧୪। ୪ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

ବାଙ୍କୀ ବିଜେଡି କାର୍ଯ୍ୟାଳୟରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବହୁ କଂଗ୍ରେସ ଓ ଭାଜପା କର୍ମୀ ବିଜେଡିରେ ଯୋଗଦେଇଥିଲେ। ପୂର୍ବତନ ବିଧାୟକ ତଥା ବିଜେଡିର ବରିଷ୍ଠ ନେତା ପ୍ରଭାତ କୁମାର ତ୍ରିପାଠୀଙ୍କ ଉପସ୍ଥିତିରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବୈଦ୍ୟେଶ୍ୱର ଗ୍ରାମ ପଞ୍ଚାୟତ ପୋଡାପାଟଣା ଗ୍ରାମର ନଟବର ସାମନ୍ତରାୟ, ନବକିଶୋର ମହାପାତ୍ର, ବେଣୁଧର ପରିଡା, ନୀଳମଣି ପରିଡା, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ଦିଲୀପ କୁମାର ପରିଡା, ତୋଫାନ ପରିଡା ପ୍ରମୁଖ ଦଳରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ କଟକ ଜିଲା ବିଜୁ ଜନତାଦଳ ସାଧାରଣ ସମ୍ପାଦକ ସନାତନ ବେହେରା ଏବଂ ପ୍ରସନ୍ନ କୁମାର ରାଉତରାୟ, କାମଦେବ ନାୟକ ପ୍ରମୁଖ ବରିଷ୍ଠ ବିଜେଡି ନେତା ଉପସ୍ଥିତ ଥିଲେ।

## ଚୁଡୁମୁଆଁକୁ ଜିଆଇ ମାନ୍ୟତା ଦାବି



ଖବରଦାତା ସମ୍ମିଳନୀରେ ଭାଜପା ବିଧାୟକ ପ୍ରାର୍ଥୀ ସୁମନ୍ତ ଘଡ଼େଇ ଓ ଅନ୍ୟମାନେ ।

**ମାହାଙ୍ଗା ୧୪।୪(ଯଯାତି ସିଂହ)**

ମାହାଙ୍ଗା ନିର୍ବାଚନମଣ୍ଡଳୀ ଭାଜପା ପ୍ରାର୍ଥୀ ସୁମନ୍ତ ଘଡ଼େଇ ମହାବିଷୁବ ସଂକ୍ରାନ୍ତି ଅବସରରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ଦେବଦେବୀଙ୍କୁ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ଉମର ପଞ୍ଚାୟତସ୍ଥିତ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ସେଠାକାର ପ୍ରସିଦ୍ଧ ଭୋଗ ଚୁଡୁମୁଆଁକୁ ଉପସ୍ଥିତ ଜିଆଇ ମାନ୍ୟତା ଦେବାକୁ ଭକ୍ତମାନେ ଏହି ଅବସରରେ ଦାବି କରିଥିଲେ। ଘଡେଇ ଏହାକୁ ଉପଲବ୍ଧ କରି କୁଆଁପାଳସ୍ଥିତ ଭାଜପା କାର୍ଯ୍ୟାଳୟଠାରେ ଏକ ଖବରଦାତା ସମ୍ମିଳନୀ ଡାକି ଚୁଡୁମୁଆଁ ଭୋଗକୁ ଜିଆଇ ମାନ୍ୟତା ନିମନ୍ତେ ରାଜ୍ୟପାଳଙ୍କ ନିକଟକୁ ଇ- ମେଲ ଜରିଆରେ ଦାବିପତ୍ର ପଠାଇଥିବା ସୂଚନା ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ପୂର୍ବତନ ଭାଜପା ବିଧାୟକ ପ୍ରାର୍ଥୀ ସମୀର ସାମଲ, ବରିଷ୍ଠ ଭାଜପା ନେତା ନାରାୟଣ ସେଠୀ, ନାରୀନେତ୍ରୀ ଅହଲ୍ୟା ଜେନା, ପରେଶ ପ୍ରଧାନ, ଅଶୋକ ସେଠୀ, ଅକ୍ଷୟ ରାଉତ,ଦୀପକ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ନବୀନ ନିବାସରେ ସିଏମ୍‌ସିର ୧୮ କର୍ପୋରେଟର

**କଟକ,୧୪।୪(ଶିଳ୍ପା ପ୍ରିୟଦର୍ଶିନୀ)**

- ଜିଲା ସଭାପତିଙ୍କୁ ବିରୋଧ କରାଯାଇଥିବା ଚର୍ଚ୍ଚା
- ମୋତେ ବିରୋଧ କରିବାର କାରଣ ନାହିଁ: ଦେବାଶିଷ

ଓଡ଼ିଶା କ୍ରିକେଟ୍ ଆସୋସିଏଶନ(ଓସିଏ)ର ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରା ଓ ତାଙ୍କ ସଙ୍ଗଠନର କର୍ମକର୍ତ୍ତା ରବିବାର ନବୀନ ନିବାସରେ ପହଞ୍ଚିଥିଲେ। ଏପରି କି ତାଙ୍କ ସହିତ କଟକ ମହାନଗର ନିଗମ(ସିଏମ୍‌ସି)ର ୧୮ ଜଣ ବିଜେଡି କର୍ପୋରେଟର ଯାଇଥିଲେ। ସେଠାରେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ବିଜେଡିର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଉପସ୍ଥିତ ରହି ଆଶୀର୍ବାଦ ଓ କର୍ପୋରେଟରଙ୍କ ସହିତ ଆଲୋଚନା କରିଥିଲେ।

କଟକ ଜିଲା ସଭାପତି ତଥା ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ ଏବଂ ସିଏମ୍‌ସି ମେୟର ସୁବାସ ସିଂଙ୍କ ଗୋଷ୍ଠୀ କିଛିଦିନ ତଳେ କଟକର ୨ଟି ସ୍ଥାନରେ ସମାନ ସମୟରେ କାର୍ଯ୍ୟକ୍ରମ କରି ଚର୍ଚ୍ଚାରେ ରହିଛନ୍ତି। ଏବେ ଆଶୀର୍ବାଦ ନିଜ ସଙ୍ଗଠନର ସଦସ୍ୟ ଓ କର୍ପୋରେଟରଙ୍କୁ ନେଇ ନବୀନ ନିବାସରେ ପହଞ୍ଚିବା କଟକ ରାଜନୀତିରେ ରୋଚକ ମୋଡ଼ ନେଇଛି। କର୍ପୋରେଟରମାନେ ଦେବାଶିଷଙ୍କ ଉପରେ ଅସନ୍ତୁଷ୍ଟ ରହିଥିବାରୁ ସେମାନଙ୍କୁ ନବୀନ ନିବାସ ଡକାଯାଇଥିବା ବିଶେଷସୂତ୍ରରୁ ସୂଚନା ମିଳିଛି। ଏନେଇ ନବୀନ ନିବାସ ଯାଇଥିବା କର୍ପୋରେଟର ବିକାଶ ବେହେରା କହିଛନ୍ତି, ଓଡ଼ିଆ ନବବର୍ଷ ଶୁଭେଚ୍ଛା ଜଣାଇବାକୁ ନବୀନ ନିବାସ ଯାଇଥିଲୁ। ମତଭେଦ କିମ୍ବା କୌଣସି ବିବାଦ ନାହିଁ। ସେଠାରେ ନିର୍ବାଚନ ସମ୍ପର୍କରେ ଆଲୋଚନା ହୋଇଥିଲା। ଅପରପକ୍ଷରେ ଦେବାଶିଷ କହିଛନ୍ତି, ମୋତେ ବିରୋଧ କରିବା ପାଇଁ କର୍ପୋରେଟରମାନେ ଯାଇ ନ ଥିବେ। ମୋତେ ବିରୋଧ କରିବାର ଏବେ କିଛି କାରଣ ନାହିଁ। କାରଣ ମୁଁ ଏବେ ରାଜ୍ୟ ସଭା ସଦସ୍ୟ। ବାରବାଟୀ-କଟକ ବିଜେଡି ପାଇଁ ଯାହା ନିଷ୍ପତ୍ତି ନିଆଯାଇଛି, ସେନେଇ ପାଣ୍ଡିଆନଙ୍କ ସହ ଆଲୋଚନା କରି ପ୍ରାର୍ଥୀଙ୍କୁ ଜିତାଇବା ପାଇଁ କାମ କରିବାକୁ ପ୍ରତିଶ୍ରୁତି ଦେଇଛୁ।

ସୂଚନା ଅନୁଯାୟୀ, କଟକରେ ବିଜେଡିରେ ଗୋଷ୍ଠୀକନ୍ଦଳ ସାମ୍ନାକୁ ଆସିଛି। ଶୁକ୍ରବାର କଟକର ଏକ ସ୍ଥାନରେ ଦେବାଶିଷ କାର୍ଯ୍ୟକ୍ରମ ଆୟୋଜନ କରିଥିବାବେଳେ ସମାନ ସମୟରେ ଅନ୍ୟ ଏକ ସ୍ଥାନରେ ସୁବାସ ସିଂ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଦେବାଶିଷଙ୍କ ସମର୍ଥକ ସୁବାସଙ୍କ କାର୍ଯ୍ୟକ୍ରମକୁ ଯାଇ ନ ଥିବାବେଳେ ସମାନ ସ୍ଥିତି ଦେବାଶିଷଙ୍କ କାର୍ଯ୍ୟକ୍ରମରେ ଦେଖିବାକୁ ମିଳିଥିଲା। ଏହି ଦୁଇ ଗୋଷ୍ଠୀର ଟକ୍‌ରାଟକ୍‌ରି ମଧ୍ୟରେ ଏବେ ତୃତୀୟ ଗୋଷ୍ଠୀ ଭାବେ ଆଶୀର୍ବାଦଙ୍କ ପୁଅ ତଥା ଓସିଏ ସମ୍ପାଦକ ସଞ୍ଜୟ ବେହେରାଙ୍କ ଗୋଷ୍ଠୀ ସାମ୍ନାକୁ ଆସିଛି। ଏପରି କି ସଞ୍ଜୟ ସିଏମ୍‌ସିର ୧୮ ଜଣ କର୍ପୋରେଟରଙ୍କୁ ନେଇ ଏକ ବୈଠକ କରିଥିଲେ। ବୈଠକରେ ସେ ଅସନ୍ତୁଷ୍ଟ କର୍ପୋରେଟରଙ୍କ ସମସ୍ୟା ସମାଧାନ ପାଇଁ ଆଲୋଚନା କରିଥିଲେ।

## ମହାବିଷୁବ ସଂକ୍ରାନ୍ତି, ବିଶ୍ୱଶାନ୍ତି ମହାଯଜ୍ଞ

**ନିଶ୍ଚିନ୍ତକୋଇଲି, ୧୪।୪(ଅଶୋକ କୁମାର ମହାପାତ୍ର)**

ନିଶ୍ଚିନ୍ତକୋଇଲି ବ୍ଲକର ବିଭିନ୍ନ ହନୁମାନ ମନ୍ଦିରରେ ଜୟନ୍ତୀ ଉତ୍ସବ ଓ ମହାବିଷୁଭ ସଂକ୍ରାନ୍ତି ପାଳିତ ହୋଇଯାଇଛି। ନିଶ୍ଚିନ୍ତକୋଇଲି ପଞ୍ଚାୟତ ସଦର ମହକୁମାରେ ଥିବା ସିଦ୍ଧ ହନୁମାନ ଜୀଉଙ୍କ ପୀଠରେ ରବିବାର ପ୍ରଭାତରୁ ପୂଜାର୍ଚ୍ଚନା ପରେ କ୍ଷୀରୋଦ କୁମାର ଦାସଙ୍କ ନେତୃତ୍ୱରେ ୧୦୮ହନୁମାନ ଚାଳିଶା ଓ ହୋମ ଯଜ୍ଞ କରାଯାଇଛି। ସେହିପରି ବାବୁଜଙ୍ଗ ପଞ୍ଚାୟତ ସଫିପୁର ଗ୍ରାମରେ ଶ୍ରୀଶ୍ରୀ ସର୍ପେଶ୍ୱର ଦେବଙ୍କ ବିଜେସ୍ଥଳୀରେ ୩ ଦିନ ବ୍ୟାପି ସପ୍ତବିଂଶ ବାର୍ଷିକ ରୁଦ୍ର ମହାଯଜ୍ଞ ଓ ଅଖଣ୍ଡ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। ଏନେଇ ପ୍ରଭାତରୁ ମହାପ୍ରଭୁ ସର୍ପେଶ୍ୱରଙ୍କ ଯଥାବିଧି ପୂଜାର୍ଚ୍ଚନା କରାଯାଇଛି। ସନ୍ଧ୍ୟାରେ ଜୁନି ପ୍ରବଚକ କେଶବ ଦାସ ଦ୍ୱିତୀକୃଷ୍ଣ, ସନ୍ଥ ସୁକାନ୍ତଦାସ ଜୀ ମହାରାଜ, ସନ୍ଥ ମଙ୍ଗଳଦାସଜୀ ମହାରାଜଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ କରାଯାଇଥିଲା। ଏହାକୁ ବିଜୟ ସ୍ୱାଇଁ, ବିଚିତ୍ରାନନ୍ଦ ସ୍ୱାଇଁ, ଅକ୍ଷୟ ସାହୁ, ସୁଧୀର ସ୍ୱାଇଁ, ବଂଶୀଧର ଦାସ, କ୍ଷୀରୋଦ ସେଠୀ ଓ ନିଳମାଧବ ସ୍ୱାଇଁ ପ୍ରମୁଖ ସଂଯୋଜନା କରିଥିଲେ।

## ନୂଆପାଟଣା, ଜେମାଦେଇପୁରରେ ଖଣ୍ଡାପାଟ ଯାତ୍ରା

**ଟିଗିରିଆ,୧୪।୪(ଜାଫର ଖାଁ ):**

ଟିଗିରିଆ ବ୍ଲକ ଅନ୍ତର୍ଗତ ବିଶ୍ୱପ୍ରସିଦ୍ଧ ହସ୍ତତନ୍ତ ଗ୍ରାମ ନୂଆପାଟଣା ଓ ଜେମାଦେଇପୁରରେ ରବିବାର ପ୍ରସିଦ୍ଧ ଖଣ୍ଡାପାଟ ଯାତ୍ରା ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୂଆପାଟଣାର ମାନସିକଧାରୀ ସନ୍ତୋଷ ଗୁଇଁ ପୁରୁଣାପୋଖରୀଠାରୁ ଖଣ୍ଡାରେ ଠିଆହୋଇ ରାମେଶ୍ୱରଙ୍କ ମନ୍ଦିର ପର୍ଯ୍ୟନ୍ତ ଆସି ଗ୍ରାମ ପରିକ୍ରମା କରିଥିଲେ। ସେହିପରି ଜେମାଦେଇପୁରର ମାନସିକଧାରୀ ସଞ୍ଜୟ ପାତ୍ର ଭଇଁଚ ପୋଖରୀ ଠାରୁ ନୂଆପାଟଣା ରାମେଶ୍ୱର ମନ୍ଦିର ପର୍ଯ୍ୟନ୍ତ ପଟୁଆରରେ ଆସିଥିଲେ। ଏହି ଯାତ୍ରାରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ଟିଗିରିଆ ପୋଲିସ ତରଫରୁ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା। ବିଜେଡି ବିଧାୟକ ପ୍ରାର୍ଥୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏହି ଯାତ୍ରା ବୁଲି ଦେଖିଥିଲେ।



ନୂଆପାଟଣାରେ ଅନୁଷ୍ଠିତ ଖଣ୍ଡାପାଟ ଯାତ୍ରାରେ ଭକ୍ତଙ୍କ ଭିଡ଼।



ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଅବସରରେ ରବିବାର କଟକ ଖାନ୍‌ନଗରସ୍ଥିତ ପଞ୍ଚମୁଖୀ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା ପାଇଁ ଶ୍ରଦ୍ଧାଳୁଙ୍କ ଗହଳି।



ହନୁମାନ ଜୟନ୍ତୀରେ କଟକ ଡଗରପଡାସ୍ଥିତ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା।



କଟକ ବକ୍ସିବଜାର ବଡେଇସାହି ବାସ୍ତରୀମଠ ଶ୍ରୀଯୁଗଳ କିଶୋର ମନ୍ଦିର ପ୍ରାଙ୍ଗଣରେ ଝାମୁନିଆଁରେ ମାନସିକଧାରୀ ଚାଲୁଛନ୍ତି।

## ସଂକ୍ଷେପରେ

### ଚଉଁରାରେ ବସନ୍ତରା ଠେକି ବାନ୍ଧିଲେ



ଖୋର୍ଦ୍ଧା,୧୪।୪ (ପ୍ରଭାତ ପାଣିଗ୍ରାହୀ)

ମହାବିଷୁବ ସଂକ୍ରାନ୍ତିକୁ ପଣାସଂକ୍ରାନ୍ତି ଓ ଜଳ ସଂକ୍ରାନ୍ତି ମଧ୍ୟ କୁହାଯାଏ। ଏହି ସମୟରେ ଜଳାଭାବ ଦେଖାଯାଏ। ରାସ୍ତାରେ ଯାଉଥିବା ପଥଚାରୀଙ୍କ ତୃଷ୍ଣା ନିବାରଣ ଲାଗି ଜଳଛତ୍ର ଖୋଲାଯାଏ। ଚଉରାରେ ପୂଜା ପାଉଥିବା ବୃନ୍ଦାବତୀ(ତୁଳସୀଗଛ) ଉପରେ ଛାମୁଣ୍ଡିଆ ବାନ୍ଧି, କଳସରେ ପାଣି ଭର୍ତ୍ତି କରାଯାଇଥାଏ। ଏହି ଅବସରରେ ପ୍ରତ୍ୟେକ ପରିବାରରେ ତୁଳସୀ ଚଉରା ମୂଳେ ଖୋଟି ଚିତା ସହ ଛାମୁଣ୍ଡିଆ ବାନ୍ଧି ସିକା ସାହାଯ୍ୟରେ ଜଳପୂର୍ଣ୍ଣ ବସନ୍ତରାଠେକି ବନ୍ଧାଯାଇଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରଭାବରୁ ପୃଥିବୀ ଏବଂ ବୃକ୍ଷରାଜିଙ୍କୁ ଶୀତଳତା ପ୍ରଦାନ ଉଦ୍ଦେଶ୍ୟରେ ଏହି ପ୍ରାଚୀନ ପରମ୍ପରା ରହିଛି ବୋଲି ଗବେଷକମାନେ ମତ ଦିଅନ୍ତି। ମହାବିଷୁବ ସଂକ୍ରାନ୍ତି ଅବସରରେ ବିଭିନ୍ନ ସ୍ଥାନରେ ଜନସାଧାରଣଙ୍କ ପକ୍ଷରୁ ଜଳଛତ୍ର, ବେଲପଣା, ଟଙ୍କ ତୋରାଣି, ଦହିପଣା ବ୍ୟବସ୍ଥା କରାଯାଇଥିଲା।

### ଶ୍ୱେତପଦ୍ମା ସାହିତ୍ୟ ସଂସଦ ପକ୍ଷରୁ କବିତା ପାଠୋତ୍ସବ

ବେଗୁନିଆ,୧୪।୪(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ସଦର ମହକୁମାସ୍ଥିତ ଆଦର୍ଶ କ୍ଲବ ପରିସରରେ ଶ୍ୱେତପଦ୍ମା ସାହିତ୍ୟ ସଂସଦ ଆନୁକୂଲ୍ୟରେ ରବିବାର କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଗୀତିକାର ଲକ୍ଷ୍ମୀଧର ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ଅତିଥିଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ, ସୁଶ୍ରୀ ସଂଘମିତ୍ରା ରଥ, ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ, ଶିକ୍ଷାବିତ୍ ଶରତ କୁମାର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦିକା ପ୍ରତିମା ପ୍ରଧାନ ସ୍ୱାଗତ ଓଡ଼ିଆ ନବବର୍ଷ ଶୀର୍ଷକ ଆବାହନୀ ସଙ୍ଗୀତ ଗାନ କରିଥିଲେ। ଗାୟକ ପ୍ରଦୀପ କିଶୋର ତ୍ରିପାଠୀ ମଙ୍ଗଳା ଚରଣ ପାଠ କରିବା ପରେ ଓଡ଼ିଆ ଭାଷା ସଂସ୍କୃତି ପରମ୍ପରା ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଓଡ଼ିଆ ଅସ୍ମିତାର ପ୍ରତୀକ ହେଉଛନ୍ତି କବି। ଓଡ଼ିଆ ଜାତିର ଲାଳନପାଳନର ଦାୟିତ୍ୱ ତୁଲାଇବାରେ କବି ଓ କଳାକାରଙ୍କ ଅତୁଳନୀୟ ଅବଦାନ ରହିଛି। ସେମାନଙ୍କ ଅବଦାନ ବ୍ୟର୍ଥ ନ ଯାଉ ବୋଲି ପ୍ରଫେସର ପାଣିଗ୍ରାହୀ ମତବ୍ୟକ୍ତ କରିଥିଲେ। ସ୍ୱରଚିତ ବହୁ କବିତା ପାଠ କରାଯାଇଥିଲା। କବିତା ପାଠରେ ପ୍ରଧାନ ଶିକ୍ଷକ ଦିବାକର ସାହୁ, ଶିକ୍ଷକ ବିଜୟ କୁମାର ପ୍ରଧାନ, ସମାଜସେବୀ ପ୍ରଶାନ୍ତ ବାରିକ, ଅଶ୍ୱିନୀ ପଟ୍ଟନାୟକ, ଶରତ କୁମାର ଚମ୍ପତି, ଶ୍ରୀବତ୍ସ ପାଣିଗ୍ରାହୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବାସନ୍ତୀ ପ୍ରଧାନ ଧନ୍ୟବାଦ ଦେଇଥିଲେ।

### ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ଜଟଣୀ,୧୪।୪(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ବିଶ୍ୱନାଥ କଲୋନୀ ଗୁରୁହାଟରେ ସଙ୍କଟମୋଚନ ହନୁମାନଙ୍କ ପୀଠରେ ଚାଲିଥିବା ୨୨ତମ ବିଶ୍ୱଶାନ୍ତି ମହାଯଜ୍ଞ ରବିବାର ପୂର୍ଣ୍ଣାହୁତିରେ ଉଦ୍‌ଯାପିତ ହୋଇଯାଇଛି। ଶ୍ରୀରାମ ଯୁବକ ସଂଘ ଦ୍ୱାରା ଅନୁଷ୍ଠିତ ଉକ୍ତ ଯଜ୍ଞ ଉତ୍ସବରେ ମୁଖ୍ୟ ପୁରୋଧା ପଣ୍ଡିତ ମୃତ୍ୟୁଞ୍ଜୟ ନନ୍ଦଙ୍କ ତତ୍ତ୍ୱାବଧାନରେ ଗତ ୧୧ତାରିଖ ପ୍ରଥମ ଦିବସରେ ଅଙ୍କୁରାରୋପଣ କରାଯାଇଥିଲା। ସେହିପରି ବିଭିନ୍ନ ଦିବସରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବା ସହ ମହାବିଷୁବ ସଂକ୍ରାନ୍ତିରେ ମହାଯଜ୍ଞ ଉଦ୍‌ଯାପିତ ହୋଇଥିଲା। ଶ୍ରୀରାମ ଯୁବକ ସଂଘର ସମସ୍ତ ସଦସ୍ୟ ଓ ସ୍ଥାନୀୟ ଅଞ୍ଚଳବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ସ୍ଥାନୀୟ ରେଲୱେ ଗୋଲେଇ ମାର୍କେଟ ଓ ନିୟୁ ମାର୍କେଟ ବ୍ୟବସାୟୀ ସଂଘ ପକ୍ଷରୁ ସିଦ୍ଧ ମହାବୀରଙ୍କ ୨୮ତମ ଜନ୍ମ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗତ ୮ ତାରିଖରୁ ଚାଲିଥିବା ଏହି ଯଜ୍ଞ ଉତ୍ସବ ରବିବାର ପୂର୍ଣ୍ଣାହୁତିରେ ଉଦ୍‌ଯାପିତ ହୋଇଯାଇଛି। ସେହିପରି ଜଟଣୀ ବ୍ଲକ ଅଧୀନ ବଡ଼ତୋଟା ଗ୍ରାମସ୍ଥିତ ପଞ୍ଚମୁଖୀ ହନୁମାନଙ୍କ ବାର୍ଷିକ ଜନ୍ମ ଉତ୍ସବ ଏବଂ ପୌରାଞ୍ଚଳ ଅନ୍ତର୍ଗତ ଗାନ୍ଧୀନଗରସ୍ଥିତ ମହାବୀର ମନ୍ଦିର, ହାଟବଜାର ଏବଂ ହନୁମାନ ବାଟିକା ଠାରେ ସମସ୍ତ ରୀତିନୀତିରେ ବଜରଙ୍ଗବଲୀଙ୍କ ପୂଜା ତଥା ମହାବିଷୁବ ସଂକ୍ରାନ୍ତି ପାଳିତ ହୋଇଯାଇଛି।

# ‘ଇଂଲିଶ ମୋହ ଛାଡ଼ିଲେ ଓଡ଼ିଆ ଭାଷା ସମୃଦ୍ଧ ହେବ’

**ଖୋର୍ଦ୍ଧା ବିଷୁବ ମିଳନ ସମାରୋହ**

**■ମହାଶ୍ୱେତାଙ୍କୁ ଖୋର୍ଦ୍ଧା ବିଷୁବ ସମ୍ମାନ, ପୂର୍ଣ୍ଣଙ୍କୁ ଯମେଶ୍ୱର କହଲସିଂହ ସାରସ୍ୱତ ସମ୍ମାନ**



ସମାରୋହରେ ଅତିଥିଙ୍କ ଗହଣରେ ସମ୍ମାନିତ ପ୍ରତିଭାଧାରୀ।

ଖୋର୍ଦ୍ଧା,୧୪।୪(ପ୍ରଭାତ ପାଣିଗ୍ରାହୀ)

କଳା, ସାହିତ୍ୟ, ସଂସ୍କୃତି ଓ ଐତିହ୍ୟର ମାଟି ଖୋର୍ଦ୍ଧା। ଓଡ଼ିଆ ସାହିତ୍ୟକୁ ଏ ମାଟି ସମୃଦ୍ଧ କରିଛି। ସାହିତ୍ୟ ବିନା ଜୀବନ ନିରର୍ଥକ। ସାହିତ୍ୟ ଦେଇଛି ବଞ୍ଚିବାର ରାହା। ସମାଜକୁ ସୁଖ ବାଣ୍ଟିପାରିଲେ ତାହା ହିଁ ପ୍ରକୃତ ସାହିତ୍ୟ ବୋଲି ଖୋର୍ଦ୍ଧା ଜିଲା ସାହିତ୍ୟ ସମାଜ ଆନୁକୂଲ୍ୟରେ ସ୍ଥାନୀୟ ଗୀତା ଭବନରେ ଅନୁଷ୍ଠିତ ବିଷୁବ ମିଳନ ଏବଂ ଓଡ଼ିଆ ନବବର୍ଷ ସମାରୋହରେ ମୁଖ୍ୟବକ୍ତା ପ୍ରାଧ୍ୟାପକ ବୈରାଗୀ ଚରଣ ପଟ୍ଟନାୟକ କହିଛନ୍ତି। ଏଥିରେ ଅନୁଷ୍ଠାନର ସଭାପତି ତଥା ବରିଷ୍ଠ କଥାଶିଳ୍ପୀ ଡ. ସୁରେଶ ଛୋଟରାୟ ପୌରୋହିତ୍ୟ କରିଥିଲେ। ଉତ୍ସବକୁ ଉଦ୍‌ଘାଟନ କରି ଐତିହାସିକ ପ୍ରଫେସର ନାରାୟଣ ରାଓ କହିଥିଲେ, ଭାଷା ଓ ସାହିତ୍ୟର ଅଭିବୃଦ୍ଧି ପାଇଁ ଅଧିକରୁ ଅଧିକ ଯୁବଗୋଷ୍ଠୀ ଆଗେଇଆସିବା ଉଚିତ। ଇଂଲିଶ ମୋହ ଛାଡିଲେ ଓଡ଼ିଆ ଭାଷା ସମୃଦ୍ଧ ହେବ। ସଙ୍କଳ୍ପ ନିଅନ୍ତୁ କଥା ହେବା ବେଳେ ଇଂଲିଶ ଶବ୍ଦ ଉଚ୍ଚାରଣ କରିବେ ନାହିଁ। ଓଡ଼ିଆ ଖବରକାଗଜରେ ବହୁଳ ଭାବେ ଇଂଲିଶ ଶବ୍ଦ ବ୍ୟବହାର କରାଯାଉଛି। ପ୍ରକାଶକମାନେ ଏଥିପ୍ରତି ସଚେତନ ହେବା ସହ ପାଠକ, ପାଠିକା ମଧ୍ୟ ଏନେଇ ଗଣମାଧ୍ୟମ ସଂସ୍ଥାକୁ ପତ୍ରଲେଖି ଅବଗତ କରାଇଲେ ପରିବର୍ତ୍ତନ ଆସିପାରିବ।

ସେହିପରି ସମ୍ମାନିତ ଅତିଥି ପ୍ରଫେସର ପ୍ରଫୁଲ୍ଲ ସୁବୁଦ୍ଧି କହିଥିଲେ, ଯୁବଗୋଷ୍ଠୀଙ୍କ ଅନୁପସ୍ଥିତି ସାହିତ୍ୟକୁ ରସାତଳଗାମୀ କରିଦେଇପାରେ। ସ୍ୱତନ୍ତ୍ର ଅତିଥିଭାବେ କଥାଶିଳ୍ପୀ ଡ. ପଦ୍ମଜ ପାଳ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଅଧ୍ୟାପିକା ମହାଶ୍ୱେତା ସାହୁ କହିଥିଲେ, ସାହିତ୍ୟରେ ସମାଜର ଆତ୍ମା ଥାଏ। ତେଣୁ ଆଜିର ସାହିତ୍ୟ ସମାଜ ଉପଯୋଗୀ ହେବା ସହ ଭବିଷ୍ୟତର ସମାଜକୁ ସମୃଦ୍ଧ ପାଇଁ ପ୍ରେରଣାର ମାଇଲଖୁଣ୍ଟ। ଅନୁଷ୍ଠାନର ସମ୍ପାଦକ ଜ୍ଞାନରଞ୍ଜନ ଦାଶ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶିକ୍ଷାବିତ୍ ମିହିର ବିଧାର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଶିଷ୍ଟ କଥାଶିଳ୍ପୀ ଅଧ୍ୟାପିକା ମହାଶ୍ୱେତା ସାହୁଙ୍କୁ ଖୋର୍ଦ୍ଧା ବିଷୁବ ସମ୍ମାନ-୨୦୨୪ ଓ ବରିଷ୍ଠ କବି ପୂର୍ଣ୍ଣ ଦାସଙ୍କୁ ପ୍ରଥମ ଯମେଶ୍ୱର କହଲସିଂହ ସାରସ୍ୱତ ସମ୍ମାନରେ ସମ୍ମାନିତ କରାଯାଇଛି। ପ୍ରଥମ ଅଧିବେଶନରେ କବି ସମରଜିତ୍‌ପଟ୍ଟନାୟକଙ୍କ ପୌରୋହିତ୍ୟରେ ବୈକୁଣ୍ଠନାଥ ରାଜଗୁରୁ, ଗୋବିନ୍ଦ ଚନ୍ଦ୍ର ମହାରଣା, ଗୋପୀନାଥ ଦାଶ, କମଳିନୀ ମଲ୍ଲିକ ଓ ସରୋଜିନୀ ଜେନାଙ୍କ ସଂଯୋଜନାରେ କବିତା ପାଠୋତ୍ସବ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଦିବଙ୍ଗତ ସାହିତ୍ୟିକ ଯମେଶ୍ୱର କହଲସିଂହଙ୍କ ସ୍ମୃତି ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ତ୍ରିଲୋଚନ ଦାସ ଓ ବିକ୍ରମ କେଶରୀ ଚମ୍ପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସହସମ୍ପାଦକ ନିଶିକାନ୍ତ କହଲସିଂହ ଧନ୍ୟବାଦ ଦେଇଥିଲେ। ସଂସ୍କୃତି ପ୍ରଚାରକ ଶକ୍ତିଶଙ୍କର ମିଶ୍ର, ଡ. ବୃନ୍ଦାବନ ପଣ୍ଡା, ରତ୍ନପ୍ରଭା ବାଈ, ସୁନୀଲ ବୋଷ୍, ସମରେନ୍ଦ୍ର ବଳିୟାରସିଂହ, ତପନ ମହାପାତ୍ର, ନାରାୟଣ ଦାସ, ଅଜୟ କୁମାର ସେଠୀ, ସୁକାନ୍ତି ମହାପାତ୍ରଙ୍କ ସମେତ ଶତାଧିକ ସଂସ୍କୃତିପ୍ରେମୀ ଓ କବିମାନେ ଉପସ୍ଥିତ ଥିଲେ।

## ହତ୍ୟାକାଣ୍ଡକୁ ୫ ବର୍ଷ ବିତିଲା
# ଅଭିଯୁକ୍ତଙ୍କୁ ଧରିପାରୁନି ପୋଲିସ

ଟାଙ୍ଗୀ,୧୪।୪(ରଘୁନାଥ ସାହୁ)

ଖୋର୍ଦ୍ଧା ନବୀନାବାଗ ସ୍ଥିତ ଭାଜପା କାର୍ଯ୍ୟାଳୟ ନିକଟରେ ବଡ଼ପୋଖରିଆ ମଣ୍ଡଳ ସଭାପତି ମଗୁଲି ଜେନାଙ୍କୁ ୨୦୧୯ ଏପ୍ରିଲ ୧୪ତାରିଖ ରାତିରେ ଗୁଳି କରି ହତ୍ୟା କରାଯାଇଥିଲା। ରବିବାର ଏହି ହତ୍ୟାକାଣ୍ଡକୁ ୫ବର୍ଷ ବିତିଥିଲେ ମଧ୍ୟ ଅଭିଯୁକ୍ତମାନଙ୍କୁ ପୋଲିସ ଧରିପାରିନାହିଁ। ଫଳରେ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନାଥାଉ କି, ମଗୁଲିଙ୍କ ଘର ନିରାକାରପୁର ଥାନା ବଡ଼ପୋଖରିଆ ଗ୍ରାମରେ। ୨୦୧୨ ପଞ୍ଚାୟତ ନିର୍ବାଚନ ସମୟରେ ବିଜେଡି ଓ ଭାଜପା ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ସେତେବେଳେ ସେ ବିଜେଡିରେ ଥିଲେ। ୨୦୧୭ ପଞ୍ଚାୟତ ନିର୍ବାଚନଠାରୁ ସେ ଭାଜପାକୁ ଚାଲିଆସିଥିଲେ। ତେବେ ରାଜନୈତିକ କାରଣକୁ ନେଇ ତାଙ୍କ ସହ ଅନ୍ୟ ଏକ ଗୋଷ୍ଠୀର ଶତ୍ରୁତା ବଢ଼ିଯାଇଥିଲା। ଘଟଣାଦିନ ସନ୍ଧ୍ୟାରେ ଭାଜପା କାର୍ଯ୍ୟାଳୟ ନିକଟରେ କେତେଜଣ ଲୋକଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା। ଏହି ସମୟରେ ତାଙ୍କୁ ଗୁଳିମାଡ଼ ହୋଇଥିଲା। ଏନେଇ ଖୋର୍ଦ୍ଧା ଟାଉନ ଥାନାରେ ଏକ ମାମଲା (ନଂ.୧୧୯/୧୯) ରୁଜୁ ହୋଇଥିଲା।

# ଜୟ ଶ୍ରୀରାମ ଧ୍ୱନିରେ କମ୍ପିଲା ସହର



ବଜରଙ୍ଗ ଦଳ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

ଗମ୍ଭାରୀମୁଣ୍ଡା,୧୪।୪(ଦିଲୀପ ସ୍ୱାଇଁ)

ମହାବିଷୁବ ସଂକ୍ରାନ୍ତି ଏବଂ ଓଡ଼ିଆ ନବବର୍ଷ ଅବସରରେ ରବିବାର ବାଣପୁର-ବାଲୁଗାଁ ବଜରଙ୍ଗ ଦଳ ପକ୍ଷରୁ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବାଣପୁର ଓ ବାଲୁଗାଁ ନଗର ପରିକ୍ରମା କରିଥିଲେ। ଜୟ ଶ୍ରୀରାମ ଧ୍ୱନିରେ ସହର ପ୍ରକମ୍ପିତ ହୋଇଉଠିଥିଲା। ନଗର ପରିକ୍ରମା ପରେ ଏହି ଶୋଭାଯାତ୍ରା ଐତିହାସିକ ପଲ୍‌ଟଣ ପଡ଼ିଆରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ୪ଶହରୁ ଊର୍ଦ୍ଧ୍ୱ ବଜରଙ୍ଗ ଦଳ କର୍ମୀ ସାମିଲ ହୋଇଥିଲେ। ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ଫୋର୍ସ ମୁତୟନ ହୋଇଥିଲେ।



ଜଟଣୀ କୁଦିଆରୀସ୍ଥିତ ମା’ଜାଗୁଳାଇଙ୍କ କାଳରାତ୍ରି ବେଶ।



ନିରାକାରପୁର:ରାମେଶ୍ୱର ପଞ୍ଚାୟତସ୍ଥିତ ମା’ବନଦୁର୍ଗାଙ୍କ କାତ୍ୟାୟନୀ ବେଶ।

# ଶ୍ରୀରାମଚରିତ ମାନସ, ନବାହ୍ନ ପାରାୟଣ ଓ ମହାଯଜ୍ଞ ଆରମ୍ଭ

ଖୋର୍ଦ୍ଧା,୧୪।୪(ପ୍ରଭାତ ପାଣିଗ୍ରାହୀ)

ମହାବିଷୁବ ସଂକ୍ରାନ୍ତି ଏବଂ ମହାବୀର ଜୟନ୍ତୀ ଅବସରରେ ଖୋର୍ଦ୍ଧା ଜିଲାର ବିଭିନ୍ନ ମହାବୀର ମନ୍ଦିରରେ ହୋମଯଜ୍ଞ, ରାମଚରିତ ମାନସ ପାରାୟଣ, ହନୁମାନ ଚାଳିଶା ଏବଂ ଶକ୍ତିପୀଠରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି। ତନ୍ତମୁଣ୍ଡିଆ ଜରିପୁଟସ୍ଥିତ ପ୍ରସିଦ୍ଧ ମହାବୀରଙ୍କ ପୀଠରେ ୯ ଦିନ ବ୍ୟାପୀ ଶ୍ରୀରାମଚରିତ ମାନସ, ନବାହ୍ନ ପାରାୟଣ ଏବଂ ମହାଯଜ୍ଞ ଆରମ୍ଭ ହୋଇଛି। ଭୋରରୁ ଦ୍ୱାରଫିଟା, ମଙ୍ଗଳ ଆଳତି, ଦେବନୀତି ସମ୍ପନ୍ନ ପରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ଶ୍ରଦ୍ଧାଳୁ ଧାଡ଼ିରେ ଆସି ମହାବୀରଙ୍କ ଦର୍ଶନ କରିଥିଲେ। ଶ୍ରୀରାମ, ମହାବୀରଙ୍କ ଜୟ ଜୟକାର ମନ୍ତ୍ର ଉଚ୍ଚାରଣରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଜରିପୁଟ ସଙ୍କଟମୋଚନଙ୍କ ଦର୍ଶନ କଲେ ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ଲୋକବିଶ୍ୱାସ ରହିଛି। ଅପରାହ୍ନରେ ନାମ ସଂକୀର୍ତ୍ତନ, ସନ୍ଧ୍ୟାରେ ଭଜନ ସମାରୋହ ଓ ରାତିରେ ପ୍ରବଚନ କାର୍ଯ୍ୟକ୍ରମ ହୋଇଥିଲା। ଆସନ୍ତା ୨୨ ତାରିଖରେ ପୂର୍ଣ୍ଣାହୁତି, ରଘୁନାଥ ଜୀଉଙ୍କ ନଗର ଭ୍ରମଣ କାର୍ଯ୍ୟକ୍ରମ ରହିଥିବା ଆୟୋଜକ କମିଟି ପକ୍ଷରୁ କୁହାଯାଇଛି। ସେହିପରି ଖୋର୍ଦ୍ଧା ସହରର ମଙ୍ଗଳାନଗର, ଗୁରୁଜଙ୍ଗ, ପଲ୍ଲା, ଭାଲିଆବାଡ଼ି, ଗଡ଼ଖୋର୍ଦ୍ଧା, ଗୋଡ଼ିପୋଖରୀ, ଧବଳେଶ୍ୱର ମହାବୀର ପୀଠ ସମେତ ଜିଲାର ସମସ୍ତ ମନ୍ଦିରରେ ଭକ୍ତଙ୍କ ସମାଗମ ହୋଇଥିଲା।

# ବିଭିନ୍ନ ସ୍ଥାନରେ ଆମ୍ବେଡ୍‌କର ଜୟନ୍ତୀ

ଜଟଣୀ,୧୪।୪(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବ୍ଲକ ଅନ୍ତର୍ଗତ ବେଲପଡ଼ା ଗ୍ରାମସ୍ଥିତ ଆଦର୍ଶ ଶିକ୍ଷାକେନ୍ଦ୍ର ପରିସରରେ ବରୁଣେଇ ଗଡ଼ ମହୋତ୍ସବ କମିଟି ପକ୍ଷରୁ ବାବା ସାହେବ ଆମ୍ବେଡ୍‌କରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଅବସରପ୍ରାପ୍ତ ଶିକ୍ଷକ ଜବାହରଲାଲ ସୁବୁଦ୍ଧିଙ୍କ ଅଧ୍ୟକ୍ଷତାରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଆମନ୍ତ୍ରିତ ଅତିଥି ଆମ୍ବେଡ୍‌କରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କାର୍ଯ୍ୟକ୍ରମରେ ବାସନ୍ତୀ ବେହେରା, ସଞ୍ଜୁକ୍ତା ସେଠୀ, ଟିଙ୍କିଲି ବେହେରା, ମିଲି ବେହେରା, ଶମ୍ଭୁ ନାୟକ, ସଦାଶିବ ପରିଡ଼ା, ସାରଙ୍ଗଧର ବେହେରା, ମନ୍ମଥ କୁମାର ଡାକୁଆଙ୍କ ସମେତ ବହୁ ସଦସ୍ୟ ଯୋଗଦେଇ ମତବ୍ୟକ୍ତ କରିଥିଲେ। ସେହିପରି ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ସୀତାରାମ ଛକସ୍ଥିତ ସର୍ବଭାରତୀୟ ଅବସରପ୍ରାପ୍ତ କେନ୍ଦ୍ର ସରକାରୀ କର୍ମଚାରୀ ସଂଘ ପକ୍ଷରୁ ଆମ୍ବେଡ୍‌କରଙ୍କ ଜୟନ୍ତୀ ଏବଂ ଓଡ଼ିଆ ନୂଆବର୍ଷ ପାଳିତ ହୋଇଯାଇଛି। ସଂଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ସଭାର ପ୍ରାରମ୍ଭରେ ଆମ୍ବେଡ୍‌କରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏଆଇସିଜିପିଏ ସଭାପତି ବି.କେ. ସାମଲଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସଙ୍ଘ ସାଧାରଣ ସମ୍ପାଦକ ବି.ଆର୍. ମହାନ୍ତି ସମ୍ବିଧାନ ପ୍ରଣେତା ଆମ୍ବେଡ୍‌କରଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହ ଓଡ଼ିଆ ନବବର୍ଷ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଗଙ୍ଗାଧର ଦାସ, ଜଗଦୀଶ ଦାଶ, ସୁମନ ପଟ୍ଟନାୟକ, ପୀତବାସ ସାହୁ, ଉଲ୍ଲାସ ଚନ୍ଦ୍ର ଜେନା, ଅରୁଣ ମହାନ୍ତି, ସୁରେନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ସୌଦାଗର ମହାନ୍ତି ଧନ୍ୟବାଦ ଦେଇଥିଲେ।




ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

# ପ୍ରଧାନ ଶିକ୍ଷକଙ୍କ ବ୍ଲକସ୍ତରୀୟ ମାସିକ ବୈଠକ

ଟାଙ୍ଗୀ,୧୪।୪(ରଘୁନାଥ ସାହୁ)

ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସପ୍ତମ ବ୍ଲକସ୍ତରୀୟ ମାସିକ ବୈଠକ ଓଲସିଂ ଦାଶରଥି ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ଜିଲା ପ୍ରକଳ୍ପ ଅଧିକାରୀ ସୁନୀତା ପଟ୍ଟନାୟକ, ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ସାହୁ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଧାଂଶୁ ମଞ୍ଜରୀ ଦେବୀ, ଦାଶରଥି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ପରିଡ଼ା, ନିରାକାରପୁର କ୍ଷେତ୍ରବାସୀ ଏକାଡେମୀର ପ୍ରଧାନ ଶିକ୍ଷୟିତ୍ରୀ ସ୍ନିଗ୍ଧା ଛୋଟରାୟ, ଟାଙ୍ଗୀ ବଳରାମ ଦେବ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ବିଶ୍ୱଜିତ୍ ପଲାଇ ପ୍ରମୁଖ ଯୋଗଦେଇଥିଲେ। ପର୍ଯ୍ୟବେକ୍ଷକ ଭାବେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ବିତ୍ତ ଅଧିକାରୀ ଲୋପାମୁଦ୍ରା ପଣ୍ଡା ଉପସ୍ଥିତ ଥିଲେ। ବଡ଼ପାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଭଞ୍ଜକିଶୋର ସାହୁ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ପୂର୍ବ ବୈଠକର ନିଷ୍ପତ୍ତି ସମ୍ପର୍କରେ ଆଲୋଚନା କରାଯିବା ପରେ ହାଉସ୍ ସିଷ୍ଟମ୍, ଡ୍ରପ୍‌ଆଉଟ୍ ଓ ବାର୍ଷିକ ଶିକ୍ଷାଦାନ ପ୍ରଣାଳୀ ଉପରେ ଆଲୋଚନା କରାଯାଇଥିଲା। ଉତ୍ତୀର୍ଣ୍ଣ ହେଉଥିବା ଛାତ୍ରୀଛାତ୍ରଙ୍କଠାରୁ ପୁରୁଣା ବହି ସଂଗ୍ରହ କରି ବୁକ୍‌ବ୍ୟାଙ୍କ ଗଠନ କରିବା ପାଇଁ ପରାମର୍ଶ ଦିଆଯାଇଛି। ଦ୍ୱିତୀୟ ଅଧିବେଶନରେ ଉପସ୍ଥିତ ସମସ୍ତ ପ୍ରଧାନ ଶିକ୍ଷକ ଦାଶରଥି ଉଚ୍ଚ ବିଦ୍ୟାଳୟର ଶୈକ୍ଷିକ ପରିବେଶ, ସ୍ମାର୍ଟ ଶ୍ରେଣୀଗୃହ, ଇ-ଲାଇବ୍ରେରି, ଲାବରେଟୋରି ପରିଦର୍ଶନ କରିବା ସହ ବିଦ୍ୟାଳୟର ବିକାଶ ପାଇଁ ପରାମର୍ଶ ଦେଇଥିଲେ। ସରପାରୀ ଉଚ୍ଚ ବିଦ୍ୟାଳ ପ୍ରଧାନ ଶିକ୍ଷକ ସୁଧାକର ସାହୁ, କୁହୁଡ଼ି ଜନତା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅର୍ଜୁନ ସ୍ୱାଇଁ, କୁହୁଡ଼ି ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁବାସିନୀ ଦେଈ, ଅଚ୍ୟୁତପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ସାହୁ, କମାଗୁରୁ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମଧୁସୂଦନ ସୁନ୍ଦରାୟ, ଟାଙ୍ଗୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେଶ କୁମାର ବେହେରା, ଡମଣଭୂଇଁ ହାଇସ୍କୁଲ ପ୍ରଧାନ ଶିକ୍ଷକ ଆଲୋକ ଚକ୍ରବର୍ତ୍ତୀ, ପାରିଓରଡ଼ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଚନ୍ଦ୍ରଶେଖର କର, ପଦ୍ମକୁମୁଦ ବିଦ୍ୟାନିକେତନର ପ୍ରଧାନ ଶିକ୍ଷୟିତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ରାଉତ, ଭୂଷଣ୍ଡପୁର ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା କୁମାରୀ ମହାପାତ୍ର, ହରିପୁର ଉଗ୍ରତାରା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣତି ବିଶ୍ୱାଳ, ଜୟମଙ୍ଗଳପୁର ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ଦୀକ୍ଷିତଙ୍କ ସମେତ ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ।

# ଆଧ୍ୟାତ୍ମିକ ଚେତନା ମୁକ୍ତିର ମାର୍ଗ ଦେଖାଇଥାଏ



ଶ୍ରୀଜଗନ୍ନାଥ ମହୋତ୍ସବ ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ବେଗୁନିଆ,୧୪।୪(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ଦୁର୍ଗା ମଣ୍ଡପସ୍ଥିତ ଯାତ୍ରା ପଡ଼ିଆରେ ମା’କାଳିକା ଦେବୀ ମନ୍ଦିର ପରିଚାଳନା କମିଟି ପକ୍ଷରୁ ୬ଦିନ ଧରି ଚାଲିଥିବା ଶ୍ରୀଜଗନ୍ନାଥ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଜେଡି ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, କ୍ୟାପଟେନ ମନ୍ମଥ ରାଉତରାୟ ମୁଖ୍ୟବକ୍ତା, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ସ୍ଥାନୀୟ ସରପଞ୍ଚ ସତ୍ୟନାରାୟଣ ପ୍ରଧାନ, ସମିତି ସଭ୍ୟ ପ୍ରକାଶ ଚନ୍ଦ୍ର ବଳିୟାରସିଂହ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଆଧ୍ୟାତ୍ମିକ ଚେତନା ମୁକ୍ତିର ମାର୍ଗ ଦେଖାଇଥାଏ ବୋଲି ମତପ୍ରକାଶ କରିଥିଲେ। ସଭାର ପ୍ରାରମ୍ଭରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ଭଜନ ଓ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା।

# ‘ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପର୍ଯ୍ୟନ୍ତ ପରିଶ୍ରମ କର’

ଖୋର୍ଦ୍ଧା,୧୪।୪ (ପ୍ରଭାତ ପାଣିଗ୍ରାହୀ)

**ଜିଲାସ୍ତରୀୟ ଆମ୍ବେଡ୍‌କର ଜୟନ୍ତୀ**

ଖୋର୍ଦ୍ଧା ଜିଲା ପ୍ରଶାସନ, ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ବାବା ସାହେବ ଡ. ବି.ଆର୍. ଆମ୍ବେଡ୍‌କରଙ୍କ ଜିଲାସ୍ତରୀୟ ଜୟନ୍ତୀ ସମାରୋହ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ତାଙ୍କ ଫଟୋଚିତ୍ରରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ ସହ ପ୍ରଦୀପ ପ୍ରଜ୍ୱଳନପୂର୍ବକ ସମାରୋହକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ସଭାପତିତ୍ୱ ଭାଷଣରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇ ଆମ୍ବେଡ୍‌କରଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ଆମ୍ବେଡକର କଠିନ ପରିଶ୍ରମ ବଳରେ ଆଗକୁ ବଢ଼ିଥିଲେ। ସମସ୍ୟାରେ ଭାଙ୍ଗି ନ ପଡ଼ି ତା’ର ସମ୍ମୁଖୀନ ହୋଇ ଆଗକୁ ଅଗ୍ରସର ହୁଅ। ଆମ୍ବେଡ୍‌କର ରାଷ୍ଟ୍ରସେବାରେ ନିଜକୁ ନିୟୋଜିତ କରିଥିଲେ। ସ୍ୱାଧୀନ ଭାରତରେ ପ୍ରଥମ ଆଇନମନ୍ତ୍ରୀ କାହାର ସୁପାରିସ ବଳରେ ନୁହଁ ବରଂ ନିଜ ଦକ୍ଷତା ବଳରେ ହୋଇଥିଲେ। ବ୍ରିଟିଶ୍ ଶାସନ ସମୟରେ ଭାରତର ଅତୀତ, ଭବିଷ୍ୟତ, ଗୌରବମୟ ଇତିହାସ ସମ୍ପର୍କରେ ଲେଖନୀ ଚାଳନା କରି ସମାଜ ତଥା ଯୁବପିଢ଼ିଙ୍କୁ ଦିଗ୍‌ଦର୍ଶନ ଦେଉଥିଲେ। ଆମ୍ବେଡ୍‌କର ହେଉଛନ୍ତି ସମ୍ବିଧାନର ପ୍ରଣେତା। ଏଥିସହିତ ସେ ଜଣେ ବିଶିଷ୍ଟ ଅର୍ଥନୀତିଜ୍ଞ ମଧ୍ୟ। ଜଣେ ପ୍ରବୀଣ ରାଜନୀତିଜ୍ଞ, ଅର୍ଥନୀତିଶାସ୍ତ୍ରଜ୍ଞ, ଆଇନଜ୍ଞ ତଥା ରାଷ୍ଟ୍ରଭକ୍ତ ଥିଲେ। ଛାତ୍ରୀଛାତ୍ର ହେଉଛନ୍ତି ଦେଶର ଭବିଷ୍ୟତ। କଠିନ ସାଧନା, ଅସୀମ ଧୈର୍ଯ୍ୟ, ନିରନ୍ତର ପ୍ରୟାସ ଜାରି ରଖିଲେ ଶୀର୍ଷରେ ପହଞ୍ଚିପାରିବ। ସାଧାରଣ ଜୀବନଶୈଳୀ, ଉନ୍ନତ ଚିନ୍ତାଧାରା, ଏକାଗ୍ରତା ରହିଲେ ସଫଳତା ମିଳିବ। ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ କହିଥିଲେ, ଏକ ସାଧାରଣ ପରିବାରରେ ଜନ୍ମିତ ଆମ୍ବେଡକର ଶୀର୍ଷସ୍ଥାନରେ ପହଞ୍ଚି ପାରିଥିଲେ। ତେଣୁ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପର୍ଯ୍ୟନ୍ତ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ। ଆମ୍ବେଡ୍‌କରଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରି ତାଙ୍କ ସମ୍ପର୍କିତ ବିଭିନ୍ନ ପ୍ରଶ୍ନ ପିଲାଙ୍କୁ ପଚାରିଥିଲେ। ମହାପୁରୁଷଙ୍କ ଜୀବନୀ ପଠନ ମାର୍ଗଦର୍ଶନ କରିଥାଏ ବୋଲି କହିଥିଲେ। ଜିଲା ମଙ୍ଗଳ ଅଧିକାରୀ, ଜିଲା ସମାଜ ସୁରକ୍ଷା ଅଧିକାରୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ରାଉତ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ଧନ୍ୟବାଦ ଦେଇଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷକ, ଖବରଦାତା ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାସ୍ତରୀୟ ଆମ୍ବେଡ୍‌କର ଜୟନ୍ତୀ ସମାରୋହରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

## ସଂକ୍ଷେପରେ

### ପଣା ସେବନ କଲେ ଭକ୍ତ

**କଣାସ,୧୪।୪(ବିଭୂତି ଭୂଷଣ ତ୍ରିପାଠୀ):** କଣାସ ବ୍ଲକର ପ୍ରତ୍ୟେକ ଗ୍ରାମର ପ୍ରତି ପରିବାର, ମଠ, ମନ୍ଦିରଗୁଡ଼ିକରେ ଓଡ଼ିଆ ନବବର୍ଷ ତଥା ପଣା ସଂକ୍ରାନ୍ତି ମହାସମାରୋହରେ ରବିବାର ପାଳିତ ହୋଇଯାଇଛି। ପ୍ରତ୍ୟେକ ପରିବାରରେ କ୍ଷୀର, ଛେନା, ନଡ଼ିଆ, କଦଳୀ, ଅଙ୍ଗୁର, ସେଓ, ଗୁଜରାତି, ଗୋଲମରିଚ ଓ ବିଭିନ୍ନ ଫଳ ପକାଇ ଘରେ ଠାକୁରଙ୍କ ପାଖରେ ପୂଜାର୍ଚ୍ଚନା କରିବା ପରେ ସପରିବାର ପଣା ସେବନ କରିଥିଲେ। ବିଶେଷକରି ମହାବୀର ମନ୍ଦିର ତଥା କାତପଡ଼ା, ମନ୍ଦାରବସ୍ତ, ତ୍ରିଲୋଚନପୁର, ଚାନ୍ଦପଡ଼ା, ସିରେଇ, କଣାସ, ଦୋକନ୍ଦା, ସାହୁପଡ଼ା, କରମଳା ପ୍ରଭୃତି ଗ୍ରାମରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। କାତପଡ଼ା ମହାବୀର ମନ୍ଦିରରେ ଆଖପାଖ ଗ୍ରାମର ହଜାର ହଜାର ମହାବୀର ଭକ୍ତ ଆସି ଦିନ ତମାମ ପଣା ଭୋଗ କରିବା ପରେ ସେବନ କରୁଥିଲେ। ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ କରାଯାଇଥିଲା।

### ଓଡ଼ିଆ ନୂଆବର୍ଷ ଉପଲକ୍ଷେ ଅସ୍ତରଙ୍ଗ ଅଞ୍ଚଳ ଭକ୍ତିମୟ

**ଅସ୍ତରଙ୍ଗ,୧୪।୪ (ପ୍ରଦୀପ୍ତ ଦୀକ୍ଷିତ/ମମତା ଜେନା):** ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ଥିବା ହନୁମାନ ମନ୍ଦିର ସହିତ ବିଭିନ୍ନ ଦେବଦେବୀଙ୍କ ପୀଠରେ ପବିତ୍ର ହନୁମାନ ଜୟନ୍ତୀ, ଓଡ଼ିଆ ନବବର୍ଷ ଓ ମହାବିଷୁବ ପଣା ସଂକ୍ରାନ୍ତି ମହାସମାରୋହରେ ରବିବାର ପାଳିତ ହୋଇଯାଇଛି। ହନୁମାନ ମନ୍ଦିର ସମେତ ବିଭିନ୍ନ ଦେବୀପୀଠ, ଅସ୍ତରଙ୍ଗ ଅଞ୍ଚଳ ଜଗଜ୍ଜନନୀ ମା' ତାରିଣୀଙ୍କ ପୀଠରେ ସ୍ୱତନ୍ତ୍ର ଉତ୍ସବ ସାଙ୍ଗକୁ ରୀତିନୀତି ଅନୁସାରେ ପୂଜାପାଠ କରାଯାଇଛି। ଏହି ଅବସରରେ ହନୁମାନ ମନ୍ଦିର ନିକଟରେ ପୂଜକ ରୀତିନୀତି ଅନୁଯାୟୀ ପୂଜାପାଠ ସହ ହୋମଯଜ୍ଞ, ହନୁମାନ ଚାଳିଶା ପାଠ କରିଥିଲେ। ଭକ୍ତମାନେ ବିଭିନ୍ନ ମନ୍ଦିର ବୁଲିବା ସହ ମନ୍ଦିର କମିଟି ପକ୍ଷରୁ ପାଚିଲା କଦଳୀ, ବେଲ, ଗୁଡ଼, ଚିନି, ଛେନା, ଆମ୍ବ, ନଡ଼ିଆ ଦହି ଓ ବିଭିନ୍ନ ପ୍ରକାର ପାଚିଲା ଫଳ ମିଶାଇ ସୁସ୍ୱାଦୁ ପଣା ପ୍ରସ୍ତୁତ କରି ରୀତିନୀତି ଅନୁଯାୟୀ ପୂଜା ସରିବା ପରେ ଭକ୍ତଙ୍କୁ ବଣ୍ଟାଯାଇଥିଲା। ପବିତ୍ର ଓଡ଼ିଆ ନବବର୍ଷ ଓଡ଼ିଆ ପଞ୍ଜିକା ପୂଜକଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିଲା। ଏହି ଅବସରରେ ପ୍ରତ୍ୟେକ ଓଡ଼ିଆ ଘର ଦାଣ୍ଡ, ଅଗଣାରେ ରଙ୍ଗବେରଙ୍ଗ ମୁରୁଜରେ ଝୋଟି ଆଙ୍କି ନୂତନ ବର୍ଷକୁ ସ୍ୱାଗତ କରିଥିଲେ। ଅସ୍ତରଙ୍ଗ ବ୍ଲକର ଅସ୍ତରଙ୍ଗ ଭଗବତୀ ପୀଠ, ତାରିଣୀ ମନ୍ଦିର, ନଗର ହନୁମାନ ମନ୍ଦିର, ନଈଗୁଆଁ ହନୁମାନ ମନ୍ଦିର ସମେତ ବିଭିନ୍ନ ମନ୍ଦିରରେ ଧୁମଧାମରେ ପୂଜାର୍ଚ୍ଚନା ହୋଇଥିଲା। ଓଡ଼ିଆ ପରମ୍ପରାରେ ଏହି ଦିନକୁ ପ୍ରତିଟି ଓଡ଼ିଆ ପାଳନ କରିଥାଏ। ଏକ ଛୋଟ ମାଠିଆରେ ପଣା ରଖି ତୁଳସୀ ଚଉଁରା ମୂଳରେ ବାନ୍ଧିଦିଆଯାଏ। ମାଠିଆରେ ଥିବା ଛୋଟ ରନ୍ଧ୍ର ଦେଇ ଧୀରେ ଧୀରେ ପାଣି ଝରେ ଯାହା ବର୍ଷାକୁ ସୂଚାଇଥାଏ, ଏହି ଠେକିକୁ ବସନ୍ତରା ଠେକି କୁହାଯାଏ।

### ୨ ମହିଳା ନିଖୋଜ, ଥାନାରେ ଅଭିଯୋଗ

**ଗୋପ,୧୪।୪(ଭାରତୀ ଭୂଷଣ ଉପାଧ୍ୟାୟ):** ଗୋପ ଥାନା ଅଧୀନ କୁଆଁପଡ଼ା ଓ ବନ୍ତଳିଗ୍ରାମ ପଞ୍ଚାୟତରୁ ଶନିବାର ବିଳମ୍ବିତ ରାତ୍ରିରେ ୨ ଜଣ ମହିଳା ନିଖୋଜ ହୋଇ ଯାଇଛନ୍ତି। ଏନେଇ ରବିବାର ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ଶନିବାର ରାତିରେ ଉକ୍ତ ୨ ମହିଳା ନିଖୋଜ ହେବା ପରେ ରବିବାର ସକାଳେ ବୋହୂ ନିଖୋଜକୁ ନେଇ ଶାଶୁ ଏତଲା ଦେଇଥିଲେ। ଏଥିସହ ସ୍ତ୍ରୀ ନିଖୋଜ ହୋଇଥିବା ସେମାନଙ୍କ ସ୍ୱାମୀ ଅଭିଯୋଗ କରିଛନ୍ତି। ପୋଲିସ ଏହି ୨ ଅଭିଯୋଗକୁ ନେଇ ଥାନାରେ ଡାଇରିକରି ତଦନ୍ତ ଚଳାଇଛି।

### ନୂତନ ମହାବୀର ମନ୍ଦିର ପ୍ରତିଷ୍ଠା, ବିଗ୍ରହ ସ୍ଥାପନ

**ଡେଲାଙ୍ଗ, ୧୪।୪(ରଶ୍ମିରଞ୍ଜନ ପ୍ରଧାନ):** ବାଟମହାବୀରଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନ ମହାଆଡ଼ମ୍ବରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଶଙ୍ଖପାଟ-ସାନଆଙ୍କୁଲା ଗ୍ରାମର ମହାବୀରଙ୍କ ତ୍ରୟୋଦଶ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଶନିବାରଠାରୁ ଆରମ୍ଭ ହୋଇଛି। ବନଯାଗ, ରତ୍ନମୁଦ, ଅଙ୍କୁରାରୋପଣ, ଜଳଯାତ୍ରା, ଦେବତା ଆବାହନ, ଅଗ୍ନି ସ୍ଥାପନ, ସୂର୍ଯ୍ୟପୂଜା, ମହାସ୍ନାନ, ବିଗ୍ରହଙ୍କ ପ୍ରାଣ ପ୍ରତିଷ୍ଠା କରାଯାଇଛି। ଆସନ୍ତା ମଙ୍ଗଳବାର ଯଜ୍ଞର ପୂର୍ଣ୍ଣାହୁତି ଗୋଧୂଳି ଲଗ୍ନରେ କରାଯିବ। ଯଜ୍ଞରେ କର୍ତ୍ତା ଭାବେ ହାଲୁ ମହାରଣା ଓ କର୍ତ୍ତ୍ରୀ ଭାବେ ତନୁଲତା ମହାରଣା ପୂଜାରେ ବସିଥିଲେ। ଲିପୁନ ଶତପଥୀ ଓ ସାଥୀମାନଙ୍କ ସହଯୋଗରେ ବିଗ୍ରହ ସ୍ଥାପନ ଓ ପ୍ରତିଷ୍ଠା କାର୍ଯ୍ୟ ସମ୍ପାଦନା କରାଯାଇଥିଲା। ଗ୍ରାମବାସୀଙ୍କ ଦ୍ୱାରା ସଂକୀର୍ତ୍ତନ ଏବଂ ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ।

# ବିଶ୍ୱାସ, ପରମ୍ପରାର ପର୍ବ ଖାଇଫୋଡ଼ ଯାତ୍ରା

**ସାକ୍ଷୀଗୋପାଳ, ୧୪।୪(ପ୍ରଶାନ୍ତ କୁମାର ବାରିକ/ କିଶୋର ମହାପାତ୍ର/ଭରତ ରାଉତ):** ବିଶ୍ୱାସ ଓ ପରମ୍ପରାର ପର୍ବ ଖାଇଫୋଡ଼ ଯାତ୍ରା ରବିବାର ମହାବିଷୁବ ସଂକ୍ରାନ୍ତି ଅବସରରେ ସହସ୍ରାଧିକ ଭକ୍ତଙ୍କ ଗହଣରେ ମହାସମାରୋହରେ ପାଳିତ ହୋଇଯାଇଛି। ସାକ୍ଷୀଗୋପାଳ ବ୍ଲକ ଅନ୍ତର୍ଗତ ଭୀମପୁର ଓ ଦାଶବିଦ୍ୟାଧରପୁର ଗ୍ରାମରେ ଅନୁଷ୍ଠିତ ପ୍ରସିଦ୍ଧ ଖାଇଫୋଡ ଯାତ୍ରାରେ ମାନସିକ ପୂରଣ ପାଇଁ ଜଣେ ଜଣେ ପାଟୁଆ ୬ରୁ ୧୦ ଇଞ୍ଚ ଲମ୍ବ, ଦୁଇରୁ ଚାରୋଟି ଲେଖାଏ ଲୁହାବାଙ୍କି କଣ୍ଟା ପିଠିରେ ଫୋଡ଼ି ୨୨ ହାତ ଉଚ୍ଚ ଖାଇଦଣ୍ଡରୁ ତଳକୁ ଝୁଲିବା ଏବଂ ଠାକୁରଙ୍କ ଜୟଜୟ କାର ଧ୍ୱନି, ହରିବୋଲ, ହୁଳହୁଳି ଦେଇ ଘେରାକୁ ଘେରା ଚକ୍ର କାଟି ଖାଇ ଚାରିପଟ ବୁଲିବା ଏକ ନିଆରା କଷ୍ଟକର ସାଧନାର ଦୃଶ୍ୟ ଦେଖିବାକୁ ମିଳିଥିଲା। ଖାଇଫୋଡ଼ ଯାତ୍ରା ଦେଖିବାକୁ ଭୀମପୁର ଗ୍ରାମର ମା' ଗଡ଼ଚଣ୍ଡୀ ଏବଂ ଦାଶବିଦ୍ୟାଧରପୁର ଗ୍ରାମର ନୀଳକଣ୍ଠେଶ୍ୱର ଦେବଙ୍କ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଲାଗିଥିଲା। ମନ୍ଦିରରେ ମଧ୍ୟାହ୍ନ ଧୂପ ସରିବା ପରେ ମା' ଗଡ଼ଚଣ୍ଡୀଙ୍କୁ ଟାହିଆ ଲାଗି କରାଯାଇଥିଲା। ଘଣ୍ଟ କାହାଳୀ ସହ ମହୁରୀ ବଜାଇ ବସନ୍ତେଇ, ଜାଗୁଳାଇ, ମଙ୍ଗଳା, ବାଟମଙ୍ଗଳା ଏବଂ ମା' ଗଡ଼ଚଣ୍ଡୀ ଏପରି ପାଞ୍ଚଜଣ କାଳିସୀ ନିକଟବର୍ତ୍ତୀ ଲଳିତା ପୋଖରୀକୁ ବିଜେ କରିଥିଲେ। ପୋଖରୀ ଚତୁଃପାର୍ଶ୍ୱରେ ସମବେତ ଭକ୍ତଙ୍କ ଗହଣରେ ଜଣଙ୍କ ପରେ ଜଣେ ପାଟୁଆଙ୍କ ପୀଠରେ କାଳିସୀମାନେ କଣ୍ଟା ଫୁଟାଇଥିଲେ ମଧ ସେମାନଙ୍କୁ ଯନ୍ତ୍ରଣା ଅନୁଭବ ହୋଇ ନ ଥିବା ସେମାନେ ବିଶ୍ୱାସର ସହ ପ୍ରକାଶ କରିଥିଲେ। କଣ୍ଟାର ଗୋଟିଏ ମୁଣ୍ଡରେ ଲଗାଯାଇଥିବା ରଶିରେ ପାଟୁଆମାନେ ବନ୍ଧାହୋଇ ଖାଇଦଣ୍ଡରୁ ତଳକୁ ଝୁଲିଥିଲେ। ଖାଇରେ ବୁଲିବା ସମୟରେ ପାଟୁଆମାନେ ଫୁଲ, ଖଜୁରିକୋଳି, ଆମ୍ବ ଆଦି ଠାକୁରଙ୍କ ଉଦ୍ଦେଶ୍ୟରେ ପକାଇଥିଲେ ଏବଂ ମାନସିକ ରଖିଥିବା ଛୋଟ ପିଲାଙ୍କୁ ଖାଇରେ ଧରି ପାଟୁଆମାନେ ବୁଲୁଥିବା ଦେଖିବାକୁ ମିଳିଥିଲା। ସେହିପରି ଦାଶବିଦ୍ୟାଧରପୁର



### ପିଠିରେ କଣ୍ଟା ଫୋଡ଼ି ନିଆଁରେ ଝୁଲିଲେ ପାଟୁଆ

ଗ୍ରାମର ମା' ବିନ୍ଧ୍ୟବାସିନୀ, ଦୁଲଣା, ମଙ୍ଗଳା, ଛୋଟାଗୋସେଇଁଙ୍କ କାଳିସୀ ଉଭା ହୋଇଥିଲେ। ବଡ଼ପୋଖରୀ ମଧରେ ପାଟୁଆମାନେ କଣ୍ଟା ଫୋଡାଇ ଜଣକ ପରେ ଜଣେ ଖାଇରେ ବୁଲିଥିଲେ। ଅସାଧ ରୋଗ ପୀଡ଼ାରୁ ଉପଶମ, ନାନା ମାନସିକ ଓ ନିଃସନ୍ତାନମାନେ ସନ୍ତାନ ସନ୍ତତି ଆଶାରେ ଏଭଳି କଷ୍ଟକର ତପ ସାଧନା କରନ୍ତି। ପ୍ରାୟ ହଜାରେ ବର୍ଷ ହେବ ଭୀମପୁର ଗ୍ରାମ ସ୍ଥାପନ ସମୟରୁ ଏହି ଯାତ୍ରା ପ୍ରତିବର୍ଷ ମହାବିଷୁବ ସଂକ୍ରାନ୍ତିରେ ପାଳନ ହୋଇଆସୁଛି ବୋଲି ଗ୍ରାମର ପୁରୁଖା ଲୋକେ କହନ୍ତି। ଏହି ଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ଦୁଇ ଗ୍ରାମ ଖାଇଫୋଡ କମିଟିର ସ୍ୱେଚ୍ଛାସେବୀଙ୍କ ସହିତ ଡେଲାଙ୍ଗ-ପିପିଲି ମାନବିକ ଅଧିକାର ସୁରକ୍ଷା ସଂଘ ପକ୍ଷରୁ ଯାତ୍ରାପଡ଼ିଆରେ ଦହିପଣା ବଣ୍ଟାଯାଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ନିଆଁରେ ଚାଲିଲେ କାଳିଶି



**ଚାରିଛକ,୧୪।୪(ଶିଶିର ସ୍ୱାଇଁ):** ଚାରିଛକ ଅଞ୍ଚଳର ବିଭିନ୍ନ ମନ୍ଦିରରେ ଓଡ଼ିଆ ନୂତନ ବର୍ଷ ପଣା ସଂକ୍ରାନ୍ତି ମହାସମାରୋହରେ ପାଳିତ ହୋଇଯାଇଛି। ଚାରିଛକ ଅଞ୍ଚଳର ବାହାରଣା, ଅଳକୁଣ୍ଡ ତାରିଣୀ ମନ୍ଦିର, ତମ୍ପାଳ, ଚଢ଼େଇ ଗାଁ, କଳାପାଞ୍ଚଣ, ଭୋଦର ଓ ତୁଳସୀପୁରରେ ଥିବା ବିଭିନ୍ନ ମନ୍ଦିରରେ ପଣା ଉତ୍ସବ ଧୁମ୍‌ଧାମରେ ପାଳନ କରାଯାଇଛି। ଭୋଦର ପଞ୍ଚାୟତର ବିଶିମାତ୍ରୀ ଗ୍ରାମରେ ଥିବା ବହୁ ପୁରାତନ ହରଚଣ୍ଡୀ ଠାକୁରାଣୀ କମିଟି ସଭାପତି ପ୍ରଦୀପ ଦାଶ ଓ ସମ୍ପାଦକ ସୁବ୍ରତ ପଣ୍ଡାଙ୍କ ନେତୃତ୍ୱରେ ନିଆରା ଢଙ୍ଗରେ ପଣା ସଂକ୍ରାନ୍ତି ପାଳନ କରାଯାଇଛି। ଉତ୍ସବରେ ଭରତ ବାରିକ କାଳିଶି ହୋଇ ଭୋଦର ନିକଟସ୍ଥ ମଲାଉ ପୋଖରୀରୁ ସ୍ନାନ ସାରି ପବିତ୍ର ଜଳ ଆଣି ସେହି ଜଳରେ ଗୁହାରିଆ ପଡ଼ିଥିବା ଶ୍ରଦ୍ଧାଳୁଙ୍କ ଉପରେ ସିଞ୍ଚନ କରି ଗୁହାରିଆଙ୍କୁ ଉଠାଇବା ପରେ ଗ୍ରାମ ପରିକ୍ରମା କରିଥିଲେ। ପରିକ୍ରମା ସମୟରେ ଗ୍ରାମରେ ବିଭିନ୍ନ ଘର ଦ୍ୱାରରେ ଧୂପ, ଦୀପ ଓ ଝୁଣା ଜାଳି ମା'ଙ୍କୁ ବନ୍ଦାପନା କରି ପୂଜିଥିଲେ। ପରେ ମା' ହରଚଣ୍ଡୀ ଠାକୁରାଣୀ ପରିସରରେ ଝାମୁରେ କାଳିଶି ନିଆଁରେ ଚାଲିଥିଲେ। ଏହି ଝାମୁଯାତ୍ରା ଦେଖିବାକୁ ବିଭିନ୍ନ ଅଞ୍ଚଳରୁ ହଜାର ହଜାର ସଂଖ୍ୟାରେ ଭକ୍ତ ଆସି ମା'ଙ୍କୁ ଦର୍ଶନ କରିବା ସହ ଝାମୁଯାତ୍ରା ଦେଖିଥିଲେ। ମା' ହରଚଣ୍ଡୀ ଠାକୁରାଣୀ ପୂଜା ଝାମୁଯାତ୍ରା କାର୍ଯ୍ୟକ୍ରମରେ ପୂଜା କମିଟିର ସମସ୍ତ ସଦସ୍ୟଙ୍କ ସହିତ ସମସ୍ତ ସେବାୟତ ସହଯୋଗ କରିଥିଲେ।

# ହନୁମାନ ଜୟନ୍ତୀ ପାଳନ ସହ ସରିଲା ମେରୁଯାତ୍ରା

**ବଳଙ୍ଗା,୧୪।୪(କେଦାରେଶ୍ୱର ନନ୍ଦ):** ପବିତ୍ର ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଉତ୍ସବ ବଳଙ୍ଗା ଅଞ୍ଚଳରେ ଧୁମ୍‌ଧାମରେ ପାଳିତ ହୋଇଯାଇଛି। ପବିତ୍ର ପଣା ସଂକ୍ରାନ୍ତି ଉପଲକ୍ଷେ ରବିବାର ବଳଙ୍ଗା ଅଞ୍ଚଳରେ ୧ ମାସ ଧରି ଚାଲିଥିବା ମେରୁ ଯାତ୍ରାର ସମାପନ ହୋଇଛି। ବାୟାର, ତେରହଳ, ଗୋପୀନାଥପୁର, ଉଚ୍ଛୁପୁର, ବଧି, ବାଲିଆ, ବିଲୁଆଗୋରଡ଼ି, ଗଡ଼ପଦନପୁର, ଖଣ୍ଡାୟତପାଟଣା ଆଦି ଗ୍ରାମରେ ନିଆଁ ପାଟୁଆ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମାସେ ଧରି କାଷ୍ଠା ରଖିଥିବା ଭକ୍ତମାନେ ଧର୍ମୀୟ ବିଶ୍ୱାସକୁ ନେଇ ନିଆଁରେ ଚାଲିଥିଲେ। ଗୋପୀନାଥପୁରଠାରେ ଭକ୍ତଙ୍କ ପିଠିରେ ଲୁହାକଣ୍ଟା ଫୋଡ଼ା ଯାଇଥିବାବେଳେ ମାନସିକଧାରୀ ଭଗତାମାନେ ଧାରୁଆ ଖଣ୍ଡାରେ ଠିଆ ହେବା ସାଙ୍ଗକୁ ପୋତା ଯାଇଥିବା ଖୁଣ୍ଟ ତଳେ ଉହ ଉହ ହୋଇ ଜଳୁଥିବା ନିଆଁକୁ ମୁହଁ କରି ଝୁଲି ରହିଥିଲେ। ଏହି ଉତ୍ସବକୁ ଦେଖିବାକୁ ସ୍ଥାନୀୟ ଅଞ୍ଚଳର ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବଳଙ୍ଗା ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ସେହିଭଳି ବଳଙ୍ଗା ବଜାରରେ ସଙ୍କଟମୋଚନ ମହାବୀରଙ୍କ ଜୟନ୍ତୀ ଉତ୍ସବ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। ମହାବୀର କମିଟି ପକ୍ଷରୁ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି।



### ମା'ତାରିଣୀଙ୍କ ୨୬ତମ ବାର୍ଷିକ ମହାଯଜ୍ଞରେ ଯୋଗଦେଲେ ମନ୍ତ୍ରୀ

**ଯୋଗେଶ୍ୱରପୁର,୧୪।୪(ରଶ୍ମିରଞ୍ଜନ ସାହୁ):** ନୟାହାଟ ଫାଣ୍ଡି ଅଧୀନ ଧୁମାଳ ପଞ୍ଚାୟତ ଯୋଗେଶ୍ୱରପୁରସ୍ଥିତ ମା' ତାରିଣୀ ପୀଠରେ ପଣା ସଂକ୍ରାନ୍ତି ଅବସରରେ ୨୬ତମ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଯଜ୍ଞ ପାଇଁ ନିକଟସ୍ଥ ପ୍ରାଚୀ ନଦୀରୁ ଜଳ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଥିଲା। ଯଜ୍ଞରେ କର୍ତ୍ତା ଭାବେ ରବୀନ୍ଦ୍ର ବେହେରା, କର୍ତ୍ତ୍ରୀ ଭାବେ ଉର୍ମିଳା ବେହେରା ପୂଜାରେ ବସିଥିଲେ। ରବିବାର ପଣା ସଂକ୍ରାନ୍ତିରେ ପୀଠରେ ପଣା ଲାଗି କରାଯାଇ ଭକ୍ତଙ୍କୁ ବଣ୍ଟା ଯାଇଥିଲା। ମହାଯଜ୍ଞରେ ମନ୍ତ୍ରୀ ତୁଷାରକାନ୍ତି ବେହେରା, ଯୁବନେତା ଅଭି ସିଂ, ପୂର୍ବତନ ଜିଲା ପରିଷଦ ସଭ୍ୟ ଜ୍ୟୋତିରଞ୍ଜନ ନାୟକ, ଧୁମାଳ ପଞ୍ଚାୟତ ସଭାପତି ଆଲୋକ ରାୟ, ଆଲୋକ ସାହୁ, ସହଦେବ ମାଣିକ ପ୍ରମୁଖ ଯୋଗଦେଇ ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ।

### ବାବାସାହେବଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**କାକଟପୁର,୧୪।୪(ଶୁଭଦର୍ଶନ ମିଶ୍ର):** ପବିତ୍ର ମହାବିଷୁବ ସଂକ୍ରାନ୍ତି ଅବସରରେ ବାବାସାହେବ ଭୀମରାଓ ଆମ୍ବେଡକରଙ୍କ ୧୩୩ତମ ଜୟନ୍ତୀ ପାଳନ ଉତ୍ସବରେ ତାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଯାଇଛି। ଠକରବାବା ଆଶ୍ରମର ଉପଦେଷ୍ଟା ପୂର୍ବତନ ବିଧାୟକ ଗୋବିନ୍ଦ ସେଠଙ୍କ ପୁତ୍ର ଅଶୋକ ସେଠ କାକଟପୁର ନିକଟସ୍ଥ ଦଳିତ ସାହି(ବାଉରୀ ପୋଖରୀ)ଠାରେ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ପ୍ରାତଃ ସମୟରେ ଠକରବାବା ଆଶ୍ରମ ପରିସରରୁ ଏକାଧିକ ବାଇକ୍ ଶୋଭାଯାତ୍ରାରେ କାକଟପୁର ବଜାର ପରିକ୍ରମା କରି ସମ୍ବିଧାନ ପ୍ରଣେତାଙ୍କ ଉଦ୍ଦେଶ୍ୟରେ ସ୍ଲୋଗାନ ଦିଆଯାଇଥିଲା। ପରେ ପରେ ଠକରବାବା ଆଶ୍ରମ ପରିସରରେ ସଂଯୋଜକ ପ୍ରେମାନନ୍ଦ ଗୋଚ୍ଛାୟତଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜନ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପଣ୍ଡିତ ତ୍ରିଲୋଚନ ମିଶ୍ର, ସମ୍ମାନିତ ଅତିଥି ଭାବେ ଆଶ୍ରମ ସଭାପତି ଜୟରାମ ମଲ୍ଲିକ, ରାମଚନ୍ଦ୍ର ରଣା, ଟୁକୁନା କାଣ୍ଡି, ନାରାୟଣ ସ୍ୱାଇଁ, ପ୍ରମୋଦ କାଣ୍ଡି, ବିକାଶ ସାହୁ, ଲକ୍ଷ୍ମୀଧର କାଣ୍ଡି, ସେଖ ଅବ୍ରାଲ, ପ୍ରକାଶ ସାହୁ, ନକୁଳ ଗୋଛାୟତ ପ୍ରମୁଖ ଶତାଧିକ ସଭ୍ୟ ଯୋଗଦେଇଥିଲେ।

# ଓଡ଼ିଆ ନବବର୍ଷରେ ଝାମୁଚଲା, ଫୋଢ଼

**ଡେଲାଙ୍ଗ ୧୪।୪(ରଶ୍ମୀରଞ୍ଜନ ପ୍ରଧାନ):** ପବିତ୍ର ପଣା ସଂକ୍ରାନ୍ତି ଓ ମହାବୀର ଜୟନ୍ତୀ ଉପଲକ୍ଷେ ଡେଲାଙ୍ଗ ଅଞ୍ଚଳର ଘରେ ଘରେ କ୍ଷୀର, କଦଳୀ, ସେଓ, ଅଙ୍ଗୁର, ଆମ୍ବ, ନଡ଼ିଆରେ ପଣା ପ୍ରସ୍ତୁତ କରାଯାଇ ମା' ବୃନ୍ଦାବତୀଙ୍କ ପାଖରେ ଯଥା ବିଧି ପୂଜାର୍ଚ୍ଚନା କରାଯାଇଥିଲା। ସେହିପରି ବିଭିନ୍ନ ସ୍ଥାନରେ ଏହି ଅବସରରେ ଝାମୁଚଲା, ଫାଟୁଆ ଯାତ୍ରା ଓ ଫୋଢ଼ ପର୍ବ ପାଳିତ ହୋଇଯାଇଛି। ଡେଲାଙ୍ଗ ବ୍ଲକର ଗୁଆଳିପଡ଼ା ପଞ୍ଚାୟତ ଅଧୀନ ଥେଣ୍ଟେଣା ଗ୍ରାମରେ କାହିଁକେଉଁକାଳୁ ଏହି ପଣା ସଂକ୍ରାନ୍ତିରେ ମା' ମଙ୍ଗଳାଙ୍କ ପାଟୁଆ ଯାତ୍ରା ଓ ଫୋଢ଼ ପର୍ବ ପାଳିତ ହୋଇଯାଇଛି। ପାଟୁଆ ଯାତ୍ରା ଓ ଫୋଢ଼ ପାଇଁ ୩ ଦିନ ପୂର୍ବରୁ ଭାଗ ନେଇଥିବା ସମସ୍ତ ପାଟୁଆ ଉପସନା ଆରମ୍ଭ କରିଥିଲେ। ରବିବାର ସକାଳୁ ଗ୍ରାମର ଆରାଧ ଦେବତା ଗୋପୀନାଥ ଦେବ ଓ ମା' ନାରାୟଣୀ ମନ୍ଦିର ପରିସରରେ ପାଟୁଆ ବ୍ରତୀମାନଙ୍କ ଦ୍ୱାରା ସ୍ୱତନ୍ତ୍ର ବାମ୍ପିକୂଅରୁ ଜଳ ପୂର୍ଣ୍ଣ କଳସ ଆଣି ଯଜ୍ଞମଣ୍ଡପରେ ସ୍ଥାପନା କରାଯାଇ ହୋମଯଜ୍ଞ କରାଯାଇଥିଲା। ହୋମଯଜ୍ଞ ପରେ କଳସ ପୂର୍ଣ୍ଣ ମାଠିଆ ପାଣିକୁ ବ୍ରତୀ ପାଟୁଆମାନେ ଯିବା ମାର୍ଗରେ ଛିଞ୍ଚନ କରି ପଥ ପବିତ୍ର କରାଯାଇଥିଲା। ମା' ମଙ୍ଗଳାଙ୍କ ମନ୍ଦିର ପରିସରରେ ଢୋଲ, ଘଣ୍ଟ, ଘଣ୍ଟା, ମହୁରୀ ପ୍ରଭୃତି ବାଦ୍ୟଯନ୍ତ୍ର ବାଜିବା ପରେ ମା'ଙ୍କ ପୂଜକ ପାଟୁଆଙ୍କ ସହିତ ଯାତ୍ରା ନ କରି ଜାଗୁଳାଇ ଓ ବସନ୍ତେଇଙ୍କ ନିକଟରେ ବ୍ରତୀମାନେ ପହଞ୍ଚି ଗ୍ରାମ ପରିକ୍ରମା କରିବା ସହିତ ପାଟୁଆ ପର୍ବ ପାଳନ କରାଯାଇଥିଲା। ସେହିପରି ଡେଲାଙ୍ଗ ହାଟ ବଜାର ସନ୍ନିକଟ ପଟଣପୁର, ନିପୁରଠାରେ ଝାମୁଚଲା ମହାଆଡମ୍ବରରେ ପାଳିତ ହୋଇଯାଇଛି। ଏହି ଝାମୁଚଲା ଦେଖିବାକୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ପିତ୍ତପାଟଣା, ଶ୍ରୀପତିପୁର, ଡେଲାଙ୍ଗ ହାଟ ସାନ ମୁନିନ୍ଦା, କଲ୍ୟାଣପୁର ପ୍ରଭୃତି ମହାବୀର ମନ୍ଦିର ପରିସରରେ ହନୁମାନ ଚାଳିଷା ପାଠ ଓ ଭଜନ କୀର୍ତ୍ତନ କରାଯାଇଥିଲା।

# ଗ୍ରୀନ୍‌ଲାଣ୍ଡରେ ବୈଠକ, ନବୀନ ନିବାସରେ ଟିକେଟ ଦାବି

**ନିମାପଡ଼ା,୧୪।୪(ରଞ୍ଜନ କୁମାର ପଟ୍ଟନାୟକ):** ନିମାପଡ଼ା ବିଧାନସଭା ଆସନ ଲାଗି ବିଜେଡିର ଟିକେଟ ଘୋଷଣା ହୋଇପାରିନାହିଁ। ବିଧାୟକ ସମୀର ଦାଶ ଅନ୍ୟତମ ଦାବିଦାର ଅଛନ୍ତି। ହେଲେ ଯୁବନେତୃତ୍ୱ ସୁବ୍ରତ ଛାଟୋଇ, ନୂଆକରି ଦଳରେ ଯୋଗଦେଇଥିବା ଦିଲ୍ଲୀପ ନାୟକ, ସତ୍ୟବ୍ରତ ପାତ୍ର, ଜିତେନ୍ଦ୍ର ମହାନ୍ତି ଓ ସୁଶ୍ରୀ ରୋଜାଲିନ ନାୟକ ବିଧାୟକ ସମୀରଙ୍କ ରାସ୍ତାରେ କଣ୍ଟା ହୋଇପାରନ୍ତି ବୋଲି ଆଲୋଚନା ହେଉଛି। ଦଳରେ ଆଶାୟୀଙ୍କ ତାଲିକା ଲମ୍ବା ଥିବାରୁ ବିଜେଡିର ବରିଷ୍ଠ ନେତାମାନେ ଏହି ଆସନ ପାଇଁ ନିଷ୍ପତ୍ତି ନେଇପାରୁ ନାହାନ୍ତି। ଭବିଷ୍ୟତରେ ଦଳର ଯେମିତି କ୍ଷତି ନ ହେବ ସେଥିପାଇଁ ଦଳୀୟ ସଭାପତି ନିଷ୍ପତ୍ତିକୁ ଝୁଲାଇ ରଖିଛନ୍ତି ବୋଲି କର୍ମୀମାନେ କହୁଥିବା ଶୁଣିବାକୁ ମିଳିଛି।

ନିମାପଡ଼ାରେ କର୍ମୀ ଏବଂ ସ୍ଥାନୀୟ ନେତୃତ୍ୱଙ୍କ ମହଲରେ ଉତ୍କଣ୍ଠା ବଢୁଥିବାରୁ ଶୁକ୍ରବାର ଦିନତମାମ ଅମଳପଡ଼ାସ୍ଥିତ ଗ୍ରୀନ୍‌ଲାଣ୍ଡ ଗେଷ୍ଟ ହାଉସଠାରେ ନିମାପଡ଼ା ନଗରସଭାପତି ଜୀବନାନନ୍ଦ ମହାପାତ୍ର, ବ୍ଲକ ସଭାପତି ଅଶୋକ ସାହୁ, ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ ଏବଂ ଜିଲାପରିଷଦ ପ୍ରଦୀପ୍ତ ଖଟୋଇଙ୍କ ନେତୃତ୍ୱରେ ମାନସ ମନ୍ଥନ ହୋଇଥିବା ଖବର ଜଣାପଡ଼ିଛି । ଏହି ବୈଠକରେ ଦଳର ସବୁ ଛାମୁଆ ସଙ୍ଗଠନ ମୁଖ୍ୟ, ନିର୍ବାଚିତ ପ୍ରତିନିଧି ଏବଂ ଆଗଧାଡ଼ିର କର୍ମୀମାନେ ଯୋଗଦେଇଥିଲେ । ଏଥିରେ ସମୀର ଦାଶଙ୍କୁ ପୁନର୍ବାର ଟିକେଟ ଦେବା ପାଇଁ ଜୋରଦାର ଦାବି ହୋଇଥିବା କର୍ମୀ କହୁଛନ୍ତି। ଏହି ପରିପ୍ରେକ୍ଷୀରେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଦସ୍ତଖତ ସମ୍ମିଳିତ ଦାବିପତ୍ର ପ୍ରଦାନ କରାଯିବା ପାଇଁ ନିଷ୍ପତି ନିଆଯାଇଥିଲା । ସେପଟେ ସମୀର ଦାଶଙ୍କୁ ଟିକେଟ ନ ଦେବାପାଇଁ ଦଳର ଗୋଟିଏ ଗୋଷ୍ଠୀ ୩ ଦିନ ପୂର୍ବରୁ ରାଜ୍ୟ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ଭେଟି ଦାବି ଉପସ୍ଥାପନ କରିଛନ୍ତି । ଶନିବାର ସମୀରଙ୍କ ସମର୍ଥିତ ଗୋଷ୍ଠୀ ଭୁବନେଶ୍ୱର ଯାଇ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ସାକ୍ଷାତ୍ କରି ସମୀରଙ୍କୁ ପୁଣି ଥରେ ଟିକେଟ ଦେବା ନିମନ୍ତେ ଦାବି କରିଥିଲେ । ଉଭୟ ପାଣ୍ଡିଆନ ଏବଂ ପ୍ରଣବ ପ୍ରାର୍ଥୀଙ୍କ ବଦଳରେ ଦଳ ପାଇଁ କାର୍ଯ୍ୟକରିବା, ଶଙ୍ଖ ଚିହ୍ନକୁ ଜିତାଇବା ସହିତ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବା ପାଇଁ ଉଭୟ ଗୋଷ୍ଠୀଙ୍କୁ ପରାମର୍ଶ ଦେଇଥିବା ଭିତିରିସୂତ୍ରରୁ ଜଣାପଡ଼ିଛି ।



କାର୍ତ୍ତିକ ପାଣ୍ଡିଆନଙ୍କୁ ସାକ୍ଷାତ ଅବସରରେ ବିଧାୟକ ସମୀର ଦାଶଙ୍କ ସମର୍ଥକ ।

# ଆଜିଠୁ ୨ମାସ ସମୁଦ୍ରରେ ମାଛଧରା ମନା

**ଅସ୍ତରଙ୍ଗ,୧୪।୪(ପ୍ରଦୀପ୍ତ କୁମାର ଦୀକ୍ଷିତ)** ସମୁଦ୍ରରୁ ମାଛ ଧରିବା ଉପରେ କଟକଣା ଲାଗିଛି। ଏପ୍ରିଲ ୧୫ରୁ ଜୁନ ୧୪ ତାରିଖ ପର୍ଯ୍ୟନ୍ତ ୨ମାସ ସମୁଦ୍ରକୁ ଜାଲ ମନା ହୋଇଛି। ରାଜ୍ୟ ସରକାରଙ୍କ ମତ୍ସ୍ୟ ବିଭାଗ ପକ୍ଷରୁ ଏହି କଟକଣା ଲାଗୁ ହୋଇଛି। ବିଭିନ୍ନ ଜେଟି ଆଉ ମୁହାଣ ଅଞ୍ଚଳରେ ମତ୍ସ୍ୟ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ଦ୍ୱାରା ଏ ନେଇ ସଚେତନ କରାଯାଇଛି। ମାଛଙ୍କ ପ୍ରଜନନ ଋତୁରେ ସମୁଦ୍ରରୁ ମାଛ ମାରିବାକୁ ବାରଣ କରାଯାଇଛି। ଅନ୍ୟପକ୍ଷରେ ମତ୍ସ୍ୟ ବିଭାଗର ଏହି ନିର୍ଦ୍ଦେଶ ସମ୍ପ୍ରତି ମତ୍ସ୍ୟଜୀବୀଙ୍କୁ ହାତବାନ୍ଧି ବସିବାକୁ ବାଧ କରିଛି। ମାଛ ମାରିବାକୁ ଗଲେ ଯାହାର ଚୁଲି ଜଳୁଥିଲା, ସେ ଏବେ ଖାଇବ କ'ଣ, ଚଳିବ କେମିତି ବୋଲି ଚିନ୍ତାରେ ପଡ଼ିଛି। ପ୍ରତିବର୍ଷ ଆମ ଜୀବନ ଜୀବିକା ଉପରେ ଏଭଳି କଟକଣା ଲଗାଇ ହଇରାଣ କରାଯାଉଥିବା ମତ୍ସ୍ୟଜୀବୀ ଅଭିଯୋଗ କରିଛନ୍ତି। ଅସ୍ତରଙ୍ଗ ବ୍ଲକର ନୂଆଗଡ଼

### ମତ୍ସ୍ୟଜୀବୀଙ୍କୁ ଘାରିଛି ପରିବାର ପ୍ରତିପୋଷଣ ଚିନ୍ତା

ମାଛଧରା ଜେଟିରେ ରହିଛି ଭୁଟୁଭୁଟି, ଟ୍ରଲର ଓ ଲଞ୍ଚଠାରୁ ଆରମ୍ଭକରି ଶହ ଶହ ବୋଟ୍। ବର୍ଷସାରା ମତ୍ସ୍ୟଜୀବୀ ସମୁଦ୍ରରୁ ମାଛ ମାରି ଚଳନ୍ତି। ଏଥିସହ ଏହି ବୃତ୍ତି ଉପରେ ବୋଟ ମାଲିକ, ମାଛ ଓଜନ ଓ ଲୋଡିଂ ଅନଲୋଡିଂ କରୁଥିବା ଲୋକେ, ମାଛ ବାହକ, ବିକ୍ରେତା, ଜାଲ କାରିଗର ଆଦି ହଜାର ହଜାର ପରିବାର ନିର୍ଭର କରି ଚଳନ୍ତି। ପ୍ରଜନନ ଋତୁରେ ସରକାରଙ୍କ ମାଛଧରା କଟକଣା ମତ୍ସ୍ୟଜୀବୀଙ୍କ ଉପରେ ଭାରି ପଡ଼ିଛି। ନିୟମ ନ ମାନିଲେ ବୋଟ ସହିତ ମାଛଧରା ଉପକରଣ ଜବତ କରାଯିବା ସହ ଜେଲ ଜରିମାନା ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ମତ୍ସ୍ୟ ବିଭାଗର ନିୟମ ରହିଛି। ତେଣୁ ସମୁଦ୍ରକୁ ମାଛ ମାରିବାକୁ ଯାଇଥିବା ବୋଟଗୁଡ଼ିକ ଏବେ କୂଳକୁ ଫେରିଆସିଛି।

# ଜୟ ହନୁମାନ ଧ୍ୱନିରେ ପ୍ରକମ୍ପିତ ହେଲା ନିମାପଡ଼ା

**ନିମାପଡ଼ା,୧୪।୪(ରଞ୍ଜନ ପଟ୍ଟନାୟକ):** ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଓ ହନୁମାନ ଜୟନ୍ତୀ ଅବସରରେ ରବିବାର ଅପରାହ୍ନରେ ସମର୍ପିତ ହିନ୍ଦୁ ସଂଗଠନ ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଦୋଳବେଦୀ ଛକରୁ ବାହାରି ଶୋଭାଯାତ୍ରା ନଗର ପରିକ୍ରମା କରି ଦୁର୍ଗା ମଣ୍ଡପଠାରେ ପହଞ୍ଚିଥିଲା। ସେଠାରେ ଶୋଭାଯାତ୍ରାକାରୀଙ୍କୁ ରାମ ଖେଚୁଡ଼ି ଏବଂ ପଣା ବଣ୍ଟନ କରାଯାଇଥିଲା। ଅପରାହ୍ନରେ ଜୟ ବଜରଙ୍ଗବାଲୀଙ୍କ ଧ୍ୱନିରେ ନିମାପଡ଼ା ପ୍ରକମ୍ପିତ ହୋଇ ଉଠିଥିଲା। ପ୍ରଭୁ ଶ୍ରୀ ବଜରଙ୍ଗବାଲୀଙ୍କୁ ଏକ ସୁସଜ୍ଜିତ ରଥ ଶୋଭାଯାତ୍ରାରେ ସାମିଲ କରାଯାଇଥିଲା। ଏହି ଭବ୍ୟ ଶୋଭାଯାତ୍ରାରେ ସଂଗଠନର କାର୍ଯ୍ୟକର୍ତ୍ତା ଦେବାଶିଷ ପଟ୍ଟନାୟକ, ସୁଧାଂଶୁ ମିଶ୍ର, ସ୍ନେହାଶିଷ ମହାନ୍ତି, ପରମେଷ୍ଟି ବେହେରା ଏବଂ ସ୍ୱାଧୀନ ନାୟକଙ୍କ ନେତୃତ୍ୱରେ ୧ ହଜାରରୁ ଉର୍ଦ୍ଧ୍ୱ ଯୁବକ ସାମିଲ ହୋଇଥିଲେ।



ସମର୍ପିତ ହିନ୍ଦୁ ସଂଗଠନ ଦ୍ୱାରା ଆୟୋଜିତ ବିଶାଳ ଶୋଭାଯାତ୍ରା।

# ଆକର୍ଷଣ କଲା ଦଣ୍ଡ, କାଳିଶି, ନଳ ବାଉଁଶ ନୃତ୍ୟ

**ଗୋପ,୧୪।୪(ଭାରତୀ ଭୂଷଣ ଉପାଧ୍ୟାୟ):** ଗାଁ ଗହଳିରେ ଓଡ଼ିଆ ଘରର ପରମ୍ପରା ଏବେ ହଜି ଯାଉଥିବାବେଳେ ପ୍ରତିବର୍ଷ ପରି ପଣା ସଂକ୍ରାନ୍ତି ଅବସରରେ ଗୋପ ବ୍ଲକ ଅଧୀନ ଓରୁଆଳି ଗ୍ରାମରେ ଦଣ୍ଡଯାତ୍ରା ଓ କାଳିଶି ନୃତ୍ୟ ୨୦୦ରୁ ଅଧିକ ବର୍ଷ ହେବ ବଞ୍ଚି ରହିଛି। ପ୍ରକାଶ ଯେ, କାହିଁ କେଉଁ କାଳରୁ ଏପରି ଏକ ପରମ୍ପରା ଭାଇଚାରା ଦଣ୍ଡନୃତ୍ୟ କାଳିଶି ନୃତ୍ୟ ଚାଲି ଆସୁଥିବା ସମୟରେ ପଣା ସଂକ୍ରାନ୍ତି ପୂର୍ବ ଦିନ ଦଣ୍ଡୁଆମାନେ ନିଷ୍ଠାର ସହ ପାଣି ତୋଳିବା ପରେ ପଣା ସଂକ୍ରାନ୍ତିରେ ଉହଡହ ଖରାରେ ଗ୍ରାମର ଜାଗୁଳାଇ ଓ ଦୁଲ୍ଲାଦେଇ ଠାକୁରାଣୀ ମନ୍ଦିରରୁ ୪୦ ପାଟୁଆ ଘଣ୍ଟାଘଣ୍ଟ, ବାଜା, ବାଣ, ରୋଶଣିରେ ଗାଁ ନିକଟସ୍ଥ ଦଳିତ ସାହି ଗ୍ରାମରେ ଥିବା ମଙ୍ଗଳା ମନ୍ଦିରରେ ପହଞ୍ଚିଥିଲେ। ପରେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯିବା ସହିତ ୪ ଜଣଙ୍କ ଶରୀରରେ କାଳିଶି ଉଭା ହୋଇଥିଲେ। ଏହି କାଳିଶିମାନେ ଶଙ୍ଖ, ଘଣ୍ଟ, ଘଣ୍ଟିଘଣ୍ଟା ଓ ଢୋଲ, ବାଜା ବାଜିବା ପରେ ମଙ୍ଗଳା ମନ୍ଦିର ସମ୍ମୁଖରେ



### ୨୦୦ ବର୍ଷର ପରମ୍ପରା

ପୋତା ଯାଇଥିବା ନଳ ବାଉଁଶ ଉପରେ ଚଢ଼ି ନୃତ୍ୟ ପ୍ରଦର୍ଶନ କରିବା ବେଶ୍ ମନୋମୁଗ୍ଧକର ହୋଇଥିଲା। ସନ୍ଧ୍ୟାରେ ନଳ ବାଉଁଶ ଧରି କାଳିଶି, ଦଣ୍ଡୁଆମାନେ ଗାଁର ପ୍ରତ୍ୟେକ ଘର ଦୁଆର ମୁହଁରେ ଦଣ୍ଡ ନୃତ୍ୟ ପରିବେଷଣ କରିବା ସହ ପଛି ଭୋଗ ଓ ପଣା ପାନ କରିଥିଲେ। ପରେ ଭକ୍ତଙ୍କୁ ଏହି ପଣା ବଣ୍ଟାଯାଇଥିଲା। ଏହି ପରମ୍ପରା ଦଣ୍ଡ ଓ କାଳିଶି ନୃତ୍ୟ କାହିଁ କେଉଁ କାଳରୁ ଚାଲି ଆସୁଥିବା କୁଆଁପଡ଼ା ସରପଞ୍ଚ ବଳିମଣି ପ୍ରଧାନ, ପୂର୍ବତନ ଜିଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ପ୍ରଧାନ, ବିଚିତ୍ରାନନ୍ଦ ପ୍ରଧାନ, ପ୍ରବୋଧ ସାହୁ, ପବିତ୍ର ମୋହନ ପ୍ରଧାନ ପ୍ରମୁଖ କହିଛନ୍ତି। ଏହି ଅବସରରେ ଓରୁଆଳି ଗ୍ରାମରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ‘ସବୁ ଜୀବନ ମୂଲ୍ୟବାନ୍’

**ଭୁବନେଶ୍ୱର,୧୪।୪(ସତ୍ୟଜିତ୍ ରାଉତ)**



ଅଗ୍ନିଶମ ସେବା ସପ୍ତାହ ଓ ଶହୀଦ ଦିବସ ସମାରୋହ ଅବସରରେ ଅନୁଷ୍ଠିତ ପରେଡ଼ରେ ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ ଅଭିବାଦନ ଗ୍ରହଣ କରୁଛନ୍ତି।

## ୮୦ତମ ଅଗ୍ନିଶମ ସପ୍ତାହ ଓ ଶହୀଦ ଦିବସ ସମାରୋହ

- ପୂର୍ଣ୍ଣଚନ୍ଦ୍ର ମାରାଣ୍ଡି ‘ବେଷ୍ଟ ଆସିଷ୍ଟାଣ୍ଟ ଫାୟାର ଅଫିସର’
- ଉଲ୍ଲେଖନୀୟ ସେବା ପ୍ରତିପାଦନ କରିଥିବା କର୍ମଚାରୀ ପୁରସ୍କୃତ

ଓଡ଼ିଶା ଅଗ୍ନିଶମ ଓ ଜରୁରିକାଳୀନ ସେବା ସଂସ୍ଥା ପକ୍ଷରୁ ୮୦ତମ ଅଗ୍ନିଶମ ସେବା ସପ୍ତାହ ଓ ଶହୀଦ ଦିବସ ସମାରୋହ ରବିବାର ବରମୁଣ୍ଡାସ୍ଥିତ ଓଡ଼ିଶା ଅଗ୍ନିଶମ ଏବଂ ବିପତ୍ତି ନିସ୍ତାର ପ୍ରତିଷ୍ଠାନଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ ଯୋଗଦେଇ ଶହୀଦ ହୋଇଥିବା ଅଗ୍ନିଶମ ଅଧିକାରୀ ଓ କର୍ମଚାରୀଙ୍କ ପ୍ରତି ଶହୀଦ ସ୍ତମ୍ଭଠାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ପରେଡରେ ଅଭିବାଦନ ଦେଇ ଡିଜି କହିଲେ, ଆମ ପାଇଁ ସବୁ ଜୀବନ ମୂଲ୍ୟବାନ୍। ଗୋଟିଏ ଅମୂଲ୍ୟ ଜୀବନ ବଞ୍ଚାଇବାବେଳେ ଆମକୁ ଯେଉଁ ଆତ୍ମତୃପ୍ତି ମିଳେ ତାହା ଅତୁଳନୀୟ। ଆମକୁ ସବୁବେଳେ ପ୍ରସ୍ତୁତ ରହିବାକୁ ପଡ଼ିବ। ଜନସାଧାରଣଙ୍କୁ ସୁରକ୍ଷିତ ରଖିବାକୁ ହେବ। ରାଷ୍ଟ୍ର ଗଠନରେ ନିଜକୁ ସବୁବେଳେ ନିମଗ୍ନ ରଖିବାକୁ ଉପସ୍ଥିତ ଅଧିକାରୀ ଓ କର୍ମଚାରୀଙ୍କୁ ପରାମର୍ଶ ଦେଇ ଡିଜି କହିଲେ, ଅଗ୍ନି ସୁରକ୍ଷା ପାଇଁ ସମସ୍ତେ ଯତ୍ନବାନ ହେବା ଉଚିତ। ୨୦୨୩ରେ ରାଜ୍ୟରେ ୨୭,୩୨୨ଟି ଦୁର୍ଘଟଣାରେ ୩୨ ଜଣଙ୍କ ଜୀବନ ଯାଇଥିଲା। ୨୫୯ ଜଣଙ୍କ ଜୀବନ ବଞ୍ଚାଇବାରେ ଆମେ ସଫଳ ହୋଇଥିଲୁ। ୧୨୬ କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବାବେଳେ ୪୨୯ କୋଟି ଟଙ୍କାର ସମ୍ପତ୍ତିକୁ ସୁରକ୍ଷା ଦିଆଯାଇଥିଲା। ତେବେ ବାହାନଗା ଟ୍ରେନ୍ ଦୁର୍ଘଟଣାର ଉଦ୍ଧାର କାର୍ଯ୍ୟ ସାରା ଦେଶରେ ଉଚ୍ଚ ପ୍ରଶଂସନୀୟ ହୋଇଛି। ଦେଶର ପ୍ରଗତି ସାଥିରେ ଅଗ୍ନିଶମ ବିଭାଗର ଦାୟିତ୍ୱ ବଢ଼ୁଛି ଏବଂ ବଢ଼ିବ। ବିଭାଗ କାୟା ବିସ୍ତାର କରିଛି। ଫାୟାର ଷ୍ଟେଶନ ସଂଖ୍ୟା ୩୪୫ରେ ପହଞ୍ଚିଛି। ବିଭାଗରେ ବ୍ୟାପକ ଆଧୁନିକୀକରଣ ପାଇଁ ଆମେ ଉଦ୍ୟମ କରୁଛୁ ବୋଲି ସେ କହିଛନ୍ତି। ଉତ୍ସବରେ ମୁଖ୍ୟ ଅଗ୍ନିଶମ ଅଧିକାରୀ (ଏସ୍ଏଜି) ଦେବେନ୍ଦ୍ର କୁମାର ସ୍ୱାଇଁ, ରାଜ୍ୟ ମୁଖ୍ୟ ଅଗ୍ନିଶମ ଅଧିକାରୀ ରମେଶ ଚନ୍ଦ୍ର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୨୦୨୩-୨୪ରେ ଶହୀଦ ହୋଇଥିବା ଅଧିକାରୀ ଓ କର୍ମଚାରୀଙ୍କ ନାମ ପାଠ କରାଯାଇଥିଲା। ଏଥିସହ ଅଗ୍ନି ନିର୍ବାପନ ଓ ଉଦ୍ଧାର କାର୍ଯ୍ୟରେ ଉଲ୍ଲେଖନୀୟ ସେବା ପ୍ରତିପାଦନ କରିଥିବା କର୍ମଚାରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବାଲେଶ୍ୱର ବାହାନଗା ରେଳ ଦୁର୍ଘଟଣାବେଳେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବାଲେଶ୍ୱର ଅଗ୍ନିଶମ ସେବାକେନ୍ଦ୍ରର ଆସିଷ୍ଟାଣ୍ଟ ଫାୟାର ଅଫିସର ପୂର୍ଣ୍ଣଚନ୍ଦ୍ର ମାରାଣ୍ଡିଙ୍କୁ ବେଷ୍ଟ ଆସିଷ୍ଟାଣ୍ଟ ଫାୟାର ଅଫିସର ଭାବେ ସମ୍ମାନିତ କରାଯାଇଥିଲା। ସେହିପରି ତାଳଚେର ଦମକଳ କେନ୍ଦ୍ର ଅଧିକରୀ ରୋହିତ କୁମାର ବେହେରାଙ୍କୁ ଶ୍ରେଷ୍ଠ କେନ୍ଦ୍ର ଅଧିକାରୀ, ବାଲିକୁଦା ଅଗ୍ନିଶମ କେନ୍ଦ୍ର ମୁଖ୍ୟ ଆଗ୍ନିକ ଶିବରାମ ଶାନ୍ତିଙ୍କୁ ଶ୍ରେଷ୍ଠ ମୁଖ୍ୟ ଆଗ୍ନିକ, ଗାଡ଼ିଚାଳକ ସୁରେନ୍ଦ୍ର ନାଥ ଟୁଡୁଙ୍କୁ ଶ୍ରେଷ୍ଠ ଚାଳକ, ଆସ୍କା ଦମକଳ କେନ୍ଦ୍ରର ଆଗ୍ନିକ ୧୮୨୦ ରଞ୍ଜନ କୁମାର ଭୋଇ ଓ ଆଗ୍ନିକ ୨୨୪୨ ପ୍ରଭାତ କୁମାର ସାହୁଙ୍କୁ ଶ୍ରେଷ୍ଠ ଆଗ୍ନିକ ଭାବେ ସମ୍ମାନିତ କରାଯାଇଥିଲା। ଏଥିସହ ତିନିଜଣ ଅବସରପ୍ରାପ୍ତ ଅଗ୍ନିଶମ କର୍ମଚାରୀଙ୍କୁ ସେମାନଙ୍କ ଜୀବନବ୍ୟାପୀ ସେବା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ କର୍ମଚାରୀଙ୍କ ଦ୍ୱାରା ଅଗ୍ନି ନିର୍ବାପନ ଏବଂ ବିଭିନ୍ନ ଉଦ୍ଧାର କାର୍ଯ୍ୟ ଓ କୌଶଳ ପ୍ରଦର୍ଶନ କରାଯାଇଥିଲା। ପ୍ରତିଯୋଗିତା ମାଧ୍ୟମରେ ଚିତ୍ତାକର୍ଷକ କୌଶଳ ପ୍ରଦର୍ଶନ କରିଥିବା ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା।



ଅଗ୍ନିଶମ କର୍ମଚାରୀମାନେ ନିଆଁଲିଭା କୌଶଳ ପ୍ରଦର୍ଶନ କରୁଛନ୍ତି।

## ଝାମୁ ନିଆଁରେ ପଡ଼ି ଶିଶୁପୁତ୍ର ଗୁରୁତର

**କଟକ,୧୪।୪(କାର୍ତ୍ତିକ ସାହୁ):** ମଧୁପାଟଣା ଥାନା ଅଧୀନ କାଜିଡିଅ ଅଞ୍ଚଳରେ ରବିବାର ଝାମୁଯାତ୍ରାରେ ଅଘଟଣ ଘଟିଛି। ଜଣେ ବ୍ୟକ୍ତି ଶିଶୁପୁତ୍ରକୁ ଧରି ଝାମୁ ନିଆଁରେ ଚାଲିବାବେଳେ ଶିଶୁଟି ନିଆଁରେ ଖସିପଡ଼ି ଗୁରୁତର ହୋଇଛି। ଚିକିତ୍ସା ଲାଗି ତାଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଆଠଗଡ଼ର ଜଣେ ବ୍ୟକ୍ତି ପରିବାର ସହିତ ଛତ୍ରବଜାର ବଳଭଦ୍ରପୁରରେ ଘର ଭଡା ନେଇ ରହୁଥିଲେ। ସେ ତାଙ୍କ ୩ ବର୍ଷର ପୁତ୍ରକୁ ଧରି କାଜିଡିଅ ଅଞ୍ଚଳକୁ ଝାମୁଯାତ୍ରା ଦେଖିବାକୁ ମଧ୍ୟାହ୍ନ ପ୍ରାୟ ୧୨ଟାରେ ଆସିଥିଲେ। ଏହି ସମୟରେ ଝାମୁରେ ଚାଲୁଥିବା ବ୍ୟକ୍ତି ଜଣଙ୍କ ସମ୍ପୃକ୍ତ ଶିଶୁପୁତ୍ରକୁ ଧରି ଚାଲିବାକୁ ଲାଗିଲେ। ହେଲେ ଦୁର୍ଭାଗ୍ୟବଶତଃ ଶିଶୁପୁତ୍ର ନିଆଁରେ ଖସିପଡ଼ିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତନାଘନା ଆରମ୍ଭ କରିଛି।



ଶ୍ରୀଲିଙ୍ଗରାଜ ମନ୍ଦିର ନିକଟ ରଥଖଳାରେ ପ୍ରତିଷ୍ଠା ଅପେକ୍ଷାରେ ଥିବା ରୁକୁଣା ରଥ।

## ସରିଲା ରୁକୁଣା ରଥ ନିର୍ମାଣ, ପ୍ରତିଷ୍ଠା ଆଜି

**ପୁରୁଣା ଭୁବନେଶ୍ୱର, ୧୪।୪(ସୁବାସ ଚନ୍ଦ୍ର ପ୍ରଧାନ)**

ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ପାଇଁ ରଥ ନିର୍ମାଣ କାର୍ଯ୍ୟ ରବିବାର ରାତିରେ ଶେଷ ହୋଇଛି। ସନ୍ଧ୍ୟା ସୁଦ୍ଧା ରଥରେ ବତା ବାଡ଼େଇବା କାର୍ଯ୍ୟ ସରିଥିଲା। ଚାରିଦ୍ୱାର କନକ ମୁଣ୍ଡି, ବେକି, ଦଧିନଉତି ଉଠିଥିଲା। ସୋମବାର ସକାଳେ ଅନ୍ୟାନ୍ୟ କାର୍ଯ୍ୟ ଶେଷ କରାଯାଇ ସିଂହାସନ ଉଠାଯିବ ବୋଲି ସର୍ଦ୍ଦାରୀ ମହାରଣା ବଟକୃଷ୍ଣ ମହାରଣା କହିଛନ୍ତି। ସେହିପରି ନେତ୍ରୋତ୍ସବ ଅବସରରେ ରଥ ଖଳା ସନ୍ନିକଟ ବେଦିରେ ପୁରୀ ରାଜଗୁରୁଙ୍କ ଉପସ୍ଥିତିରେ କ୍ଷେତ୍ରବାସୀ ବ୍ରାହ୍ମଣ ନିଯୋଗ ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ କରିବେ। ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡ କାର୍ଯ୍ୟାଳୟ ପକ୍ଷରୁ କ୍ଷେତ୍ରବାସୀ ବ୍ରାହ୍ମଣ ନିଯୋଗକୁ ଏନେଇ ସୂଚନା ଦିଆଯାଇଛି। ତେବେ ରଥ ପ୍ରତିଷ୍ଠାକୁ ନେଇ କ୍ଷେତ୍ରବାସୀ ବ୍ରାହ୍ମଣ ନିଯୋଗ ସମିତି ପକ୍ଷରୁ ନିଯୋଗ ସଭାଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିଯୋଗ ସଭାପତି ସରୋଜ ମିଶ୍ର ସଭାପତିତ୍ୱ କରିଥିଲେ। ଆବଶ୍ୟକ ରଥ ପ୍ରତିଷ୍ଠା ପାଉଣା, ପିଢା ଏବଂ ଦୁଇଟି ନଡ଼ିଆ ମନ୍ଦିର ପ୍ରଶାସନ ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ପହଞ୍ଚାଇଲେ ସୋମବାର ରାତି ୯ଟା ସୁଦ୍ଧା ନିଯୋଗ ସେବାୟତମାନେ ରଥ ପ୍ରତିଷ୍ଠା ସମ୍ପାଦନ କାର୍ଯ୍ୟରେ ଯୋଗଦେବେ ବୋଲି ବୈଠକରେ ସ୍ଥିର ହୋଇଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ସନ୍ତୋଷ ରଥ, ସନତ ମିଶ୍ର, ସଭ୍ୟ ଅଶୋକ ଶତପଥୀ, କୋଷାଧ୍ୟକ୍ଷ ଅଶୋକ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜିଠୁ ବୈଶାଖୀ ଉତ୍ସବ

**ଭୁବନେଶ୍ୱର,୧୪।୪(ଶର୍ମିଷ୍ଠା ପାଣିଗ୍ରାହୀ):** ଚିନ୍ତା ଓ ଚେତନା ପକ୍ଷରୁ ସୋମବାରଠାରୁ ରବୀନ୍ଦ୍ର ମଣ୍ଡପରେ ୨ଦିନିଆ ୪୬ତମ ବୈଶାଖୀ ଉତ୍ସବ ଆରମ୍ଭ ହେବ। ଏଥିରେ ଦେଶର ଖ୍ୟାତନାମା କଳାକାର ସଙ୍ଗୀତ, ନୃତ୍ୟ, ଯାଦୁ ଓ ସୁନ୍ଦର ସ୍ୱାସ୍ଥ୍ୟ ପ୍ରଦର୍ଶନ ସହ ଚିତ୍ରାଙ୍କନ, ଫ୍ୟାଶନ ଶୋ ମଧ୍ୟ ପରିବେଷଣ କରିବେ। ଗିନିଜ୍ ରେକର୍ଡ଼ଧାରୀଙ୍କ ରେକର୍ଡ଼ ଶୋ’, ଫାୟାର ଡ୍ୟାନ୍ସ ଆଦି କାର୍ଯ୍ୟକ୍ରମ ରହିଥିବା ଅନୁଷ୍ଠାନର ମହାସଚିବ ସୁରେନ୍ଦ୍ର ଦାସ ସୂଚନା ଦେଇଛନ୍ତି।

## ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ

**କଣ୍ଟାପଡା, ୧୪।୪(ସୁରନାରାୟଣ ସାହୁ)**

କଟକ ଜିଲା ଓଲଟପୁରଠାରେ ଥିବା ଏକ ଭଡାଘରେ ରବିବାର ଜଣେ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା ଅଞ୍ଚଳର ସୁମିତ୍ କୁମାର ସେଠୀ(୨୨)। ସେ ଓଲଟପୁରଠାରେ ଥିବା ଏସ୍.ଭି. ନିର୍‌ତାରର ଫିଜିଓଥେରାପି ବିଭାଗରେ ପାଠ ପଢୁଥିବାବେଳେ ଉକ୍ତ ଭଡାଘରେ ଅନ୍ୟ ଜଣେ ସାଙ୍ଗ ସୁବ୍ରୁଙ୍କ ସହିତ ରହୁଥିଲେ। ଅପରାହ୍ନ ପ୍ରାୟ ୧ଟାରେ ସୁବ୍ରୁ କୌଣସି କାମରେ ବାହାରକୁ ଯାଇଥିଲେ। ପ୍ରାୟ ଅଧଘଣ୍ଟା ପରେ ସେ ରୁମ୍‌କୁ ଫେରି କବାଟ ବାଡେଇ ସୁମିତ୍‌ଙ୍କୁ ଡାକିଥିଲେ। ହେଲେ କବାଟ ନ ଖୋଲିବାରୁ ସୁବ୍ରୁ ସମସ୍ତଙ୍କୁ ଡାକିଥିଲେ। ଘର ମାଲିକ ଓ ଅନ୍ତେବାସୀ ପହଞ୍ଚି କବାଟ ଭାଙ୍ଗିବା ପରେ ସୁମିତ୍ ରଶି ସାହାଯ୍ୟରେ ଫ୍ୟାନ୍‌ରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ତାଙ୍କୁ ଅଡଶପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ତେବେ ଡାକ୍ତର ତାଙ୍କୁ ଏସ୍‌ସିବି ମେଡିକାଲକୁ ଚିକିତ୍ସା ପାଇଁ ପଠାଇ ଦେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମଙ୍ଗଳାବାଗ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଜଣାପଡିଛି। ତେବେ ସୁମିତ୍‌ଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି।

## ଉଦ୍ଧାର ଝିଙ୍କ, ହାଡ଼ଗିଳା ନନ୍ଦନକାନନ ଆସିଲା

**ବାରଙ୍ଗ,୧୪।୪(ଲିଙ୍ଗରାଜ ରାଉତ):** ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ରବିବାର ବାଲେଶ୍ୱର ଡିଭିଜନ କୁଲଡିହା ରେଞ୍ଜରୁ ଗୋଟିଏ ୧ ବର୍ଷର ଝିଙ୍କ ଏବଂ ବାଲେଶ୍ୱର ଡିଭିଜନ ଚାନ୍ଦିପୁର ରେଞ୍ଜରୁ ଏକ ହାଡଗିଳା ପକ୍ଷୀ ଉଦ୍ଧାର ହୋଇଆସିଛି। ହାଡ଼ଗିଳା ପକ୍ଷୀର ଗୋଡ଼ରେ ଆଘାତ ଲାଗିଛି। ଝିଙ୍କ ମଧ ସାମାନ୍ୟ ଅସୁସ୍ଥ ଥିବାରୁ ଡାକ୍ତରଖାନା ଆଇସୋଲେଶନ ୱାର୍ଡରେ ରଖି ଚିକିତ୍ସା କରାଯାଉଛି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ରାଜକିଶୋର



@ ଅଭୟ



@ ମୃତ୍ୟୁଞ୍ଜୟ



@ ପବିତ୍ର



@ ସୌରଭ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।





ଆଜି ବିଶ୍ୱ କଳା ଦିବସ: ଏହି ପରିପ୍ରେକ୍ଷୀରେ ରବିବାର ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ପୁରୀ ବେଳାଭୂମିରେ ତିଆରି କରିଥିବା ବାଲୁକା କଳା।

## ଗଣତନ୍ତ୍ର ଉପରେ ଆମ୍ବେଡକରଙ୍କ ଅଖଣ୍ଡ ବିଶ୍ୱାସ ଥିଲା

### ଡ. ଭୀମରାଓ ଆମ୍ବେଡକରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

**ଭୁବନେଶ୍ୱର,୧୪।୪(ଶର୍ମିଷ୍ଠା ପାଣିଗ୍ରାହୀ)**



ଜୟନ୍ତୀ ଉତ୍ସବରେ ରାଜ୍ୟ ମାନବାଧିକାର କମିଶନ ଅସୀମ ଅମିତାଭ ଦାଶ ଓ ଅନ୍ୟମାନେ।

ସବୁ ଦେଶପ୍ରେମୀ ଭାରତୀୟଙ୍କ ପାଇଁ ସମ୍ବିଧାନ ହେଉଛି ପବିତ୍ର ଗ୍ରନ୍ଥ। ଭାରତୀୟ ସମ୍ବିଧାନ ସମଗ୍ର ବିଶ୍ୱରେ ଏକ ଆଦର୍ଶ ସମ୍ବିଧାନ ଭାବେ ଗ୍ରହଣୀୟ ହୋଇପାରିଛି। ଏହି ସମ୍ବିଧାନର ସଂପୂର୍ଣ୍ଣ ଚିଠା ପ୍ରଣୟନ କରିବାରେ ଆମ୍ବେଡକରଙ୍କ ଉଲ୍ଲେଖନୀୟ ଅବଦାନ ଥିଲା। ସମାଜରୁ ଅସମାନତା ଦୂର କରି ଭାରତକୁ ଏକ ସଂଗଠିତ ଓ ସଶକ୍ତ ରାଷ୍ଟ୍ର ରୂପେ ନିର୍ମାଣ କରିବାକୁ ସେ ଚାହୁଁଥିଲେ ବୋଲି ମୁଖ୍ୟ ଅତିଥି ରାଜ୍ୟ ମାନବାଧିକାର କମିଶନ ଅସୀମ ଅମିତାଭ ଦାଶ ପ୍ରକାଶ କରିଛନ୍ତି। ରବିବାର ସୂଚନା ଭବନଠାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବାବାସାହେବ ଡ. ଭୀମରାଓ ରାମ୍‌ଜୀ ଆମ୍ବେଡକରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ସାମ୍ବାଦିକ ତଥା ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକ ଯୋଗଦେଇ କହିଲେ, ଗଣତନ୍ତ୍ର ଉପରେ ଆମ୍ବେଡକରଙ୍କ ଅଖଣ୍ଡ ବିଶ୍ୱାସ ଥିଲା। ଭେଦଭାବହୀନ ଏକ ସୁସ୍ଥ ସମାଜ ଗଠନ କରିବା ପାଇଁ ତାଙ୍କ ଜୀବନ ସମର୍ପିତ ଥିଲା । ଭାରତରେ ସାମାଜିକ ନ୍ୟାୟ ପ୍ରତିଷ୍ଠା ଦିଗରେ ତାଙ୍କୁ ଜଣେ ଅଗ୍ରଦୂତ ଭାବେ ଗ୍ରହଣ କରାଯାଉଛି ବୋଲି ସେ ମତପ୍ରକାଶ କରିଥିଲେ । ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ ସଭାପତିତ୍ୱ କରି କହିଲେ, ଭାରତର ସମ୍ବିଧାନ କେବଳ ଏକ ଆଇନ ପୁସ୍ତକ ନୁହେଁ, ଏହା ଭାରତୀୟଙ୍କ ଆସ୍ଥା, ବିଶ୍ୱାସ ଏବଂ ଜୀବନର ପ୍ରତିଫଳନ। ଆମ୍ବେଡକରଙ୍କ ଦ୍ୱାରା ପ୍ରଣୀତ ଆମ ସମ୍ବିଧାନ ବିଶ୍ୱ ରାଜନୀତିରେ, ପୃଥିବୀ ଇତିହାସରେ ଏପର୍ଯ୍ୟନ୍ତ ଏକ ଅବିସମ୍ବାଦିତ ସ୍ଥାନ ଅଧିକାର କରିଛି । ଏହି ସମ୍ବିଧାନ ଏଭଳି ଏକ ଶାସନ ନିୟାମକ ପ୍ରତିଷ୍ଠା କରିଛି, ଯାହା ଆଜିପର୍ଯ୍ୟନ୍ତ ଭାରତବର୍ଷର ଗଣତନ୍ତ୍ରର ସ୍ୱର୍ଦ୍ଧା ଅକ୍ଷୁଣ୍ଣ ରଖିବାରେ ସହାୟକ ହୋଇଛି। ଆଶାମୁକୁଳ ବାରିକ ଓ ସାଥୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବାବେଳେ ସୂଚନା ଅଧିକାରୀ ତନୁଜା ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା ଓ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଯୁଗ୍ମ ନିର୍ଦ୍ଦେଶକ ବିଶ୍ୱଜିତ ଦାଶ, ଉପନିର୍ଦ୍ଦେଶକ ଦୀପ୍ତିମୟୀ ମହାପାତ୍ର, ସୁଚେତା ପ୍ରିୟଦର୍ଶିନୀଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଓ ବୁଦ୍ଧିଜୀବୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସକାଳେ ବିଭାଗ ପକ୍ଷରୁ ଏଜି ଛକସ୍ଥିତ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

**'ମହିଳା କର୍ମଚାରୀଙ୍କୁ ବଦଳି ଧମକ ଦେଉଛି ଭାଜପା'**

ଭୁବନେଶ୍ୱର, (ସୁନିତ୍ ମିଶ୍ର): ଆଶା, ଅଙ୍ଗନୱାଡି ଏବଂ ମିଶନ ଶକ୍ତି କର୍ମଚାରୀଙ୍କୁ ଭାଜପା ଧମକ ଦେଉଛି। ଏନେଇ ରବିବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ ନିକଟରେ ବିଜେଡିର ଏକ ପ୍ରତିନିଧି ଦଳ ଫେରାଦ ହୋଇଛି। ପ୍ରତିନିଧି ଦଳର ସଦସ୍ୟମାନେ କହିଛନ୍ତି, ଭାଜପା ନେତା, କର୍ମୀ ଓ ପ୍ରାର୍ଥୀମାନେ ମହିଳାଙ୍କ ଚରିତ୍ର ସଂହାର କରୁଛନ୍ତି। ସରକାରୀ ଅଧିକାରୀଙ୍କୁ ବଦଳି କରିଦେବା ପାଇଁ ଧମକ ଦିଆଯାଉଛି।

## ୩ ବ୍ଲକ ପାଇଁ ୧୦ଜଣ ସଂଯୋଜକଙ୍କୁ ନିଯୁକ୍ତ କଲା ବିଜେଡି

ଭୁବନେଶ୍ୱର, ୧୪।୪(ସୁନିତ୍ ମିଶ୍ର)

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ୩ଟି ବ୍ଲକ ପାଇଁ ମୋଟ୍ ୧୦ ଜଣ ସଂଯୋଜକଙ୍କୁ ଦାୟିତ୍ୱ ଦେଇଛନ୍ତି। ଛେଣ୍ଡିପଦା, ତେଲକୋଇ ଏବଂ କଙ୍କଡାହାଡ଼ ବ୍ଲକ ପାଇଁ ମୋଟ୍ ଏହି ୧୦ ଜଣ ସଂଯୋଜକ ନିଯୁକ୍ତ ହୋଇଛନ୍ତି। ପାଲଲହଡ଼ା ବ୍ଲକର ଯୁଧିଷ୍ଠିର ଗଡ଼ନାଏକ, କଣିହାଁ ବ୍ଲକର କୁନା ନାଏକ, କଣିହାଁ ବ୍ଲକର ବୀରେନ୍ଦ୍ର କୁମାର ତ୍ରିପାଠୀ, କଣିହାଁ ବ୍ଲକର ବୁଦ୍ଧିମନ୍ତ ସାହୁଙ୍କୁ ଦଳ ଛେଣ୍ଡିପଦା ବ୍ଲକ ସଂଯୋଜକ ଭାବେ ନିଯୁକ୍ତ କରିଛନ୍ତି। ସେହିପରି ପାଲଲହଡ଼ା ବ୍ଲକର ସଞ୍ଜୀବ ବେହେରା, ପ୍ରଦୀପ ପ୍ରଧାନ, ରମାକାନ୍ତ ବିଶ୍ୱାଳ ଏବଂ ନୀଳାମ୍ବର ପ୍ରଧାନଙ୍କୁ ଦଳ ତେଲକୋଇ ବ୍ଲକ ସଂଯୋଜକ ନିଯୁକ୍ତ କରିଛି। ସେହିପରି ପାଲଲହଡା ବ୍ଲକର ଅଗାଧୁ ପ୍ରଧାନ ଏବଂ ଭୋଳେଶ୍ୱର ପ୍ରଧାନଙ୍କୁ ଦଳ କଙ୍କଡାହାଡ଼ ବ୍ଲକର ସଂଯୋଜକ ନିଯୁକ୍ତ ହୋଇଛନ୍ତି।

# ରଣାଙ୍ଗନରେ ଅନନ୍ତ, ଅଭିମନ୍ୟୁ, ମଞ୍ଜୁଲତା

### ଭଦ୍ରକ ଲୋକ ସଭା କ୍ଷେତ୍ର

ଭଦ୍ରକ,୧୪।୪(ସନାତନ ରାଉତ)



ଅନନ୍ତ ପ୍ରସାଦ ସେଠୀ



ଅଭିମନ୍ୟୁ ସେଠୀ



ମଞ୍ଜୁଲତା ମଣ୍ଡଳ

ଭଦ୍ରକ ଲୋକ ସଭା ଆସନରେ ଭାଜପା ଓ ବିଜେଡି ପୁରୁଣା ପ୍ରାର୍ଥୀଙ୍କୁ ଦୋହରାଇଥିବା ବେଳେ କଂଗ୍ରେସ ଶନିବାର ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀଙ୍କୁ ପ୍ରାର୍ଥୀ ଘୋଷଣା କରିଛି। କଂଗ୍ରେସର ଭେଟେରାନ ଲିଡର ଅନନ୍ତ ପ୍ରାର୍ଥୀ ହେବା ପରେ ଏହି ଆସନ ପାଇଁ ଏଥର ତ୍ରିମୁଖୀ ଲଢ଼େଇ ହେବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ପ୍ରମୁଖ ଦଳଗୁଡ଼ିକର ପ୍ରାର୍ଥୀ ଘୋଷଣା ପରେ ଏବେ ରାଜନୈତିକ ମହଲ ସରଗରମ ହେବାରେ ଲାଗିଛି। ୧୯୮୪ରେ ଅନନ୍ତ ଭଦ୍ରକ ଲୋକସଭା ଆସନରୁ ଏମ୍‌ପି ହୋଇଥିଲେ। ୨୦୧୯ ନିର୍ବାଚନରେ ତାଙ୍କ ଝିଅ ମଧୁମିତା ସେଠୀ କଂଗ୍ରେସରୁ ପ୍ରାର୍ଥୀ ହୋଇଥିଲେ। ସେ ୨ ଲକ୍ଷ ୭ ହଜାର ୮୧୧ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ଏଥର ଦଳ ଝିଅ ବଦଳରେ ବାପାଙ୍କୁ ଭରସା କରିଛି।

ଭଦ୍ରକ ଜିଲାର ୫ ବିଧାନସଭା ନିର୍ବାଚନମଣ୍ଡଳୀ ସମେତ ବାଲେଶ୍ୱର ଜିଲାର ସୋର ଓ ସିମୁଳିଆ ବିଧାନସଭା କ୍ଷେତ୍ରକୁ ନେଇ ଭଦ୍ରକ ଲୋକସଭା ନିର୍ବାଚନମଣ୍ଡଳୀ ଗଠିତ। ୧୯୯୮ଠାରୁ ଲଗାତର ବିଜେଡି ଦଖଲରେ ଭଦ୍ରକ ଲୋକ ସଭା ଆସନ ରହିଥିବା ବେଳେ ୨୦୧୯ ନିର୍ବାଚନରେ ଦଳର ବିଜୟ ବ୍ୟବଧାନ ବହୁମାତ୍ରାରେ ହ୍ରାସ ପାଇଥିଲା। ଭାଜପାରୁ ପ୍ରାର୍ଥୀ ହୋଇଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଅର୍ଜୁନ ଚରଣ ସେଠୀଙ୍କ ପୁଅ ଅଭିମନ୍ୟୁ ମାତ୍ର ୨୮,୮୦୩ ଖଣ୍ଡ ଭୋଟରେ ବିଜେଡି ପ୍ରାର୍ଥୀ ମଞ୍ଜୁଲତା ମଣ୍ଡଳଙ୍କଠାରୁ ପରାଜିତ ହୋଇଥିଲେ। ଅଭିମନ୍ୟୁଙ୍କୁ ୪ ଲକ୍ଷ ୮୩ ହଜାର ୫୦୨ ଭୋଟ ମିଳିଥିବା ବେଳେ ମଞ୍ଜୁଲତାଙ୍କୁ ୫ ଲକ୍ଷ ୧୨ ହଜାର ୩୦୫ ଭୋଟ ମିଳିଥିଲା। ଭାଜପା ଦ୍ୱିତୀୟ ସ୍ଥାନରେ ରହିଥିଲା ଏବଂ କଂଗ୍ରେସ ତୃତୀୟ ସ୍ଥାନକୁ ଖସି ଆସିଥିଲା। ଅଳ୍ପ ବ୍ୟବଧାନରେ ଭାଜପା ହାରିଥିବାରୁ ଏଥର ଏହି ଆସନକୁ ଦଳ ପକ୍ଷରୁ ଫୋକସ୍‌ରେ ରଖାଯାଇଥିବା ଚର୍ଚ୍ଚା ହେଉଛି।



ମାଲକାନଗିରି ଚିତ୍ରକୋଣ୍ଡା ବିଧାନସଭା ଆସନ ପାଇଁ ଭାଜପାରୁ ଡମ୍ବରୁ ସୀସାଙ୍କୁ ପ୍ରାର୍ଥୀ ନ କରିବା ନେଇ ସମ୍ପୃକ୍ତ ଅଞ୍ଚଳର କର୍ମୀମାନେ ରବିବାର ରାଜ୍ୟ ଭାଜପା କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## କଂଗ୍ରେସ ଲୋକ ସଭା ପ୍ରାର୍ଥୀଙ୍କୁ ବିରୋଧ

କେନ୍ଦୁଝର,୧୪।୪
(ନରେଶ ଚନ୍ଦ୍ର ପଟ୍ଟନାୟକ)

କଂଗ୍ରେସ ପକ୍ଷରୁ ଶନିବାର କେନ୍ଦୁଝର ଲୋକ ସଭା ପ୍ରାର୍ଥୀ ଭାବରେ ପୂର୍ବଥର ନିର୍ବାଚନ ଲଢ଼ି ହାରିଥିବା ମୋହନ ହେମ୍ବ୍ରମଙ୍କ ଉପରେ ଆସ୍ଥା ପ୍ରକଟ କରିଛି। ଏହାକୁ ନେଇ ଜିଲା କଂଗ୍ରେସ ସଂଗଠନରେ ବିବାଦ ମୁଣ୍ଡ ଟେକିଛି। ସଙ୍କଟ ସମୟରେ କଂଗ୍ରେସ କୌଣସି ରିସ୍କ ନ ନେଇ ମୋହନଙ୍କୁ ପୁଣି ପ୍ରାର୍ଥୀ କରିଥିବାରୁ କେତେକ ନେତା ସ୍ୱାଗତ କରିଛନ୍ତି। କିନ୍ତୁ ଜିଲା ସଂଗଠନ ପକ୍ଷରୁ ଏହାକୁ ବିରୋଧ କରାଯାଉଥିବାରୁ ଅସ୍ୱାଭାବିକ ସ୍ଥିତି ସୃଷ୍ଟି ହୋଇଛି। ଏ ନେଇ ସୋମବାର ଜିଲା ସଂଗଠନ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଡକାଯାଇ ସମୂହ ଏଆଇସିସି/ ପିସିସି ନିଷ୍ପତ୍ତିକୁ ବିରୋଧ କରିବେ ବୋଲି ସୂଚନା ମିଳିଛି। ଆବଶ୍ୟକ ପଡ଼ିଲେ ସମସ୍ତେ ସମୂହ ଇସ୍ତଫା ଦେବେ ବୋଲି ଆଲୋଚନା ହେଉଛି। ଏ ନେଇ ଜିଲା ସଂଗଠନ ପକ୍ଷରୁ କିଛି ସୂଚନା ଦିଆଯାଉନାହିଁ। ଖବରଦାତା ସମ୍ମିଳନୀରେ ସବୁକିଛି କୁହାଯିବ ବୋଲି ଜିଲା ସଭାପତି ମୋହନ ପରିଡ଼ା କହିଛନ୍ତି। କଂଗ୍ରେସ ଲୋକସଭା ପ୍ରାର୍ଥୀ ମୋହନ ହେମ୍ବ୍ରମ କହିଛନ୍ତି, ଦଳରେ ଶୃଙ୍ଖଳିତ କର୍ମୀ ଭାବରେ ସଙ୍କଟ ସମୟରେ ଅଛନ୍ତି। ସଭା, ସମିତି ଓ ବୈଠକରେ ଉପସ୍ଥିତ ରହି ଆସିଛନ୍ତି। ଗତ ଥର ଜିଲା ସଂଗଠନ ହିଁ ପ୍ରାର୍ଥୀ କରିଥିଲେ। ଦଳର ଭଲ ଅବସ୍ଥା ନ ଥିଲେ ମଧ୍ୟ ଗତ ନିର୍ବାଚନରେ ଆଖିଦୃଶିଆ ଭୋଟ ପାଇଥିଲେ। ଏଣୁ ଦଳ ତାଙ୍କ ଉପରେ ଆସ୍ଥା ରଖି ପ୍ରାର୍ଥୀ କରିଛି ସେ କହିଛନ୍ତି।

## ସମ୍ବର୍ଦ୍ଧନା ସଭା ବର୍ଜନ କରିବେ ଅସନ୍ତୁଷ୍ଟ ବିଜେଡି କର୍ମୀ

କେନ୍ଦୁଝର,୧୪।୪
(ନରେଶ ଚନ୍ଦ୍ର ପଟ୍ଟନାୟକ)

### ମାଧବ ସର୍ଦ୍ଦାରଙ୍କୁ ବିରୋଧ

କେନ୍ଦୁଝର ଜିଲା ହରିଚନ୍ଦନପୁର ବିଜୁ ଜନତା ଦଳ ତରଫରୁ ତେଲକୋଇ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ମାଧବ ସର୍ଦ୍ଦାର ଓ ଏମ୍‌ପି ପ୍ରାର୍ଥୀ ଧନୁର୍ଜୟ ସିଦ୍ଧୁଙ୍କୁ ଠାକୁରପଡ଼ାରେ ସୋମବାର ସମ୍ବର୍ଦ୍ଧନା ଦିଆଯିବାର କାର୍ଯ୍ୟକ୍ରମ ରହିଛି। ଏହା ପୂର୍ବରୁ ଅର୍ଥାତ ରବିବାର ହରିଚନ୍ଦନପୁର ବ୍ଲକ୍‌ର ୨୫ ପଞ୍ଚାୟତର ଅସନ୍ତୁଷ୍ଟ ବିଜେଡି କର୍ମୀ ମନହରପୁର ପଡ଼ିଆରେ ଏକତ୍ରିତ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଧାୟକ ପ୍ରାର୍ଥୀ ମାଧବ ସର୍ଦ୍ଦାର ଯୋଗଦେବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ଶେଷ ମୁହୂର୍ତ୍ତରେ ସେ ଯୋଗଦେଇ ନ ଥିବାରୁ ସୋମବାର ହେବାକୁଥିବା କର୍ମୀ ସମ୍ମିଳନୀରେ କୌଣସି ଅସନ୍ତୁଷ୍ଟ କର୍ମୀ ଯୋଗ ଦେବେ ନାହିଁ ବୋଲି ବୈଠକରେ ଶପଥ ନେଇଛନ୍ତି। ଏହାର ଭିଡିଓ ଭାଇରାଲ ହେବା ପରେ ଘଟଣା ପଦାକୁ ଆସିଥିଲା। ବିଧାୟକ ପ୍ରାର୍ଥୀ ମାଧବ ସର୍ଦ୍ଦାର ଯେବେ ସମୟ ଦେବେ ଓ ନିଜେ କର୍ମୀମାନଙ୍କ ସହିତ ଜିଲା କିମ୍ବା ରାଜ୍ୟସ୍ତର ନେତାଙ୍କ ଉପସ୍ଥିତିରେ ଆଗାମୀ ୫ ବର୍ଷ କର୍ମୀମାନଙ୍କ ସୁଖ ଦୁଃଖରେ ସାମିଲ ହେବେ ବୋଲି ନିର୍ଭର ପ୍ରତିଶ୍ରୁତି ଦେବେ, ତାହେଲେ ବିଜୁ ଜନତା ଦଳକୁ ପୂର୍ଣ୍ଣ ସମର୍ଥନ ଦିଆଯିବ ବୋଲି ନିଷ୍ପତ୍ତି କରିଛନ୍ତି। ପ୍ରକାଶ ଥାଉ କି, ତେଲକୋଇ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେଡିର ଗୋଷ୍ଠୀ କନ୍ଦଳ ଏବେ ଚରମ ସୀମାରେ ପହଞ୍ଚିଛି। ଯଦି ଏହି ଭଳି ଜାରି ରୁହେ ଏହି ଆସନ ବିଜୁ ଜନତା ଦଳ ହାତରୁ ଖସି ଯିବାର ସମ୍ଭାବନା ରହିଛି। ବୈଠକରେ ୫୦୦ରୁ ଊର୍ଦ୍ଧ୍ୱ କର୍ମୀଙ୍କ ସମାଗମ ହୋଇଥିଲା। ଏ ନେଇ ମାଧବ ସର୍ଦ୍ଦାର କହିଛନ୍ତି, ଲୋକଙ୍କ ଅସନ୍ତୋଷର କାରଣ ବୁଝି ସମାଧାନ କରିବେ।

## ବିଜେଡି ପ୍ରାର୍ଥୀଙ୍କ ଛିଡୁନି ଅଙ୍କକଷା

### ରଘୁନାଥପାଲି ବିଧାନସଭା କ୍ଷେତ୍ର

### ଚିନ୍ତାରେ ଦଳୀୟ କର୍ମୀ

ରାଉରକେଲା,୧୪।୪
(ଦିନେଶ ମିଶ୍ର)



ପ୍ରଫୁଲ ସୁନାନି



ପ୍ରଶାନ୍ତ ସେଠୀ



ସୁବ୍ରତ ତାରଇ

ସୁନ୍ଦରଗଡ଼ ଜିଲାର ରଘୁନାଥପାଲି ବିଧାନସଭା ଆସନରୁ ବିଜେଡି ପ୍ରାର୍ଥୀ ପାଇଁ ଦଳ କାହା ନାମ ଘୋଷଣା କରିବ, ସେ ନେଇ ରାଜନୀତି ଖଟିରେ ଚର୍ଚ୍ଚା ଜୋର ଧରିଛି। କିଏ କହୁଛନ୍ତି ସୁବ୍ରତ ତାରଇଙ୍କୁ ଦଳ ଟିକେଟ ଦବ ତ ଆଉ କିଏ କହୁଛନ୍ତି ପ୍ରଶାନ୍ତ ସେଠୀ, ନଚେତ୍ ପ୍ରଫୁଲ ସୁନାନିଙ୍କୁ ଦଳ ଟିକେଟ ପ୍ରଦାନ କରିପାରେ।

ରଘୁନାଥପାଲି ନିର୍ବାଚନମଣ୍ଡଳୀରୁ ବିଜେଡି ପ୍ରାର୍ଥୀଭାବେ ସୁବ୍ରତ ତରାଇ ୨୦୦୯, ୨୦୧୪ ଓ ୨୦୧୯ ନିର୍ବାଚନରେ ବିଧାୟକ ପ୍ରାର୍ଥୀଭାବେ ୩ ଥର ବିଜୟୀ ହୋଇଥିଲେ। ରଘୁନାଥପାଲି ଅଞ୍ଚଳରେ ସୁବ୍ରତଙ୍କ ଲୋକପ୍ରିୟତା ଥିବାବେଳେ ୨୦୧୯ ନିର୍ବାଚନରେ କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ପ୍ରଶାନ୍ତ ସେଠୀ ଚଳିତ ବର୍ଷ ଦଳ ଛାଡ଼ି ବିଜେଡିରେ ଯୋଗଦେଇଛନ୍ତି। ତେଣୁ ସେ ମଧ୍ୟ ଆଶାୟୀ ଅଛନ୍ତି। ପ୍ରଶାନ୍ତ ରଘୁନାଥପାଲୀ ନିର୍ବାଚନମଣ୍ଡଳୀରେ ବିଭିନ୍ନ ସମୟରେ 'ବସ୍ତିଚାଲ ଅଭିଯାନ' କରି ଚର୍ଚ୍ଚାରେ ରହିଛନ୍ତି। ସେହିଭଳି ନିକଟରେ କଂଗ୍ରେସର ଅନ୍ୟତମ ଚର୍ଚ୍ଚିତ ନେତା ପ୍ରଫୁଲ ସୁନାନି କଂଗ୍ରେସ ଛାଡ଼ି ନୀବନ ନିବାସ ଯାଇ ଦଳରେ ମିଶିଛନ୍ତି। ପ୍ରଫୁଲ ବିଜେଡିରେ ମିଶିବାପରେ ରଘୁନାଥପାଲି ନିର୍ବାଚନମଣ୍ଡଳୀରେ ବିଜେଡି ତୃଣମୂଳ ସ୍ତରରେ ଆହୁରି ମଜଭୁତ ହେବ ବୋଲି ଚର୍ଚ୍ଚା ହେଉଛି।

ସୂଚନାଯୋଗ୍ୟ, ରଘୁନାଥପାଲି ନିର୍ବାଚନମଣ୍ଡଳୀରୁ କଂଗ୍ରେସ ପକ୍ଷରୁ ଗୋପାଳ ଦାସଙ୍କୁ ଟିକେଟ ମିଳିଥିବାବେଳେ ଭାଜପାରୁ ଦୁର୍ଗାଚରଣ ତନ୍ତୀଙ୍କୁ ଟିକେଟ ପ୍ରଦାନ କରାଯାଇଛି। ତେବେ ବିଜେଡି ପ୍ରାର୍ଥୀ ଘୋଷଣା କରି ନ ଥିବାରୁ ଦଳୀୟ କର୍ମୀ ଚିନ୍ତାରେ ଅଛନ୍ତି।

# ଲଢ଼େଇରେ ସାମିଲ ୨ ନୂଆ ମୁହଁ

ଢେଙ୍କାନାଳ,୧୪।୪(ରତନ ନାୟାର)

### ଢେଙ୍କାନାଳ ସଂସଦୀୟ କ୍ଷେତ୍ରରେ ବଢ଼ିଲା ଉଷ୍ମତା



ଅବିନାଶ ସାମଲ



ସସ୍ମିତା ବେହେରା



ରୁଦ୍ର ନାରାୟଣ ପାଣି

ଢେଙ୍କାନାଳ ଲୋକ ସଭା ଆସନ ପାଇଁ ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ଘୋଷଣା ସରିଛି। ବିଜେଡି ପକ୍ଷରୁ ନୂଆ ମୁହଁ ଭାବେ ଯୁବ ସମାଜସେବୀ ଡା. ଅବିନାଶ ସାମଲ ଓ କଂଗ୍ରେସ ପକ୍ଷରୁ ନୂଆ ମୁହଁ ଭାବେ ଅଖିଳ ଭାରତ କଂଗ୍ରେସ କମିଟି ସମ୍ପାଦିକା ସସ୍ମିତା ବେହେରାଙ୍କୁ ପ୍ରାର୍ଥୀ କରାଯାଇଛି। ତେବେ ଭାଜପା ପୁରୁଣା ମୁହଁ ତଥା ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣିଙ୍କ ଉପରେ ପୁଣି ଭରସା କରିଛି। ୩ ପ୍ରମୁଖ ଦଳ ପକ୍ଷରୁ ଏମ୍‌ପି ପ୍ରାର୍ଥୀ ଘୋଷଣା ଶେଷ ହୋଇଥିବାରୁ ଢେଙ୍କାନାଳ ସଂସଦୀୟ କ୍ଷେତ୍ରର ରାଜନୈତିକ ବାତାବରଣରେ ଉଷ୍ମତା ପ୍ରକାଶ ପାଇଛି।

ରାଜନୀତି କ୍ଷେତ୍ରକୁ ନୂଆ କରି ଓହ୍ଲାଇବା ସହ ବିଜେଡି ଲୋକ ସଭା ପ୍ରାର୍ଥୀ ହୋଇଥିବା ଡା. ଅବିନାଶ ଢେଙ୍କାନାଳ ସଂସଦୀୟ କ୍ଷେତ୍ରରେ ଲୋକମାନଙ୍କ ସେବା ଓ ବିକାଶକୁ ନିର୍ବାଚନୀ ପ୍ରସଙ୍ଗରେ ଗୁରୁତ୍ୱ ଦେଉଛନ୍ତି। ଦାଦା ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ ଚଳିତ ନିର୍ବାଚନରେ ବିଜେଡି ପକ୍ଷରୁ ଢେଙ୍କାନାଳ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ହୋଇଥିବାରୁ ଏହା ଏମ୍‌ପି ପ୍ରାର୍ଥୀ ଅବିନାଶଙ୍କ ପାଇଁ ଏକ ଭଲ ସୁଯୋଗ ସୃଷ୍ଟି କରିଛି। ସେହିପରି ଲୋକ ସଭା ନିର୍ବାଚନରେ ନୂଆ ହୋଇଥିଲେ ମଧ୍ୟ କଂଗ୍ରେସ ପ୍ରାର୍ଥୀ ସସ୍ମିତା ଦୀର୍ଘ ବର୍ଷ ଧରି ଦଳୀୟ ରାଜନୀତିରେ ରହି ଆସିଛନ୍ତି। ସେ ୨୦୦୨ରେ ତାଳଚେର ବ୍ଲକ ଅଧ୍ୟକ୍ଷା, ୨୦୦୭ରେ ଅନୁଗୋଳ ଜିଲା ପରିଷଦ ସଭାପତି ଦାୟିତ୍ୱ ତୁଲାଇଥିଲେ। ୨୦୧୪ରେ ତାଳଚେର ଓ ୨୦୧୯ରେ ଛେଣ୍ଡିପଦା ବିଧାନସଭା ଆସନରୁ ଦଳୀୟ ପ୍ରାର୍ଥୀ ହୋଇଥିଲେ। ତେଣୁ ଏକାଧିକ ଥର ନିର୍ବାଚନ ଲଢ଼ିବାର ଅଭିଜ୍ଞତା ତାଙ୍କ ନିକଟରେ ଥିବାବେଳେ ଅବହେଳିତ ୫୫ନଂ. ଜାତୀୟ ରାଜପଥ ଓ ପାନୀୟଜଳ ସଙ୍କଟ ଆଦିକୁ ମୁଖ୍ୟ ପ୍ରସଙ୍ଗ କରିବେ ବୋଲି ସୂଚନା ଦେଇଛନ୍ତି। ଭାଜପା ପ୍ରାର୍ଥୀ ରୁଦ୍ର ନାରାୟଣ ପାଣି ରାଜନୀତି କ୍ଷେତ୍ରରେ ବେଶ୍ ଅଭିଜ୍ଞ। ୨୦୦୪ରୁ ୨୦୧୨ ପର୍ଯ୍ୟନ୍ତ ସେ ରାଜ୍ୟ ସଭା ସଦସ୍ୟ ଥିଲେ। ୧୯୯୧, ୧୯୯୬, ୨୦୦୯, ୨୦୧୪ ଓ ୨୦୧୯ ନିର୍ବାଚନରେ ଦଳୀୟ ଟିକେଟ୍‌ରେ ସେ ଲୋକ ସଭା ନିର୍ବାଚନରେ ପ୍ରାର୍ଥୀ ହୋଇ ପରାଜିତ ହୋଇଥିଲେ। ଏଥର ମଧ୍ୟ ଭାଜପା ତାଙ୍କୁ ପ୍ରାର୍ଥୀ କରିଛି। ଇତିମଧ୍ୟରେ ପ୍ରଚାର ଆରମ୍ଭ କରିଦେଇଥିବା ରୁଦ୍ର ନାରାୟଣ ରାଜ୍ୟ ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ ଟାର୍ଗେଟ କରୁଥିବା ଦେଖାଯାଉଛି। ୨୦୦୪ରୁ ୨୦୧୯ ପର୍ଯ୍ୟନ୍ତ ଢେଙ୍କାନାଳ ଲୋକ ସଭା ଆସନକୁ ବିଜେଡି ନିଜ ଅକ୍ତିଆରରେ ରଖି ଆସିଥିବା ବେଳେ ଏଥର ମଧ୍ୟ ଏହାକୁ କବ୍‌ଜା କରିବାକୁ ଯୋଜନା କରିଛି। ହେଲେ ଚଳିତ ନିର୍ବାଚନରେ ଭାଜପା ଏହାକୁ ଛଡ଼ାଇ ନେବା ସହ ଢେଙ୍କାନାଳରେ ଖାତା ଖୋଲିବା ଲକ୍ଷ୍ୟରେ ରହିଛି। ତେବେ କଂଗ୍ରେସ ପାଇଁ ଏହି ନିର୍ବାଚନ ଅଧିକ ଗୁରୁତ୍ୱ ବହନ କରୁଛି। କାରଣ ଏକଦା କଂଗ୍ରେସ ପକ୍ଷରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ ନେତା କାମାକ୍ଷା ପ୍ରସାଦ ସିଂହଦେଓ ଏଠାରୁ ୬ଥର ବିଜୟୀ ହୋଇ କେନ୍ଦ୍ରରେ ବହୁ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟ ସମ୍ଭାଳିଥିଲେ। ସେହିପରି ବର୍ତ୍ତମାନର କଂଗ୍ରେସ ପ୍ରାର୍ଥୀ ସସ୍ମିତାଙ୍କ ପିତା ଭଜମନ ବେହେରା ମଧ୍ୟ ୧୯୮୯ ମସିହାରେ ଜନତା ଦଳରୁ ଏହି ଆସନରୁ ପ୍ରାର୍ଥୀହୋଇ ବିଜୟୀ ହେବା ସହ କେନ୍ଦ୍ରରେ ମନ୍ତ୍ରୀ ରହିଥିଲେ। ତେଣୁ ଢେଙ୍କାନାଳ ଲୋକ ସଭା ଆସନ ୩ ପ୍ରମୁଖ ଦଳ ପାଇଁ ସମ୍ମାନର ପ୍ରଶ୍ନ ବୋଲି କୁହାଯାଉଛି।

## ବିଧାନସଭା ଆସନ ଲାଗି କଂଗ୍ରେସର ୭୫ ପ୍ରାର୍ଥୀ

| କ୍ର.ସଂ. | ନିର୍ବାଚନମଣ୍ଡଳୀ | ପ୍ରାର୍ଥୀଙ୍କ ନାମ |
|---|---|---|
| ୧ | ଅତାବିରା | ଅଭିଷେକ ସେଠ୍ |
| ୨ | ତଳସରା | ଦେବେନ୍ଦ୍ର ଭିତରିଆ |
| ୩ | କୁଚିଣ୍ଡା | କେଦାରନାଥ ବରିହା |
| ୪ | ରେଙ୍ଗାଲି | ଦିଲୀପ କୁମାର ଦୁରିଆ |
| ୫ | ସମ୍ବଲପୁର | ଦୁର୍ଗାପ୍ରସାଦ ପାଢ଼ୀ |
| ୬ | ରେଢ଼ାଖୋଲ | ଆସଫ୍ ଅଲ୍ଲୀ ଖାନ୍ |
| ୭ | ଦେବଗଡ଼ | ସେମ୍ ହେମ୍ବ୍ରମ୍ |
| ୮ | ତେଲକୋଇ | ନିର୍ମଳ ଚନ୍ଦ୍ର ନାୟକ |
| ୯ | ଘସିପୁରା | ସୁବ୍ରତ ଚକ୍ର |
| ୧୦ | ଆନନ୍ଦପୁର | ଜୟଦେବ ଯେନା |
| ୧୧ | ପାଟଣା | ହୃଷୀକେଶ ନାଏକ |
| ୧୨ | କେନ୍ଦୁଝର | ପ୍ରତିଭାମଞ୍ଜରୀ ନାୟକ |
| ୧୩ | ଚମ୍ପୁଆ | ଯଶୋବନ୍ତ ଲାଗୁରୀ |
| ୧୪ | ଯଶୀପୁର | ଶ୍ୱେତା ଛତର |
| ୧୫ | ସାରସକଣା | ରାମକୁମାର ସୋରେନ୍ |
| ୧୬ | ରାଇରଙ୍ଗପୁର | ଯୋଗେନ୍ଦ୍ର ବନ୍‌ରା |
| ୧୭ | ବାଙ୍ଗିରିପୋଷୀ | ମୁରଲୀଧର ନାଏକ |
| ୧୮ | କରଞ୍ଜିଆ | ଲକ୍ଷ୍ମୀଧର ସିଂ |
| ୧୯ | ଉଦଳା | ଦୁର୍ଗାଚରଣ ଟୁଡୁ |
| ୨୦ | ବାରିପଦା | ବାଦଲ ହେମ୍ବ୍ରମ |
| ୨୧ | ମୋରଡ଼ା | ପ୍ରଭାସ କୁମାର ମହାପାତ୍ର |
| ୨୨ | ଭୋଗରାଇ | ସତ୍ୟଶିବ ଦାସ |
| ୨୩ | ବସ୍ତା | ବିଜନ ନାୟକ |
| ୨୪ | ରେମୁଣା | ସୁଦର୍ଶନ ଜେନା |
| ୨୫ | ସୋର | ସୁବ୍ରତ ଧଡ଼ା |
| ୨୬ | ସିମୁଳିଆ | ହିମାଂଶୁ ଶେଖର ବେହେରା |
| ୨୭ | ଭଣ୍ଡାରିପୋଖରୀ | ନିରଞ୍ଜନ ପଟ୍ଟନାୟକ |
| ୨୮ | ଭଦ୍ରକ | ଅସିତ ପଟ୍ଟନାୟକ |
| ୨୯ | ବାସୁଦେବପୁର | ଅଶୋକ କୁମାର ଦାସ |
| ୩୦ | ଧାମନଗର | ରଞ୍ଜନ କୁମାର ବେହେରା |
| ୩୧ | ଚାନ୍ଦବାଲି | ଅମିୟ କୁମାର ମହାପାତ୍ର |
| ୩୨ | ବିଞ୍ଝାରପୁର | କନକଲତା ମଲ୍ଲିକ |
| ୩୩ | ବରୀ | ଆରତୀ ଦେଓ |
| ୩୪ | ଧର୍ମଶାଳା | କିଶନ ପଣ୍ଡା |
| ୩୫ | ଯାଜପୁର | ସୁଦୀପ କୁମାର କର |
| ୩୬ | କୋରେଇ | ବନ୍ଦିତା ପରିଡ଼ା |
| ୩୭ | ଢେଙ୍କାନାଳ | ସୁସ୍ମିତା ସିଂ ଦେଓ |
| ୩୮ | ହିନ୍ଦୋଳ | ଗୋବର୍ଦ୍ଧନ ଶେଖର ନାଏକ |
| ୩୯ | କାମାକ୍ଷାନଗର | ବିପ୍ରବର ସାହୁ |
| ୪୦ | ପରଜଙ୍ଗ | ରଞ୍ଜିତ କୁମାର ସାହୁ |
| ୪୧ | ତାଳଚେର | ପ୍ରଫୁଲ୍ଲ ଚନ୍ଦ୍ର ଦାସ |
| ୪୨ | ଅନୁଗୋଳ | ଅମ୍ବିକା ପ୍ରସାଦ ଭଞ୍ଜ |
| ୪୩ | ଛେଣ୍ଡିପଦା | ନରୋତ୍ତମ ନାୟକ |
| ୪୪ | ଆଠମଲ୍ଲିକ | ବିଜୟାନନ୍ଦ ଚାଉଳିଆ |
| ୪୫ | ବୀରମହାରାଜପୁର | ପ୍ରଦୀପ ସେଠୀ |
| ୪୬ | ସୋନପୁର | ପ୍ରିୟବ୍ରତ ସାହୁ |
| ୪୭ | ଟିଟିଲାଗଡ଼ | ବୀରେନ୍ଦ୍ର ବାଗ୍ |
| ୪୮ | ଖରିଆର | କମଳ ଚରଣ ତାଣ୍ଡି |
| ୪୯ | ବାଲିଗୁଡ଼ା | ଉପେନ୍ଦ୍ର ପ୍ରଧାନ |
| ୫୦ | ବଡ଼ମ୍ବା | ସଞ୍ଜୟ କୁମାର ସାହୁ |
| ୫୧ | ବାଙ୍କୀ | ଦେବାଶିଷ ପଟ୍ଟନାୟକ |
| ୫୨ | ଆଠଗଡ଼ | ମେହବୁବ୍ ଅହମ୍ମଦ ଖାଁ |
| ୫୩ | ଚୌଦ୍ୱାର-କଟକ | ମୀରା ମଲ୍ଲିକ |
| ୫୪ | ନିଆଳି | ଜ୍ୟୋତିରଞ୍ଜନ ମଲ୍ଲିକ |
| ୫୫ | କଟକ ସଦର | ରାମଚନ୍ଦ୍ର ଗୋଛାୟତ |
| ୫୬ | ସାଲେପୁର | ଆକ୍ୟୁବ୍ ଉଜାମନ୍ ଖାନ୍ |
| ୫୭ | ପାଟକୁରା | ରତିକାନ୍ତ କାନୁନ୍‌ଗୋ |
| ୫୮ | ଆଳି | ଦେବସ୍ମିତା ଶର୍ମା |
| ୫୯ | ପାରାଦୀପ | ନିରଞ୍ଜନ ନାୟକ |
| ୬୦ | ତିର୍ତ୍ତୋଲ | ହିମାଂଶୁ ଭୂଷଣ ମଲ୍ଲିକ |
| ୬୧ | ବାଲିକୁଦା-ଏରସମା | ନଳିନୀ ସ୍ୱାଇଁ |
| ୬୨ | ପୁରୀ | ସୁଜିତ୍ ମହାପାତ୍ର |
| ୬୩ | ବ୍ରହ୍ମଗିରି | ମିତ୍ରଭାନୁ ମହାପାତ୍ର |
| ୬୪ | ଜୟଦେବ | ଜୟନ୍ତ କୁମାର ଭୋଇ |
| ୬୫ | ଏକାମ୍ର-ଭୁବନେଶ୍ୱର | ପ୍ରଶାନ୍ତ କୁମାର ଚମ୍ପତି |
| ୬୬ | ଜଟଣୀ | ସନ୍ତୋଷ ଜେନା |
| ୬୭ | ବେଗୁନିଆ | ପୃଥ୍ୱୀବଲ୍ଲଭ ପଟ୍ଟନାୟକ |
| ୬୮ | ରଣପୁର | ବିଭୁପ୍ରସାଦ ମିଶ୍ର |
| ୬୯ | ନୟାଗଡ଼ | ରଞ୍ଜିତ ଦାଶ |
| ୭୦ | କବିସୂର୍ଯ୍ୟନଗର | ବିପିନ ବିହାରୀ ସ୍ୱାଇଁ |
| ୭୧ | ଖଲ୍ଲିକୋଟ | ଚିତ୍ରସେନ ବେହେରା |
| ୭୨ | ଆସିକା | ସୁରଭି ବିଶୋଇ |
| ୭୩ | ହିଞ୍ଜିଳି | ରଜନୀକାନ୍ତ ପାଢ଼ୀ |
| ୭୪ | ବ୍ରହ୍ମପୁର | ଦୀପକ ପଟ୍ଟନାୟକ |
| ୭୫ | ଦିଗପହଣ୍ଡି | ଶ୍ରୀଧର ଦେବ |

## ବିଧାନସଭା ଆସନ: କାହାର କେତେ ଘୋଷଣା ବାକି

**ଭାଜପାର ୩୫**

ରାଉରକେଲା, ତେଲକୋଇ, ଘସିପୁରା, ପାଟଣା, ଚମ୍ପୁଆ, ସାରସକଣା, ରାଇରଙ୍ଗପୁର, କରଞ୍ଜିଆ, ବାଙ୍ଗିରିପୋଷି, ଭୋଗରାଇ, ବସ୍ତା, ନୀଳଗିରି, ଭଣ୍ଡାରିପୋଖରୀ, ବାସୁଦେବପୁର, ବରୀ, ହିନ୍ଦୋଳ, ଝରିଗାଁ, ଡାବୁଗାଁ, ବାରବାଟୀ-କଟକ, ସାଲେପୁର, କେନ୍ଦ୍ରାପଡ଼ା, ରାଜନଗର, ବାଲିକୁଦା-ଏରସମା, ଜଗତ୍‌ସିଂହପୁର, କାକଟପୁର, ବେଗୁନିଆ, ଖୋର୍ଦ୍ଧା, ସାନଖେମୁଣ୍ଡି, ମୋହନା, ବିଷମକଟକ, ରାୟଗଡ଼ା, ଲକ୍ଷ୍ମୀପୁର, କୋଟପାଡ଼, ଜୟପୁର ଓ ଚିତ୍ରକୋଣ୍ଡା।

**ବିଜେଡିର ୩୦**

ପଦମ୍‌ପୁର, ରଘୁନାଥପାଲି, କୁଚିଣ୍ଡା, ଦେବଗଡ଼, ଆନନ୍ଦପୁର, ଚମ୍ପୁଆ, କରଞ୍ଜିଆ, ସାରସକଣା, ବାଙ୍ଗିରିପୋଷି, ଭୋଗରାଇ, ରେମୁଣା, ନୀଳଗିରି, ସିମୁଳିଆ, ବରୀ, ବଡ଼ଚଣା, କୋରେଇ, ହିନ୍ଦୋଳ, ଅନୁଗୋଳ, କଣ୍ଟାବାଞ୍ଜି, ଚିତ୍ରକୋଣ୍ଡା, ଖଣ୍ଡପଡ଼ା, କେନ୍ଦ୍ରାପଡ଼ା, ବାଲିକୁଦା-ଏରସମା, କାକଟପୁର, ନିମାପଡ଼ା, ଚିଲିକା, ବେଗୁନିଆ, ଖୋର୍ଦ୍ଧା, ସାନଖେମୁଣ୍ଡି ଏବଂ ଜୟପୁର।

**କଂଗ୍ରେସର ୨୬**

ଝାରସୁଗୁଡ଼ା, ବଡ଼ସାହି, ଜଳେଶ୍ୱର, ବାଲେଶ୍ୱର, ରେମୁଣା, ବଡ଼ଚଣା, ସୁକିନ୍ଦା, ପାଲଲହଡ଼ା, ଦଶପଲ୍ଲା, ବାରବାଟୀ-କଟକ, ଖଣ୍ଡପଡ଼ା, ମାହାଙ୍ଗା, କେନ୍ଦ୍ରାପଡ଼ା, ରାଜନଗର, ମହାକାଳପଡ଼ା, ଜଗତ୍‌ସିଂହପୁର, କାକଟପୁର, ନିମାପଡ଼ା, ସତ୍ୟବାଦୀ, ପିପିଲି, ଚିଲିକା, ଭୁବନେଶ୍ୱର-ମଧ୍ୟ, ଭୁବନେଶ୍ୱର-ଉତ୍ତର, ଖୋର୍ଦ୍ଧା, ଛତ୍ରପୁର ଏବଂ ଗୋପାଳପୁର।

**(ଖୋର୍ଦ୍ଧା, କେନ୍ଦ୍ରାପଡ଼ା ଏବଂ କାକଟପୁରରେ ବିଜେଡି, ଭାଜପା ଏବଂ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିନାହାନ୍ତି)**

# ଆଶାଠାରୁ ଅଧିକ କାରବାର

■ସିଜନ ଶେଷ ସୁଦ୍ଧା ୧୫% ବ୍ରିକି ଅଭିବୃଦ୍ଧି
■ବଜାରରେ ଶୀତତାପ ସାମଗ୍ରୀର ଚାହିଦା ବୃଦ୍ଧି

ଭୁବନେଶ୍ୱର,୧୪।୪ (ଅଭୟ ଦାଶ)



ଦିନକୁ ଦିନ ତାପମାତ୍ରାରେ ବୃଦ୍ଧି ସାଙ୍ଗକୁ ବଜାରରେ ଶୀତତାପ ସାମଗ୍ରୀ ଯଥା ଏୟାର କଣ୍ଡିଶନର (ଏସି), କୁଲର, ରେଫ୍ରିଜରେଟର ଏବଂ ଅନ୍ୟାନ୍ୟ ବର୍ଗର ଫ୍ୟାନ କାରବାର ସହିତ ଚାହିଦା ମଧ୍ୟ ବୃଦ୍ଧି ଘଟିଛି। ବିଶେଷ କରି ତାପମାତ୍ରା ବୃଦ୍ଧି ସାଙ୍ଗକୁ ପାଗ ପରିବର୍ତ୍ତନ ଯୋଗୁ ବଜାରରେ ସିଜନ କାରବାର ମଧ୍ୟ ବେଶ୍ ଉତ୍ସାହଜନକ ରହିଛି। ଉଲ୍ଲେଖଯୋଗ୍ୟ, ଘରୋଇ ବଜାର (ଭୁବନେଶ୍ୱର)ରେ ଏସି. କୁଲର, ଫ୍ୟାନର କାରବାର ଗତ କିଛି ସପ୍ତାହ ମଧ୍ୟରେ ଆଶାଠାରୁ ଅଧିକ କାରବାର କରିଛି। ଏପରିକି ଆଗକୁ ମଧ୍ୟ ଭଲ କାରବାର ହେବ ବୋଲି ଅଗ୍ରଣୀ ବୈଦ୍ୟୁତିକ ସାମଗ୍ରୀ ବିକ୍ରେତା ଯଥା ରାଜ ଇଲେକ୍ଟ୍ରୋନିକସ, ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସ, ପାତ୍ର ଇଲେକ୍ଟ୍ରୋନିକ୍ସ, ଭାରତ ଇଲେକ୍ଟ୍ରୋନିକସ, ରିଲାଏନ୍ସ ଡିଜିଟାଲ ସମେତ ଏଲଜି, ଭୋଲଟାସ, ପାନାସୋନିକ, ହାୟାର ଭଳି ଅଗ୍ରଣୀ କମ୍ପାନୀ ଆଉଟଲେଟ ପକ୍ଷରୁ ମଧ୍ୟ ସୂଚନା ଦିଆଯାଇଛି। ବିଶେଷ କରି ଆର୍ଥିକ ବର୍ଷ ଶେଷ ଓ ନୂଆ ଦର ସୂଚୀ ପୂର୍ବରୁ ମଧ୍ୟ ଗ୍ରାହକ ସେମାନଙ୍କର ଆବଶ୍ୟକତା ଓ ଚାହିଦା ମୁତାବକ ଏସି ଓ କୁଲର କିଣିଥିବା ବେଳେ ବର୍ତ୍ତମାନ ମଧ୍ୟ ଗ୍ରାହକ ଏସି ଓ କୁଲର କ୍ରୟ କରୁଛନ୍ତି। ଅପରପକ୍ଷରେ ତାପମାତ୍ରା ବୃଦ୍ଧି ପାଇଥିବାରୁ ଆଗକୁ ମଧ୍ୟ କାରବାରରେ ଅଭିବୃଦ୍ଧି ସହ ବଜାରରେ ମଧ୍ୟ ସିଜନ ଶେଷ ସୁଦ୍ଧା କାରବାର ପ୍ରାୟ ୧୨%ରୁ ୧୫% ବୃଦ୍ଧି ଘଟିବ। ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷର ତାପମାତ୍ରା ଅଧିକ ରହିଥିଲାବେଳେ ବଜାରରେ କମ୍ପାନୀଗୁଡିକର ନୂତନ ଉତ୍ପାଦ ଓ ଅତ୍ୟାଧୁନିକ ସାମଗ୍ରୀ ସୁବିଧାରେ ମିଳୁଥିବାବେଳେ ଗ୍ରାହକଙ୍କ ଚାହିଦା ମଧ୍ୟ ସେହି ଅନୁପାତରେ ବୃଦ୍ଧି ପାଇଛି। ଏପରିକି ଗତ ବର୍ଷର କାରବାରଠାରୁ ଚଳିତ ବର୍ଷ ବେଶ୍ ଉଚ୍ଚା ରହିବା ସହିତ କାରବାର ମଧ୍ୟ ଆଶାଠାରୁ ଅଧିକ ରହିବ ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି। ସେହିଭଳି ୨୦୨୪ ଏପ୍ରିଲ ପ୍ରଥମ ସପ୍ତାହରୁ ତାପମାତ୍ରା ୩୫ ଡିଗ୍ରୀରୁ ଅଧିକ ରହୁଥିଲାବେଳେ ଆଗକୁ ତାପମାତ୍ରା ବଢିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଏହାକୁ ନଜରରେ ରଖି ଆଶାୟୀ ଗ୍ରାହକମାନେ ମଧ୍ୟ ବଜାରରୁ ଏସି ଓ କୁଲର ଭଳି ପ୍ରମୁଖ ଶୀତତାପ ଉତ୍ପାଦ ସାଙ୍ଗକୁ ଫ୍ୟାନ ଓ ରେଫ୍ରିଜରେଟର ମଧ୍ୟ କ୍ରୟ କରୁଥିବା ବୈଦ୍ୟୁତିକ ସାମଗ୍ରୀ ବ୍ରିକେତା (ବ୍ୟବସାୟ) ମାନେ ମତପ୍ରକାଶ କରିଛନ୍ତି।

## ଏଫ୍‌ଡି ସୁଧ ହାରରେ ବୃଦ୍ଧି

ଭୁବନେଶ୍ୱର,୧୪।୪

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ବଜାଜ ଫିନ୍‌ସର୍ଭର ଅଗ୍ରଣୀ କମ୍ପାନୀ ବଜାଜ ଫାଇନାନ୍ସ ଲିମିଟେଡ୍ ପକ୍ଷରୁ ତା'ର ସମସ୍ତ ଅବଧିର ଫିକ୍ସଡ୍ ଡିପୋଜିଟ୍ (ଏଫ୍‌ଡି) ଉପରେ ସୁଧ ହାର ବୃଦ୍ଧି କରାଯାଇଛି, ଯାହା ୨୦୨୪ ଏପ୍ରିଲ୍ ୩ରୁ ଲାଗୁ ହୋଇଛି। ଏପରିକି ବରିଷ୍ଠ ନାଗରିକଙ୍କ ୨୫ରୁ ୩୫ ମାସିଆ ଏଫ୍‌ଡି ଉପରେ ସୁଧକୁ ୦.୬୦% ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବା ବେଳେ ୧୮ରୁ ୨୪ ମାସିଆ ଅବଧିର ଏଫ୍‌ଡି ସୁଧ ହାରରେ ୦.୪୦% ବୃଦ୍ଧି କରାଯାଇଛି। ସେହିଭଳି ସୁଧ ହାରରେ ବୃଦ୍ଧି କରାଯାଇଥିବାରୁ ବର୍ତ୍ତମାନ ସଞ୍ଚୟକାରୀମାନେ ଅଧିକ ସଞ୍ଚୟ କରିପାରିବେ ଏବଂ ଉତ୍ତମ ରିଟର୍ନ ମଧ୍ୟ ପାଇପାରିବେ। ବିଶେଷ କରି ଡିଜିଟାଲ୍ ମାଧ୍ୟମରେ ବୁକିଂ କରି ୪୨ମାସିଆ ଅବଧି ଉପରେ ବରିଷ୍ଠ ନାଗରିକମାନେ ୮.୮୫% ପର୍ଯ୍ୟନ୍ତ ଏବଂ ଅନ୍ୟମାନେ ୮.୬୦% ପର୍ଯ୍ୟନ୍ତ ସୁଧ ପାଇପାରିବେ।

## ଅତ୍ୟାବଶ୍ୟକ ସାମଗ୍ରୀର ଦର ଆକାଶଛୁଆଁ

ଭୁବନେଶ୍ୱର,୧୪।୪



ଦିନକୁ ଦିନ ଅତ୍ୟାବଶ୍ୟକ ସାମଗ୍ରୀର ଦର ଉଚ୍ଚ ରହିବାରୁ ଉଭୟ ଖାଉଟି ଓ ବ୍ୟବସାୟୀ ଚିନ୍ତାରେ ପଡ଼ିଛନ୍ତି। ବିଶେଷକରି ଘରୋଇ ବଜାରରେ ପରିବାଠାରୁ ଆରମ୍ଭକରି ଖାଇବା ତେଲ ଦର ଆକାଶଛୁଆଁ ରହିଛି। ଫଳରେ ଖାଉଟି ଅତିରିକ୍ତ ଖର୍ଚ୍ଚାନ୍ତରେ ଆଉଟୁପାଉଟୁ ହେଉଛନ୍ତି। ଗତ ସପ୍ତାହ ମଧ୍ୟରେ ଆଳୁଠାରୁ ଆରମ୍ଭକରି ଚାଉଳ, ଖାଇବା ତେଲଠାରୁ ଆରମ୍ଭକରି ମସଲା ପର୍ଯ୍ୟନ୍ତ ସବୁଥିରେ ଦର ୧୦ରୁ ୨୦ ଟଙ୍କା ବୃଦ୍ଧି ପାଇଛି। ସେହିଭଳି ଘରୋଇ ବଜାରରେ ଖାଇବା ତେଲ, ଡାଲି, ରସୁଣ, ପିଆଜ, ଅଟା ଭଳି ପ୍ରମୁଖ ଅତ୍ୟାବଶ୍ୟକ ସାମଗ୍ରୀର ଦର ମଧ୍ୟ ଅହେତୁକ ଭାବେ ବୃଦ୍ଧି ଘଟିଛି। ଉଲ୍ଲେଖଯୋଗ୍ୟ, ଚଳିତ ସପ୍ତାହରେ ଆଳୁ କୁଇଣ୍ଟାଲ ୨୨୦୦ରୁ ୨୫୦୦ଟଙ୍କାରେ ବିକ୍ରି ହେଉଥିଲାବେଳେ ଡାଲି ଜାତୀୟ ସାମଗ୍ରୀର ଦର ମଧ୍ୟ ୩୫୦୦ରୁ ୭୦୦୦ ଟଙ୍କା, ଖାଇବା ତେଲ ଟିଣ ପିଛା ୧୮୦୦ରୁ ୨,୦୦୦ଟଙ୍କା, ରସୁଣ କୁଇଣ୍ଟାଲ ୨୪,୦୦୦ରୁ ୨୮,୦୦୦ ଟଙ୍କା ଥିଲାବେଳେ ପିଆଜ ମଧ୍ୟ ୩,୦୦୦ରୁ ୫୦୦୦ ଟଙ୍କାରେ କାରବାର ହେଉଛି। ସେହିପରି ପନିପରିବା ଦର ପ୍ରତି ସପ୍ତାହରେ ପରିବର୍ତ୍ତନ ହେଉଥିଲାବେଳେ ଚାଉଳ, ଗ୍ୟାସ ଭଳି ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀର ଦର ମଧ୍ୟ ଆକାଶଛୁଆଁ ରହିଛି।

## ବଢ଼ିପାରେ ଅଶୋଧିତ ତୈଳ ଦର

ଭୁବନେଶ୍ୱର,୧୪।୪(ଅନୁରାଧା ମହାରଣା)

ପଶ୍ଚିମ ଏସିଆରେ ଭୌଗୋଳିକ ତିକ୍ତତା ବଢ଼ିବାରେ ଲାଗିଛି। ପ୍ରଥମ ଥର ପାଇଁ ଇରାନ ଏବଂ ଇସ୍ରାଏଲ ମୁହାଁମୁହିଁ ହୋଇଛନ୍ତି। ଏହି ତିକ୍ତତାର ପ୍ରଭାବ ସମଗ୍ର ବିଶ୍ୱରେ ଦେଖିବାକୁ ମିଳିପାରେ। ଭାରତରେ ମଧ୍ୟ ଏହି ସଙ୍କଟ ଲୋକଙ୍କ ପକେଟ ଉପରେ ପଡିପାରେ। ଶୁକ୍ରବାର ବ୍ରେଣ୍ଟ କ୍ରୁଡ୍ ୭୧ ପ୍ରତିଶତ ବୃଦ୍ଧି ପାଇ ବ୍ୟାରେଲ ପ୍ରତି ୯୦.୪୫ ଡଲାରରେ ପହଞ୍ଚିଛି। ଏଥିସହିତ ଆମେରିକୀୟ ୱେଷ୍ଟ ଟେକ୍ସାସ ଇଣ୍ଟରମିଡିଏଟ୍ ଅଶୋଧିତ ତୈଳ ମୂଲ୍ୟ ୬୪ ପ୍ରତିଶତ ବୃଦ୍ଧି ପାଇ ବ୍ୟାରେଲ ପ୍ରତି ୮୫.୬୬ ଡଲାରରେ ପହଞ୍ଚିଛି। ଅଶୋଧିତ ତୈଳର ମୂଲ୍ୟ ଡଲାର ପ୍ରତି ୧୦୦ ଟଙ୍କା ଅତିକ୍ରମ କରିପାରେ ବୋଲି ଆଶଙ୍କା କରାଯାଉଛି। ଗତ ସପ୍ତାହର ସ୍ଥିତି ଅନୁସାରେ ବ୍ରେଣ୍ଟ କ୍ରୁଡ୍ ମୂଲ୍ୟର ୦.୮୦ ପ୍ରତିଶତ ହ୍ରାସ ହୋଇଥିବାବେଳେ ୱେଷ୍ଟ ଟେକ୍ସାସ ଇଣ୍ଟରମିଡିଏଟର ମୂଲ୍ୟ ୧ ପ୍ରତିଶତରୁ ଅଧିକ ହ୍ରାସ ପାଇଥିଲା। ମାତ୍ର ଆକ୍ରମଣର ଭୟ ଯୋଗୁ ସପ୍ତାହ ଶେଷରେ ମୂଲ୍ୟ ବଢ଼ିବାରେ ଲାଗିଛି। ସୂଚନାଥାଉ କି, ଶନିବାର ବିଳମ୍ବିତ ରାତିରେ ଇରାନ ୨୦୦ରୁ ଅଧିକ ଡ୍ରୋନ ଏବଂ କ୍ଷେପଣାସ୍ତ୍ର ଇସ୍ରାଏଲ ଉପରେ ଆକ୍ରମଣ କରିଥିଲା। ଯଦି ଇରାନ ଏବଂ ଇସ୍ରାଏଲ ମଧ୍ୟରେ ବୃଦ୍ଧି ପାଉଥିବା ତିକ୍ତତା ନ କମେ ଅଶୋଧିତ ତୈଳ ମୂଲ୍ୟ ଉପରେ ସିଧାସଳଖ ଏହାର ପ୍ରଭାବ ପଡ଼ିବ। ଯୁଦ୍ଧ ଆରମ୍ଭ ହେଲେ ଅଶୋଧିତ ତୈଳ ପ୍ରତି ବିଲିୟନ ଡଲାର ପିଛା ୧୦୦ ଡଲାର ସ୍ତରକୁ ଅତିକ୍ରମ କରିପାରେ। ଅଶୋଧିତ ତୈଳ ମୂଲ୍ୟରେ ବୃଦ୍ଧି ହେତୁ ଭାରତ ଅଧିକ କ୍ଷତି ସହିପାରେ, କାରଣ ଭାରତ ଏହାର ୯୦% ଅଶୋଧିତ ତୈଳ ଅନ୍ୟ ଦେଶରୁ କ୍ରୟ କରିଥାଏ। ଯଦି ଅଶୋଧିତ ତୈଳ ମୂଲ୍ୟ ୧୦୦ ଡଲାର ଅତିକ୍ରମ କରେ ତେବେ ଭାରତର ସାଧାରଣ ଲୋକ ମଧ୍ୟ କ୍ଷତି ସହିପାରନ୍ତି। ଯଦି ଅଶୋଧିତ ତୈଳ ବୃଦ୍ଧି ସହ ଭାରତରେ ଡିଜେଲ ଏବଂ ପେଟ୍ରୋଲର ମୂଲ୍ୟ ବୃଦ୍ଧି ହୋଇପାରେ।

## ଆଇଏମ୍‌ଏମ୍‌ଟିରେ ବାବାସାହେବ ଆମ୍ବେଡ଼କର ଜୟନ୍ତୀ

ଭୁବନେଶ୍ୱର,୧୪।୪



ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଖଣିଜ ଏବଂ ବସ୍ତୁ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଏମ୍‌ଏମ୍‌ଟି) ଭୁବନେଶ୍ୱର ପକ୍ଷରୁ ସମ୍ବିଧାନ ପ୍ରଣେତା ଡ. ବି.ଆର୍.ଆମ୍ବେଡକରଙ୍କ ୧୩୩ ତମ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆଇଏମ୍‌ଏମ୍‌ଟି (ସିଏସ୍‌ଆଇଆର-ଆଇଏମ୍‌ଏମ୍‌ଟି) ଭୁବନେଶ୍ୱରର ଏସ୍.ଏସ୍.ଭଟ୍ଟନାଗର ହଲରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଡ.ବି.ଆର୍ ଆମ୍ବେଡକର ଜୟନ୍ତୀ ଉତ୍ସବ କମିଟିର ଉପାଧ୍ୟକ୍ଷ ଡ. ଏନ୍.କେ. ଧଳ ଅତିଥି ପରିଚୟ କରାଇ ଥିଲାବେଳେ ସିଏସ୍‌ଆଇଆର୍-ଆଇଏମ୍‌ଏମଟି ଭୁବନେଶ୍ୱରର ନିର୍ଦ୍ଦେଶକ ଡ.ରାମାନୁଜ ନାରାୟଣ ସ୍ୱାଗତ ଅଭିଭାଷଣ ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଓଇଆର୍‌ସିର ପୂର୍ବତନ ଅଧ୍ୟକ୍ଷ ଉପେନ୍ଦ୍ର ନାଥ ବେହେରା ଆଇଏଏସ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସଭାକୁ ସମ୍ବୋଧିତ କରି ଡ. ବି.ଆର୍.ଆମ୍ବେଡ଼କରଙ୍କ ଜୀବନ ଓ ସଫଳତା ଉପରେ ବିସ୍ତୃତ ମତ ଉପସ୍ଥାପନ କରିଥିଲେ। ବିଶିଷ୍ଟ ସାମାଜିକକର୍ମୀ ତଥା ଜାତିସଂଘର ଆନ୍ତର୍ଜାତିକ ମାନବାଧିକାର ସଦସ୍ୟ ଡ. ଦିଲୀପ କୁମାର ବେହେରା କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲାବେଳେ ସେ ଡ. ବି ଆର୍ ଆମ୍ବେଡକରଙ୍କ ଜୀବନ ଇତିହାସ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିବା ସହ ସମାଜର ଦୁର୍ବଳ ଶ୍ରେଣୀର ଉନ୍ନତି ଉପରେ ଗୁରୁତ୍ୱାରୋପ କରିଥିଲେ।

ଏହାବ୍ୟତୀତ ଆରଆରଏଲ ପ୍ରୋଜେକ୍ଟ ୟୁପି ସ୍କୁଲର ଶ୍ରେଷ୍ଠ ପ୍ରଦର୍ଶନକାରୀ ଓ ବିଭିନ୍ନ ପ୍ରତିଯୋଗିତାର ବିଜେତାଙ୍କୁ ଡ.ବେହେରା ପୁରସ୍କାର ପ୍ରଦାନ କରିଥିଲେ।

## ଗ୍ରାମୀଣ ବିକାଶରେ କେଭିଆଇସିର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର,୧୪।୪

ଦେଶର ବିକାଶ ଓ ଅର୍ଥନୀତିର ଅଭିବୃଦ୍ଧି ଗ୍ରାମଣୀ ବିକାଶ ଉପରେ ନିର୍ଭର କରୁଥିବାବେଳେ ସରକାର ଗ୍ରାମାଣୀ ବିକାଶ ପାଇଁ ବିଭିନ୍ନ ପ୍ରକାରର ସହଯୋଗ ଓ ସହାୟତା ଯୋଗାଇ ଦେଉଛନ୍ତି। ବିଶେଷ କରି ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ (କେଭିଆଇସି)ର ଭୂମିକା ଗ୍ରାମୀଣ ବିକାଶ କ୍ଷେତ୍ରରେ ଅନେକ ଗୁରୁତ୍ୱ ବହନ କରୁଛି ବୋଲି ନିକଟରେ ଭୁବନେଶ୍ୱରଠାରେ ଆୟୋଜିତ ଏକ ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେଇ କେଭିଆଇସିର ଅଧ୍ୟକ୍ଷ ମନୋଜ କୁମାର ଏଭଳି କିଛି ମତପ୍ରକାଶ କରିଛନ୍ତି। ଅପରପକ୍ଷରେ ସେ ହନି ମିଶନ ଓ ଗ୍ରାମୋଦ୍ୟୋଗ ବିକାଶ ଯୋଜନା ଅଧିନରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପର ଘୋଷଣା କରିଛନ୍ତି। ଏହି ଅବସରରେ ସେ କାରିଗରମାନଙ୍କୁ ଯନ୍ତ୍ରପାତି ଓ ଟୁଲ୍‌କିଟ ସହାୟତା ପ୍ରଦାନ କରି ସେମାନଙ୍କର ଦକ୍ଷତାକୁ ସୁଦୃଢ଼ କରିବା ଓ ପାରମ୍ପରିକ ଶିଳ୍ପଗୁଡ଼ିକର ବିକାଶ ପାଇଁ ଏକ ଲକ୍ଷ୍ୟ ସହିତ ବି-ବକ୍ସ, ଇଲେକ୍ଟ୍ରିକ ପୋଟର୍ସ ହ୍ୱିଲ୍, ପେପର୍ ମେଶିନ ଓ ସବାଇ ଗ୍ରାସ୍ ବ୍ୟାନ୍ ନିର୍ମାଣକାରୀ ଟୁଲ୍ ବିତରଣ କରିଥିଲେ। ସେହିଭଳି ସ୍ୱଦେଶୀ ଶିଳ୍ପଗୁଡ଼ିକୁ ସହଯୋଗ କରିବାର ମହତ୍ୱ ଉପରେ ମନୋଜ କୁମାର ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଓଡିଶାର ସମ୍ବଲପୁରୀ ଇକ୍କତ, ବୋମ୍‌କାଇ ସିଲ୍କ, ବ୍ରହ୍ମପୁରୀ ପାଟ ଓ ନବପାଟଣା ଟସର ସିଲ୍କ ଶାଢୀ ପାଇଁ ବିଶ୍ୱପ୍ରସିଦ୍ଧ ଲାଭ କରିଥିଲାବେଳେ ପ୍ରତ୍ୟେକ ଶାଢୀ ସାଂସ୍କୃତିକ ଐତିହ୍ୟରେ ସମୃଦ୍ଧ ସ୍ୱତନ୍ତ୍ର ବୁଣା ପଦ୍ଧତି, ସୂକ୍ଷ୍ମ ଡିଜାଇନ ଓ ଜୀବନ୍ତ ରଙ୍ଗଗୁଡିକର ପ୍ରତିନିଧିତ୍ୱ କରୁଛି। ଏହି କ୍ଷେତ୍ରରେ ରହିଥିବା ଅନେକ ସୁଯୋଗଗୁଡିକୁ ଦୃଷ୍ଟିରେ ରଖି କେଭିଆଇସି ଆମର କାରିଗରମାନଙ୍କର ଲାଭ ପାଇଁ ଆଞ୍ଚଳିକ ସୁଯୋଗଗୁଡିକୁ ଉପଯୋଗ କରିବା ପାଇଁ ପ୍ରସ୍ତୁତ ରହିଛି। ଗ୍ରାମୋଦ୍ୟୋଗ ବିକାଶ ଯୋଜନା ଅଧିନରେ କାରିଗରମାନଙ୍କୁ ବିଭିନ୍ନ କ୍ଷେତ୍ର ଯେପରିକି ବି-କିପିଙ୍ଗ ବା ମହୁମାଛି ଚାଷ,ପୋଟେରି ବା କୁମ୍ଭାର କାର୍ଯ୍ୟ, ଧୂପ ତିଆରି କାର୍ଯ୍ୟ ଆଦିରେ ତାଲିମ ଓ ଉପକରଣ ସହ ସୁସଜ୍ଜିତ କରାଯାଉଛି।

**ନୀତି ରାଜନୀତି**

# ଓଡ଼ିଶାର ଇଣ୍ଡିଆ ମେଣ୍ଟରେ ବଢ଼ିଲା ଫାଟ

ଭୁବନେଶ୍ୱର, ୧୪।୪(ସୁନିତ୍ ମିଶ୍ର)

■ଅଜୟ୍ କୁମାର, ଶରତ ପଟ୍ଟନାୟକ ଫୋନ୍ ଉଠାଉ ନାହାନ୍ତି: ରବି ବେହେରା
■ ରାଜ୍ୟରେ କେତେ ପ୍ରାର୍ଥୀ ଦିଆଯିବ ସେକଥା ଆଜି ସ୍ଥିର ହେବ: ଜନାର୍ଦ୍ଦନ
■ମୟୂରଭଞ୍ଜ ଆସନ ଜେଏମ୍‌ଏମ୍ ପାଇଁ ଘୋଷଣା କରିପାରେ କଂଗ୍ରେସ

ଓଡ଼ିଶାରେ ଶାସକ ବିଜେଡି ଏବଂ ଭାଜପା ବିରୋଧରେ ଲଢୁଥିବା କଂଗ୍ରେସ ସମେତ ୧୭ ଦଳକୁ ନେଇ ଗଠିତ ଇଣ୍ଡିଆ ମେଣ୍ଟରେ ଏକପ୍ରକାର ଫାଟ ସୃଷ୍ଟି ହୋଇଛି। ସମାଜବାଦୀ ପାର୍ଟିର ରାଜ୍ୟ ସଭାପତି ରବି ବେହେରା ସିଧାସଳଖ କଂଗ୍ରେସ ବିରୋଧରେ ମତ ରଖିଛନ୍ତି। ବାରମ୍ବାର ମେଣ୍ଟ ଆଲୋଚନା ସତ୍ତ୍ୱେ କଂଗ୍ରେସ ଯେତିକି ଆସନ ଛାଡ଼ିବା କଥା ସେତିକି ମେଣ୍ଟକୁ ଛାଡ଼ି ନ ଥିବା ରବି ଅଭିଯୋଗ କରିବା ସହ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ଏବଂ ଓଡ଼ିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାର ତାଙ୍କ ଟେଲିଫୋନ ଉଠାଉ ନ ଥିବା କହିଛନ୍ତି। ଅନ୍ୟପଟେ ସିପିଆଇ(ଏମ୍)ର ବରିଷ୍ଠ ନେତା ଜନାର୍ଦ୍ଦନ ପତି ମଧ୍ୟ କଂଗ୍ରେସ ଆଭିମୁଖ୍ୟକୁ ନିନ୍ଦା କରିଛନ୍ତି। ସେ କହିଛନ୍ତି ଯେ, କଂଗ୍ରେସ ୟୁନାଇଟେଡ୍ ଫ୍ରଣ୍ଟର ନିୟମକୁ ଠିକ୍ ଭାବେ ପାଳନ କଲାନାହିଁ। ବିଜେଡି-ଭାଜପା ମଧ୍ୟରେ ଯେଉଁ ସମ୍ପର୍କ ରହିଛି ସେକଥା ରାଜ୍ୟବାସୀ ବୁଝିସାରିଛନ୍ତି। ହେଲେ କଂଗ୍ରେସ ସବୁ ଦଳକୁ ନେଇ ଯେଉଁ କାର୍ଯ୍ୟକ୍ରମ ଏହା ବିରୋଧରେ କରିବା କଥା, ତାହା କଲା ନାହିଁ। ସିପିଆଇ(ଏମ୍)ର ସମ୍ପାଦକ ମଣ୍ଡଳୀ ବୈଠକ ସୋମବାର ଅନୁଷ୍ଠିତ ହେବ। ସେଥିରେ ଦଳ ରାଜ୍ୟରେ କେତୋଟି ଆସନରେ ପ୍ରାର୍ଥୀ ଦେବ ତାହା ବୃତ୍ତାନ୍ତ ହେବ। ବଣାଇ ବିଧାନସଭା ଆସନ ଯାହା ସିପିଆଇ(ଏମ୍)କୁ କଂଗ୍ରେସ ଛାଡ଼ିବା କଥା ଘୋଷଣା କରିଛି, ତାହା କିଛି ବଡ଼ କଥା ନୁହେଁ। କାରଣ ଏହି ଆସନ ସିପିଆଇ(ଏମ୍) ହାତରେ ଥିଲା ବୋଲି ଜନାର୍ଦ୍ଦନ କହିଛନ୍ତି।

ସମାଜବାଦୀ ପାର୍ଟିର କାର୍ଯ୍ୟକାରିଣୀ ବୈଠକରେ ଦଳ ୨ଟି ଲୋକ ସଭା ଏବଂ ୨୩ଟି ବିଧାନସଭା ଆସରେ ନିର୍ବାଚନ ଲଢ଼ିବ ବୋଲି ଘୋଷଣା କରିଛି। ଏହି ଅବସରରେ ରବି ବେହେରା କହିଛନ୍ତି, ଓଡିଶାରେ 'ଇଣ୍ଡିଆ ମେଣ୍ଟ'କୁ ଆଗକୁ ନେବାରେ କଂଗ୍ରେସ ନେତୃତ୍ୱର ଅହଙ୍କାର ଓ ଅବହେଳା ନିନ୍ଦନୀୟ। କଂଗ୍ରେସ ନେତୃତ୍ୱରେ ଇଣ୍ଡିଆ ମେଣ୍ଟ ୧୭ ବାମ ଗଣତାନ୍ତ୍ରିକ ଦଳ ସହିତ ଆଲୋଚନା କରି ପ୍ରାର୍ଥୀ ଦେଇଥିଲେ ଫାଶିବାଦୀ ବିରୋଧରେ ଲଢ଼େଇ ଆହୁରି ଶକ୍ତିଶାଳୀ ହୋଇଥାଆନ୍ତା ବୋଲି ସେ କହିଛନ୍ତି। ଅନ୍ୟପଟେ ସିପିଏମ୍ ଭୁବନେଶ୍ୱର ଲୋକ ସଭା ଆସନ ଚାହୁଁଥିବା ବେଳେ ସିପିଆଇ ସୁନ୍ଦରଗଡ଼ ଏବଂ ଜଗତସିଂହପୁର ଲୋକ ସଭା ଆସନରେ ପ୍ରାର୍ଥୀ ଦେବାକୁ ମେଣ୍ଟ ବୈଠକରେ ପ୍ରସ୍ତାବ ଦେଇଥିଲା। ହେଲେ ଦଳ ସେକଥା ଉପରେ ମଧ୍ୟ ନଜର ଦେଇନାହିଁ।

ସୂଚନାଯୋଗ୍ୟ ଯେ, ଦୁଇଟି ପର୍ଯ୍ୟାୟରେ କଂଗ୍ରେସ ରାଜ୍ୟରେ ୧୭ଟି ଲୋକ ସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିସାରିଛି। ହେଲେ ଏହି ୧୭ ଆସନ ମଧ୍ୟରୁ କୌଣସି ଗୋଟିଏ ଆସନ କଂଗ୍ରେସ ପକ୍ଷରୁ ଇଣ୍ଡିଆ ମେଣ୍ଟ ପାଇଁ ଛଡ଼ାଯାଇ ନାହିଁ। ମୟୂରଭଞ୍ଜ, ଆସିକା, ସମ୍ବଲପୁର ଏବଂ କଟକ ଲୋକ ସଭା ଆସନରେ ଦଳ ଏଯାଏ ପ୍ରାର୍ଥୀ ଘୋଷଣା କରିନାହିଁ। ହେଲେ କଂଗ୍ରେସ ମୟୂରଭଞ୍ଜ ଆସନକୁ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ) ପାଇଁ ଛାଡ଼ିବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ଜେଏମ୍‌ଏମ ଏହି ଆସନରେ ଶିବୁ ସୋରେନଙ୍କ ଝିଅ ଅଞ୍ଜନୀ ସୋରେନଙ୍କୁ ପ୍ରାର୍ଥୀ କରିସାରିଲାଣି। ଅନ୍ୟପଟେ ବାକି ୩ ଲୋକ ସଭା ଆସନ ସମ୍ବଲପୁର, କଟକ ଏବଂ ଆସିକା ପାଇଁ ଦଳ ପରବର୍ତ୍ତୀ କେନ୍ଦ୍ରୀୟ ନିର୍ବାଚନ କମିଟି(ସିଇସି) ବୈଠକ ପରେ ଘୋଷଣା କରିବ ବୋଲି ଦଳର ଜଣେ ବରିଷ୍ଠ ନେତା ସୂଚନା ଦେଇଛନ୍ତି। ହେଲେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ସମ୍ବଲପୁର ଏବଂ କଟକ ଆସନ ପାଇଁ ଦଳ ଏ ପର୍ଯ୍ୟନ୍ତ ପ୍ରାର୍ଥୀ ଚୟନ କରିପାରୁ ନାହିଁ। ଏଥିଲାଗି ଏହି ଦୁଇ ଆସନରେ ପ୍ରାର୍ଥୀ ଘୋଷଣା ବିଳମ୍ବ ହେଉଛି। ପ୍ରାର୍ଥୀ ଘୋଷଣାରେ ଯେତିକି ବିଳମ୍ବ ହେବ ପ୍ରଚାର କାର୍ଯ୍ୟ ସେତେ ପ୍ରଭାବିତ ହେବ। ଏହାକୁ ନେଇ ଦଳ ଉପରେ ବହୁ ନେତା ଅସନ୍ତୋଷ ବ୍ୟକ୍ତ କରିବା ଆରମ୍ଭ କରିଦେଲେଣି।

## ପ୍ରାର୍ଥୀ ଘୋଷଣା ନେଇ ଭାଜପାକୁ ଛିଗୁଲେଇଲା ବିଜେଡି

ଭୁବନେଶ୍ୱର, ୧୪।୪(ସୁନିତ୍ ମିଶ୍ର)

ନାମାଙ୍କନ ଆଗରୁ ଘୋଷଣା କରିବେ ବୋଲି ଆଶା:ଇପ୍ସିତା

ବିଜେଡି ରାଜ୍ୟର ୧୧୭ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିସାରିଥିବା ବେଳେ ଭାଜପା ୧୧୨ ଆସନ ପାଇଁ ପ୍ରାର୍ଥୀ ତାଲିକା ପ୍ରକାଶ କରିସାରିଛି। ତେବେ ଏଭଳି ସ୍ଥିତିରେ ଗତ ୧୦ ତାରିଖ ପରଠାରୁ ଭାଜପା ପରବର୍ତ୍ତୀ ପ୍ରାର୍ଥୀ ତାଲିକା ପ୍ରକାଶ ନ କରିବା ନେଇ ବିଜେଡି ବିରୋଧୀ ନେତାଙ୍କୁ ଇଙ୍ଗିତ କରିବା ଆରମ୍ଭ କରିଦେଇଛି। ବିଜେଡି ପ୍ୟାନେଲିଷ୍ଟ ଇପ୍ସିତା ସାହୁ ତାଙ୍କ 'ଏକ୍ସ' ଆକାଉଣ୍ଟରେ ପୋଷ୍ଟ କରି କହିଛନ୍ତି ଯେ, ଓଡ଼ିଶା ଭାଜପାର ବରିଷ୍ଠ ନେତାଙ୍କ ପ୍ରାର୍ଥୀ ଖୋଜା ଚାଲିଛି ଯେ ଚାଲିଛି। ଏହା ସରିବାର ନାଁ ନେଉନାହିଁ। ଗତ ୧୦ ତାରିଖରୁ ବାରମ୍ବାର କରି ସେମାନଙ୍କ ଦଳର ନେତାମାନେ କହୁଛନ୍ତି ଆଜି ପ୍ରାର୍ଥୀ ତାଲିକା ଆସିଯିବ ନ ହେଲେ ଦୁଇରୁ ୩ ଦିନ ମଧ୍ୟରେ ଆସିଯିବ। ହେଲେ ତାଲିକା କିନ୍ତୁ ଆସୁନାହିଁ। ଲାଗୁଛି ଓଡ଼ିଶା ଭାଜପାର ପ୍ରାର୍ଥୀ ଖୋଜା ଅଭିଯାନ ସରିନି। ଯାହାକୁ ଯେଉଁଠାରୁ ପାରିଲେ ଦଳରେ ସିନା ମିଶାଇଦେଲେ, ହେଲେ ସେମାନେ ଯେଉଁମାନେ ଆସୁଛନ୍ତି ସେମାନେ ପ୍ରାର୍ଥୀ ହେବାକୁ ରାଜି ନାହାନ୍ତି। ରାଜ୍ୟ ଭାଜପାର ସ୍ଥିତି ଦେଖି ପରାଜୟ ଭୟରେ ବିଜେଡି ପ୍ରାର୍ଥୀଙ୍କୁ ସାମ୍ନା କରିବାକୁ ଅସମର୍ଥ ଥିବା ଦଳୀୟ ନେତୃତ୍ୱଙ୍କୁ ଜଣାଇ ସାରିଲେଣି। ନାମାଙ୍କନ ଦାଖଲ ଆଗରୁ କମ୍‌ସେ କମ୍ ଓଡ଼ିଶା ଭାଜପା ନିଜର ପ୍ରାର୍ଥୀ ତାଲିକା ଘୋଷଣା କରିଦେବ ବୋଲି ବିଜେଡି ଆଶା କରୁଥିବା ଇପ୍ସିତା କହିଛନ୍ତି।

## ରାଜ୍ୟ ସରକାରଙ୍କୁ ଧର୍ମେନ୍ଦ୍ରଙ୍କ ଟାର୍ଗେଟ

ଭୁବନେଶ୍ୱର, ୧୪।୪
(ସୁନିତ୍ ମିଶ୍ର)

ଖଣିଜ ପାଣ୍ଠିରେ '୬୪୦୫ କୋଟିରୁ ମାତ୍ର ୮୬୦ କୋଟି ବ୍ୟୟ କରିଛନ୍ତି ସରକାର'

ସୁନ୍ଦରଗଡ଼ ଜିଲାରେ ପ୍ରଶାସନ ନ ଶୁଣିବାରୁ ଗ୍ରାମବାସୀ ନିଜେ ରାସ୍ତା ନିର୍ମାଣ କରିବା ଏବଂ କେନ୍ଦ୍ରାପଡ଼ାରେ ପାଣି ନାହିଁ ତ ଭୋଟ ନାହିଁ ବୋଲି ଲୋକମାନେ ସ୍ୱର ଉଠାଇବା ଆରମ୍ଭ କରିଥିବା ଘଟଣାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ଧର୍ମେନ୍ଦ୍ର ଏହି ପ୍ରସଙ୍ଗ ନେଇ 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି ଯେ, ଜନଜାତି ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନର ବିକାଶ ପାଇଁ ମୋଦି ସରକାର ଜିଲା ଖଣିଜ ପାଣ୍ଠି (ଡିଏମ୍‌ଏଫ୍)ର ବ୍ୟବସ୍ଥା କରିଛନ୍ତି। ଖଣିସମୃଦ୍ଧ ଅଞ୍ଚଳ ସୁନ୍ଦରଗଡ଼କୁ ଡିଏମ୍‌ଏଫ୍‌ରେ ମୋଟ ୬,୪୦୫ କୋଟି ଟଙ୍କା ଆସିଥିବା ବେଳେ ମାତ୍ର ୮୬୦ କୋଟି ବ୍ୟୟ ହୋଇଛି। ଜିଲା ଖଣିଜ ପାଣ୍ଠି ଅର୍ଥରେ ସରକାରୀ ଅଧିକାରୀ ବ୍ୟୟବହୁଳ ଗାଡ଼ି କିଣୁଛନ୍ତି। ସୁନ୍ଦରଗଡ଼ ସର୍କିଟ ହାଉସର ପାଚେରି ନିର୍ମାଣ ହେଉଥିବା ବେଳେ ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ବଡ଼ପୁରୁଣାପାଣି ପଞ୍ଚାୟତ କପଣ୍ଡ ଗ୍ରାମରେ ରାସ୍ତା ନିର୍ମାଣହୋଇପାରୁନାହିଁ। ଗ୍ରାମବାସୀଙ୍କୁ ନିଜେ ରାସ୍ତା ନିର୍ମାଣ କରିବାକୁ ପଡୁଛି, ଯାହା କ୍ଷୋଭ ଓ ପରିତାପର ବିଷୟ। ସରକାର ତଥା ଜିଲା ପ୍ରଶାସନ ନିଜ ଦାୟିତ୍ୱରୁ ଓହରିଯିବା କେତେଦୂର ଯୁକ୍ତିଯୁକ୍ତ ଉତ୍ତର ରଖନ୍ତୁ। ଯେଉଁ ଖଣି ଅଞ୍ଚଳର ଅଧିବାସୀମାନଙ୍କ ପାଇଁ ଡିଏମ୍‌ଏଫ୍ ପାଣ୍ଠି ଉଦ୍ଦିଷ୍ଟ, ସେମାନେ ବର୍ତ୍ତମାନ ସର୍ବନିମ୍ନ ନାଗରିକ ସୁବିଧା ପାଇବାରୁ ବଞ୍ଚିତ ହେବା କ'ଣ ସ୍ଥାନୀୟ ସରକାରର ଦୀର୍ଘ ୨୫ ବର୍ଷ ଶାସନର ରୂପାନ୍ତରଣ କି ବୋଲି ସେ ପ୍ରଶ୍ନ କରିଛନ୍ତି। ଧର୍ମେନ୍ଦ୍ର ଆହୁରି କହିଛନ୍ତି ଯେ, ଓଡ଼ିଶାର ଗ୍ରାମାଞ୍ଚଳରେ ମୋଟ ୮୮.୭୬ ଲକ୍ଷ ପରିବାର ମଧ୍ୟରୁ ପ୍ରାୟ ୨୩.୮୯ ଲକ୍ଷ ପରିବାର ଟ୍ୟାପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ଅଛନ୍ତି। ପ୍ରାୟ ୫୬.୧୨% ଗ୍ରାମବାସୀ ଏବେ ମଧ୍ୟ ଦୂଷିତ ପାଣି ବ୍ୟବହାର କରୁଛନ୍ତି। ରାଜ୍ୟରେ ଅତି କମ୍‌ରେ ୧୫ ଜିଲାର ୪୦%ରୁ ଅଧିକ ପରିବାର ପାଇଁ ବିଶୁଦ୍ଧ ପାନୀୟ ଜଳ ଉପଲବ୍ଧ ହୋଇନାହିଁ। ସହରାଞ୍ଚଳରେ ମଧ୍ୟ ୩୧.୨% ପରିବାର ବିଶୁଦ୍ଧ ପାନୀୟ ଜଳରୁ ବଞ୍ଚିତ ଅଛନ୍ତି। କେନ୍ଦ୍ରାପଡ଼ାର ମହାକାଳପଡା ଅଞ୍ଚଳରେ 'ପାଣି ନ ଦେଲେ ଭୋଟ୍ ଦେବୁ ନାହିଁ' ବୋଲି ମାତୃଶକ୍ତିମାନେ ସ୍ୱର ଉଠାଇଛନ୍ତି। ଏହି ସବୁ କ'ଣ ଲମ୍ୱା ୨୫ ବର୍ଷ ଶାସନର ରୂପାନ୍ତରଣ ବୋଲି ଧର୍ମେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଛନ୍ତି।

## ବାହାର ଲୋକଙ୍କୁ ପ୍ରଚାର ଦରକାର: ରୋହିତ

ସମ୍ବଲପୁର,୧୪।୪
(ଭବାନୀ ଶଙ୍କର ଭୋଇ)

ଜୟନାରାୟଣ କହିଲେ, ନିଜ ଦଳର ସାଂସଦ ପ୍ରାର୍ଥୀଙ୍କ ବିଷୟରେ କହିଥାଇପାରନ୍ତି



ରେଢ଼ାଖୋଲ ବିଧାୟକ ତଥା ସମ୍ବଲପୁର ବିଜେଡି ଜିଲା ସଭାପତି ରୋହିତ ପୂଜାରୀ।

ଭାଜପାରୁ ସମ୍ବଲପୁର ସାଂସଦ ପ୍ରାର୍ଥୀ ଭାବେ ଘୋଷଣା ହେବା ପରଠାରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁରରେ ରହି ଜୋରସୋରରେ ପ୍ରଚାର ଆରମ୍ଭ କରିଛନ୍ତି। ତେବେ ଭାଜପାର ଜୋରଦାର ପ୍ରଚାର ଉପରେ ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କଟାକ୍ଷ କରି କହିଛନ୍ତି ଯେ, ଯେଉଁମାନେ ବାହାରୁ ଆସିଛନ୍ତି ସେମାନେ ଆସି ପ୍ରଚାର କରିବେ। ଆମେ ସମ୍ବଲପୁର ମାଟିର। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଏଠି ବୁଲୁଛୁ। ତେଣୁ ଆମକୁ ପ୍ରଚାର କରିବା ଦରକାର ନାହିଁ। ରବିବାର ମୁଦିପଡ଼ା ଛକସ୍ଥିତ ବାବାସାହେବ ଆମ୍ବେଡରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ଅବସରରେ ପୂଜାରୀ କହିଥିଲେ, 'ଚଳିତ ସାଧାରଣ ନିର୍ବାଚନରେ ବିକାଶ ତାଙ୍କର ପ୍ରମୁଖ ପ୍ରସଙ୍ଗ ରହିବ। ତାଙ୍କର ୧୦ ବର୍ଷ ବିଧାୟକ କାର୍ଯ୍ୟକାଳରେ ରେଢ଼ାଖୋଲ ନିର୍ବାଚନମଣ୍ଡଳୀରେ ରାସ୍ତାଘାଟ ଓ ପୋଲ ପରି ଉନ୍ନୟନମୂଳକ କାର୍ଯ୍ୟ ଯେତିକି ପରିମାଣରେ ହୋଇଛି, ଅନ୍ୟ କୌଣସିଠାରେ ସେତିକି କାମ ହୋଇନାହିଁ। ଯେଉଁମାନେ ବାହାରୁ ଆସୁଛନ୍ତି ସେମାନେ ଲୋକଙ୍କ ପାଖକୁ ଯାଇ ବିଭିନ୍ନ କଥା କହି ପ୍ରଚାର କରିବେ ବୋଲି ରୋହିତ କହିଛନ୍ତି।

ରୋହିତଙ୍କ ଏଭଳି ମନ୍ତବ୍ୟ ପରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର କହିଛନ୍ତି ଯେ, ରୋହିତ ନିଜକୁ ପଚାରନ୍ତୁ ଯେ, ସେ ସମ୍ବଲପୁର ବିଷୟରେ କ'ଣ ଜାଣିଛନ୍ତି। ଜୀବନର ଅଧିକାଂଶ ସମୟ ବାହାରେ ରହି ଆମକୁ ସମ୍ବଲପୁର ବିଷୟରେ ଶିକ୍ଷା ଦେବା ହାସ୍ୟାସ୍ପଦ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୧୯୯୫ଠାରୁ ସମ୍ବଲପୁରରେ ରହି ରାଜନୈତିକ ଜୀବନ ଆରମ୍ଭ କରିଛନ୍ତି ଏବଂ ତାଙ୍କର ଯୁବାବସ୍ଥା ସମ୍ବଲପୁରର ଗଳିକନ୍ଦିରେ କଟିଛି। ନିଜ ଦଳର ସାଂସଦ ପ୍ରାର୍ଥୀ ବାହାରୁ ଆସିଥିବାରୁ ହୁଏତ ରୋହିତ ତାଙ୍କ ବିଷୟରେ ଏଭଳି କହିଥାଇପାରନ୍ତି। ପୁଣି ରେଢ଼ାଖୋଲରେ କ'ଣ ବିକାଶ କରିଥିଲେ ଯେ ରେଢ଼ାଖୋଲ ଛାଡି ସମ୍ବଲପୁର ବିଧାନସଭା ଆସନ ପାଇଁ ଲାଗିଥିଲେ ତାହା ଲୋକେ ଜାଣନ୍ତି ବୋଲି ଜୟନାରାୟଣ ମିଶ୍ର କହିଛନ୍ତି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................
ବୟସ: ....................................
ଜନ୍ମ ତାରିଖ: ..............................



ରୋମି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଆଜିଠୁ ରସୁଲଗଡ଼ ପ୍ରିମିୟର ଲିଗ୍



ଟ୍ରଫି ସହ ୪ ଦଳର ଅଧିନାୟକ।

**ଭୁବନେଶ୍ୱର, ୧୪।୪ (ତପନ ସ୍ୱାଇଁ)**

ରସୁଲଗଡ଼ ପ୍ରିମିୟର ଲିଗ୍‌ର ଚତୁର୍ଥ ସଂସ୍କରଣ ସୋମବାରଠାରୁ ଆରମ୍ଭ ହେବାକୁ ଯାଉଛି। ରସୁଲଗଡ଼ ୟୁଥ କ୍ଲବ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତିଦିନ ଗୋଟିଏ ଲେଖାଏ ମ୍ୟାଚ ଅପରାହ୍ନ ୪ଟାରୁ ଆରମ୍ଭ ହେବ। ମ୍ୟାଚଗୁଡିକ ଜିଜିପି ପଡ଼ିଆରେ ଖେଳାଯିବ। ପ୍ରତିଯୋଗିତାରେ ମୋଟ ୪ଟି ଦଳ ଅଂଶଗ୍ରହଣ କରୁଛନ୍ତି। ବିଭିନ୍ନ ଦଳ ଓ ଏହାର ଅଧିନାୟକଙ୍କ ନାମ ହେଲା, ମା' ଦୁର୍ଗା ଏକାଦଶ- ପାର୍ଥ ରାଉତରାୟ, କୋଚିଲେଇ ଏକାଦଶ- ଦେବାଶିଷ ଜେନା, ବ୍ରହ୍ମେଶ୍ୱର ଏକାଦଶ- ତୋଫାନ ରାଉତ ଓ ଗୋପୀନାଥ ଦେବ ଏକାଦଶ- କାଳନ୍ଦୀ ରାଉତ। ୪ ଅଧିନାୟକଙ୍କ ଉପସ୍ଥିତିରେ ରବିବାର ଟ୍ରଫି ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରସୁଲଗଡ଼ ୟୁଥ କ୍ଲବର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ପ୍ରଥମ ସ୍ଥାନକୁ ଫେରିଲେ ଗୁକେଶ

**ଟରଣ୍ଟୋ, ୧୪।୪ (ପି.ଟି.)**

ଭାରତୀୟ ଗ୍ରାଣ୍ଡମାଷ୍ଟର ଡି. ଗୁକେଶ କ୍ୟାଣ୍ଡିଡେଟ୍ସ ଚେସ୍ ଟୁର୍ନାମେଣ୍ଟରେ ଅଷ୍ଟମ ରାଉଣ୍ଡ ସୁଦ୍ଧା ଯୁଗ୍ମ ପ୍ରଥମ ସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ରବିବାର ଅନ୍ୟତମ ଭାରତୀୟ ଗ୍ରାଣ୍ଡମାଷ୍ଟର ଭିଦିତ ଗୁଜରାଠୀଙ୍କୁ ପରାସ୍ତ କରିବା ସହ ୧ ନମ୍ବର ସ୍ଥାନକୁ ଫେରିଛନ୍ତି ଗୁକେଶ। ଅନ୍ୟତମ ଭାରତୀୟ ଖେଳାଳି ଆର୍. ପ୍ରଜ୍ଞାନନ୍ଦ ନିଜ ମ୍ୟାଚ୍ ଅମୀମାଂସିତ ରଖିଛନ୍ତି। ଆହୁରି ୬ ରାଉଣ୍ଡର ଖେଳ ବାକି ରହିଥିବା ବେଳେ ୧୭ ବର୍ଷୀୟ ଗୁକେଶ ଓ ରୁଷିଆର ଇଆନ ନେପୋମନିଆଚି ୫ ପଏଣ୍ଟ ଲେଖାଏ ହାସଲ କରି ଯୁଗ୍ମଭାବେ ଶୀର୍ଷରେ ରହିଛନ୍ତି।

ରବିବାର ପ୍ରଜ୍ଞାନନ୍ଦ ଓ ଫ୍ରାନ୍ସର ଫିରୌଜା ଅଲିରେଜାଙ୍କ ମଧ୍ୟରେ ଖେଳା ଯାଇଥିବା ମ୍ୟାଚ୍ ଡ୍ରରେ ଶେଷ ହୋଇଥିଲା। ଅନ୍ୟ ଏକ ମ୍ୟାଚ୍‌ରେ ଆମେରିକାର ଫାବିଆନୋ କାରୁଆନାଙ୍କୁ ପରାସ୍ତ କରିଥିଲେ ନିଜ ଦେଶ ଖେଳାଳି ହିକାରୁ ନାକାମୁରା। ସପ୍ତମ ରାଉଣ୍ଡ ସୁଦ୍ଧା ପ୍ରଥମ ସ୍ଥାନରେ ଥିବା ରୁଷିଆର ଇଆନ ନେପୋମନିଆଚିଙ୍କ ମ୍ୟାଚ୍ ଡ୍ରରେ ଶେଷ ହୋଇଥିଲା। ଆଜରବୈଜାନର ନିଜତ ଆବାସୋଭଙ୍କ ବିପକ୍ଷ ମ୍ୟାଚ୍‌ରେ ଆରମ୍ଭରୁ କିଛି ତ୍ରୁଟି ତାଙ୍କୁ ମହଙ୍ଗା ପଡିଥିଲା।



କ୍ୟାଣ୍ଡିଡେଟ୍ସ ଚେସ୍ ଟୁର୍ନାମେଣ୍ଟରେ ଡି. ଗୁକେଶ।

**କ୍ୟାଣ୍ଡିଡେଟ୍ସ ଚେସ୍**

ଅନ୍ୟପକ୍ଷରେ ଗୁଜରାଠୀଙ୍କ ବିପକ୍ଷରେ ଆରମ୍ଭରୁ ଚମତ୍କାର ଭ୍ୟାରିଏସନ୍ ସହ ଖେଳିଥିଲେ ଗୁକେଶ। ଚତୁର୍ଥ ଚାଲ୍ ପରଠାରୁ ଗୁଜରାଠୀ ଚାପରେ ରହିବା ସହ ପରାଜିତ ହୋଇଥିଲେ।

ମହିଳା ବିଭାଗରେ ଗୁରୁବାର ଭାରତୀୟଙ୍କ ପାଇଁ ମିଶ୍ରିତ ଫଳାଫଳ ରହିଥିଲା। ଭାରତୀୟ ଗ୍ରାଣ୍ଡମାଷ୍ଟର କୋନେରୁ ହମ୍ପି ନିଜ ଦେଶର ଆର୍. ବୈଶାଳୀଙ୍କୁ ହରାଇଛନ୍ତି। ଏହି ବିଜୟ ସହ ହମ୍ପି ୩.୫ ପଏଣ୍ଟ ପାଇ ଯୁଗ୍ମ ପଞ୍ଚମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ଚାଇନାର ଦୁଇ ଖେଳାଳି ଟିଙ୍ଗଜିଏ ଲି ଓ ଝୋଙ୍ଗୟି ଟାନ ୫ ପଏଣ୍ଟ ଲେଖାଏ ହାସଲ କରି ଯୁଗ୍ମ ଭାବରେ ପ୍ରଥମ ସ୍ଥାନ ବଜାୟ ରଖିଛନ୍ତି। ରୁଷିଆର ଆଲେକଜାଣ୍ଡ୍ରା ଗୋର୍ୟାଚିକ୍ନା ରବିବାର ଝୋଙ୍ଗୟି ଟାନଙ୍କୁ ପରାସ୍ତ କରିବା ସହ ଏକକ ଅଗ୍ରଣୀକୁ ସମାପ୍ତ କରିଥିଲେ। ରୁଷିଆର କାଟାରିନା ଲାଗ୍ନୋ ୪.୫ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ୟୁକ୍ରେନ୍‌ର ଆନା ମୁଜିଚୁକ ୩ ପଏଣ୍ଟ ସହ ସପ୍ତମ ସ୍ଥାନରେ ରହିଥିବା ବେଳେ ଆର୍. ବୈଶାଳୀ ୨.୫ ପଏଣ୍ଟ ସହ ଅନ୍ତିମ ସ୍ଥାନରେ ଅଛନ୍ତି।

# ପିସ୍ତଲ ଶୁଟର ପଲକଙ୍କୁ ଅଲିମ୍ପିକ କୋଟା

**ନୂଆଦିଲ୍ଲୀ, ୧୪।୪ (ପି.ଟି.)**

ଏସିଆନ ଚାମ୍ପିୟନ ପଲକ ଗୁଲିଆ ରବିବାର ଶୁଟିଂରେ ଦେଶ ପାଇଁ ୨୦ତମ ପ୍ୟାରିସ ଅଲିମ୍ପିକ କୋଟା ହାସଲ କରିଛନ୍ତି। ରିଓ ଡି' ଜେନିରୋଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ଫାଇନାଲ ଅଲିମ୍ପିକ କ୍ୱାଲିଫିକେଶନ ଚାମ୍ପିୟନଶିପ୍ (ରାଇଫଲ ଓ ପିସ୍ତଲ)ର ମହିଳା ୧୦ମିଟର ଏୟାର ପିସ୍ତଲ ଇଭେଣ୍ଟରେ ସେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ହରିୟାଣାର ଝାଜାର ବାସିନ୍ଦା ଏହି ୧୮ବର୍ଷୀୟା ଶୁଟର ହାଙ୍ଗଝୋ ଏସିଆନ ଗେମ୍ସ ୧୦ ମିଟର ଏୟାର ପିସ୍ତଲରେ ବ୍ୟକ୍ତିଗତ ସ୍ୱର୍ଣ୍ଣ ଓ ଟିମ୍ ଇଭେଣ୍ଟ ରୌପ୍ୟ ଜିତିଥିଲେ। ୨୪ ଶଟ୍ ବିଶିଷ୍ଟ ଫାଇନାଲରେ ସେ ୨୧୭.୬ ସ୍କୋର କରି ତୃତୀୟ ସ୍ଥାନ ଅଧିକାର କରିଥିଲେ। ଆର୍ମେନିଆର ଏଲମିରା କାରାପେଟି ସ୍ୱର୍ଣ୍ଣ ପଦକ ଲାଭ କରିଥିବା ବେଳେ ଥାଇଲାଣ୍ଡର ସ୍ୱଳ୍ପ ବୟସ୍କା କାମନଲାକ ସିନ୍‌ଚା ରୌପ୍ୟ ସହ ଉପଲବ୍ଧ ଦ୍ୱିତୀୟ କୋଟା ହାସଲ କରିଥିଲେ। ଭାରତ ବର୍ତ୍ତମାନ ପିସ୍ତଲ ଓ ରାଇଫଲ ଇଭେଣ୍ଟଗୁଡ଼ିକରେ ପ୍ୟାରିସ ଅଲିମ୍ପିକ ପାଇଁ ଉପଲବ୍ଧ ସର୍ବାଧିକ ୧୬ ପଦକ ହାସଲ କରିପାରିଛି। ଦେଶର ଶଟ୍ ଗନ୍ ଶୁଟରମାନେ ଏପ୍ରିଲ ୧୯ରୁ ଦୋହାଠାରେ ଅନୁଷ୍ଠିତ ହେବାକୁଥିବା ଆଇଏସ୍‌ଏସ୍‌ଏଫ୍ ଫାଇନାଲ ଅଲିମ୍ପିକ କ୍ୱାଲିଫିକେଶନ ଚାମ୍ପିୟନଶିପ୍ (ଶଟ୍‌ଗନ୍)ର ପୁରୁଷ ଓ ମହିଳା ଟ୍ରାପ୍ ଓ ସ୍କିଟ୍ ଇଭେଣ୍ଟରେ କୋଟା ହାସଲ କରିପାରିବେ। ସୂଚନାଯୋଗ୍ୟ, ଶନିବାର ପଲକ ଓ ସାଇନ୍ୟମ ସମାନ ୫୭୮ ସ୍କୋର ସହ ଯଥାକ୍ରମେ ୬ଷ୍ଠ ଓ ୭ମ ସ୍ଥାନ ଅଧିକାର କରି ୮ଜଣ ମହିଳାଙ୍କୁ ନେଇ ଫାଇନାଲକୁ ଉନ୍ନୀତ ହୋଇଥିଲେ।



ପଲକ ଗୁଲିଆ

# ରିୟଲ ମାଡ୍ରିଡ ମ୍ୟାଚରେ ଜାତିଆଣ ଆକ୍ଷେପ

**ମାଡ୍ରିଡ, ୧୪।୪ (ପି.ଟି.)**

ସ୍ପାନିଶ ଫୁଟବଲ ଲିଗ୍‌ରେ ଜାତିଆଣ ଆକ୍ଷେପ ଆଣିଛି ରିୟଲ ମାଡ୍ରିଡ୍। ମାଲୋର୍କା ବିପକ୍ଷ ମ୍ୟାଚ୍‌ରେ ମିଡ ଫିଲ୍ଡର ଅରେଲିନ୍ ଚୁଚୋମେନିଙ୍କୁ କିଛି ଦର୍ଶକ ମାଙ୍କଡ ବୋଲି ଇଙ୍ଗିତ କରିଥିଲେ। ଗତ ସପ୍ତାହରେ ଚୁଚୋମେନି ଗୋଲ ସ୍କୋର କରିବା ପରେ କିଛି ଦର୍ଶକ ତାଙ୍କୁ ଏଭଳି ଇଙ୍ଗିତ କରିଥିଲେ। ସନ୍ ମୋଇକ୍ସ ଷ୍ଟାଡିୟମରେ ଏହି ମ୍ୟାଚ୍‌ଟି ଖେଳା ଯାଇଥିଲା। ଟେଲିଭିଜନ୍ ଫୁଟେଜ ଦେଖି ଫ୍ୟାନଙ୍କୁ ଚିହ୍ନଟ କରିବାକୁ ପ୍ରୟାସ କରାଯାଉଛି। ଏହି ଘଟଣା ପରେ ଚୁଚୋମେନିଙ୍କ ଉପରକୁ ପାଣି ବୋତଲ ମଧ୍ୟ ଫିଙ୍ଗିଥିଲେ ଫ୍ୟାନ୍। ତୁରନ୍ତ ମାଡ୍ରିଡ ଖେଳାଳି ଏହି ଘଟଣା ନେଇ ରେଫରିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ରିୟଲ ମାଡ୍ରିଡ ପକ୍ଷରୁ ମାଲୋର୍କା ନିକଟରେ ଅଭିଯୋଗ କରାଯାଇଥିଲା। ରବିବାର ମାଲୋର୍କା ଏହି ଘଟଣାର ତଦନ୍ତ ଆରମ୍ଭ କରିଥିବା ସ୍ପଷ୍ଟ କରିଛି। କୌଣସି ପ୍ରକାରର ଜାତିଆଣ ଅଥବା ବର୍ଣ୍ଣବୈଷମ୍ୟବାଦକୁ ଦୃଢ ଭାବରେ ବିରୋଧ କରୁଥିବା ନେଇ ମାଲୋର୍କା ପକ୍ଷରୁ କୁହାଯାଇଛି।

**ରାଜ୍ୟ ସ୍କୁଲ ଓପନ ଚେସ୍**

# ନମସ୍ୟା ନଳିନୀ ଚାମ୍ପିୟନ

**ଭୁବନେଶ୍ୱର, ୧୪।୪ (ବିଜୟ ରଣା)**

ସ୍ଥାନୀୟ କେଶୁରାସ୍ଥିତ ରୟାଲ ପବ୍ଲିକ ସ୍କୁଲ ସହଯୋଗରେ ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ୪ର୍ଥ ପି.ଏମ୍. ମହାନ୍ତି ମେମୋରିଆଲ ରାଜ୍ୟ ସ୍କୁଲ ଓପନ ଚେସ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ କେଦାରଗୌରୀସ୍ଥିତ ସେଣ୍ଟ ଜାଭିଅର ହାଇସ୍କୁଲର ନମସ୍ୟା ନଳିନୀ ୪.୫ ପଏଣ୍ଟ ସହ ପ୍ରଥମ ସ୍ଥାନ ଅଧିକାର କରି ଚାମ୍ପିୟନ ହୋଇଛନ୍ତି। ଶାନ୍ତନୁ ଇ.ଏମ୍. ସ୍କୁଲର ଉଦୟକାନ୍ତ ନାୟକ (୪.୫) ଏବଂ ଭୁବନେଶ୍ୱର ଷ୍ଟିୱାର୍ଟ ସ୍କୁଲର ଦିବ୍ୟାଂଶୁ ଦାସ (୪.୦) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି। ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ପିନାକୀ ରୟ ଓ ସାହାନା ଲେଙ୍କା ଯଥାକ୍ରମେ ୪ର୍ଥ ଓ ୫ମ ସ୍ଥାନରେ ରହିଥିବା ବେଳେ ଯଥାକ୍ରମେ ଶ୍ରେଷ୍ଠ ୧୦ରେ ରହିଥିବା ଅନ୍ୟ ଖେଳାଳିମାନେ ହେଲେ ପ୍ରିୟଙ୍କର ମୁଦୁଲି (ଏମ୍‌ବିଏସ୍ ପବ୍ଲିକ ସ୍କୁଲ), ଶ୍ୟାମ ସ୍ୱରୂପ ମହାନ୍ତି (ହାଇଟେକ୍ ପବ୍ଲିକ ସ୍କୁଲ), ଅନିରୁଦ୍ଧ ପାଠି (ୟୁନିଟ୍-୮ ଡିଏଭି ପବ୍ଲିକ ସ୍କୁଲ), ଦିବ୍ୟାଂଶ ମହନ୍ତ (ୟୁନିଟ୍-୮ ଡିଏଭି ପବ୍ଲିକ ସ୍କୁଲ), ଈଶାନ ନନ୍ଦ (ଡିପିଏସ୍ କଳିଙ୍ଗା)। ସାମସଙ୍ଗ ଇଣ୍ଡିଆ ଇଲେକ୍‌ଟ୍ରୋନିକ୍ ପ୍ରାଇଭେଣ୍ଟ ଲିମିଟେଡ୍‌ର ଏରିଆ ସେଲ୍ସ ମ୍ୟାନେଜର ଚିନ୍ମୟ କୁମାର ମୁଖାର୍ଜୀ ଚାମ୍ପିୟନଶିପ୍‌ର ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ରୟାଲ ପବ୍ଲିକ ସ୍କୁଲର ପ୍ରିନ୍‌ସିପାଲ ସର୍ବେଶ୍ୱର ସାମଲ ଏବଂ ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନର ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।



ଟ୍ରଫି ସହ ନମସ୍ୟା ନଳିନୀ।

## ଅଞ୍ଜୁ, ହର୍ଷିତା ଫାଇନାଲରେ

**ବିଶ୍‌କେକ୍, ୧୪।୪ (ପି.ଟି.):** ନିକଟରେ ସିଲେକ୍ସନ ଟ୍ରାଏଲ୍ସ ବେଳେ ଭିନେଶ ଫୋଗଟଙ୍କୁ ପରାସ୍ତ କରିଥିବା ରେଲୱେ ରେସ୍‌ଲର ଅନୁଜ ଓ ହର୍ଷିତା ପ୍ରଭାବୀ ପ୍ରଦର୍ଶନ ସହ ଏଠାରେ ଚାଲିଥିଲା ଏସିଆନ ରେସ୍‌ଲିଂ ଚାମ୍ପିୟନଶିପ୍‌ରେ ସେମାନଙ୍କ କାଟେଗୋରିରେ ସ୍ୱର୍ଣ୍ଣ ପଦକ ବାଉଟ୍‌କୁ ଉନ୍ନୀତ ହୋଇଛନ୍ତି। ଅନ୍ୟପକ୍ଷରେ ସରିତା ମୋର୍ ତାଙ୍କ ଓପନିଂ ରାଉଣ୍ଡରେ ପରାଜିତ ହୋଇଛନ୍ତି। ୫୩ କେଜି ଓଜନ କାଟେଗୋରିରେ ଅନୁଜ ପଛକୁ ପଛ ଫିଲିପାଇନ୍ସର ଆଲିଆ ରୋଜ୍ ଗାଭାଲେଜ ଓ ଶ୍ରୀଲଙ୍କାର ନେଥମି ଅହିଂସା ଫର୍ନାଣ୍ଡୋଙ୍କୁ ଟେକ୍‌ନିକାଲ ସୁପରିଅରିଟିରେ ହରାଇ ଦେଇଛନ୍ତି। ସେମିଫାଇନାଲରେ ସେ ଚାଇନାର ଚୁନ୍ ଲେଇଙ୍କଠାରୁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲେ ହେଁ ୯-୬ରେ ବିଜୟ ଲାଭ କରିଛନ୍ତି।

# ରୁଡ୍‌ଙ୍କୁ ହରାଇ ସିତ୍‌ସିପାସ୍ ଚାମ୍ପିୟନ

**ମଣ୍ଟେ କାର୍ଲୋ ମାଷ୍ଟର୍ସ ଟେନିସ**

**ମୋନାକୋ, ୧୪।୪ (ଏପି)**

ଷ୍ଟିଫାନସ ସିତ୍‌ସିପାସ୍ ତୃତୀୟ ଥର କ୍ଲେ-କୋର୍ଟ ମଣ୍ଟେ କାର୍ଲୋ ମାଷ୍ଟର୍ସ ଟେନିସ ଟାଇଟଲ ହାସଲ କରିଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲରେ ସେ କାସ୍ପର ରୁଡ୍‌ଙ୍କୁ ୬-୧, ୬-୪ରେ ହରାଇ ଦେଇଛନ୍ତି। ସିତ୍‌ସିପାସ୍‌ଙ୍କର ଚଳିତବର୍ଷ ଏହା ହେଉଛି ପ୍ରଥମ ଏବଂ ଦୁଇ ବର୍ଷରେ ଏକ ବଡ଼ ଟୁର୍ନାମେଣ୍ଟ ବିଜୟ। ମ୍ୟାଚ୍ ପରେ ୧୨ତମ ର୍‍ୟାଙ୍କିଂପ୍ରାପ୍ତ ସିତ୍‌ସିପାସ କହିଛନ୍ତି, ସେ ନିଜକୁ ଗୌରବାନ୍ୱିତ ମନେ କରୁଛନ୍ତି। ଏହି ମୁହୂର୍ତ୍ତକୁ ସେ ଦୀର୍ଘଦିନ ଧରି ଅପେକ୍ଷା କରି ରହିଥିଲେ। ସେ ୨୦୨୧ରେ ତାଙ୍କ କ୍ୟାରିୟର ଶ୍ରେଷ୍ଠ ୩ ନମ୍ବର ର୍‍ୟାଙ୍କିଂ ହାସଲ କରିଥିଲେ। ବିଗ୍ ସର୍ଭିଂ ଏହି ଗ୍ରୀକ୍ ଖେଳାଳି ୨୦୨୧ ଓ ୨୦୨୧ରେ ଏଠାରେ ଟାଇଟଲ ଜିତିଥିଲେ। ମଣ୍ଟେ କାର୍ଲୋ କଣ୍ଟ୍ରି କ୍ଲବରେ ସଦ୍ୟତମ ଟ୍ରଫି ତାଙ୍କ କ୍ୟାରିୟରର ଓଭର ଅଲ୍ ୧୧ତମ ଟାଇଟଲ। ଗତବର୍ଷ ଅଗଷ୍ଟ ପରେ ଏହା ଥିଲା ତାଙ୍କର ପ୍ରଥମ ଟ୍ରଫି। ସେତେବେଳେ ସେ ମେକ୍ସିକୋର ଲସ୍ କ୍ୟାବୋସସ୍ଥିତ ଆଉଟଡୋର ହାର୍ଡକୋର୍ଟରେ ଏକ ଏଟିପି ୨୫୦ ସ୍ତରୀୟ ଟୁର୍ନାମେଣ୍ଟ ଜିତିଥିଲେ। ରବିବାର ଏଠାରେ ଟାଇଟଲ ଜିତିବା ଦ୍ୱାରା ସିତ୍‌ସିପାସ ସୋମବାର ପ୍ରକାଶ ପାଇବାକୁ ଥିବା ଏଟିପି ର୍‍ୟାଙ୍କିଂରେ ୭ମ ସ୍ଥାନକୁ ଉନ୍ନୀତ ହେବେ।

# ଧାୱନ ୭ରୁ ୧୦ଦିନ ଖେଳିପାରିବେନି

**ମୁଲାନପୁର, ୧୪।୪ (ପି.ଟି.):** କାନ୍ଧରେ ଆଘାତପ୍ରାପ୍ତ ଯୋଗୁ ପଞ୍ଜାବ କିଙ୍ଗ୍ସ ଅଧିନାୟକ ଶିଖର ଧାୱନ ଅତିକମ୍‌ରେ ୭ରୁ ୧୦ ଦିନ ଖେଳିପାରିବେନି। ରାଜସ୍ଥାନ ରୟାଲ୍ସ ନିକଟରୁ ଅଳ୍ପକେ ପରାଜୟ ପରେ ଦଳର କ୍ରିକେଟ ଡେଭଲପମେଣ୍ଟ ମୁଖ୍ୟ ସଞ୍ଜୟ ବାଙ୍ଗର ଏକଥା ପ୍ରକାଶ କରିଛନ୍ତି। ଶନିବାର ରୟାଲ୍ସ ବିପକ୍ଷ ମ୍ୟାଚରେ ଧାୱନ ଖେଳି ନ ଥିଲେ। ତାଙ୍କ ଅନୁପସ୍ଥିତିରେ ସାମ୍ କୁରାନ ଦଳର ନେତୃତ୍ୱ ନେଇଥିଲେ। ଏଭଳି ଉଇକେଟରେ ଖେଳିବାରେ ଧାୱନ ବେଶ୍ ଅଭିଜ୍ଞ। ତେଣୁ ଦଳ ପାଇଁ ତାଙ୍କ ଉପସ୍ଥିତି ଖୁବ୍ ଗୁରୁତ୍ୱପୂର୍ଣ୍ଣ। ତାଙ୍କ ପ୍ରତ୍ୟାବର୍ତ୍ତନକୁ ଅପେକ୍ଷା କରାଯାଇଛି ବୋଲି ବାଙ୍ଗର ମ୍ୟାଚ ପରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ସିଜନ ଆରମ୍ଭରେ ଅଧିନାୟକମାନଙ୍କ ମିଟିଂ ବେଳେ ଧାୱନ ଜ୍ୱରରେ ପୀଡ଼ିତ ଥିବାରୁ ଦଳ ପକ୍ଷରୁ ଜିତେଶ ଶର୍ମା ପ୍ରତିନିଧିତ୍ୱ କରିଥିଲେ।

**Classified Everyday 0674-2580101, 2549949**



REAL ESTATE
SALE

ଭୁବନେଶ୍ୱର ପିତାପଲ୍ଲୀ NH-16 କଡ଼ରେ 30' road, ଇଲେକ୍ଟ୍ରିସିଟି ଥାଇ ନଗଦ ଘର କଲାଭଳି ପ୍ଲଟ୍ ମିଳୁଛି। (Owner). 9090963952. D-75946

ଭୁବନେଶ୍ୱର ଉପକଣ୍ଠ ଭିଙ୍ଗାରପୁର ଛକ ପାଖରେ ସଙ୍ଗେସଙ୍ଗେ ଘର କଲାଭଳି ବାସୋପଯୋଗୀ SC ପ୍ଲଟ୍ ବିକ୍ରିହେବ। 9437152956, 9337513276. D-010

ଭୁବନେଶ୍ୱର Gita/Gandhi College ପାଖ BDA satellite cityକୁ ଲାଗି 30ft. ରାସ୍ତା ଥାଇ ପ୍ଲଟ୍ ବିକ୍ରିହେବ। 8093712828. D-75944

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 3,60,000/-, ଛତାବର Bypass sqft.-500/-. 9348232008. D-75941

Book 3/4BHK premium flat at Saubhagya Nagar, OUAT Square near Khimji & Narula Sweets. Flooring work going on, handover Aug-24. Contact- 9439716901. D-75529

Duplex sale at Bhubaneswar @ 57 lakhs only. Contact- 9777433701. D-75945

Dhabalhar (Balianta) and Kesura fully Housing Project developed road and electricity. Limited plot available. Hurry up ! 9090432721. D-063





Newly opend central SPA full-body massage. Trend therapist. 8456885600. D-75729





Medical exam Registration (Only Practitioners)- BAMS, BHMS, BUMS, D.Pharma, GNM.9893869473. D-061

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**LEGAL NOTICE**

ଆମ୍ଭେ କୃଷ୍ଣ ପ୍ରସାଦ ଶର୍ମା, ପି- ୰ରାମେଶ୍ୱର ପ୍ରସାଦ ଶର୍ମା, ସା- ବାଲିସାହି, ଥାନା- ପୁରୀ ଟାଉନ୍, ଜି- ପୁରୀ, ହାସା- ରୁମ୍ ନଂ.- ୫୨୨/୪, ଚତୁର୍ଥ ମହଲା, ରାଜେନ୍ଦ୍ର ଆପାର୍ଟମେଣ୍ଟ, ପୁରୁଣା ଜେଲ୍ ରୋଡ୍, ଥା- କୁମ୍ଭାରପଡ଼ା, ଜି- ପୁରୀ ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଉଅଛୁ କି ନିମ୍ନ ତଫସିଲ ସମ୍ପତ୍ତି ଆମ୍ଭର ଜ୍ୟେଷ୍ଠ ଭ୍ରାତା ଦ୍ୱାରିକା ପ୍ରସାଦ ଶର୍ମା ଓ ଆମ୍ଭର ଉପାର୍ଜିତ ସମ୍ପତ୍ତି ଥାଇ, ପୁରୀ ମୁକାମ ବରିଷ୍ଠ ଦେୱାନୀ ଅଦାଲତରେ ଆଗତ ସି.ଏସ୍. ନଂ.-୯/୨୦୦୩ ବଣ୍ଟନ ମୋକଦ୍ଦମାରେ ରାୟ ମୁତାବକ ତାହା ଆମ୍ଭ କଛରେ ପଡ଼ିଥିଲା। ମାତ୍ର ଚଳିତ ଚକବନ୍ଦୀ ସ୍ୱତ୍ୱଲିପିରେ ଭୁଲ୍‌ବଶତଃ ଆମ୍ଭର ଜ୍ୟେଷ୍ଠ ଭ୍ରାତା ଦ୍ୱାରିକା ପ୍ରସାଦ ଶର୍ମାଙ୍କ ନାମରେ ରେକର୍ଡ ହୋଇଯିବାରେ ତାଙ୍କର ତୃତୀୟ ପୁତ୍ର ରାଜେନ୍ଦ୍ର କୁମାର ଶର୍ମା ଉକ୍ତ ସମ୍ପତ୍ତିକୁ ଚଞ୍ଚକତା କରି ମୋହନ ଚନ୍ଦ୍ର ପଲେଇଙ୍କ ସହିତ ଏକ ବେଆଇନ ପୂର୍ଣ୍ଣ ବିକ୍ରୟ ଚୁକ୍ତିପତ୍ର ସମ୍ପାଦନା କରିଛନ୍ତି ଓ ଦ୍ୱାରିକା ପ୍ରସାଦ ଶର୍ମାଙ୍କର ୱାରସମାନେ ବେଆଇନ ଭାବେ ପ୍ରକାଶିତ ସ୍ୱତ୍ୱଲିପି ଆଧାରରେ ସମସ୍ତ ସମ୍ପତ୍ତି ବିଭିନ୍ନ ବ୍ୟକ୍ତିଙ୍କୁ ବିକ୍ରୟ କରିବା ପାଇଁ ମସୁଧା କରୁଛନ୍ତି। ତେଣୁ ଆମ୍ଭେ ସେମାନଙ୍କର ବେଆଇନ କାର୍ଯ୍ୟକୁ ପ୍ରତିହତ କରିବା ପାଇଁ ପୁରୀ ମୁକାମ ବରିଷ୍ଠ ଦେୱାନୀଙ୍କ ଅଦାଲତରେ ସି.ଏସ୍. ନଂ.-୩୧/୨୦୨୪ ମୋକଦ୍ଦମା ଦାଖଲ କରିଅଛୁ ଓ ତାହା ବର୍ତ୍ତମାନ ବିଚାରାଧୀନ ଅଛି। ଏହା ସତ୍ତ୍ୱେ ଯଦି କୌଣସି ବ୍ୟକ୍ତି ଉକ୍ତ ସମ୍ପତ୍ତିକୁ ବିକ୍ରୟ କରିବା ପାଇଁ ଉଦ୍ୟମ କରନ୍ତି ତା'ହେଲେ ଆମ୍ଭେ ସେଥିପାଇଁ ଦାୟୀ ରହିବୁ ନାହିଁ। ତଫସିଲ ସମ୍ପତ୍ତି: ମୌଜା- ଶଙ୍କରପୁର, ଥାନା- ପୁରୀ ସଦର, ଜି- ପୁରୀ, ହାଲ ଚକବନ୍ଦୀ ଖାତା ନଂ.- ୩୩୦ ଏଲ୍. ଆର. ପ୍ଲଟ୍ ନଂ.-୬୫୩ ଏ-୨.୫୮ ପ୍ଲଟ୍ ନଂ.- ୬୫୨ ଏରିଆ- ଏ୨.୪୦ଡି.।

ସ୍ୱାକ୍ଷର- କୃଷ୍ଣ ପ୍ରସାଦ ଶର୍ମା
ଧ-୦୮୬

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**SHUBHRA RANJAN**
Always Ahead
Delhi's Best IAS Institute now in Bhubaneswar
GS FOUNDATION COURSE
(ONLINE / OFFLINE MODE)
UPSC (IAS, IPS, IRS..) OPSC (OAS, OPS, ORS..)
GENERAL STUDIES INTEGRATED COURSE
COURSE FEATURES
- Comprehensive Coverage
- Conceptual Clarity
- Weekly Answer Writing
- Doubt Session
- 800+ Hours Classes
- Mentorship

MODULAR COURSES
- Test Series
- Current Affairs
- CSAT
- ESSAY

Head Office
25 PUSA ROAD, KAROL BAGH, NEW DELHI-110005
Mobile/Whatsapp
7008476028
7788807774
9668384085

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା ଅଧୀନରେ
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା।
ମୁଦ୍ରା ଫାଇନାନ୍ସ
Mob. 7382841797

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଥର୍ମୋମିଟର, ବାରୋମିଟର ଓ ଡାଲ୍‌ଟନ



ଡ. କମଳାକାନ୍ତ ଜେନା

''ଯେମିତି ଶରୀରର ତାପ ମାପିବା ପାଇଁ ଥର୍ମୋମିଟର ବ୍ୟବହାର କରାଯାଏ, ସେମିତି ବାୟୁମଣ୍ଡଳର ଚାପ ମାପିବା ପାଇଁ ବାରୋମିଟର ବ୍ୟବହାର କରାଯାଏ। ବାୟୁମଣ୍ଡଳରେ ଥିବା ବାୟୁର ଓଜନ ଅଛି। ତେଣୁ ବାୟୁ ସମସ୍ତଙ୍କ ଉପରେ ଚାପ ପକାଏ। ଚାପକୁ ମାପିବା ଲାଗି ସାଧାରଣତଃ ପାସ୍କାଲ, ବର୍ଗମିଟର ପ୍ରତି ନିଉଟନ୍ ଓ ବାର୍ ଏକକ ବ୍ୟବହୃତ ହୁଏ। ପାଗ ସାଧାରଣ ଥିଲେ ବାୟୁମଣ୍ଡଳର ଚାପ ପ୍ରାୟ ୧ ବାର୍ ଥାଏ, ଯାହାକି ୧ ବର୍ଗମିଟର ଅଞ୍ଚଳ ଉପରେ ପଡୁଥିବା ୧ ଲକ୍ଷ ନିଉଟନ୍ ବଳ ସହିତ ସମାନ।''



ଜନ୍ ଡାଲ୍‌ଟନ

କଡ଼େଇରେ ପାଣି ରଖି କଡ଼େଇ ତଳେ ନିଆଁ ଜାଳିଲେ ପାଣି ଗରମ ହୁଏ। କାରଣ ନିଆଁରୁ ବାହାରୁଥିବା ତାପ ଦ୍ୱାରା କଡ଼େଇ ଗରମ ହୁଏ। କଡ଼େଇ ଗରମ ହେଲେ କଡ଼େଇରେ ଥିବା ପାଣି ଗରମ ହୁଏ। ଅର୍ଥାତ୍ ପାଣିର ତାପମାତ୍ରା ବଢ଼େ। ତାପମାତ୍ରାକୁ ମାପିବା ପାଇଁ ଥର୍ମୋମିଟର ବ୍ୟବହାର କରାଯାଏ। ତାପମାତ୍ରା ମାପକୁ ଆମେ ଡିଗ୍ରୀ ସେଣ୍ଟିଗ୍ରେଡ୍, ଡିଗ୍ରୀ ଫାରେନ୍‌ହାଇଟ୍ ବା କେଲଭିନ୍ ଏକକରେ ପ୍ରକାଶ କରୁ। ସାଧାରଣତଃ ପାଣିର ତାପମାତ୍ରା ୨୫ ରୁ ୩୦ ଡିଗ୍ରୀ ସେଣ୍ଟିଗ୍ରେଡ୍ ଥାଏ। ନିଆଁରେ ଗରମ କଲେ ପାଣିର ତାପମାତ୍ରା ବଢ଼ି ବଢ଼ି ଯେତେବେଳେ ୧୦୦ ଡିଗ୍ରୀ ସେଣ୍ଟିଗ୍ରେଡ୍‌ରେ ପହଞ୍ଚିଯାଏ, ସେତେବେଳେ ପାଣି ଫୁଟିବା ଆରମ୍ଭ କରେ। ପ୍ରତିଦିନର ତାପମାତ୍ରା ମାପିବା ପାଇଁ ମଧ୍ୟ ଥର୍ମୋମିଟର ବ୍ୟବହାର କରାଯାଏ। ଜ୍ୱର ସମୟରେ ଆମ ଜିଭ ତଳେ ଥର୍ମୋମିଟର ରଖି ଦେହର ତାପମାତ୍ରା ମାପ କରାଯାଏ। ସାଧାରଣତଃ ଆମ ଦେହର ତାପମାତ୍ରା ୩୭ ଡିଗ୍ରୀ ସେଣ୍ଟିଗ୍ରେଡ୍ ବା ୯୮.୬ ଡିଗ୍ରୀ ଫାରେନ୍‌ହାଇଟ୍ ରହିବା କଥା। ଜ୍ୱର ଥିଲେ ଥର୍ମୋମିଟର ଅଧିକ ଦେଖାଏ।

ଯେମିତି ଶରୀରର ତାପ ମାପିବା ପାଇଁ ଥର୍ମୋମିଟର ବ୍ୟବହାର କରାଯାଏ, ସେମିତି ବାୟୁମଣ୍ଡଳର ଚାପ ମାପିବା ପାଇଁ ବାରୋମିଟର ବ୍ୟବହାର କରାଯାଏ। ବାୟୁମଣ୍ଡଳରେ ଥିବା ବାୟୁର ଓଜନ ଅଛି। ତେଣୁ ବାୟୁ ସମସ୍ତଙ୍କ ଉପରେ ଚାପ ପକାଏ। ଚାପକୁ ମାପିବା ଲାଗି ସାଧାରଣତଃ ପାସ୍କାଲ, ବର୍ଗମିଟର ପ୍ରତି ନିଉଟନ୍ ଓ ବାର୍ ଏକକ ବ୍ୟବହୃତ ହୁଏ। ପାଗ ସାଧାରଣ ଥିଲେ ବାୟୁମଣ୍ଡଳର ଚାପ ପ୍ରାୟ ୧ ବାର୍ ଥାଏ, ଯାହାକି ୧ ବର୍ଗ ମିଟର ଅଞ୍ଚଳ ଉପରେ ପଡୁଥିବା ୧ ଲକ୍ଷ ନିଉଟନ୍ ବଳ ସହିତ ସମାନ।

ବୋଲି ଧରି ନିଆଯାଏ। ପ୍ରତିଦିନ ରେଡିଓ ଓ ଟିଭିରେ ପାଗ ବିଷୟରେ ସୂଚନା ଦିଏ। କୌଣସି ପର୍ବପର୍ବାଣି ଥିଲେ ବା ବାହାରକୁ ଯିବାର ଥିଲେ ଆମେ ପାଗ





କୌଣସି ଅଞ୍ଚଳର ପାଗ ବିଷୟରେ ଜାଣିବା ପାଇଁ ଥର୍ମୋମିଟର ଓ ବାରୋମିଟର ଦରକାର ହୁଏ। କିଛି ସମୟ ପାଇଁ ଗୋଟିଏ ସ୍ଥାନର ବାୟୁମଣ୍ଡଳର ଅବସ୍ଥାକୁ 'ପାଗ' (ୱେଦର) ବୋଲି କୁହାଯାଏ। ପାଗ କହିଲେ ବାୟୁମଣ୍ଡଳର ତାପ, ଚାପ, ଆର୍ଦ୍ରତା, ବାୟୁପ୍ରବାହ, ବାଦଲର ପରିସ୍ଥିତି ଇତ୍ୟାଦି ବିଷୟକୁ ବୁଝାଯାଏ। ଗୋଟିଏ ପ୍ରକାରର ପାଗ ବହୁ ଦିନ ଧରି (ସାଧାରଣତଃ ୩୦ ବର୍ଷ) ଅନୁଭୂତ ହେଲେ, ତାହାକୁ ସେଇ ଅଞ୍ଚଳର 'ଜଳବାୟୁ' (କ୍ଲାଇମେଟ୍) ବିଷୟରେ ଖବର ରଖୁ। ବ୍ୟବସାୟୀ, ମତ୍ସ୍ୟଜୀବୀ, ଉଡ଼ାଜାହାଜ ପାଇଲଟ୍ ଏପରିକି ଜଣେ ସାଧାରଣ କୃଷକ ପାଇଁ ମଧ୍ୟ ପ୍ରତ୍ୟେକ ଦିନର ପାଗ ଜାଣିବା ନିହାତି ଜରୁରୀ। ଦିନକ ଭିତରେ ଅନେକ ଥର ପାଗର ପରିବର୍ତ୍ତନ ଘଟିପାରେ। ସେହି ଦୃଷ୍ଟିରୁ ଭାବିଲେ, ବର୍ଷ ବର୍ଷ ଧରି ପ୍ରତିଦିନର ପାଗ ବିଷୟରେ କିଛି ଲେଖି ରଖିବା କଥାଟା ଆମକୁ ଅଡୁଆ ଲାଗିପାରେ। କିନ୍ତୁ ଆଶ୍ଚର୍ଯ୍ୟର କଥା, ରସାୟନବିତ୍ ଜନ୍ ଡାଲ୍‌ଟନ ନିଜର ବୈଜ୍ଞାନିକ ଜୀବନର ବ୍ୟସ୍ତତା ଭିତରେ ମଧ୍ୟ ଦୀର୍ଘ ୫୭ ବର୍ଷ ଧରି ପ୍ରତିଦିନର ପାଗ ବିଷୟରେ ଟିପି ରଖୁଥିଲେ।

ଜନ୍ ଡାଲ୍‌ଟନ ୧୭୬୬ ମସିହା ସେପ୍ଟେମ୍ବର ୬ ତାରିଖରେ ଇଂଲଣ୍ଡର ଇଗଲ୍‌ସଫିଲ୍ଡ ନାମକ ନିପଟ ମଫସଲ ଗାଁରେ ଜନ୍ମ ହୋଇଥିଲେ। ତାଙ୍କର 'ପରମାଣୁ ତତ୍ତ୍ୱ' ସାରା ପୃଥିବୀରେ ଆଲୋଡ଼ନ ସୃଷ୍ଟି କରିଥିଲା। ସେ ପାଗ ବିଷୟରେ ନୂଆ ନୂଆ କିଛି ଜାଣିବା ପାଇଁ ସବୁବେଳେ ଆଗ୍ରହୀ ଥିଲେ। ଥର୍ମୋମିଟର ସାହାଯ୍ୟରେ ସେ ପ୍ରତିଦିନର ତାପମାତ୍ରା ମାପୁଥିଲେ ଏବଂ ବାରୋମିଟର ଦ୍ୱାରା ବାୟୁମଣ୍ଡଳୀୟ ଚାପ ମାପି ରଖୁଥିଲେ। ତାଙ୍କର ସବୁଠାରୁ ପ୍ରିୟ ବସ୍ତୁ ଥିଲା ତାଙ୍କ ଟିପାଖାତା। ବାୟୁମଣ୍ଡଳୀୟ ଚାପ ଓ ତାପମାତ୍ରା ମାପିଲା ପରେ ସେହି ଟିପାଖାତାରେ ସେ ପ୍ରତିଦିନର ପାଗ ବିଷୟରେ ସଂକ୍ଷିପ୍ତ ଟିପ୍ପଣୀ ଲେଖି ରଖୁଥିଲେ। ପାଣିପାଗ ସମ୍ପର୍କରେ ୧୭୯୩ ମସିହାରେ ତାଙ୍କର ଗୋଟିଏ ବହି ପ୍ରକାଶିତ ହୋଇଥିଲା, ଯାହାର ନାମ ଥିଲା– 'ମେଟେରୋଲୋଜିକାଲ ଅବ୍‌ଜରଭେଶନ୍ ଆଣ୍ଡ ଆସେଜ୍'। ୧୮୪୪ ମସିହା ଜୁଲାଇ ୨୭ ତାରିଖରେ ତାଙ୍କର ମୃତ୍ୟୁ ହେଲା। ସେ ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିଲେ। ଜୀବନର ଶେଷ ମୁହୂର୍ତ୍ତରେ ମଧ୍ୟ ତାଙ୍କର ଥର୍ମୋମିଟର ଓ ବାରୋମିଟର ପାଠ୍ୟାଙ୍କ ଟିପିବାକୁ ଭୁଲି ନଥିଲେ। ମୃତ୍ୟୁବରଣ କରିବାର ମାତ୍ର କିଛିକ୍ଷଣ ପୂର୍ବରୁ ଥରି ଥରି ଲେଖିଥିଲେ, 'ସାମାନ୍ୟ ବୃଷ୍ଟି ଆଜି ସନ୍ଧ୍ୟାରେ...'। ସେଇ ଦିନକୁ ମିଶାଇ ତାଙ୍କର ପ୍ରିୟ ଟିପାଖାତାରେ ସେ ସମୁଦାୟ ୨୦,୦୦୦ଟି ପାଗ ବିଷୟରେ ଟିପ୍ପଣୀ ଲେଖିଥିଲେ।

–ପ୍ରାଧ୍ୟାପକ, ପଦାର୍ଥ ବିଜ୍ଞାନ ବିଭାଗ
ଭଦ୍ରକ ସ୍ୱୟଂଶାସିତ ସରକାରୀ
ମହାବିଦ୍ୟାଳୟ, ଭଦ୍ରକ
ମୋ : ୯୪୩୯୫୦୧୬୫୧

## ଶ୍ୱାସକ୍ରିୟାଜନିତ ସମସ୍ୟାରୁ ଉପଶମ ଦେବ ଭିଟାମିନ୍ 'ସି'



ଭିଟାମିନ୍ 'ସି'ରେ ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏହି ଭିଟାମିନ୍ ଶ୍ୱାସକ୍ରିୟାଜନିତ ସମସ୍ୟାରୁ କେତେକାଂଶରେ ଉପଶମ ଦେଇଥାଏ ବୋଲି ସିଡନୀ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଏମାନେ ଯଦି ନିୟମିତ ଭାବେ ଭିଟାମିନ୍ 'ସି'ଯୁକ୍ତ ଖାଦ୍ୟ ଖାଆନ୍ତି ତେବେ ଏଭଳି ସମସ୍ୟାରୁ ଅନେକାଂଶରେ ରକ୍ଷା ପାଇପାରିବେ। ପରୀକ୍ଷାସ୍ୱରୂପ ଏପରି ସମସ୍ୟାର ସମ୍ମୁଖୀନ ହେଉଥିବା କେତେକ ବ୍ୟକ୍ତିଙ୍କୁ ଭିଟାମିନ୍ 'ସି' ଯୁକ୍ତ ଖାଦ୍ୟ ଖାଇବାକୁ କୁହାଯାଇଥିଲା। ଦୀର୍ଘକାଳୀନ ରୋଗ (କ୍ରୋନିକ୍ ଡିଜିଜ୍) ପାଇଁ ଏହା ଆଣ୍ଟି ଅକ୍ସିଡାଣ୍ଟ ଭଳି କାମ କରିଥାଏ। ଉଚ୍ଚ ରକ୍ତଚାପ ଥିବା ରୋଗୀଙ୍କ ପାଇଁ ମଧ୍ୟ ଏହା ଉପକାରୀ ସାବ୍ୟସ୍ତ ହୋଇଥାଏ। ହୃତ୍‌ପିଣ୍ଡକୁ ମଧ୍ୟ ଏହା ସୁସ୍ଥ ରଖିବାରେ ସାହାଯ୍ୟ କରେ। ଅମୃତଭଣ୍ଡା, ପିଜୁଳି, ବ୍ରକୋଲି, ଲିଚି, ଷ୍ଟ୍ରବେରୀ, କମଳା ଆଦିରେ ଭିଟାମିନ୍ ସି ଭରି ରହିଛି।

## ଅତ୍ୟଧିକ ମିଠାଜାତୀୟ ଖାଦ୍ୟ ଖାଉଥିଲେ..



ମନଲୋଭା ଖାଦ୍ୟ ମଧ୍ୟରୁ ମିଠା ଅନ୍ୟତମ। ଏହାର ସ୍ୱାଦ ହୁଏତ ମିଠା ହୋଇପାରେ, ହେଲେ ଏହାର ପରିମାଣ ଅଧିକ ହେଲେ ତାହା ଆମ ସ୍ମରଣ ଶକ୍ତିକୁ ପ୍ରଭାବିତ କରିଥାଏ ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି। ୟୁନିଭର୍ସିଟି ଅଫ ଲଣ୍ଡନର ପୁଷ୍ଟିବିଜ୍ଞାନୀମାନେ ଏଭଳି ତଥ୍ୟ ପ୍ରକାଶ କରିଛନ୍ତି। ଏପରି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ସେମାନେ କିଛି ବ୍ୟକ୍ତିଙ୍କୁ ସର୍ଭେ ପରିସରଭୁକ୍ତ କରିଥିଲେ। ସେମାନଙ୍କ ମଧ୍ୟରୁ ଯେଉଁମାନେ ଆବଶ୍ୟକତାଠାରୁ ଅଧିକ ମିଠା ଖାଉଥିଲେ ସେମାନଙ୍କର ସ୍ମରଣ ଶକ୍ତିକୁ ଉକ୍ତ ୟୁନିଭର୍ସିଟିର ପୁଷ୍ଟିବିଜ୍ଞାନୀ ତନ୍ନ ତନ୍ନ କରି ପରୀକ୍ଷା କରିଥିଲେ। ପରିଶେଷରେ ଜଣାପଡ଼ିଥିଲା ଯେ, ଆବଶ୍ୟକତାଠାରୁ ଅଧିକ ମିଠା ଖାଇଲେ ତାହାର ପ୍ରଭାବ କେତେକାଂଶରେ ସ୍ମରଣ ଶକ୍ତି ଉପରେ ପଡ଼ିଥାଏ। ତେଣୁ ମିଠାଜାତୀୟ ଖାଦ୍ୟକୁ ସୀମିତ ଭାବରେ ଖାଇବାକୁ ଚେଷ୍ଟା କରନ୍ତୁ ବୋଲି ସେମାନେ ପରାମର୍ଶ ଦେଇଛନ୍ତି।

## ସନ୍ତୁଳିତ ରହିବ କୋଲେଷ୍ଟରଲ



ଉଷୁମ ପାଣିରେ ସ୍ୱାସ୍ଥ୍ୟ ଉପକାରୀ ଗୁଣ ଅନେକ ଭରି ରହିଛି। ସକାଳୁ ଖାଲି ପେଟରେ ଉଷୁମ ପାଣି ପିଇବା ଶରୀର ପାଇଁ ଲାଭଦାୟକ। ଏହା ସ୍ୱାସ୍ଥ୍ୟ ପାଇଁ ବେଶ୍ ହିତକର ସାବ୍ୟସ୍ତ ହୋଇଥାଏ। ଖାସ୍ କଥା ହେଲା ନିୟମିତ ଉଷୁମ ପାଣି ପିଇଲେ କୋଲେଷ୍ଟରଲ ସନ୍ତୁଳିତ ରହିଥାଏ। ଜଣେ ଆଜମା ରୋଗୀ ପ୍ରତିଦିନ ସକାଳୁ ଉଷୁମ ପାଣି ପିଇବା ନିହାତି ଆବଶ୍ୟକ। କାଶଜନିତ ସମସ୍ୟାକୁ ଅନେକାଂଶରେ ଏହା ମଧ୍ୟ ଦୂର କରିଥାଏ। ଯଦି ଆପଣ କୋଷ୍ଠକାଠିନ୍ୟ ସମସ୍ୟା ସହ ଜଡିତ ତେବେ ନିୟମିତ ଉଷୁମ ପାଣି ପିଇଲେ ଏପରି ସମସ୍ୟା ଅନେକାଂଶରେ ସମାଧାନ ହୋଇଥାଏ। ଏହା ମଧ୍ୟ ଖାଦ୍ୟକୁ ହଜମ କରିବାରେ ସାହାଯ୍ୟ କରେ। ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରଥାଏ। କେବଳ ସେତିକି ନୁହେଁ, ମେଦବହୁଳତାକୁ କେତେକାଂଶରେ ନିୟନ୍ତ୍ରଣରେ ରଖିଥାଏ।

## ସଜନା ଶାଗ ବୃଦ୍ଧି କରେ ରୋଗ ପ୍ରତିରୋଧକ ଶକ୍ତି



ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ସବୁବେଳେ ଦୃଢ଼ ରହିବା ନିହାତି ଦରକାର। ନ ହେଲେ ଆମେ ରୋଗର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି। ତେବେ ଏହାକୁ ସନ୍ତୁଳିତ ରଖିବା ପଛରେ ସଜନା ଶାଗର ଭୂମିକା ରହିଛି ବୋଲି ୱାଶିଂଟନ ୟୁନିଭର୍ସିଟିର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଏଥିରେ ଭିଟାମିନ୍-ଏ ପ୍ରଚୁର ପରିମାଣରେ ରହିଛି, ଯାହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ସାହାଯ୍ୟ କରିଥାଏ। ତା'ସହ ନିୟମିତ ସଜନା ଶାଗ ଖାଇଲେ ତାହା ଦୃଷ୍ଟି ଶକ୍ତି ପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ। ଏହାବ୍ୟତୀତ ସଜନା ଶାଗ ରକ୍ତରେ ହିମୋଗ୍ଲୋବିନ୍‌ର ପରିମାଣ ବୃଦ୍ଧି କରିଥାଏ। ଜଣେ ଯକ୍ଷ୍ମା ରୋଗୀ ଏହାକୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରିପାରନ୍ତି। ଏଥିରେ ଫସ୍‌ଫରସ୍ ଓ କ୍ୟାଲ୍‌ସିୟମ୍ ଅଧିକ ପରିମାଣରେ ଥିବାରୁ ହାଡ଼କୁ ମଜଭୁତ ରଖିବାରେ ସାହାଯ୍ୟ କରେ। ଏହା ମେଦବହୁଳତାକୁ ନିୟନ୍ତ୍ରଣରେ ରଖିବାରେ ମଧ୍ୟ ସହାୟକ ହୋଇଥାଏ। ତା' ସହ ଶରୀରର ଚର୍ବି ଅଂଶକୁ ଏହା ଅନେକାଂଶରେ କମାଇଥାଏ।

## ସ୍ୱାସ୍ଥ୍ୟ ସୂଚନା

➢ଆଜିକାଲି ନିଜର ଜୀବନଶୈଳୀ ପ୍ରତି ସଚେତନ ରହିବା ନିହାତି ଦରକାର। କାରଣ ଏହା ନିଜକୁ କେତେକାଂଶରେ ସୁସ୍ଥ ରଖିଥାଏ।

➢ଏଭଳି କେତେକ ସ୍ୱାସ୍ଥ୍ୟ ସମସ୍ୟା ରହିଛି, ଯାହାକୁ କଦାପି ଅବହେଳା କରନ୍ତୁ ନାହିଁ। ବିଶେଷଭାବରେ ଡାଇବେଟିସ୍ ଏବଂ ବ୍ଲଡପ୍ରେସର ପରି ସମସ୍ୟା ଥିଲେ ଏଥିପ୍ରତି ସର୍ତକତା ଅବଲମ୍ବନ କରନ୍ତୁ।

➢ସବୁବେଳେ ଖାଦ୍ୟ ପ୍ରତି ନିଜର ଲୋଭକୁ ନିୟନ୍ତ୍ରଣରେ ରଖନ୍ତୁ।

➢ଟେନସନ ଏବଂ ଅବସାଦ-ଏ ଦୁଇଟି ନୀରବ ଘାତକ ଭାବରେ କାମ କରେ। ଏଗୁଡିକ ପ୍ରତି ସତର୍କ ନ ରହିଲେ ତାହା ପରବର୍ତ୍ତୀ ସମୟରେ କେତେକ ରୋଗର କାରଣ ସାଜିଥାଏ।

➢ଅଣ୍ଟାଜନିତ ସମସ୍ୟା ଥିଲେ ସବୁବେଳେ ଚେୟାରରେ ସିଧା ହୋଇ ବସନ୍ତୁ।

➢ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ଶାଗଜାତୀୟ ଖାଦ୍ୟ ସାମିଲ କରନ୍ତୁ। କାରଣ ଏଗୁଡିକରେ ବିଭିନ୍ନ ପ୍ରକାର ଭିଟାମିନ୍ ଭରି ରହିଛି।

➢ଗୋଟିଏ ସ୍ଥାନରେ ଅଧିକ ସମୟ ବସି ରୁହନ୍ତୁ ନାହିଁ। ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଉଠି ଟିକେ ଚଲାବୁଲା କରନ୍ତୁ।

➢ପ୍ରତିଦିନ ସକାଳେ କିଛି ସମୟ ଯୋଗ, ପ୍ରଣାୟାମ କରନ୍ତୁ। ଏହା ଶରୀରକୁ ସୁସ୍ଥ ରଖିବା ସହ ମାନସିକ ଶାନ୍ତି ଦେଇଥାଏ।



# ଈଶ୍ୱର କଣିକାର ଆବିଷ୍କାରକ



ଇଂ. ମାୟାଧର ସ୍ୱାଇଁ

ପଦାର୍ଥ ବିଜ୍ଞାନର ଏକ ଗୁରୁତ୍ୱପୂର୍ଣ୍ଣ ଆବିଷ୍କାର କରି ଖ୍ୟାତି ଲାଭ କରିଥିବା ପିଟର ହିଗ୍‌ସ ଚଳିତ ବର୍ଷ ଏପ୍ରିଲ ୮ ତାରିଖରେ ପରଲୋକ ଗମନ କରିଛନ୍ତି। ବିଶ୍ୱରେ ଥିବା ପ୍ରାରମ୍ଭିକ କଣିକାଗୁଡିକ ସେମାନଙ୍କର ବସ୍ତୁତ୍ୱ କେଉଁଠାରୁ ପାଉଛନ୍ତି ତାହା ଅନେକ ବର୍ଷ ଧରି ଅସମାହିତ ଥିଲା। ଇଂଲଣ୍ଡର ପିଟର ହିଗ୍‌ସ ୧୯୬୪ ମସିହାରେ ତାତ୍ତ୍ୱିକ ଉପାୟରେ ଏହାର କାରିଗରି ପ୍ରକ୍ରିୟାକୁ ଆବିଷ୍କାର କରିଥିଲେ। ତାଙ୍କର ନାମାନୁସାରେ ଏହାକୁ 'ହିଗ୍‌ସ ମେକାନିଜମ୍' ବୋଲି କୁହାଯାଏ। ସେ ଏଥିରେ ପ୍ରମାଣ କଲେ ଯେ, ଏଥିପାଇଁ ଗୋଟିଏ ଉପକଣିକା ହେଉଛି ଦାୟୀ। ଏହି ଉପକଣିକାର ନାମ ତାଙ୍କ ନାମ ଅନୁସାରେ 'ହିଗ୍‌ସ ବୋସନ୍' ରଖାଯାଇଛି। କିନ୍ତୁ ଏହି କଣିକା ପରୀକ୍ଷାଗାରରେ ଆବିଷ୍କାର ହୋଇପାରିଲା ନାହିଁ। ଫଳରେ ଅନେକ ବୈଜ୍ଞାନିକ ଏହାକୁ ସ୍ୱୀକାର କରିବାକୁ ପଶ୍ଚାତପଦ ହେଲେ। ତଥାପି ଏହା ବୈଜ୍ଞାନିକଙ୍କ ମଧ୍ୟରେ ନୂଆ ଉନ୍ମାଦନା ଆଣିଲା ଏବଂ ପୃଥିବୀର ବିଭିନ୍ନ ପରୀକ୍ଷାଗାରରେ ଏଥିପାଇଁ ଗବେଷଣା ଚାଲିଲା। ଅନେକ ଚେଷ୍ଟା ପରେ ମଧ୍ୟ ଏହା ଆବିଷ୍କୃତ ହୋଇ ନ ପାରିବାରୁ ଏହାକୁ ଅନେକ ରହସ୍ୟମୟ କଣିକା କହିଲେ ଏବଂ ସାଧାରଣରେ ଏହା 'ଈଶ୍ୱର କଣିକା' ନାମରେ ଜଣାଗଲା।

କଣିକା ପଦାର୍ଥ ବିଜ୍ଞାନ ଉପରେ ଗବେଷଣା କରିବା ପାଇଁ ସୁଇଜରଲାଣ୍ଡ ଏବଂ ଫ୍ରାନ୍ସସୀମାରେ ଜେନେଭା ନିକଟରେ ଭୂପୃଷ୍ଠରୁ ୧୭୫ ମିଟର ଗଭୀରରେ ୨୫ କିମି ଦୈର୍ଘ୍ୟ ଏକ ସୁଡ଼ଙ୍ଗରେ ଏକ ପରୀକ୍ଷାଗାର କରାଯାଇଛି। ଏଥିରେ ପୃଥିବୀର ସବୁଠାରୁ ଶକ୍ତିଶାଳୀ ତ୍ୱରକ ଅଛି। ଏଠାରୁ ୧୦୦ରୁ ଊର୍ଦ୍ଧ୍ୱ ଦେଶରୁ ପ୍ରାୟ ୧୦,୦୦୦ ବୈଜ୍ଞାନିକ ଗବେଷଣା କରୁଛନ୍ତି। ୨୦୧୨ ମସିହାରେ ଏଠାରେ ପରୀକ୍ଷା କରାଯାଇ ହିଗ୍‌ସ ବୋସନ୍‌କୁ ଆବିଷ୍କାର କରାଗଲା। ଏହାପରେ ୨୦୧୩ ମସିହାରେ ତାଙ୍କୁ ଫ୍ରାନ୍ସର ବୈଜ୍ଞାନିକ ଫ୍ରାଙ୍କୋଇସ୍ ଏଙ୍ଗଲର୍ଟଙ୍କ ସହ ମିଶି ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା।





ପିଟର ହିଗ୍‌ସ

ପିଟର୍ ହିଗ୍‌ସ ଇଂଲଣ୍ଡର ନିଉକାଷ୍ଟଲଠାରେ ୧୯୨୯ ମସିହା ମେ' ୨୯ ତାରିଖରେ ଜନ୍ମ ଗ୍ରହଣ କରିଥିଲେ। ସେ ଲଣ୍ଡନର କିଙ୍ଗସ କଲେଜରୁ ପଦାର୍ଥ ବିଜ୍ଞାନରେ ସ୍ନାତକ (୧୯୫୦), ସ୍ନାତକୋତ୍ତର (୧୯୫୨) ଏବଂ ପି.ଏଚ୍‌ଡି ଡିଗ୍ରୀ (୧୯୫୪)ରେ ଲାଭ କରିଥିଲେ। ସେ ଲଣ୍ଡନର ଇମ୍ପେରିଆଲ କଲେଜ ଆଣ୍ଡ ୟୁନିଭର୍ସିଟିରେ ଅଧ୍ୟାପନା କରିବା ପରେ ୧୯୬୦ ମସିହାରେ ସ୍କଟଲାଣ୍ଡର ଏଡିନବର୍ଗ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ଭାବରେ ଯୋଗ ଦେଲେ। ସେଠାରେ ସେ ୧୯୮୦ ମସିହାରେ ପ୍ରଫେସର ପଦକୁ ପଦୋନ୍ନତି ପାଇ ୧୯୯୬ ମସିହାରେ ଅବସର ନେଇଥିଲେ। ସେ ଏହାପରେ ସେଠାରେ ମୃତ୍ୟୁ ପର୍ଯ୍ୟନ୍ତ ଏମିରିଟସ୍ ପ୍ରଫେସର ଭାବେ କାର୍ଯ୍ୟ କରିଥିଲେ।

ହିଗ୍‌ସ ୧୮୭୪ ମସିହାରେ ଏଡିନବର୍ଗ ରୟାଲ ସୋସାଇଟିର ସଭ୍ୟ ଏବଂ ୧୯୮୩ ମସିହାରେ ଲଣ୍ଡନ ରୟାଲ ସୋସାଇଟିର ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ସେ ମଧ୍ୟ ୧୯୯୧ ମସିହାରେ ଲଣ୍ଡନର ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନର ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ନିଜର କୃତୀ ପାଇଁ ତାଙ୍କୁ ଅନେକ ସମ୍ମାନ ଓ ପୁରସ୍କାରରେ ପୁରସ୍କୃତ କରାଯାଇଛି। ତାଙ୍କୁ ରୟାଲ ସୋସାଇଟିର ହ୍ୟୁନେସ ପଦକ (୧୯୮୧), ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନର ରୁଥରଫୋର୍ଡ ପଦକ (୧୯୮୪) ବ୍ୟତୀତ ୧୯୯୭ରେ ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନର ଡିଆନ୍ ପଦକ ଓ ପୁରସ୍କାର, ୨୦୦୪ରେ ଇସ୍ରାଏଲର ଉଲଫ ଫାଉଣ୍ଡେଶନର ଉଲଫ ପୁରସ୍କାର, ୨୦୦୯ରେ ସୁଇଡେନ୍ ବିଜ୍ଞାନ ଏକାଡେମୀର ଓସ୍କାର କ୍ଲିନ୍ ସ୍ମୃତି ପୁରସ୍କାର, ୨୦୧୨ରେ ଏଡିନବର୍ଗ ରୟାଲ ସୋସାଇଟିର ହିଗ୍‌ସ ପଦକ ଏବଂ ୨୦୧୫ରେ ରୟାଲ ସୋସାଇଟି କୋପ୍‌ଲେ ପଦକ ପ୍ରଦାନ କରାଯାଇଥିଲା। ତାଙ୍କୁ ବ୍ରିଟିଶ ସରକାର ୨୦୧୩ରେ 'ଅର୍ଡର ଅଫ୍ ଦ କମ୍ପାନିଅନ ଅଫ ଅନର' ଭାବେ ନିଯୁକ୍ତି ଦେଇଥିଲେ। ଏହା ହେଉଛି ବ୍ରିଟିଶ ସରକାରଙ୍କର ସବୁଠାରୁ ବଡ଼ ସମ୍ମାନ। ୨୦୧୨ରେ ଏଡିନବର୍ଗ ବିଶ୍ୱବିଦ୍ୟାଳୟରେ ତାଙ୍କ ନାମରେ ଗୋଟିଏ ତାତ୍ତ୍ୱିକ ପଦାର୍ଥ ବିଜ୍ଞାନ କେନ୍ଦ୍ର ସ୍ଥାପନ ହୋଇଛି। କେବଳ ସେତିକି ନୁହେଁ, ତାଙ୍କ ସମ୍ମାନରେ ସେଠାରେ ଗୋଟିଏ ପ୍ରଫେସର ପଦ ସ୍ଥାପିତ ହୋଇଛି।

ଆଜି ପିଟର ହିଗ୍‌ସ ନାହାନ୍ତି। କିନ୍ତୁ ତାଙ୍କ ନାମ ପଦାର୍ଥ ବିଜ୍ଞାନରେ ସବୁଦିନ ପାଇଁ ଅମର ହୋଇ ରହିବ।

–୭୦, ଲକ୍ଷ୍ମୀ ବିହାର,
ଫେଜ୍-୧, ଭୁବନେଶ୍ୱର-୧୮
ମୋ: ୯୪୩୮୬୯୩୭୨୪

ଧରିତ୍ରୀ DHARITRI 50 Years



# କେକେଆରର ସହଜ ବିଜୟ

କୋଲକାତା,୧୪।୪(ପି.ଟି.)

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ)ରେ ରବିବାର ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ବିପକ୍ଷରେ ୮ ଉଇକେଟରେ ସହଜ ବିଜୟ ହାସଲ କରିଛି କୋଲକାତା ନାଇଟ ରାଇଡର୍ସ(କେକେଆର)। ଇଡେନ୍ ଗାର୍ଡେନ୍ସରେ ଖେଳା ଯାଇଥିବା ମ୍ୟାଚରେ ଲକ୍ଷ୍ନୌ ପ୍ରଥମେ ବ୍ୟାଟିଂ କରି ୭ ଉଇକେଟରେ ୧୬୧ ରନ୍ କରିଥିଲା। ଜବାବରେ ୧୫.୪ ଓଭରରେ ମାତ୍ର ଦୁଇ ଉଇକେଟ ହରାଇ ବିଜୟ ହାସଲ କରି ନେଇଥିଲା କେକେଆର।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ବେଙ୍ଗାଲୁରୁ ବନାମ ହାଇଦ୍ରାବାଦ**

ସ୍ଥାନ: ବେଙ୍ଗାଲୁରୁ

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ନୌ ପକ୍ଷରୁ କ୍ୱିଣ୍ଟନ ଡି କକ୍(୧୦) ଓ ଦୀପକ ହୁଦା(୮) ରନ୍ କରି ଆଉଟ ହୋଇଥିଲେ। ଦଳ ୩୯ ରନ୍‌ରେ ୨ ଉଇକେଟ ହରାଇଥିବା ବେଳେ ଲୋକେଶ ରାହୁଲ(୩୯) ଓ ଆୟୁଷ ବଦୋନୀ(୨୯) ତୃତୀୟ ଉଇକେଟରେ ୩୯ ରନ୍ ଯୋଡିଥିଲେ। ରାହୁଲ ୨୭ ବଲ ଖେଳି ୩ ଚୌକା ଓ ୨ ଛକା ସହ ୩୯ ରନ୍ ସ୍କୋର କରିଥିଲେ। ସାମାନ୍ୟ ଧୀମା ଇନିଂସ ଖେଳିଥିବା ବଦୋନୀ ୨୭ ବଲ୍ ଖେଳି ୨୯ ରନ୍ କରିଥିଲେ। ଏହା ମଧ୍ୟରେ ୨ ଚୌକା ଓ ୧ ଛକା ସାମିଲ ଥିଲା। ଅଲରାଉଣ୍ଡର ମାର୍କସ୍ ଷ୍ଟୋଇନିସ୍ ମଧ୍ୟ ମାତ୍ର ୧୦ ରନ୍ କରି ପାରିଥିଲେ। ୯୫ ରନ୍‌ରେ ୪ ଉଇକେଟର ପତନ ପରେ ନିକୋଲାସ୍ ପୁରନ ଶେଷ ଭାଗରେ ୪୫ ରନ୍ କରିଥିଲେ। ୩୨ ବଲ୍ ଖେଳି ପୁରନ୍ ୪୫ ରନ୍ କରିବାରୁ ଲକ୍ଷ୍ନୌ ୧୬୧ ରନ୍‌ରେ ପହଞ୍ଚିଥିଲା। ପୁରନଙ୍କ ଇନିଂସରେ ୨ ଚୌକା ଓ ୪ ଛକା ସାମିଲ ଥିଲା। କେକେଆର ପକ୍ଷରୁ ମିଚେଲ ଷ୍ଟାର୍କ ସର୍ବାଧିକ ୩ ଉଇକେଟ ନେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବୈଭବ ଅରୋରା, ସୁନୀଲ ନାରିନ, ବରୁନ ଚକ୍ରବର୍ତ୍ତୀ ଓ ଆନ୍ଦ୍ରେ ରସେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୧୬୨ ରନ୍ ଲକ୍ଷ୍ୟ ନେଇ ଆରମ୍ଭ କରିଥିବା କୋଲକାତା ପକ୍ଷରୁ ଦ୍ରୁତ ଆରମ୍ଭ କରିଥିଲେ ଫିଲ ସଲ୍ଟ। ଅନ୍ୟ ଦୁଇ ଟପ୍ ଅର୍ଡର ବ୍ୟାଟର ସୁନୀଲ ନାରିନ୍(୬) ଓ ଅଙ୍ଗକ୍ରିଶ ରଘୁବଂଶୀ(୭) ରନ୍ କରି ଆଉଟ ହୋଇଥିଲେ ମଧ୍ୟ ସଲ୍ଟ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲେ। ଅଧିନାୟକ ଶ୍ରେୟସ ଆୟର(୩୮)ଙ୍କ ସହ ୧୨୦ ରନ୍ ଯୋଡି ଦଳକୁ ବିଜୟୀ କରିଥିଲେ। ସଲ୍ଟ ମାତ୍ର ୪୭ ବଲ୍ ଖେଳି ଅପରାଜିତ ୮୯ ରନ୍ କରିଥିଲେ। ଏହି ଇନିଂସ ମଧ୍ୟରେ ୧୪ ଚୌକା ଓ ୩ ଛକା ସାମିଲ ଥିଲା। ଶ୍ରେୟସ ଆୟର ୩୮ ବଲ୍ ଖେଳି ୩୮ ରନ୍‌ରେ ଅପରାଜିତ ଥିଲେ। ଲକ୍ଷ୍ନୌ ପକ୍ଷରୁ ମୋହସିନ୍ ଖାନ୍ ଦୁଇଟି ଯାକ ଉଇକେଟ ନେଇଥିଲେ। ବିସ୍ଫୋରକ ଅର୍ଦ୍ଧଶତକ ପାଇଁ ଫିଲ୍ ସଲ୍ଟଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା। ୫ ମ୍ୟାଚରୁ ଚତୁର୍ଥ ବିଜୟ ସହ କେକେଆର ୮ ପଏଣ୍ଟ ଅର୍ଜନ କରିଛି।

**ସଂକ୍ଷିପ୍ତ ସ୍କୋର**

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ୨୦ ଓଭରରେ ୧୬୧/୭ (ନିକୋଲାସ ପୁରନ୍-୪୫, ଲୋକେଶ ରାହୁଲ-୩୯, ଆୟୁଷ ବଦୋନୀ-୨୯, ମିଚେଲ ଷ୍ଟାର୍କ-୩/୨୮, ଆନ୍ଦ୍ରେ ରସେଲ-୧/୧୬, ସୁନୀଲ ନାରିନ୍-୧/୧୭)। କୋଲକାତା ନାଇଟ ରାଇଡର୍ସ ୧୫.୪ ଓଭରରେ ୧୬୨/୨(ଫିଲ ସଲ୍ଟ-୮୯*, ଶ୍ରେୟସ ଆୟର-୩୮*, ମୋହସିନ ଖାନ୍-୨/୨୮)।



ପ୍ଲେୟର ଅଫ୍ ଦି ମ୍ୟାଚ୍ ଫିଲ୍ ସଲ୍ଟ।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରାଜସ୍ଥାନ ରୟାଲ୍ସ | ୬ | ୫ | ୧ | ୧୦ | +୦.୭୬୭ |
| କୋଲକାତା ନାଇଟ ରାଇଡର୍ସ | ୫ | ୪ | ୧ | ୮ | +୧.୬୮୮ |
| ଚେନ୍ନାଇ ସୁପର କିଙ୍ଗ୍ସ | ୬ | ୪ | ୨ | ୮ | +୦.୭୨୬ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୫ | ୩ | ୨ | ୬ | +୦.୩୪୪ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୬ | ୩ | ୩ | ୬ | +୦.୦୩୮ |
| ଗୁଜରାଟ ଟାଇଟନ୍ସ | ୬ | ୩ | ୩ | ୬ | -୦.୬୩୭ |
| ପଞ୍ଜାବ କିଙ୍ଗ୍ସ | ୬ | ୨ | ୪ | ୪ | -୦.୨୧୮ |
| ମୁମ୍ବାଇ ଇଣ୍ଡିଆନ୍ସ | ୬ | ୨ | ୪ | ୪ | -୦.୨୩୪ |
| ଦିଲ୍ଲୀ କ୍ୟାପିଟାଲ୍ସ | ୬ | ୨ | ୪ | ୪ | -୦.୯୭୫ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୬ | ୧ | ୫ | ୨ | -୧.୧୨୪ |

# ରୋହିତଙ୍କ ଶତକ ସତ୍ତ୍ୱେ ହାରିଲା ମୁମ୍ବାଇ

ମୁମ୍ବାଇ,୧୪।୪

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ)ରେ ରବିବାର ଡବଲ ହେଡର ଦ୍ୱିତୀୟ ମ୍ୟାଚ୍‌ରେ ରୋହିତ ଶର୍ମାଙ୍କ ଶତକ ସତ୍ତ୍ୱେ ଚେନ୍ନାଇ ସୁପର କିଙ୍ଗ୍ସ ନିକଟରୁ ୨୦ ରନ୍‌ରେ ହାରିଛି ମୁମ୍ବାଇ ଇଣ୍ଡିଆନ୍ସ। ପ୍ରଥମେ ବ୍ୟାଟିଂ କରିଥିବା ଚେନ୍ନାଇ ୨୦ ଓଭରରେ ୪ ଉଇକେଟ ହରାଇ ୨୦୬ ରନ୍ କରିଥିଲା। ଜବାବରେ ମୁମ୍ବାଇର ୬ ଉଇକେଟ ହରାଇ୧୮୬ ରନ୍ କରିଥିଲା। ରୋହିତ ଶର୍ମା ୧୦୫ ରନ୍ କରି ଅପରାଜିତ ରହିଥିଲେ।

ଟସ୍ ଜିତି ମୁମ୍ବାଇ ପ୍ରଥମେ ବୋଲିଂ କରିଥିଲା। ଟପ୍ ଅର୍ଡରରେ ଅଜିଙ୍କ୍ୟ ରାହାନେ ୫ ଓ ରାଚିନ୍ ରବୀନ୍ଦ୍ର ୨୧ ରନ୍ ବିଫଳ ହୋଇଥିଲେ। ତେବେ ଅଧିନାୟକ ଋତୁରାଜ ଗାଏକ୍ୱାଡଙ୍କ ସହ ଶିବମ ଦୁବେ କ୍ରିଜରେ ଯୋଗ ଦେଇ ୯୦ ରନ୍ ଯୋଡିଥିଲେ। ଗାଏକ୍ୱାଡ ୪୦ ବଲ୍ ଖେଳି ୫ଟି ଲେଖାଏ ଛକା ଓ ଚୌକା ମାରି ୬୯ ରନ୍ କରିଥିଲେ। ଅନ୍ୟ ପକ୍ଷରେ ଶେଷ ଯାଏ ଅପରାଜିତ ଥିବା ଦୁବେ ୩୮ ବଲ୍ ଖେଳି ୧୦ ଚୌକା ଓ ୨ ଛକା ମାରିଥିଲେ। ମହେନ୍ଦ୍ର ସିଂ ଧୋନୀ ବ୍ୟାଟିଂ କରିବାକୁ ଆସିଥିବା ବେଳେ ମାତ୍ର ୪ ବଲ୍ ଖେଳି ୨୦ ରନ୍ କରିଥିଲେ।। ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ହ୍ୟାଟ୍ରିକ୍ ଛକା ମାରିଥିଲେ ଧୋନୀ। ମୁମ୍ବାଇ ପକ୍ଷରୁ ହାର୍ଦ୍ଦିକ ପାଣ୍ଡ୍ୟା ୨, ଜେରାଲ୍ଡ କୋଜି ଓ ଶ୍ରେୟସ ଗୋପାଳ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୨୦୭ ରନ୍ ଲକ୍ଷ୍ୟରେ ରୋହିତ ଓ ଇଶାନ କିଶନ(୨୩) ପ୍ରଥମ ଉଇକେଟରେ ୭୦ ରନ୍ ଯୋଡିଥିଲେ। ଗୋଟିଏ ପଟରୁ ଆକ୍ରମଣ କରି ରୋହିତ ୬୩ ବଲ ଖେଳି ୧୧ ଚୌକା ଓ ୫ ଛକା ମାରିଥିଲେ। ତେବେ ଅନ୍ୟ ପଟରୁ ଉଇକେଟ ପଡି ଚାଲିଥିଲା। ତିଳକ ବର୍ମା ୩୧ ଓ ଟିମ ଡେଭିଡ୍ ୧୩ ରନ୍ କରିଥିଲେ। ଚେନ୍ନାଇ ପକ୍ଷରୁ ମଥିଶା ପଥିରାନା ୪, ତୁଷାର ଦେଶପାଣ୍ଡେ ଓ ମୁସ୍ତାଫିଜୁର ରେହମାନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ମଥିଶା ପଥିରାନା।

**ସଂକ୍ଷିପ୍ତ ସ୍କୋର**

ଚେନ୍ନାଇ ସୁପର କିଙ୍ଗ୍ସ ୨୦ ଓଭରରେ ୨୦୬/୪ (ଋତୁରାଜ ଗାଏକ୍ୱାଡ-୬୯, ଶିବମ ଦୁବେ-୬୬*, ମହେନ୍ଦ୍ର ସିଂ ଧୋନୀ-୨୦*, ହାର୍ଦ୍ଦିକ ପାଣ୍ଡ୍ୟା-୨/୪୩, ଜେରାଲ୍ଡ କୋଜି-୧/୩୫, ଶ୍ରେୟସ୍ ଗୋପାଳ-୧/୯)। ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୮୬/୬ (ରୋହିତ ଶର୍ମା-୧୦୫*, ତିଳକ ବର୍ମା-୩୧, ଇଶାନ କିଶନ-୨୩, ମଥିଶା ପଥିରାନା-୪/୨୮, ତୁଷାର ଦେଶପାଣ୍ଡେ-୧/୨୯, ମୁସ୍ତାଫିଜୁର ରେହମାନ-୧/୪୫)।





FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: BHUBANESWAR: THREE S TVS: 7328828802, RITA TVS: 9827133318, ASHIRBAD TVS: 7735341866, JYOTE TVS: 7440030004, 7381114371, PURI: MODERN TVS: 9938039070, CUTTACK: LAXMI TVS: 7077774420, ARNAPURNA TVS.: 9778422980, KENDRAPADA: SAMIR TVS.: 8260133307, JAJPUR ROAD: SUBAS TVS: 7735911808, NAYAGARH: KUMAR SAI TVS: 8908726047, 7008968681, CHANDIKHOL: SASMITA TVS: 8860793803; JAGATSINGHPUR: GITA TVS: 7788901717. Authorised Dealers: Rohibank: 6371229226, Kalapathar: 9937844941, Ranpur: 9778520193, Khandapada: 7008659421, Purunakatak: 9439071610, Chandpur: 9337112565, Raj Sunakhela: 9437637421, Narasinghpur: 9658410027, Odogaon: 7815050701, Bhapur: 7389040805, Daspalla: 9938375040, Baghamari: 9437015363, Gothopatna: 8249710415, Jatani: 7077588558, 9124605556, Balugaon: 9937886712, Nirakarpur: 7735402179, 8658517804, Bhubaneshwar: 9337022334, Khurda: 7008412374, Balipatna: 9776036999, Mendhasala: 9437072019, Pipili: 9861150706, Sakhigopal: 8249769742, Nimapara: 7381765800, Delang: 9090214582, Brahmagiri: 8480928882, 6370937155, Chari Chowk: 8327783765, Panaspada: 6372608810, Kanas: 9090214582, Mangalpur: 9853486660, Bari: 9437510237, Binjharpur: 9090503379, Kuakhia: 9348035630, Singhpur: 9040646458, Pattamundai: 9938602209, Marshaghai: 9938837705, Rajnagar: 9439650236, Garadapur: 9437527214, Balichandrapur: 7978388298, Brahmabarada: 7894020786, Raipur: 9937963372, Chhatia: 7328005678, Athagarh: 9853429148, Abhimanpur Post: 9937019555, Banki: 9437666687, Badamba: 9337135769, Niali: 9437307967, Phulnakhara, Cuttack: 7440037801, Nischintakoili: 9337438686, Kandarpur: 9090098000, Sisua: 8018556514, Erasama: 8658421889, Naugoan: 8339939725, Krushnanandapur: 9237066573, Raghunathpur: 6371724757, Paradeep: 9938810126.

dentsu/dha bhu/02/24


4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ